ବର୍ଷ-୪୯ : ସଂଖ୍ୟା-୨ ଫେବ୍ରୁଆରୀ, ୨୦୧୮ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଫେବ୍ରୁଆରୀ, ୨୦୧୮


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| ସଫଳତା ଓ ବିଫଳତା | ··· | ଶ୍ରୀମା | ··· | ୮ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୬୩) | | | | |
| ଭୀଷଣ ପଥର ଯାତ୍ରୀ (୬) | ··· | ମନୋଜ ଦାସ | ··· | ୯ |
| ଅତିମାନସ ଇନ୍ଦ୍ରିୟ ବା ସଂଜ୍ଞାନ (୩) | ··· | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ··· | ୧୩ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୬୧) | ··· | ··· | ··· | ୧୯ |
| ବର୍ଣ୍ଣ ନିରୂପଣ | ··· | ··· | ··· | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୬) | ··· | ମହେନ୍ଦ୍ର ନାଥ ସ୍ୱାଇଁ | ··· | ୨୫ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୪୫) | ··· | ସାହାନା ଦେବୀ | ··· | ୨୮ |
| ବିଶେଷଜ୍ଞତା | ··· | ନଳିନୀକାନ୍ତ ଗୁପ୍ତ | ··· | ୩୦ |
| ଶ୍ରୀକୃଷ୍ଣ କାହାଣୀ (୬) | | | | |
| ମେଘମାଳା ଉପରେ ଦ୍ୱନ୍ଦ୍ୱ ଯୁଦ୍ଧ | ··· | ମନୋଜ ଦାସ | ··· | ୩୨ |
| ସ୍ୱଚ୍ଛତା ମଧ୍ୟରେହିଁ ଈଶ୍ୱରଙ୍କ ନିବାସ (୨) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୩୫ |
| ଗଙ୍ଗାଧର (୯) | ··· | ··· | ··· | ୩୮ |
| ବିଭେଦ କେଉଁଠି ! | ··· | ସନ୍ତୋଷ କୁମାର ଯୋଗାଣିଆ | ··· | ୪୧ |
| ଅଭିଷିକ୍ତ ଅବଶେଷେ (କବିତା) | ··· | ଝରଣା ଘୋଷାଲ | ··· | ୪୫ |
| ଆମ ଶରୀର (୩) | ··· | ଭୋଳେଶ୍ୱର ଭୂୟାଁ | ··· | ୪୬ |
| ଅରୋଭିଲ ପ୍ରତିଷ୍ଠା ଦିବସର ସୁବର୍ଣ୍ଣ ଜୟନ୍ତୀ | ··· | ··· | ··· | ୪୯ |
| ଶ୍ରୀମା'ଙ୍କ ପାଠଶାଳା (ଏକ ଜାପାନୀ କିଂବଦନ୍ତୀ) | ··· | ··· | ··· | ୫୨ |
| ହେଲାଣି ପ୍ରଭାତ (କବିତା) | ··· | ଦୀପ୍ତି ମିଶ୍ର | ··· | ୫୫ |
| ମା ତୁମେ (କବିତା) | ··· | ହରପ୍ରିୟା ସାହୁ | ··· | ୫୫ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୬ |
| କର୍ମ : ଏକ ସୁସ୍ଥ ଚେତନାର ଦୃଷ୍ଟାନ୍ତ | ··· | ମନୋଜ ଦାସ | ··· | ୫୮ |


❖

# ପ୍ରାର୍ଥନା

ଏକମାତ୍ର ଯେଉଁ ବିଷୟଟି ଗୁରୁତ୍ୱପୂର୍ଣ୍ଣ, ଗୋଟିଏ ମାତ୍ର ବିଷୟ ଯାହା ତାତ୍ପର୍ଯ୍ୟପୂର୍ଣ୍ଣ, ତାହା ହେଲା ଅଧିକରୁ ଅଧିକ ପୂର୍ଣ୍ଣଭାବେ ତୁମଠାରୁ ଅଭିନ୍ନ ଅନୁଭବ କରିପାରିବା, ଆମ ଚେତନାକୁ ତୁମ ପରମ ଚେତନା ସହ ମିଳିତ କରିବା, ତୁମ ସାର୍ବଭୌମ କାନୁନର, ତୁମ ପ୍ରେମମୟ ସଂକଳ୍ପର ଅଧିକରୁ ଅଧିକ ଶାନ୍ତ, ସୁସ୍ଥିର, ଅନାସକ୍ତ, ଶୌର୍ଯ୍ୟପୂର୍ଣ୍ଣ ସେବକ ହେବା ।

ହେ ପ୍ରଭୁ, ମୋତେ ଦିଅ ସଂପୂର୍ଣ୍ଣ ଅନାସକ୍ତିର ଶାନ୍ତି ଯେଉଁ ଶାନ୍ତି ତୁମ ଉପସ୍ଥିତିକୁ କରେ ଫଳପ୍ରଦ, ତୁମ ହସ୍ତକ୍ଷେପକୁ କରେ ଶକ୍ତିଶାଳୀ, ସମସ୍ତ ଅସଦିଚ୍ଛା, ସମସ୍ତ ଅସ୍ୱଚ୍ଛତା ଉପରେ ଆନୟନ କରେ ମହାଶାନ୍ତିର ବିଜୟ ।

ପ୍ରଭୁ, ଅତୀବ ବିନୀତ ଭାବେ ମୁଁ ତୁମକୁ କରେ ଏହି ପ୍ରାର୍ଥନା ଯେ ମୁଁ ଯେପରି ହୋଇପାରିବି ମୋ କର୍ମଭାରର ସମକକ୍ଷ, ସଚେତନ ବା ଅଚେତନ ଭାବରେ ମୋ ଭିତରେ ଥିବା କିଛିହିଁ ଯେପରି ତୁମ ପୂତ ଲକ୍ଷ୍ୟାଭିମୁଖ୍ୟର ସେବାରେ ଅବହେଳା ଦ୍ୱାରା ତୁମ ପ୍ରତି ବିଶ୍ୱାସଘାତକତା ନକରେ ।

ନିରବ ଭକ୍ତିଭରେ ମୁଁ ତୁମ ସମ୍ମୁଖରେ କରେ ଶିରାବନତ...

ଫେବ୍ରୁଆରୀ ୨୦, ୧୯୧୪

– ଶ୍ରୀମା



Everyone who is turned to the Mother is doing my Yoga. It is a great mistake to suppose that one can “do” the Purna Yoga – i.e. carry out and fulfil all the sides of the Yoga by one’s own effort. No human being can do that. What one has to do is to put oneself in the Mother’s hands and open oneself to her by service, by bhakti, by aspiration; then the Mother by her light and force works in him so that the sadhana is done. It is a mistake also to have the ambition to be a big Purna Yogi or a supramental being and ask oneself how far have I got towards that. The right attitude is to be devoted and given to the Mother and to wish to be whatever she wants you to be. The rest is for the Mother to decide and do in you.

(*Letters on the Mother,* p.-130) – Sri Aurobindo

ମା’ଙ୍କ ଅଭିମୁଖୀ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ମୋର ଯୋଗ କରୁଛି । ଜଣେ ଯେ ପୂର୍ଣ୍ଣଯୋଗ ‘‘କରି’’ ପାରିବ – ଅର୍ଥାତ୍ ନିଜ ଉଦ୍ୟମରେ ଯୋଗର ସବୁଦିଗଗୁଡ଼ିକୁ ବହନ କରି ସମ୍ପନ୍ନ କରିପାରିବ, ଏକଥା ଭାବିବା ଏକ ବିରାଟ ଭୁଲ୍ । କୌଣସି ମନୁଷ୍ୟ ତାହା କରିପାରିବ ନାହିଁ । ଜଣେ ଯାହା କରିପାରିବ ତାହା ହେଉଛି ନିଜକୁ ମା’ଙ୍କ ହାତରେ ସମର୍ପି ଦେଇ ନିଜର ସେବା, ଭକ୍ତି ଓ ଅଭୀପ୍ସା ବଳରେ ନିଜକୁ ତା’ଙ୍କ ପ୍ରତି ଉନ୍ମୁକ୍ତ ରଖିବା; ତା’ପରେ ମା’ ତାଙ୍କର ଶକ୍ତି ଓ ଜ୍ୟୋତିଃ ମାଧ୍ୟମରେ ବ୍ୟକ୍ତି ମଧ୍ୟରେ କ୍ରିୟା କରିବେ ଯାହାଫଳରେ ସାଧନା ସମ୍ଭବ ହେବ । ଜଣେ ବିରାଟ ପୂର୍ଣ୍ଣଯୋଗୀ ଅଥବା ଏକ ଅତିମାନସ ସତ୍ତା ହେବାର ଉଚ୍ଚାଭିଳାଷ ପୋଷଣ କରିବା ଏବଂ ସେ ଦିଗରେ ମୁଁ କେତେ ଅଗ୍ରଗତି କଲିଣି ବୋଲି ନିଜକୁ ପ୍ରଶ୍ନ କରିବା ମଧ୍ୟ ଏକ ଭୁଲ୍ । ଯଥାର୍ଥ ମନୋଭାବ ହେଉଛି ଉତ୍ସର୍ଗୀକୃତ ଭାବେ ନିଜକୁ ମା’ଙ୍କୁ ଦେଇ ଦେବା ଓ ସିଏ ତୁମକୁ ଯାହା ହେବାକୁ ଚାହାନ୍ତି ସେଇଆ ହେବା ଲାଗି ଇଚ୍ଛା କରିବା । ଅବଶିଷ୍ଟ ଯାହା ରହିଲା ସେସବୁ ମା ସ୍ଥିର କରିବେ ଓ ତୁମ ମଧ୍ୟରେ ତାହା କାର୍ଯ୍ୟକାରୀ କରିବେ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧକୁ ଅବତରଣ

## (The Descent into Night)

## (୭୦)

## ଶ୍ରୀଅରବିନ୍ଦ

A servile blinkered silence hushed the mind
Or only it repeated lessons taught,
While mitred, holding the good shepherd's staff,
Falsehood enthroned on awed and
prostrate hearts
The cults and creeds that organise living death
And slay the soul on the altar of a lie.

ଏକ ଦାସୋଚିତ ସଂକୀର୍ଣ୍ଣଚେତା ନୀରବତା ମନକୁ ସ୍ତବ୍ଧ କରିଦେଉଥିଲା ଅଥବା ପୂର୍ବରୁ ଅଧିଗତ ହୋଇଥିବା ପାଠଗୁଡ଼ାକୁ କେବଳ ପୁନରାବୃତ୍ତି କରିବାରେ ଲାଗିଥିଲା, ଯେତେବେଳେ ମୁକୁଟମଣ୍ଡିତ ମସ୍ତକରେ, କର୍ତ୍ତୃତ୍ୱର ଦଣ୍ଡ ଧାରଣ କରି ଭୀତ ଓ ଭୂଲୁଣ୍ଠିତ ହୃଦୟସକଳ ଉପରେ ମିଥ୍ୟା ସମାରୂଢ଼ କରାଉଥିଲା ସେହିସବୁ ବଦ୍ଧମୂଳ ପ୍ରଥା ଓ ବିଧିବ୍ୟବସ୍ଥା, ଯାହା ସଂଗଠିତ କରେ ଜୀବନ୍ତ ମୃତ୍ୟୁକୁ ଏବଂ ଅନ୍ତରାତ୍ମାକୁ ବଳି ପକାଏ ଅସତ୍ୟର ବେଦୀ ଉପରେ ।

All were deceived or served their own deceit;
Truth in that stifling atmosphere could not live.

ସେଠାରେ ସମସ୍ତେ ପ୍ରତାରିତ ଅଥବା ଆପଣାର ପ୍ରତାରଣାର ସେବାରେ ବ୍ୟାପୃତ ଥିଲେ; ଶ୍ୱାସରୋଧକାରୀ ସେହି ପରିବେଶରେ ସତ୍ୟ ଜୀବନ ଧାରଣ କରିପାରୁ ନ ଥିଲା ।

There wretchedness believed in its own joy
And fear and weakness hugged
their abject depths;
All that is low and sordid-thoughted, base,
All that is drab and poor and miserable,
Breathed in a lax content its natural air
And felt no yearning of divine release :
Arrogant, gibing at more luminous states
The people of the gulfs despised the sun.

ଦୁର୍ଗତି ସେଠାରେ ସ୍ୱକୀୟ ଆନନ୍ଦରେ ଆସ୍ଥା ସ୍ଥାପନ କରିଥିଲା ଏବଂ ଭୟ ତଥା ଦୁର୍ବଳତା ଆଲିଙ୍ଗନ ପାଶରେ ଜଡ଼ାଇ ଧରିଥିଲେ ଆପଣାର ଶୋଚନୀୟ ଗଭୀରତା ସକଳକୁ; ଯାହାକିଛି ହୀନ ତଥା କଦର୍ଯ୍ୟ-ଚିନ୍ତାଯୁକ୍ତ, ନୀଚ, ଯାହାକିଛି ମଳିନ, ଦୁଃସ୍ଥ ଏବଂ ଦୟନୀୟ, ସେସବୁ ସେଠାରେ ଏକ ମୁକୁଳା ତୃପ୍ତିରେ ପ୍ରଶ୍ୱାସରେ ସେବନ କରୁଥିଲେ ନିଜର ସ୍ୱାଭାବିକ ବାୟୁ ଏବଂ କେବେ ବି ଅନୁଭବ କରୁ ନ ଥିଲେ ଦିବ୍ୟମୁକ୍ତିର ଆକାଙ୍‌କ୍ଷା : ଔଦ୍ଧତ୍ୟପୂର୍ଣ୍ଣ ଭାବରେ ଉଜ୍ଜ୍ୱଳତର ସ୍ଥିତିସକଳକୁ ବିଦ୍ରୂପ କରୁଥିବା ଗହ୍ୱରବାସୀ ସେହି ଲୋକମାନେ ସୂର୍ଯ୍ୟଙ୍କୁ ହେୟଜ୍ଞାନ କରୁଥିଲେ ।

A barriered autarchy excluded light;
Fixed in its will to be its own grey self,
It vaunted its norm unique and splendid type :
It soothed its hunger with a plunderer's dream;
Flaunting its cross of servitude like a crown,
It clung to its dismal harsh autonomy.

ବେଢ଼ାବେଷ୍ଟିତ ଏକ ସ୍ୱେଚ୍ଛାଚାରୀ ଶାସନ ଆଲୋକକୁ ବହିଷ୍କୃତ କରି ରଖିଥିଲା; ଚିରକାଳ ଆପଣାର ମ୍ଳାନଧୂସର ସତ୍ତା ହୋଇ ରହିବା ଲାଗି ସିଏ ପୋଷଣ କରିଥିଲା ଅଟଳ ସଂକଳ୍ପ, ସଦର୍ପେ ପ୍ରଚାର କରୁଥିଲା ଆପଣାର ଅଦ୍ୱିତୀୟ ବିଧାନ ଓ ଐଶ୍ୱର୍ଯ୍ୟମୟ ପ୍ରକାରଗତ ଦୃଷ୍ଟାନ୍ତ : ଲୁଣ୍ଠନକାରୀର ସ୍ୱପ୍ନରେ ସେ ତାହାର କ୍ଷୁଧା ପ୍ରଶମିତ କରୁଥିଲା; ଦାସତ୍ୱର ଶୃଙ୍ଖଳ ବା କ୍ରୁଶକୁ କିରୀଟ ସଦୃଶ ପ୍ରଦର୍ଶନ କରୁଥିଲା ଗର୍ବିତ ଠାଣିରେ , ଦୃଢ଼ଭାବେ ସେ ଜାବୁଡ଼ି ଧରିଥିଲା ତାହାର ଦୁଃସ୍ଥ ରୂଢ଼ ସ୍ୱାତନ୍ତ୍ର୍ୟକୁ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ସଫଳତା ଓ ବିଫଳତା

## ଶ୍ରୀମା

### (୧)

ବାହାରୁ କୌଣସି ସଫଳତା ବା ବିଫଳତା ଦେଖି ତୁମେ ବିଚାର କରି କୌଣସି ସିଦ୍ଧାନ୍ତ ନେଇପାରିବ ନାହିଁ। ଆମେ କହିପାରୁ— ଏବଂ ଏହା ମଧ୍ୟ ସାଧାରଣତଃ ସବୁବେଳେ ଘଟିଥାଏ ଯେ — ଜଣେ ଯାହା କାମନା କରେ ଈଶ୍ୱର ତାକୁ ତାହା ଦିଅନ୍ତି, ଏବଂ ସବୁ ପ୍ରକାର ଶିକ୍ଷା ଅପେକ୍ଷା ଏଇଟି ସର୍ବୋତ୍ତମ ଶିକ୍ଷା ! କାରଣ, ତୁମର କାମନା ଯଦି ହେଲା ଅଚେତନା, ଅଜ୍ଞାନାଚ୍ଛନ୍ନ ଓ ଅହଂକୈନ୍ଦ୍ରିକ, ତା'ହେଲେ ତୁମେ ସେହି ଅଚେତନାକୁ ବଢ଼ାଇ ଚାଲିଥାଅ, ତୁମ ଭିତରର ଅନ୍ଧକାର ଓ ଅହଂକାରକୁ ବଢ଼ାଇ ଚାଲିଥାଅ; ତା'ର ଅର୍ଥ ହେଲା, ତାହାହିଁ ତୁମକୁ ସତ୍ୟଠାରୁ ଦୂରରୁ ଦୂରକୁ ନେଇ ଚାଲେ, ଚେତନା ଓ ପ୍ରକୃତ ସୁଖଠାରୁ ମଧ୍ୟ ଦୂରେଇ ନେଇ ଯାଉଥାଏ । ଏହିପରି ଭାବେ ଈଶ୍ୱରଙ୍କଠାରୁ ତୁମକୁ ବହୁତ ବହୁତ ଦୂରକୁ ନେଇ ଯାଉଥାଏ । ଏବଂ ସ୍ୱାଭାବିକ ରୂପେ ଈଶ୍ୱରଙ୍କ ପକ୍ଷରେ ଗୋଟିଏ କଥାହିଁ ସତ୍ୟ — ଐଶ୍ୱରିକ ଚେତନା ଓ ଈଶ୍ୱରଙ୍କ ସହ ମିଳନ । ଏବଂ ଯେତେଥର ତୁମେ ପାର୍ଥିବ କାମନାଗୁଡ଼ିକ ତୁମ ଆଗରେ ରଖିବ, ତୁମେ ସେତିକି ସେତିକି ବସ୍ତୁମୁଖୀ ହୋଇ ଚାଲିଥିବ ଏବଂ ପୂର୍ଣ୍ଣ ସଫଳତାଠାରୁ ଦୂରକୁ ଦୂରକୁ ଘୁଞ୍ଚି ଯାଉଥିବ ।

କିନ୍ତୁ ସତ୍ୟ ପାଇଁ ସେହି ବାହ୍ୟ ସଫଳତା ହେଲା ଏକ ଭୟଙ୍କର ପରାଜୟ ।... ତୁମେ ସତ୍ୟ ବିନିମୟରେ ମିଥ୍ୟାକୁହିଁ ସ୍ୱାଗତ କରିଥାଅ !

ବାହାରୁ କାହାର ସଫଳତା ଦେଖି ଓ ସଫଳତାର ବାହ୍ୟ ରୂପ ଦେଖି କୌଣସି କଥାକୁ ବିଚାର କରିବା ପ୍ରକୃତରେ ଏକ ସଂପୂର୍ଣ୍ଣ ଅଜ୍ଞାନତାର କାର୍ଯ୍ୟ ।

### (୨)

ଜୀବନରେ କୌଣସି ସଫଳତା ପାଇ ସେହି ସଫଳତା ଦ୍ୱାରା ଆକ୍ରାନ୍ତ ନ ହେବାକୁ ହେଲେ, ଜଣକୁ ତା'ର ଚେତନା ବା ମନୋବୃତ୍ତିରେ **ଖୁବ୍** ମହାନ୍, **ଖୁବ୍** ଶୁଦ୍ଧ, **ଖୁବ୍** ଉଚ୍ଚ ଓ **ଖୁବ୍** ଅନାସକ୍ତ ଆଧ୍ୟାତ୍ମିକ ଭାବାପନ୍ନ ହେବାକୁ ହେବ । **ସଫଳ ହେବାଠାରୁ ବଳି ଅଧିକ କଷ୍ଟକର କଥା ଆଉ କିଛି ନାହିଁ। ଏହାହିଁ ପ୍ରକୃତରେ ଜୀବନର ଯଥାର୍ଥ ପରୀକ୍ଷା !**

ଯେତେବେଳେ ତୁମେ ସଫଳ ହୁଅ ନାହିଁ, ସେତେବେଳେ ତୁମେ ଖୁବ୍ ସ୍ୱାଭାବିକ ଭାବେ ନିଜକୁ ପଛ କରିଦିଅ ଓ ନିଜ ଭିତରକୁ ପ୍ରବେଶ କର, ଏବଂ ସେଠାରେ ତୁମେ ତୁମର ବାହ୍ୟ ବିଫଳତା ପାଇଁ ସାନ୍ତ୍ୱନା ଖୋଜିଥାଅ । କିନ୍ତୁ ଯେଉଁମାନଙ୍କର ଅନ୍ତରରେ ଏକ ଅଗ୍ନିଶିଖା ଜଳୁଛି — ଯଦି ଭଗବାନ୍ ପ୍ରକୃତରେ ତାକୁ ସାହାଯ୍ୟ କରିବାକୁ ଚାହୁଁଥା'ନ୍ତି, ଏବଂ ଯଦି ସେମାନେ ଈଶ୍ୱରଙ୍କ ସାହାଯ୍ୟ ପାଇବା ଲାଗି ଯଥେଷ୍ଟ ଯୋଗ୍ୟ ହୋଇଥା'ନ୍ତି, ଯଦି ସେମାନେ ଦିବ୍ୟପଥରେ ଯିବା ଲାଗି ପ୍ରସ୍ତୁତ ଥା'ନ୍ତି,— ତେବେ ମାଡ଼ ପରେ ମାଡ଼ ବସିବ ତୁମ ଉପରେ । କାରଣ, ଏହା ବ୍ୟକ୍ତିକୁ ସାହାଯ୍ୟ କରେ ! ଏହାହିଁ ଖୁବ୍ ଶକ୍ତିଶାଳୀ, ଖୁବ୍ ପ୍ରତ୍ୟକ୍ଷ ଏବଂ ଖୁବ୍ ଫଳପ୍ରଦ ସାହାଯ୍ୟ । ଯଦି ତୁମେ ସଫଳ ହୁଅ, ତେବେ ନିଜକୁ ଜଗିରଖି ଚାଲ, ନିଜକୁ ପଚାର : ''କେଉଁ ମୂଲ୍ୟ ଦେଇ, କାହା ବିନିମୟରେ ମୁଁ ଏହି ସଫଳତା କ୍ରୟ କରିଛି ?''...

ଏବଂ ମୋଟ କଥା ହେଲା, ଭଗବାନଙ୍କର ଏହା ହେଉଛି ତୁମ ପ୍ରତି ଶେଷ ପରୀକ୍ଷା : ''ବର୍ତ୍ତମାନ ଯେହେତୁ ତୁମେ ମହତ୍, ତୁମେ ଅନାସକ୍ତ, ତୁମର କୌଣସି ଅହଂକାର ନାହିଁ, ତୁମେ ବର୍ତ୍ତମାନ କେବଳ ମୋର, ମୁଁ ବର୍ତ୍ତମାନ ତୁମକୁ ବିଜୟ ଦେବାକୁ ଚାହୁଁଛି । ଆମେ ଦେଖିବାକୁ ଚାହୁଁ — ତୁମେ କିପରି ଏହି ବିଜୟକୁ ଧରି ରଖିପାରୁଛ ।''

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୬୩)

## ଭୀଷଣ ପଥର ଯାତ୍ରୀ (୬)

## ମନୋଜ ଦାସ

ନଗ୍ନ ପାଦରେ ପ୍ରାୟ ଚାଳିଶ କିଲୋମିଟର ଅତିକ୍ରମ କରି ତେଣେ ଖୁଦୀରାମ ଯେତେବେଳେ ପୁସା ଷ୍ଟେସନରେ ପହଞ୍ଚିଲେ, ସେତେବେଳକୁ ସେ ଅତ୍ୟନ୍ତ କ୍ଷୁଧାର୍ତ୍ତ ଏବଂ ତୃଷ୍ଣାତୁର । ରାସ୍ତାକଡ଼ ଦୋକାନରୁ ସେ କିଛି ମୁଢ଼ି କିଣି ସେତକ ଖାଇ ପାଣି ପିଇବାକୁ ଯିବା ଅବସରରେ ତାଙ୍କୁ ମୁକାବିଲା କଲା ପୁଲିସ । ସେ ନିଜ ପକେଟରୁ ପିସ୍ତଲ ବାହାର କରିବାର ଅବସର ପାଇଲେ ନାହିଁ । ତାଙ୍କୁ କାବୁ କରି ନେଲେ ଗୋଏନ୍ଦା ଓ ସିପାହିମାନେ ।

(ବର୍ତ୍ତମାନ ସେ ଷ୍ଟେସନର ନାମ ''ଖୁଦୀରାମ ବୋଷ – ପୁସା'' ।)

''ସନ୍ଧ୍ୟାବେଳକୁ ଗୋଟାଏ ରେଳଗାଡ଼ି ଯୋଗେ ଖୁଦୀରାମଙ୍କୁ ମୁଜାଫରପୁର ଷ୍ଟେସନକୁ ଅଣାଗଲା । ତାଙ୍କୁ ଥରେ ଦେଖିବା ନିମନ୍ତେ କୌତୂହଳୀ ଜନତାରେ ଷ୍ଟେସନ ସେତେବେଳକୁ ଜନାକୀର୍ଣ୍ଣ । ତାଙ୍କ ଚେହେରାରେ ଉତ୍କଣ୍ଠା ବା ଭୟର ତିଳେ ମଧ୍ୟ ଲକ୍ଷଣ ନଥିଲା । ଖାଲି ଶାନ୍ତ ସମାହିତ ନୁହେଁ, ସେ ଦିଶୁଥିଲେ ପ୍ରଫୁଲ୍ଲ । କିନ୍ତୁ ମୁହଁରେ କିଛି ବାହାଦୁରି ଭାବ ମଧ୍ୟ ନଥିଲା । ତାଙ୍କୁ ଯେତେବେଳେ ଥାନାକୁ ନେବା ନିମନ୍ତେ ଘୋଡ଼ାଗାଡ଼ିରେ ବସାଇ ଦିଆଗଲା, ସେତେବେଳେ ସେ ଦେଲେ 'ବନ୍ଦେ ମାତରମ୍' ଧ୍ୱନି ।''[୧]

କଲିକତାରେ ଶ୍ରୀଅରବିନ୍ଦ ବନ୍ଦେ ମାତରମ୍ ସମ୍ବାଦପତ୍ର କାର୍ଯ୍ୟାଳୟରେ ବସିଥିଲେ, ଯେତେବେଳେ ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ ତାଙ୍କୁ ମୁଜାଫରପୁରରୁ ଆସିଥିବା ଟେଲିଗ୍ରାମଟିଏ ଧରାଇଦେଲେ । ତାହା ବହନ କରି ଆଣିଥିଲା ସେହି ଘଟଣାର ବାର୍ତ୍ତା । ବ୍ରିଟିଶ ପରିଚାଳିତ ଇଂରାଜୀ ଦୈନିକ 'ଦି ଏମ୍ପାୟାର୍' ମଧ୍ୟ ତାଙ୍କ ହାତକୁ ଆସିଲା । ସେଥିରେ ଥିଲା ଘଟଣାର ଦୀର୍ଘ ବିବରଣୀ । ଯଦିଓ ଗୋଟାଏ ବିବୃତି ଦେଇ ପୁଲିସ କମିସନର କହିଥିଲେ ଯେ ଏ ଘଟଣା ପଛରେ ଥିବା ବ୍ୟକ୍ତିବର୍ଗଙ୍କୁ ସେ ଜାଣନ୍ତି ଏବଂ ସେମାନେ ଅବିଳମ୍ବେ ଗିରଫ ହେବେ, କମିସନର ଯେ ମୁଖ୍ୟତଃ ଶ୍ରୀଅରବିନ୍ଦଙ୍କୁହିଁ ବୁଝାଉଥିଲେ, ଏ ସନ୍ଦେହ ତାଙ୍କୁ ସ୍ପର୍ଶ କଲା ଭଳି ମନେ ହେଉ ନଥିଲା ।[୨]

କିନ୍ତୁ ବିଚଳିତ ବୋଧ କରୁଥିଲେ ଅବିନାଶ ଭଟ୍ଟାଚାର୍ଯ୍ୟ । ସେହି ସନ୍ଧ୍ୟାରେହିଁ ତାଙ୍କ ବନ୍ଧୁମାନେ ଆସି ଗ୍ରେ ଷ୍ଟ୍ରିଟ୍‌ସ୍ଥିତ ଶ୍ରୀଅରବିନ୍ଦଙ୍କ ନୂଆ ବସାରେ ପାଞ୍ଚଗୋଟି ରାଇଫଲ ଏବଂ ପାଞ୍ଚ ପ୍ୟାକେଟ୍ ବୁଲେଟ୍ ରଖିଯାଇଥିଲେ । ଲାଲବଜାର ଥାନା ଆଖପାଖରେ ବୁଲାବୁଲି କରି ସେ ବେଶ୍ କିଛି ଭୀତିପ୍ରଦ ଆଭାସ ପାଇଥିଲେ । ରାତି ପ୍ରାୟ ଦଶଟା ବେଳକୁ ଶ୍ରୀଅରବିନ୍ଦ ନୂଆ ବସାକୁ ଆସିବା ମାତ୍ରେ ସେ ତାଙ୍କୁ ସେଠାରେ ଗଚ୍ଛିତ ପଦାର୍ଥସବୁ ସମ୍ପର୍କରେ ଏବଂ ପରଦିନହିଁ ସେମାନେ ଗିରଫ ହୋଇପାରନ୍ତି, ସେଭଳି ଇଙ୍ଗିତ ସେ ପାଇଥିବା କଥା ଜଣାଇଲେ । ଶ୍ରୀଅରବିନ୍ଦ ତତ୍‌କ୍ଷଣାତ୍ ବସାଘରୁ ସେସବୁ ପଦାର୍ଥ ବାହାର କରିଦେବା ସଙ୍ଗେ ସଙ୍ଗେ ମାଣିକତଲା କୋଠିରେ ବାରୀନ୍ଦ୍ରଙ୍କ ଯୁବଗୋଷ୍ଠୀ ଯଦି ମାରଣାସ୍ତ୍ର ରଖିଥିବେ, ସେସବୁ ଲୁଚାଇ ଦେବାର ନିର୍ଦ୍ଦେଶ ଦେଲେ । ଅବିନାଶ ମାଣିକତଲା ଯାଇ ଛଅ ଜଣ ଯୁବକଙ୍କୁ ଧରି ଆସିଲେ । ସେମାନେ ଗଚ୍ଛିତ ପଦାର୍ଥମାନ ନେଇଗଲେ ।[୩] ସେତେବେଳକୁ ବାରୀନ୍ଦ୍ର ଗୋଷ୍ଠୀ ମଧ୍ୟ ପରିସ୍ଥିତିର ବିଷମତା ବୁଝି ପାରୁଥିଲେ ।

ସରକାରର ଶୀର୍ଷରେ ଥିବା ଶାସକବର୍ଗ ତାଙ୍କୁ କେଡ଼େ ଭୟଙ୍କର ଚରିତ୍ର ରୂପେ କଳ୍ପନା କରୁଥିଲେ, ସେ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଧାରଣା ନଥିଲା । ଶ୍ରୀଅରବିନ୍ଦଙ୍କୁ କାରାରୁଦ୍ଧ କରିବାର ଏକ ପକ୍ଷ ପରେ, ତାଙ୍କୁ ନିକଟରୁ ଦେଖିବା ସତ୍ତ୍ୱେ ବଙ୍ଗ ସରକାରଙ୍କ ପ୍ରଧାନ ସଚିବ ଇ. ଏ. ଗାଇଟ୍ ଭାରତ ସରକାରଙ୍କ ଗୃହ ସଚିବଙ୍କୁ ଲେଖିଲେ :

''ରାଜ୍ୟପାଳଙ୍କର ତିଳେ ମାତ୍ର ସନ୍ଦେହ ନାହିଁ ଯେ ସେ (ଶ୍ରୀଅରବିନ୍ଦ)ହିଁ ବଙ୍ଗଦେଶରେ ବିପ୍ଳବପନ୍ଥୀମାନଙ୍କ ଆନ୍ଦୋଳନର ପ୍ରବର୍ତ୍ତକ (master mind) । ଯଦି ଅରବିନ୍ଦଙ୍କୁ

ଖଲାସ କରି ଦିଆଯିବ, ତେବେ ଆଉ ଯେତେ ଜଣଙ୍କୁ ଦଣ୍ଡ ଦେଲେ ମଧ୍ୟ ତାହା ହେବ ନିରର୍ଥକ – କାରଣ ସେ ଅବିଳମ୍ବେ ନୂତନ ଷଡ଼ଯନ୍ତ୍ର ଆରମ୍ଭ କରି ଦେବେ ।... ଶାନ୍ତି ତଥା ଶାସନ ସୁରୁଖୁରୁରେ ବଜାୟ ରହିବା ନିମନ୍ତେ ଏହି ଲୋକ (this man) ଗୋଟିକୁ ରାଜନୀତିରୁ ଅପସାରିତ କରିବା ଏକାନ୍ତ ଅପରିହାର୍ଯ୍ୟ (absolutely necessary) ।''(୪)

ଦୁଇ ଜଣ ବିଦେଶୀ ମହିଳାଙ୍କ ମୃତ୍ୟୁରେ ଅବଶ୍ୟ ସମ୍ବାଦପତ୍ରମାନେ ତଥା ଜନସାଧାରଣ କ୍ଷୋଭ ପ୍ରକାଶ କଲେ, କିନ୍ତୁ ଖୁଦୀରାମ ଏବଂ ପ୍ରଫୁଲ୍ଲ ଚାକି ବିପ୍ଳବମୁଖୀ ଭାରତର ମୃତ୍ୟୁଭୟହୀନ ଯୁବଶକ୍ତିର ପ୍ରତୀକ ଭାବରେ ହେଲେ ବିପୁଳ ଅଭିନନ୍ଦିତ । ବଙ୍ଗଦେଶର ଗାଁ ଗହଳରେ ଅଜଣା କବିମାନଙ୍କ ରଚିତ ଗୀତ ଗାଇ ବୁଲୁଥିଲେ ତରୁଣମାନେ – ଏମିତିକି ଭିଖାରିମାନେ ମଧ୍ୟ । ଇଂରେଜ-ନିୟନ୍ତ୍ରିତ ସମ୍ବାଦପତ୍ରମାନଙ୍କୁ ବାଦ୍ ଦେଲେ ଭାରତର ଯାବତୀୟ ସମ୍ବାଦପତ୍ର ଦୁଇ ସହୀଦଙ୍କ ବୀରତ୍ୱର ପ୍ରଶଂସା କଲେ ଏବଂ ସରକାରଙ୍କୁ ସତର୍କ କରି ଦେଲେ ଦାୟିତ୍ୱହୀନ ନିର୍ମମ କର୍ମଚାରୀମାନଙ୍କୁ ଶୃଙ୍ଖଳିତ କରିବା ନିମନ୍ତେ ।

ପ୍ରଫୁଲ୍ଲ ଚାକିଙ୍କ ମୃତ ଦେହ ପ୍ରତି କର୍ତ୍ତୃପକ୍ଷଙ୍କ ଆଚରଣ ସମ୍ପର୍କରେ ମନ୍ତବ୍ୟ ଦେଲା ଅମୃତବଜାର ପତ୍ରିକା :

''ଯେତେବେଳେ ପ୍ରଫୁଲ୍ଲଙ୍କର ଶରୀରରୁ ଶିର ଛିନ୍ନ କରି ନେଇ ପୁଲିସ ସ୍ପିରିଟ୍‌ରେ ବୁଡ଼ାଇ ରଖିବାର ସମ୍ବାଦ ପ୍ରଚାରିତ ହେଲା ସେତେବେଳେ ଲୋକେ ବିସ୍ମୟ ଓ ଦୁଃଖରେ ଶିହରି ଉଠିଲେ । ମୃତକଙ୍କ ଫଟୋ ନିଆ ତ ସରିଥିଲା, ଏଭଳି ନିର୍ମମ କର୍ମଟିଏ କରି ସରକାରଙ୍କର ଅଧିକା ଲାଭ କ'ଣ ହେବ, ତାହା ଆମେ ବୁଝିବାକୁ ଅକ୍ଷମ । ସମସ୍ତ ସଭ୍ୟ ଦେଶରେ ଶତ୍ରୁର ମୃତଦେହକୁ ଯଥାର୍ଥ ସମ୍ମାନ ଦିଆଯାଏ ।''(୫)

ମାଣିକତଳା ବାଗାନରେ ଅବଶ୍ୟ ଯୁବକମାନେ ଉତ୍କଣ୍ଠା ଅନୁଭବ କଲେ, କିନ୍ତୁ ଆତ୍ମରକ୍ଷା ନିମନ୍ତେ ଯେତେ ବ୍ୟଗ୍ର ପଦକ୍ଷେପ ନେବା ସ୍ୱାଭାବିକ, ତାହା କଲେ ନାହିଁ । ନଳିନୀକାନ୍ତ ଗୁପ୍ତଙ୍କ ସ୍ମୃତି (ସଂକ୍ଷେପିତ) :

''କିଛିଦିନ ଧରି ଆମେ ଲକ୍ଷ୍ୟ କରୁଥିଲୁଁ, ଆମେ ବାଗାନ୍ ବାହାରକୁ ଯୁଆଡ଼େ ଗଲେ ମଧ୍ୟ କେହି ଯେପରି ଆମର ଅନୁଧାବନ କରୁଛି । ଆମେ ରହିଗଲେ ସେ ମଧ୍ୟ ରହିଯାଏ । ଆମେ ପରସ୍ପର ଆଲୋଚନା କରି ବୁଝିଲୁଁ, ସେ ପୁଲିସର ଗୁପ୍ତଚର । ସେଯାଏ ଆମେ କୌଣସି ସତର୍କତା ଅବଲମ୍ବନ କରୁ ନଥିଲୁଁ । ବାଗାନର ଚାରିଦିଗ ଖୋଲା । ସ୍ଥାନୀୟ ଲୋକେ ଅବାଧରେ ବିଚରଣ କରୁଥିଲେ । ସେଥିପାଇଁ ଯେଉଁଦିନ ଆମେ ଧରାପଡ଼ିଲୁଁ, ସେଦିନ ଆମ ସହ ପାଖ ବସତିର ଯୋଡ଼ିଏ ପିଲା ମଧ୍ୟ ଧରା ହେଲେ । ସେମାନେ ମିନତିଭରେ କହୁଥା'ନ୍ତି, 'ଆମେ ନିର୍ଦ୍ଦୋଷ, ଆଜ୍ଞା,ଆମେ ଆସିଥିଲୁଁ କିଛି ସମୟ ପ୍ରାତଃ ଭ୍ରମଣ ନିମନ୍ତେ ।' ବିଚରା !

''ସେଦିନ ସନ୍ଧ୍ୟା ପରେ ହଠାତ୍ ଶୁଭିଲା କେତେକ ଅସ୍ୱାଭାବିକ କଣ୍ଠସ୍ୱର । ଅନ୍ଧକାର ଭିତରେ କେତୋଟି ଲଣ୍ଠନ ଦିଶିଲା । ପ୍ରଶ୍ନ ଆସିଲା : 'ତୁମେମାନେ କିଏ ? ଏଠାରେ କର କ'ଣ ?' ଆମେ ଯଥାସାଧ୍ୟ ଉତ୍ତର ଦେଲୁଁ । 'ବେଶ୍, ସକାଳେ କଥାବାର୍ତ୍ତା କରିବା !' ସେମାନେ ଚାଲିଗଲେ । ମନେହେଲା କେତେ ଜଣ ସହୃଦୟ ଲୋକ ଆମକୁ ସତର୍କ କରି ଦେଇଗଲେ । ସ୍ଥିର କଲୁଁ, ଭୋର ହେବା ପୂର୍ବରୁ ଆମେ ସଭିଏଁ ଏ ସ୍ଥାନ ପରିତ୍ୟାଗ କରି ପରସ୍ପର ବିଚ୍ଛିନ୍ନ ହୋଇ ରହିବୁଁ । ଉପେନ୍ ଦା ପରେ କହିଥିଲେ, ସେହି ରାତିରେ ସ୍ଥାନ ତ୍ୟାଗ କରିବା ତାଙ୍କ ଅଭିପ୍ରାୟ ଥିଲା । କିନ୍ତୁ କାରାବାସ ଅଭିଜ୍ଞତା ଯେ ଥିଲା ଆମର ଭବିତବ୍ୟ ! ତେବେ ଆମେମାନେ ତତ୍ପର ହୋଇଉଠିଲୁଁ । ସନ୍ଦେହ ଉଦ୍ରେକକାରୀ ଜିନିଷସବୁ ଲୁଚାଇବାକୁ ଅଥବା ନିଶ୍ଚିହ୍ନ କରି ଦେବାକୁ ହେବ । ଶ୍ରୀଅରବିନ୍ଦଙ୍କ ନୂତନ ବସାଘରେ ଗଚ୍ଛିତ ବସ୍ତୁ ଅପସରାଇ ଆଣିବାକୁ ହେବ । ବାସ୍ତବରେ ସେସବୁ ଶ୍ରୀଅରବିନ୍ଦଙ୍କ ବସାରେ ପୁଲିସ ଦ୍ୱାରା ଠାବ ହୋଇଥିଲେ ତାଙ୍କ କାରାମୁକ୍ତି ସହଜ ହୋଇ ନଥା'ନ୍ତା ।

''ଆମ କୋଠାରେ ଥିବା ରାଇଫଲ, ରିଭଲ୍‌ଭର୍ ଏବଂ ବୋମା ପ୍ରସ୍ତୁତିର ସାଜସରଞ୍ଜାମତକ ଦୁଇଟି ବାକ୍ସରେ ଭର୍ତ୍ତି କରି ପୋତି ଦିଆଗଲା । କାଗଜପତ୍ରରେ ହେଲା ଅଗ୍ନି ସଂଯୋଗ – ଅନେକ ରାତ୍ରି ପର୍ଯ୍ୟନ୍ତ । ତେବେ କିଛି କିଛି ରହିଗଲା । ସେସବୁରୁ ନାମଧାମ ସଂଗ୍ରହ କରି ପରେ ପୁଲିସ ଆମ ସହଯୋଗୀମାନଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିବାକୁ ସକ୍ଷମ ହେଲା ।

''ଏସବୁ ଶେଷ କରି ଶୋଇବାକୁ ଗଲୁଁ । କଳ୍ପନା ଥିଲା ଖୁବ୍ ଭୋରରୁ ପଳାଇଯିବୁ । କିନ୍ତୁ ତାହା ସମ୍ଭବପର ହେଲା ନାହିଁ । ଅନ୍ଧକାର ଥାଏ, ନାନାଦି ଦୁଃଶବ୍ଦରେ ଆମେ ଜାଗି ଉଠିଲୁଁ । ଏମାନେ କିଏ ? ଅନେକଗୁଡ଼ିଏ ଛାୟାମୂର୍ତ୍ତି ଚାରିଆଡ଼େ ବିଚରଣଶୀଳ । ଶୁଭିଲା ଏକ ସଂଳାପ :

– ତୁମକୁ ଗିରଫ କରାଗଲା । ତୁମ ନାମ ?

— ବାରୀନ୍ଦ୍ର କୁମାର ଘୋଷ

— ଅରବିନ୍ଦ ଘୋଷ ?

— ନା, ବାରୀନ୍ଦ୍ର କୁମାର ଘୋଷ

— ଆଚ୍ଛା, ଆମେ ଦେଖିବା ।

‘‘ପରେ ପରେ ମୋ କାନ୍ଧକୁ ହାତଟିଏ ଚାପି ଧରିଲା । ଶୁଣିଲି, ‘ଚାଲ !’

‘‘ସୁଶୀଳ ବାଳକଟିମାନ ପରି ଆମେମାନେ ଏଭଳି ଧରା ଦେବାରେ ଅନେକେ ବିସ୍ମୟ ପ୍ରକାଶ କରିଛନ୍ତି । ଆମେ ଲଢ଼େଇ ମାଧ୍ୟମରେ କେତେକଙ୍କୁ ମାରି ତତ୍ପରେ ଆତ୍ମବଳି ଦେଲୁ ନାହିଁ କାହିଁକି ? କିନ୍ତୁ ଆମ ଅଭିମୁଖ୍ୟ ଥିଲା ଭିନ୍ନ । ସହିଦ ହେବା ଆମର ଲକ୍ଷ୍ୟ ନଥିଲା । ଆମେ ହେଲୁ ସୈନିକ । ସୈନିକର କର୍ତ୍ତବ୍ୟ ପ୍ରାଣ ଦେବା ନୁହେଁ ପ୍ରାଣ ନେବା । ନିଜକୁ ରକ୍ଷା କରି ସେ ଯେତେ ସମ୍ଭବ ଶତ୍ରୁଙ୍କୁ କରିବ ନିଧନ । ଆତ୍ମବଳିଦାନ ଯଥେଷ୍ଟ ନୁହେଁ ।’’(୬)

ସେ ବିପ୍ଳବୀ କେନ୍ଦ୍ରର ଆଉ ଜଣେ ଅନ୍ତେବାସୀ ଉପେନ୍ଦ୍ରନାଥ ବାନାର୍ଜିଙ୍କ ସ୍ମୃତିଚାରଣ (ସଂକ୍ଷେପିତ) ଉପରେ ଦୃଷ୍ଟିପାତ କରାଯାଉ :

‘‘ସାରାଦିନ ଇତସ୍ତତଃ ବିଚରଣ କରିବା ଉତ୍ତାରୁ ଆମେ ସନ୍ଧ୍ୟାବେଳକୁ ବାଗାନ କୋଠାକୁ ଲେଉଟି ଆସିଥାଉଁ । କ୍ଲାନ୍ତି ଓ କ୍ଷୁଧା ମୋତେ ଏମିତି ଅବସନ୍ନ କରିଥାଏ ଯେ ମୋ ଜୀବନ ବିପନ୍ନ ହେଲେ ବି ମୁଁ ଘରୁ ପାଦ କାଢ଼ି ନଥା’ନ୍ତି । ସେ ଯାହାହେଉ, କ୍ଷୁଧା ନିବାରଣ ତ କରିବାକୁ ହେବ ! ବୟସରେ ତରୁଣମାନେ ରାନ୍ଧିବାକୁ ଲାଗିଗଲେ; ଆମେ ଅପେକ୍ଷାକୃତ ବଡ଼ମାନେ ଗୋଡ଼ ହାତ ଲମ୍ବାଇ ଶୋଇ ରହିଲୁ । ହଠାତ୍ ହାସ୍ୟରୋଳ । ଭାତହାଣ୍ଡି ଫାଟିଗଲା; ସବୁ ଖାଦ୍ୟ ଅଗ୍ନିସାତ୍ । କିନ୍ତୁ ବାରୀନ୍ ହାଲ ଛାଡ଼ିବା ଲୋକ ନୁହେଁ । କିଛି ଜାଳେଣି ନଥିବା ଯୋଗୁଁ ସେ ଖବର କାଗଜତକ ଜଳାଇ ଆଉ କିଛି ଚାଉଳ ସିଝାଇଲା । ପ୍ରାୟ ରାତି ଏଗାରଟା ବେଳେ ଆମର ଜଣେ ବନ୍ଧୁ ଆସି ଆମକୁ ସତର୍କ କରି ଦେଲେ : ଯଥାଶୀଘ୍ର ଆମକୁ ସଂବର୍ଦ୍ଧନା ଜଣାଇବା ନିମନ୍ତେ ପୁଲିସର ଆଗମନ ଘଟିବ ଏବଂ ଆମେ ବେଳହୁଁ ପଳାଇଗଲେ ଉତ୍ତମ । କିନ୍ତୁ ସେତେବେଳେ ଆମେ ଏଡ଼େ କ୍ଳାନ୍ତ ଯେ ଆମ ପାଦ ଯୋଡ଼ାକ ଲେଖା ଧରି କେହି ନଟାଣିଲେ ଆମେ ଉଠିବାର ପ୍ରଶ୍ନ ନଥିଲା । ଭୋର ହେଲେ ସଭିଏଁ ଭିନ୍ନ ଭିନ୍ନ ସ୍ଥାନକୁ ପଳାଇଯିବୁ ବୋଲି ସ୍ଥିର ହେଲା । ବାରୀନ୍ଦ୍ର କିନ୍ତୁ କେତେ ଜଣଙ୍କୁ ଧରି ତଳକୁ ଯାଇ ଆମଠିଁ ଥିବା ରାଇଫଲ ଓ ବୋମାଗୁଡ଼ିକ ପୋତି ପକାଇଲା । ସେତେବେଳକୁ ରାତି ପ୍ରାୟ ବାରଟା ।

‘‘ବୋଧହୁଏ ଭୋର ୪ଟା ହେବ । ରାତିଯାକ ଗରମ ଓ ମଶା ମୋତେ ଅତିଷ୍ଠ କରୁଥିଲେ । ପାହାଚ ପଟରୁ ଶୁଭିଲା ପାଦଶବ୍ଦମାନ । ତା’ପରେ ଆମ କବାଟ ଉପରେ ପଡ଼ିଲା ଧକ୍କା । ବାରୀନ୍ଦ୍ର ଚଟାପଟ ଉଠି କବାଟ ଖୋଲି ଦିଅନ୍ତେ ଜଣେ ଇଂରେଜର କଣ୍ଠସ୍ୱର ଶୁଭିଲା, ‘ତୁମ ନାମ ?’ ବାରୀନ୍ ନାମ କହିଲା । ‘ଏ ଟୋକାକୁ କବ୍‌ଜାକର !’ ଅଫିସର ତା’ ଲୋକଙ୍କୁ ଆଦେଶ ଦେଲା ।

‘‘...କିନ୍ତୁ ଥିବାଯାଏ ଶ୍ୱାସ ରହିଥାଏ ଆଶ ! ପୁଲିସ ଜଣ ଜଣ କରି ସଭିଙ୍କୁ ତଳକୁ ନେଇଯାଉଥାଏ । ମୁଁ ସନୈଃସନୈଃ ବାରନ୍ଦା କୋଣରେ ଥିବା ଗୋଟାଏ ଗୋଦାମ ଘରେ ଲୁଚି ଗଲି । ସେଠାରେ ପୁଞ୍ଜୀଭୂତ ଭଙ୍ଗା ଆସବାବପତ୍ର; ତାହା ମୂଷା ଓ ଅସରପାମାନଙ୍କର ଇଲାକା । ଅନ୍ଧକାର ଥାଏ, ଭଙ୍ଗା କାଚ ଝରକା ଦେଇ ତଳକୁ ଡେଇଁ ପଡ଼ି ଅଦୃଶ୍ୟ ହୋଇଯିବି ବୋଲି ଆଶା କରି ଅନାଇ ଦେଖିଲି ସାରା ପରିସର ଲାଲ ପଗଡ଼ିରେ ଭରା ।

‘‘କ୍ରମେ ଅନ୍ଧକାର ଅପସରି ଗଲା । ପୂର୍ବାକାଶ ଉଜ୍ଜ୍ୱଳ ଦେଖାଗଲା । ମୁଁ ଖଣ୍ଡିଏ ଛିଣ୍ଡା ଅଖା ପର୍ଦ୍ଦା ଭିତର ଦେଇ ଦେଖୁଥାଏଁ, ତଳେ ପୁଲିସ ବାଲାଏଁ କିଲିବିଲି ହେଉଛନ୍ତି । କେତେ ଜଣ ୟୁରୋପୀୟ ସର୍ଜେଣ୍ଟ୍ ଚାବୁକ ହଲାଇ ସେମାନଙ୍କୁ ପରିଚାଳନା କରୁଥା’ନ୍ତି । ଆଖପାଖରୁ ପୁଲିସମାନେ କେତେ ଜଣ ଘୋଡ଼ାଗାଡ଼ି କଚୁଆନଙ୍କୁ ଅଡ଼ାଇ ଆଣିଥା’ନ୍ତି ସେମାନଙ୍କ ଖାନତଲାସର ସାକ୍ଷୀ ହେବା ନିମନ୍ତେ । ଗୋଟାଏ ଅତିକାୟ ଅଫିସର ପଛେ ପଛେ ସେମାନେ ବିପୁଳ ବିନୟଭରେ ଚାଲୁଥା’ନ୍ତି । ଅଫିସରଟି ବୋଧହୁଏ ଜଣେ ଇନ୍ସପେକ୍ଟର୍ । ମୋ ବନ୍ଧୁମାନଙ୍କୁ ହାତକଡ଼ିରେ ଅକ୍ତିଆର କରି ଗୋଟାଏ ଗଛ ମୂଳରେ ସାରିବଦ୍ଧ ଭାବରେ ବସାଇ ରଖାଯାଇଥାଏ । ଉଲ୍ଲାସକର ଗୋଟାଏ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ବନ୍ଧୁମାନଙ୍କୁ ବୁଝାଉ ଥିବାର ଲକ୍ଷ୍ୟ କଲି । ପରେ ଜାଣିଲି, ଉକ୍ତ ଅତିକାୟ ଇନ୍ସପେକ୍ଟର୍ ଗୋଟିକର ଓଜନ କେତେ ହୋଇ ଥିବ, ସେହି ସମ୍ପର୍କରେ ସେ ଆପଣାର ଯୁକ୍ତିଯୁକ୍ତ ଅଭିମତ ଜଣାଉଥିଲା ।

‘‘ଉଷା କ୍ରମେ ପ୍ରଭାତରେ ପରିଣତ ହେଲା; ପ୍ରଭାତ ହେଲା ସକାଳ । ମୁଁ ସେମିତି ଛପି ରହିଥାଏ । କିନ୍ତୁ ହାୟ ! ସେହି ଅତିକାୟ ପ୍ରାଣୀ ଗୋଟିକ ପୁନର୍ବାର ପାହାଚ ଆରୋହଣ

କଲେ । କାଳେ ଟିକିଏ ଆବାଜ ହେବ ବୋଲି ଆଶଙ୍କାରେ ମୁଁ ନିଃଶ୍ୱାସ ଛାଡ଼ିବା ମଧ ରୋକି ଦେଲି । କିନ୍ତୁ ସେ ଘୁଞ୍ଚାଇ ଦେଲେ ସେ ଅଖା ପର୍ଦା ଖଣ୍ଡିକ । ଚାରିଚକ୍ଷୁର ମିଳନ ସମ୍ପାଦିତ ହେଲା । ଆଗନ୍ତୁକଙ୍କର ଦୃଷ୍ଟିରେ କି ଗଭୀର ପ୍ରେମ ! ସେ ଆନନ୍ଦାତିଶଯ୍ୟରେ ଦେଲେ ଗୋଟାଏ ହୁଙ୍କାର – ସତେ ଅବା ସେ ସଦ୍ୟ ଏକ ନୂତନ ଦେଶ ବିଜୟୀ ଆଲେକଜାଣ୍ଡାର ! ଚାରିଜଣ ପୁଲିସ ଉପରକୁ ଚଢ଼ି ଆସି ମୋତେ କାବୁ କରି ନେଇଗଲେ ମୋ ବନ୍ଧୁମାନଙ୍କ ପାଖକୁ । ଇନ୍ସପେକ୍ଟରଙ୍କଠାରୁ ଆଦେଶ ପାଇ ଯିଏ ମୋତେ ହାତକଡ଼ି ପିନ୍ଧାଇବାକୁ ଆସିଲା, ଦେଖିବା ବେଳକୁ ସେ 'ବନ୍ଦେ ମାତରମ୍' କାର୍ଯ୍ୟାଳୟରେ ପିଅନ କର୍ମରେ ନିଯୁକ୍ତ ଥିଲା । ମୋତେ କେତେ ଥର ଚାହା ପରଶି ଥିବ । ମୁହଁ ତା'ର ଶେତା ପଡ଼ିଯାଇଥାଏ । ସେ ମୁଣ୍ଡ ପୋତି କର୍ତ୍ତବ୍ୟଟି ସମାପନ କଲା ।

''ଇତି ମଧ୍ୟରେ ପ୍ରୋଥିତ ବନ୍ଧୁକ ଓ ବୋମାତକ ଆବିଷ୍କୃତ ହୋଇ ସାରିଥାଏ । ଅଧିକା କିଛି ପାଇବା ଆଶାରେ ପୁଲିସ ତରୁଣମାନଙ୍କୁ ଯନ୍ତ୍ରଣା ଦେବାକୁ ଆରମ୍ଭ କରନ୍ତେ ବାରୀନ୍, ଇନ୍ସପେକ୍ଟର୍-ଜେନେରାଲ୍ ପ୍ଲାଓଡ଼େନ୍ ସାହେବ ପାଖରେ ପ୍ରତିବାଦ କଲା । ସାହେବ ହସିଲେ ଏବଂ କହିଲେ, 'ଆମଠାରୁ ଖୁବ୍ ବେଶୀ ଆଶା କର ନାହିଁ !' ''(୭)

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା


୧. କାଳିଚରଣ ଘୋଷ; The Roll of Honour, ବିଦ୍ୟାଭାରତୀ, କଲିକତା ।
୨. ଶ୍ରୀଅରବିନ୍ଦ : 'କାରାକାହାଣୀ' ।
୩. ଅବିନାଶ ଭଟ୍ଟାଚାର୍ଯ୍ୟ : 'ଅରବିନ୍ଦ'; ଶ୍ରୀଅରବିନ୍ଦ ସ୍ମୃତିକଥା, (ବଙ୍ଗଳା) ସଂପାଦକ – ସୁପ୍ରିୟ ଭଟ୍ଟାଚାର୍ଯ୍ୟ; ଶ୍ରୀଅରବିନ୍ଦ ଭବନ, କଲିକତା ।
୪. Home Department. Govt. of India (P - II A) : Proceeding for May 1908
୫. କାଳିଚରଣ ଘୋଷ; The Roll of Honour, ବିଦ୍ୟାଭାରତୀ, କଲିକତା ।
୬. N. K. Gupta, Collected Work, Vol. 7
୭. ଉପେନ୍ଦ୍ରନାଥ ବାନାର୍ଜୀ : Memories of a Revolution. ❑


ଯେଉଁ ଆତ୍ମା ସମ୍ପୂର୍ଣ୍ଣରୂପେ ନିଜକୁ ଭଗବାନଙ୍କୁ ଦେଇ ଦିଏ, ଭଗବାନ୍ ମଧ ତାକୁ ନିଜକୁ ସମ୍ପୂର୍ଣ୍ଣ ରୂପେ ଦେଇ ଦିଅନ୍ତି । କେବଳ ଯିଏ ନିଜର ସମଗ୍ର ପ୍ରକୃତିକୁ ତାଙ୍କୁ ଅର୍ପଣ କରେ ସେ ପରମସତ୍ତାଙ୍କୁ ଆବିଷ୍କାର କରିଥାଏ । କେବଳ ସେହି ବ୍ୟକ୍ତି ଯିଏ ନିଜର ସବୁକିଛିକୁ ଦେଇ ଦେଇପାରେ, ସେଇହିଁ ସର୍ବତୋଭାବେ, ସର୍ବତ୍ର ଭଗବାନଙ୍କ ସହ ବାସ କରେ ।

– ଶ୍ରୀଅରବିନ୍ଦ

ଯୋଗସମନ୍ୱୟ (୮୧)

# ଅତିମାନସ ଇନ୍ଦ୍ରିୟ ବା ସଂଜ୍ଞାନ

## (୩)

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଚତୁର୍ବିଂଶ ଅଧ୍ୟାୟ – ''ଅତିମାନସ ଇନ୍ଦ୍ରିୟ (ସଂଜ୍ଞାନ)'' (**The Synthesis of Yoga, Part - IV, The Yoga of Self-Perfection, Chapter - XXIV "The Supramental Sense"**ର ଅବଲମ୍ବନରେ ।]

**ପୂର୍ଣ୍ଣଚନ୍ଦ୍ର ମହାପାତ୍ର**

(ପୂର୍ବ ପ୍ରକାଶିତ ଦୁଇଟି ପ୍ରବନ୍ଧରେ ଆମେ ସଂଜ୍ଞାନ ସମ୍ପର୍କରେ ଆଲୋଚନା କରିଛୁ । ଏବେ ଏହି ପ୍ରବନ୍ଧରେ ସେଇ ଆଲୋଚନାର ପରିସମାପ୍ତି କରିବାକୁ ଯାଉଛୁ ।)

ସ୍ମରଣ କରାଇ ଦେଉଛୁ ମନର ଯେତେ ବୃତ୍ତି ଅଛି ଅତିମାନସର ସେ ସମସ୍ତ ବୃତ୍ତି ବି ଅଛି । କିନ୍ତୁ ଏହି ବୃତ୍ତିଗୁଡ଼ିକ ମନର ବୃତ୍ତିଠାରୁ ରୂପ ଓ କ୍ରମରେ ଭିନ୍ନ । ମନ ଭଳି ଅତିମାନସର ଅଛି ଇନ୍ଦ୍ରିୟ ସଂବିତ୍ । ଏହାକୁ ଆମେ ଇଂରାଜୀରେ କହୁ sense । ବୈଜ୍ଞାନିକ ଭାଷାରେ ଏହି ଇନ୍ଦ୍ରିୟ ସଂବିତ୍‌କୁ କୁହାଯାଏ **ସଂଜ୍ଞାନ** । ଅନ୍ତରାବୃତ୍ତି ଚେତନାର ପରମ ଭୂମିକୁ ନ ଗଲେ ସଂଜ୍ଞାନ ଅନୁଭୂତ ହେବ ନାହିଁ । ପୂର୍ବେ କହିଛୁ ଅତିମାନସର ପରାଙ୍‌ମୁଖୀ ବୃତ୍ତି ଯାହା ବସ୍ତୁଭିତ୍ତିକ ବା objectified ତା'ର ଚାରିଗୋଟି ପର୍ଯ୍ୟାୟ ଅଛି । ଏହା ହେଲା ୧. ତାଦାତ୍ମ୍ୟଜ୍ଞାନ (ବିଷୟ ଓ ବିଷୟୀର ଅଭେଦତା), ୨. ବିଜ୍ଞାନ (ବିଷୟକୁ ବିଷୟୀ ସମ୍ମୁଖରେ (ଲୁପ୍ତ ନହୋଇ) ଧରି ରଖିବା), ୩. ପ୍ରଜ୍ଞାନ apprehensive knowledge (ଅବ୍ୟବହାର୍ଯ୍ୟ ଜ୍ଞାନ ଏବେ ଦର୍ଶନରେ, ମନନରେ, ବଚନରେ ସ୍ଫୁରିତ ଏବଂ ବ୍ୟବହାର୍ଯ୍ୟ) । ଏହା ଜ୍ଞାନର ଅଖଣ୍ଡ ସମାହାର (integration), ଯାହାକୁ କହିପାରୁ ସଂଭୂତି ସଂବିତ୍ । ସଂଭୂତି ହେଲା ବିଭୂତିର ସମାହାର ।

ଆମର ବର୍ତ୍ତମାନର ଆଲୋଚ୍ୟ ବିଷୟ ହେଲା **ସଂଜ୍ଞାନ** । ଅତିମାନସର ଅସୀମ ଶକ୍ତି ଯାହା ମନର ବହୁ ଊର୍ଦ୍ଧ୍ୱରେ; ଯାହା ଅତିମାନସର ପ୍ରତ୍ୟକ୍ଷ ଓ ମୌଳିକ କ୍ରିୟା, ଯାହା ଆମକୁ ସଚ୍ଚିଦାନନ୍ଦଙ୍କୁ ସ୍ଥୂଳ ଓ ଅପରୋକ୍ଷ ଭାବେ ଦେଖିବା, ସ୍ପର୍ଶ କରିବା, ଶୁଣିବା ଓ ଘ୍ରାଣ କରାଇପାରେ ତାହା ସଂଜ୍ଞାନ । ଏ ସମ୍ପର୍କରେ ଆମେ ପୂର୍ବରୁ ଆଲୋଚନା କରିଛୁ । ମାତ୍ର ଏହାକୁ ଅଧିକ ସ୍ୱଷ୍ଟ, ବ୍ୟାପକ ଓ ପୂର୍ଣ୍ଣ କରିବାକୁ ହେବ ।

ପ୍ରାଣିକ ଚେତନା ଓ ଇନ୍ଦ୍ରିୟବୋଧ ଭୌତିକ ଶକ୍ତିଠାରୁ ଅଧିକ ସୂକ୍ଷ୍ମ । ଯେତେବେଳେ ଚୈତ୍ୟ ଜାଗରଣ ଘଟେ ସେତେବେଳେ ଭୌତିକ ମନ ଓ ଇନ୍ଦ୍ରିୟମାନଙ୍କ ସ୍ଥୂଳକ୍ରିୟା ଦ୍ୱାରା ଆଚ୍ଛନ୍ନ ଓ ଅବରୁଦ୍ଧ ଆତ୍ମା, ଅନ୍ତରସ୍ଥ ପ୍ରାଣମୟ ଚେତନାକୁ ଉପରକୁ ଉଠାଇ ଆଣେ ଏବଂ ପ୍ରକାଶ କରାଏ ।

ଏତଦ୍‌ବ୍ୟତୀତ ଏହା ପ୍ରଚ୍ଛନ୍ନ ମାନସିକ ଚେତନା ଓ ଇନ୍ଦ୍ରିୟକୁ ମଧ ପ୍ରକଟ କରିଦିଏ । ଫଳରେ ମାନସିକ ଓ ଚୈତ୍ୟ ଲୋକରେ ବିଦ୍ୟମାନ ପ୍ରତ୍ୟେକ ପଦାର୍ଥ, ମାନସିକ ବ୍ୟାପାରମାନ, ସ୍ପନ୍ଦନ, ପ୍ରତିଭାସ, ରୂପସବୁକୁ ଅପରୋକ୍ଷ ରୂପେ ଦେଖିବା ଓ ଅନୁଭବ କରିବାରେ ପଥ ଉନ୍ମୋଚନ କରେ । ସ୍ଥୂଳ ଇନ୍ଦ୍ରିୟମାନଙ୍କର କୌଣସି ସହାୟତା ବିନା ଆମେ ଆମର ମନ ସହ ଅନ୍ୟ ମନର ସମ୍ପର୍କ ରକ୍ଷା କରିପାରୁ । ଏ ସମ୍ବନ୍ଧ ହୁଏ ପ୍ରତ୍ୟକ୍ଷ । ଆମ ମନ ହୁଏ ସର୍ବ ବନ୍ଧନମୁକ୍ତ । ମନ ଷଷ୍ଠ ଇନ୍ଦ୍ରିୟର କାର୍ଯ୍ୟ କରେ ସ୍ୱାଧୀନ ଭାବେ ।

ମନର ଅତିମାନସିକ ରୂପାନ୍ତର ପୂର୍ଣ୍ଣ ହୁଏ ତା' ମଧରେ ଅତିମାନସର ସକ୍ରିୟ ଆବେଶରେ । ଅତିମାନସର ଅବନ୍ଧ୍ୟ ବୀର୍ଯ୍ୟ ତା'ର ସମସ୍ତ କରଣକୁ ସଞ୍ଜୀବିତ କରେ । ଏପରି ସ୍ଥିତିରେ ଇନ୍ଦ୍ରିୟମାନଙ୍କ ପ୍ରାକୃତ ଶକ୍ତି ବ୍ୟାହତ ବା ନିରୁଦ୍ଧ ହୁଏ ନାହିଁ । ତାଙ୍କ ମଧରେ ଅପ୍ରକଟିତ ଦିବ୍ୟାନୁଭବର ଜାଗରଣ ଓ ପ୍ରକାଶ ହୁଏ । ଆତ୍ମା ଅନାତ୍ମାର ଭେଦ ଏବେ ଦୂର ହୁଏ । ଏଠାରେ 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' । ଆତ୍ମା ଦ୍ୱାରା ଆତ୍ମାର ଦର୍ଶନ ସମ୍ଭବ ହୁଏ । ଦ୍ରଷ୍ଟା ପୁରୁଷ ପାଇଁ ଦୃଶ୍ୟରେ ପ୍ରକୃତିର ସକଳ ବିଭୂତି

ଏବଂ ଐଶ୍ୱର୍ଯ୍ୟ ଏକହିଁ ମୁହୂର୍ତ୍ତରେ ଭାସ୍ୱର ହୋଇଉଠେ । ଏପରି ଅବସ୍ଥାରେ ମନରେ ଯଦି ସାମାନ୍ୟ ଶୁଦ୍ଧତାର ଅଭାବ ଥାଏ ତେବେ ଐନ୍ଦ୍ରଜାଲିକ ଓ ଭ୍ରଷ୍ଟ ତାନ୍ତ୍ରିକ ପରି ତାଙ୍କର ଉପଲବ୍ଧ ନବ ନବ ଶକ୍ତିର ଅପବ୍ୟବହାର ଦ୍ୱାରା ପତନ ହେବା ପରି ଯୋଗୀର ଏକ ପ୍ରକାର ପତନ ଘଟେ । ଏଣୁ ପ୍ରାଥମିକ ସ୍ତରରେ ମନର ଶୁଦ୍ଧତା ଓ ପୂର୍ଣ୍ଣ ସ୍ଥିରତା ଓ ଆତ୍ମାର ସର୍ବ ନିରୁଦ୍ଧତାରୁ ମୁକ୍ତି ଅନିବାର୍ଯ୍ୟ । ତା' ନହେଲେ ସାଧନାରେ ସଂକଟ ଓ ବିପଦ ଦେଖାଦିଏ ।

ଯେତେବେଳେ ଜାଗୃତି ଲାଭ କରୁଥିବା ମନ ଓ ପ୍ରାଣ ବାହ୍ୟ କାମନା ବାସନାର ବିଭ୍ରାନ୍ତି ଦ୍ୱାରା କଳୁଷିତ ସେଠାରେ ସଂକଳ୍ପ ଓ ଜ୍ଞାନ ପ୍ରକୃତିର ଅଗଣିତ ସଂଘାତର ସମ୍ମୁଖୀନ ହୁଏ ଏବଂ ରହିଯାଏ କେବଳ ବହୁ ମିଥ୍ୟା ଇଙ୍ଗିତ ଓ ପ୍ରତିରୂପ, ରହିଯାଏ ବିକୃତିଯୁକ୍ତ ପ୍ରତିବୋଧ, ପ୍ରେରଣା ଓ ଆବେଗ । ଏଠାରେ ଆବେଗଗୁଡ଼ିକ ସ୍ଥୂଳମନର ନାନା ପ୍ରକାର ଅସ୍ପଷ୍ଟତାର ପ୍ରକ୍ଷେପ ଯୋଗୁଁ ହୋଇଯାଆନ୍ତି ଦୂଷିତ । ଏଣୁ ଅତୀନ୍ଦ୍ରିୟଦର୍ଶୀ, ପ୍ରେତାତ୍ମାବାଦୀ, ଅହଂ ପରାୟଣ ଗୁହ୍ୟବିଦ୍ୟାଗ୍ରହୀ ଯିଏ ନିମ୍ନଶକ୍ତି ସାଧନାରେ ଆଗ୍ରହୀ, ସିଦ୍ଧିଲାଭରେ ଓ ଆତ୍ମପ୍ରଚାରରେ ଲାଳାୟିତ ସେସବୁ ଏହାର ଜାଲରେ ପଡ଼ି ବିପଦ ବରଣ କରନ୍ତି । ଏଥିରୁ ମୁକ୍ତି ପାଇଁ କେବଳ ଆଧାତ୍ମିକ ସାଧନାରେ ମନୋନିବେଶ କରିବାକୁ ହେବ । ଏଥିପାଇଁ ଅତିମାନସକୁ ସକଳ ନିମ୍ନସ୍ତରରେ ପ୍ରତିଫଳିତ କରିବାକୁ ହେବ । ନିଜକୁ ସକଳ ଆସକ୍ତିରୁ ମୁକ୍ତ ତଥା ଶୁଦ୍ଧ କରିବା ଓ ଅହଂହୀନ କରିବା ଚୈତ୍ୟଜାଗରଣର ମୁଖ୍ୟ କଥା ଓ ମୂଳକଥା । ଚୈତ୍ୟ-ଚେତନା ଓ ତଜ୍ଜନିତ ଅନୁଭୂତିମାନ ଅଚିନ୍ତନୀୟ । କାରଣ ଏହାର ପରିସର ଆକାଶ ପରି ବ୍ୟାପକ । ଏହାର ଯାବତୀୟ ବ୍ୟାପାରର ବିବିଧତା ଅନନ୍ତ । ଏଣୁ ତା'ର ସକଳ ଲକ୍ଷଣ ଏଠି ବ୍ୟକ୍ତ କରିବା ସମ୍ଭବ ନୁହେଁ । ତେବେ ଏଠାରେ କେବଳ ମୁଖ୍ୟ ବିଷୟଟି ଉପରେ ଧ୍ୟାନ ଦେବା ।

ତେବେ ତାହା କ'ଣ ? ତାହା ଚୈତ୍ୟ ସତ୍ତାର ପ୍ରଭାବରେ ପ୍ରଭାବିତ ଇନ୍ଦ୍ରିୟଗୁଡ଼ିକର କ୍ରିୟା । ଏଇ ଇନ୍ଦ୍ରିୟମାନଙ୍କ ମଧ୍ୟରେ ଦର୍ଶନେନ୍ଦ୍ରିୟ ସର୍ବାଧିକ ବିକଶିତ । ଯେତେବେଳେ ଆମ ଅନ୍ତରସ୍ଥ ଦୃଷ୍ଟିକୁ ଅବରୋଧ କରିଥିବା ସ୍ଥୂଳଚେତନାର ଆବରଣ ଛିନ୍ନବିଚ୍ଛିନ୍ନ ହୋଇଯାଏ ସେତେବେଳେ ଦର୍ଶନେନ୍ଦ୍ରିୟର କ୍ରିୟା ସମ୍ଭବ ହୁଏ । ଚୈତ୍ୟ ସତ୍ତାରେ ସବୁ ସ୍ଥୂଳ ଇନ୍ଦ୍ରିୟମାନଙ୍କର ଅନୁରୂପ ସୂକ୍ଷ୍ମ-ଇନ୍ଦ୍ରିୟମାନ ରହିଛି, ଯଥା – ଚୈତ୍ୟ ଦର୍ଶନ, ଚୈତ୍ୟ ଶ୍ରବଣ, ଚୈତ୍ୟ ସ୍ପର୍ଶନ, ଚୈତ୍ୟ-ଘ୍ରାଣ, ଚୈତ୍ୟ-ସ୍ୱାଦ ଓ ଚୈତ୍ୟ ଶକ୍ତି । ଅନ୍ତର୍ଗତ ସୂକ୍ଷ୍ମ ଇନ୍ଦ୍ରିୟଗୁଡ଼ିକର ଯଥାର୍ଥରେ ପ୍ରକ୍ଷେପଣହିଁ ଜଡ଼ ଓ ସ୍ଥୂଳ ଇନ୍ଦ୍ରିୟସମୂହ । ଆମେ ଯେପରି ନିଜକୁ ପ୍ରକ୍ଷିପ୍ତ କରୁ ସେପରି ତାକୁ ଉପଲବ୍ଧି କରିବାକୁ ହେବ ।

ଚୈତ୍ୟ ଦୃଷ୍ଟି ଚିଦାକାଶର ସୂକ୍ଷ୍ମୋପାଦାନ ଦ୍ୱାରା ନିର୍ମିତ ସକଳ ପ୍ରତିରୂପକୁ ଗ୍ରହଣ କରିପାରେ । ଏସବୁ ଭୌତିକ ପଦାର୍ଥ, ବ୍ୟକ୍ତି, ଦୃଶ୍ୟ, ଘଟଣାବଳୀ ଓ ସ୍ଥୂଳ ଜଗତରେ ଯାହା ବିଦ୍ୟମାନ ସେସବୁକୁ ଏହା ଗ୍ରହଣ କରେ । ଏସବୁ ଚିଦାକାଶରେ ପ୍ରତିଲିପି ବା ଛାପ ହୋଇପାରେ । ସବୁ ଅବସ୍ଥାରେ ଏହା ଦୃଷ୍ଟ ହୁଏ । ଦ୍ରଷ୍ଟାର ସମାଧି ଓ ବ୍ୟୁତ୍ଥାନ (ଜାଗ୍ରତ୍) ଉଭୟ ଅବସ୍ଥାରେ ଦ୍ରଷ୍ଟା ଏହା ଦେଖିପାରେ । ତଦ୍ୱାରା ଏସବୁକୁ ଚକ୍ଷୁ ଖୋଲା ରଖି ବା ବନ୍ଦ ଅବସ୍ଥାରେ ଦେଖି ହୁଏ । ବେଳେ ବେଳେ ସ୍ଥୂଳ ଦୃଷ୍ଟିରେ ଅବା ଚୈତ୍ୟ ଦୃଷ୍ଟିରେ ଏଗୁଡ଼ିକ ଦେଖି ହୁଏ । ଏଇ ଅବସ୍ଥାରେ ଦ୍ରଷ୍ଟା ସ୍ଥୂଳ ଦୃଷ୍ଟିର ବହୁ ଦୂରସ୍ଥ ବସ୍ତୁ ଯାହା ସ୍ଥୂଳ ଦୃଷ୍ଟିର ସୀମାତିକ୍ରମ କରିଛି ତାହା ସହ ଅତୀତ ଓ ଭବିଷ୍ୟତର ପ୍ରତିଲିପିଗୁଡ଼ିକ ବି ଦେଖିପାରେ । ଆମ ସ୍ଥୂଳ ଶରୀରର ଦୁଇଗୋଟି ଭେଦ ଯଥା 'ସୂକ୍ଷ୍ମ ଓ କାରଣ' ଯାହାକି ଏପର୍ଯ୍ୟନ୍ତ ଅଜଣା, ଏବେ ସେସବୁ ସ୍ପଷ୍ଟ ହୋଇଯିବ । ସମସ୍ତ ପ୍ରତିଭାସ ଏବେ ବାସ୍ତବ ହୋଇଯିବ । ସମସ୍ତ ସଂବୃତ ବସ୍ତୁ (involved) ଏବେ ପରିସ୍ଫୁଟ ହେବ ସଂଜ୍ଞାନରେ । ଅତିମାନସ ପ୍ରଥମତଃ ଚୈତ୍ୟବୋଧ ଦ୍ୱାରା ମନ ମଧ୍ୟରୁ ସକଳ ଖଣ୍ଡିତତା, ବିସଙ୍ଗତି, କୃତ୍ରିମତା ଓ ନିୟମବଦ୍ଧତାକୁ ଅନ୍ତ କରିଦିଏ । ଏସବୁର ସମାପ୍ତି ପରେ ଆମ ମଧ୍ୟରେ ଥିବା ସକଳ ବ୍ୟାପାର ବିଶ୍ୱଗତ ଆନ୍ତର ମନ ଓ ଆତ୍ମାର ସୌଷମ୍ୟଗତ ଲୀଳାରେ ପରିଣତ ହୋଇଯାଏ । ଦ୍ୱିତୀୟତଃ ଚୈତ୍ୟ ଚେତନାର କ୍ରିୟା ସକଳ ଅସ୍ୱାଭାବିକତା ଓ ଅତି-ସ୍ୱାଭାବିକତାରୁ ମୁକ୍ତ ହୋଇଯାଏ । ବର୍ତ୍ତମାନ ଦେହଧାରୀ ଆତ୍ମାର ଏକ ସୌଷମ୍ୟଯୁକ୍ତ ପ୍ରକାଶ ଘଟେ । ଅତିମାନସର ଉନ୍ମୋଚନ ଫଳରେ ଆମେ ଆତ୍ମସତ୍ତା ଓ ପ୍ରକୃତିର ଅଧିକାର ଲାଭ କରୁ, କାରଣ ଅତିମାନସ ମଧ୍ୟରେ ଯଥାର୍ଥରେ ଥାଏ ଏହିସବୁ ପ୍ରକାଶ ପାଇବାକୁ ଥିବା ମୂଲ୍ୟବୋଧ ଏବଂ ସକଳ ସତ୍ତା ସହ ଯଥାର୍ଥ ସମ୍ପର୍କର ସେତୁ । ଆମ ଚେତନସତ୍ତାର ସକଳ ଉପାଦାନ ଅତିମାନସର ପ୍ରକାଶ ଫଳରେ ତଦନୁସାରେ ପରିବର୍ତ୍ତିତ ହୁଏ । ଏହା ପୂର୍ବରୁ ଅତିମାନସ ଊର୍ଦ୍ଧ୍ୱଭୂମିରେ ଘଟିବାକୁ ଥିବା ପରିବର୍ତ୍ତନକୁ ଅଭିବ୍ୟକ୍ତ କରି ରଖିଥାଏ ଓ ସେହି ଊର୍ଦ୍ଧ୍ୱଭୂମିରୁ ଆପଣା ସାମର୍ଥ୍ୟ, ଆଲୋକ

ତଥା ପ୍ରଭାବକୁ ନିମ୍ନକୁ ପ୍ରେରଣ କରି ଚାଲିଥାଏ । ଏହା ଫଳରେ ନିମ୍ନ ଚେତନାର ଉପାଦାନ ରୂପାନ୍ତରିତ ହୋଇଯାଏ । ମନେହୁଏ ଏହା ସେହି 'ଋତଂ-ସତ୍ୟଂ-ବୃହତ୍'ରେ ଗର୍ଭସାତ୍ ହୋଇଅଛି । ଏଇ ଅବସ୍ଥାରେ ସମ୍ପୂର୍ଣ୍ଣ ଅତିମାନସ ଚେତନାର ଅଧିକାର ଲାଭ ସମ୍ଭବ ହୁଏ ।

ଚୈତ୍ୟ ଜଗତରେ ଆମର ସ୍ଥିତି ଯେଉଁ ପରିମାଣରେ ଦୃଢ଼ ହୁଏ, ଆମର ଅତିମାନସିକ ଦୃଷ୍ଟି ଓ ଅନୁଭବ ସେହି ପରିମାଣରେ ବ୍ୟାପକ ଓ ସ୍ପଷ୍ଟ ହୁଏ ଏବଂ ଏହା ହୁଏ ଅଧିକ ମୁକ୍ତ ମଧ । ଏଇ ଅବସ୍ଥାରେ ଭୌତିକ ଅନୁଭୂତି ସବୁ ଅସତ୍ୟ ଓ ଭ୍ରମାତ୍ମକ ଲାଗିପାରେ । ଏହା ଅତିରଞ୍ଜନ ପରି ମନେ ହୁଏ । ବାସ୍ତବ କଥା ମନ ଓ ଇନ୍ଦ୍ରିୟର କେନ୍ଦ୍ର ଏବେ ସ୍ଥାନାନ୍ତରିତ । ବରଂ ଏପରି କହିପାରିବା ଚୈତ୍ୟ ଓ ଭୌତିକ ଅନୁଭୂତି ଉଚିତ ଭାରସାମ୍ୟ ରକ୍ଷା କରି ଏଠାରେ ପରସ୍ପର ସହ ସଂଯୁକ୍ତ । ସେତେବେଳେହିଁ ଆମେ ଯୁଗପତ୍ ଭାବେ ସତ୍ତାର ଦୁଇଟି ଅନୁପୂରକ ଜଗତ୍ ମଧ୍ୟରେ ଅବସ୍ଥାନ କରିଥାଉ । ଚୈତ୍ୟ ଅନୁଭୂତି ଭୌତିକ ଅନୁଭୂତିର ଅନ୍ତରାଳରେ ଥିବା ଗୁପ୍ତ ରୂପକୁ ପ୍ରକାଶ କରି ଦେଉଥାଏ । ଯେତେବେଳେ ଆମ ବୃହତ୍ତର ସତ୍ତା, ଚେତନା, ଇନ୍ଦ୍ରିୟବୋଧ ଓ ପ୍ରାଣର ବିଶାଳ ଆକାଶ ଆମ ସମୀପରେ ନିଜକୁ ଉପସ୍ଥାପନ କରନ୍ତି ସେତେବେଳେ ରୂପାନ୍ତର ସମ୍ଭବ ହୁଏ । ଚେତନାର ସକଳ ଉପାଦାନ ସେତେବେଳେହିଁ ବଦଳିଯାଏ । ଏବେ ଅତିମାନସର ବୀର୍ଯ୍ୟ ଆଧାରର ଧାତୁରେ ନିବିଷ୍ଟ ହୋଇଯାଏ ।

ଆମର ପ୍ରାକୃତ ସତ୍ତା (Being) ମୁଖ୍ୟତଃ ତିନୋଟି ଧାତୁରେ ଗଢ଼ା । ତାହା ହେଲା ଜଡ଼, ପ୍ରାଣ ଓ ମନ । ସାଧନା ଆରମ୍ଭ ହୁଏ ମନରୁ, ରୂପାନ୍ତର ଘଟେ ପ୍ରଥମେ ମନରେ । ଅନେକ ସାଧକ ଏଇଠାରେ ଅଟକି ଯାଆନ୍ତି । ପ୍ରାଣ ଆଉ ଦେହକୁ ରୂପାନ୍ତର କରିବାର ଆଗ୍ରହ ଦେଖାନ୍ତି ନାହିଁ । କିନ୍ତୁ ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଉଛି ସମଗ୍ର ଆଧାରର ରୂପାନ୍ତର । ରୂପାନ୍ତର ଫଳରେ ଯେଉଁ ଆନନ୍ଦ, ଶକ୍ତି ଓ ଜ୍ୟୋତିଃକୁ ମନ ପାଇଥାଏ ତାକୁ ଏବେ ପ୍ରାଣ ଓ ଦେହ ମଧ୍ୟରେ ପ୍ରତିଷ୍ଠା କରିବାକୁ ହେବ । ମନର ରୂପାନ୍ତର କୋଇଲାରେ ଅଗ୍ନି ସଂଯୋଗ ଭଳି । ଆମର ସମସ୍ତ ସତ୍ତାକୁ କୋଇଲାରେ ଅଗ୍ନି ସଂଯୋଗ ସଦୃଶ ଚୈତ୍ୟ ଅଗ୍ନିରେ ପ୍ରଜ୍ୱଳିତ କରିବାକୁ ହେବ । ଏହା ହେଲା ସମଗ୍ର ସତ୍ତାର ରୂପାନ୍ତରର ଏକ ଦୃଷ୍ଟାନ୍ତ ।

ମନୁଷ୍ୟର ଯେପରି ଏକ ସ୍ଥୂଳ ଦେହ ଅଛି, ସେହିପରି ଅଛି ସୂକ୍ଷ୍ମ ଭାବ ଦେହ ବା ତନୁ । ଚୈତ୍ୟ ସତ୍ତ୍ୱ ତା'ର ଆଶ୍ରୟ । ଶୁଦ୍ଧ ସତ୍ତ୍ୱ ତା'ର ଧାତୁ ବା ଉପାଦାନ । ତାହା ଚିନ୍ମୟ ଓ ଚିଦ୍‌ଘନ । ଏହାର ବୀର୍ଯ୍ୟକୁ ଅବତରଣ କରିବାକୁ ହେବ ଦେହ ଓ ପ୍ରାଣରେ । ଯେତେବେଳେ ପ୍ରାଣ ଓ ଦେହରେ ଯୋଗାଗ୍ନି ଅନୁପ୍ରବିଷ୍ଟ ହୁଏ ସେତେବେଳେ ତାହା ହୋଇଯାଏ ଯୋଗାଗ୍ନିମୟ । ଏହା ବ୍ୟକ୍ତିକୁ କରେ ବିଜ୍ଞାନମୟ ପୁରୁଷ । ଏହା ଯୋଗୁଁ ସେ ହୋଇଯାଏ ସଚ୍ଚିଦାନନ୍ଦ ଘନ ବିଗ୍ରହ । ତା'ର ପାର୍ଥିବ ଦେହ କେବଳ ଭାବ ରୂପକ ଦେହ ନୁହେଁ, ଚିତ୍‌ଶକ୍ତିର ଚରମ ସାନ୍ଦ୍ରତାରେ ସତ୍ତ୍ୱଦେହରେ ପରିଣତ ହୁଏ । ଏହାର ଏକ ତେଜସ୍କ୍ରିୟତା ଅଛି । ତାକୁ ଇଂରାଜୀରେ କହିପାରୁ Radio activity । ଦେହର ପାର୍ଥିବ ଧର୍ମ ଏଠାରେ ଉତ୍‌କ୍ରାନ୍ତ । ଏହା 'ଋତଂ-ସତ୍ୟଂ-ବୃହତ୍'ର ନିତ୍ୟ ସିଦ୍ଧସତ୍ତ୍ୱ ତନୁ ।

ଯଦିଚ ଅତିମାନସ ଚିତ୍‌ସତ୍ତାରେ ଆବିଷ୍ଟ ହୁଏ ତେବେ ବି ଚୈତ୍ୟ ଧର୍ମରେ ହସ୍ତକ୍ଷେପ କରେ ନାହିଁ । ବରଂ ଚୈତ୍ୟ ମାଧ୍ୟମରେ ସେ ଅପରା ପ୍ରକୃତିକୁ ସଂକ୍ରମିତ କରି ତହିଁରୁ ସକଳ ବିଭ୍ରମ ଓ ମାଳିନ୍ୟ ଦୂର କରେ । ଏବେ ସ୍ୱଭାବର ଔଜ୍ଜ୍ୱଲ୍ୟ ପ୍ରକାଶ ପାଏ । ତା' ମଧ୍ୟରେ ପରମ ଜ୍ୟୋତିଃ, ଶକ୍ତି ଓ ଆନନ୍ଦ ପ୍ରକଟିତ ହୁଏ । ଚିତ୍ତାକାଶରେ ସକଳ ଚୈତ୍ୟ ଉଲ୍ଲାସ, ପ୍ରତିଭ ସଂବିତ୍‌ର ସର୍ବ ଐଶ୍ୱର୍ଯ୍ୟ, ବିଜ୍ଞାନ ଦୃଷ୍ଟିର ସକଳ ନିଃସଂଶୟତା ପ୍ରକଟିତ ହୁଏ । ଅତିମାନସ-ଜ୍ୟୋତିଃର ଆବେଶରେ ଚେତନାର ସକଳ ଭୂମିରେ ଅନୁଭବ ହୁଏ 'ଋତଂ-ସତ୍ୟଂ-ବୃହତ୍'ର ମହିମା ଓ ପରମ ସୌଷମ୍ୟ ।

ବିଜ୍ଞାନ ଘନ ପୁରୁଷର ବ୍ୟକ୍ତିତ୍ୱ ଅନନ୍ତ ମହାସାଗରରେ ଲୋପ ହୋଇଯାଏ ନାହିଁ । ଅନନ୍ତର ଚିଦ୍‌ଘନତା ତା'ର ବ୍ୟକ୍ତିତ୍ୱ । ବ୍ୟକ୍ତିତ୍ୱର ସୃଷ୍ଟି ହୁଏ ଯେତେବେଳେ ଅନନ୍ତ ବହୁରେ ପ୍ରକାଶ ପାଏ । ଅଜ୍ଞାନ ଅବସ୍ଥାରେ ଏହି ବହୁର ସ୍ୱାତନ୍ତ୍ର୍ୟ ରକ୍ଷା ପାଇଁ ଅହଂ ମାଧ୍ୟମରେ ବ୍ୟକ୍ତିତ୍ୱ ବ୍ୟକ୍ତିତ୍ୱ ମଧ୍ୟରେ ବିଭେଦ ଓ ବିରୋଧ ଦେଖାଦିଏ । କିନ୍ତୁ ଯେଉଁ ସମୟରେ ମୂଳ ସ୍ୱରୂପର (ଆତ୍ମା) ଜ୍ଞାନ ଉଦିତ ହୁଏ ବିରୋଧିତା ସ୍ଥାନରେ ଦେଖାଦିଏ ବୈଚିତ୍ର୍ୟ । ବିଜ୍ଞାନ ପ୍ରତିଷ୍ଠିତ ହେଲେ ଏହି ସବୁ ବୈଚିତ୍ର୍ୟ ମଧ୍ୟରେ ସାଯୁଜ୍ୟ (unity) ପ୍ରକାଶ ପାଏ । ସେତେବେଳେ ପରମ ମୁଁ (ଈଶ୍ୱର)ଙ୍କର ସବୁ ମୁଁ ଅର୍ଥାତ୍ ସକଳସତ୍ତା ବିଭୂତି ଅଟନ୍ତି । ବାହ୍ୟ ଦୃଷ୍ଟିରେ ଯାହା ଖଣ୍ଡିତ, ଅନ୍ତର୍ଦୃଷ୍ଟିରେ ତାହା ଏକ ଅଖଣ୍ଡ ଶକ୍ତି ଓ ଚେତନାର ଉଲ୍ଲାସ । ଅନୁଭବର ଶୁଦ୍ଧ ଅବସ୍ଥାରେ 'ମୁଁ'ର ସ୍ଥାନ ନିଏ ଆତ୍ମା । ସାଯୁଜ୍ୟ ବୋଧରେ ସବୁ ଆତ୍ମା ସକଳ

ମଧ୍ୟରେ ନିବିଷ୍ଟ, ସକଳଙ୍କ ସହ ଯୁକ୍ତ । ଦେହ ମଧ୍ୟରେ ଆତ୍ମା ଦେହୀ । ଏବେ ଐତଦାତ୍ମ୍ୟମ୍ ଇଦଂ ସର୍ବମ୍ । ଇଦଂ ହେଲା ଦେହ । ବହୁ ବ୍ୟକ୍ତି, ମାତ୍ର ଚୈତନ୍ୟ ସମସ୍ତଙ୍କର ଏକ । ସମସ୍ତେ ସ୍ୱତନ୍ତ୍ର ହେଲେ ବି ମୂଳ ଚୈତନ୍ୟ ଓ ଶକ୍ତି ଏକ । ବାହ୍ୟ ଦୃଷ୍ଟିରେ ଏମାନେ ଭିନ୍ନ ମାତ୍ର ପାରମାର୍ଥିକ ଦୃଷ୍ଟିରେ ସର୍ବାତ୍ମଭୂତ । ବିଜ୍ଞାନଘନ ପୁରୁଷର ଦେହ, ପ୍ରାଣ, ମନ ଅଛି । ପ୍ରାକୃତ କ୍ଷେତ୍ରରେ ଯେପରି ଭେଦ ଅଛି ପାରମାର୍ଥିକ କ୍ଷେତ୍ରରେ କିନ୍ତୁ ତାହା ନାହିଁ । କାରଣ ବିଜ୍ଞାନଘନ ପୁରୁଷ ଅଖଣ୍ଡର ସାଧକ ଓ ପ୍ରକାଶକ ।

'ଅତିମାନସ କାଳଦୃଷ୍ଟି ଆଡ଼କୁ' (Towards the Supramental time vision) ହେଲା 'ଯୋଗ ସମନ୍ୱୟ' ପୁସ୍ତକର ଶେଷ ଅଧ୍ୟାୟ । ଏହି ଅଧ୍ୟାୟ ପରେ ଆମେ ତା'ର ଆଲୋଚନା କରିବା । ତେବେ ଏହି ଅଧ୍ୟାୟକୁ ଶେଷ କରିବା ପୂର୍ବରୁ ଶ୍ରୀଅରବିନ୍ଦ ଅତିମାନସର ପୂର୍ଣ୍ଣତା ସମ୍ପର୍କରେ ଯାହା କହିଛନ୍ତି ତା'ର ଏକ ସଂକ୍ଷିପ୍ତ ବିବରଣୀ ଦେବା ଉଚିତ ମନେ କରୁଛୁ ।

ଏହି ପୂର୍ଣ୍ଣତାର ପ୍ରଥମ କଥା ହେଲା ମନୁଷ୍ୟ ଆଜି ଯାହା କରି ପାରିଛି, ଯାହା ତା'ର ସାଫଲ୍ୟ, ତାକୁ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଯିବା, ପୁନଶ୍ଚ ପ୍ରକୃତି ଉପରେ ନିଶ୍ଚିତ ପ୍ରଭୁତ୍ୱ ବିସ୍ତାର କରିବା । ଦ୍ୱିତୀୟତଃ ସବୁ କ୍ଷେତ୍ରରେ ଏକତ୍ୱ, ସମନ୍ୱୟ, ସଂହତି ଲାଭ କରିବା ଏବଂ ତୃତୀୟ କଥା ହେଲା ସର୍ବତ୍ର ସର୍ବ ଭାବରେ, ସବୁ ମଧ୍ୟରେ ଈଶ୍ୱରତ୍ୱ ଉପଲବ୍ଧି (all accomplishing diversity) ଲାଭ କରିବା ।

ଏହି ତ୍ରିବିଧ ରୂପାନ୍ତର ହେଲେ ବୁଦ୍ଧି ମନୁଷ୍ୟ ସ୍ତରରେ ଯେପରି ସତ୍ୟର ସଂକେତ, ପ୍ରତିଛବି, ପ୍ରତିଭାସରେ ସନ୍ତୁଷ୍ଟ ଅଛି ତା' ନହୋଇ ସେ ପରମ ସତ୍ୟ ସହ ନିଜକୁ ଅଭିନ୍ନ କରି ପ୍ରତ୍ୟକ୍ଷ ସତ୍ୟ ଦର୍ଶନ କରିପାରିବ । ସେ ସତ୍ୟର ସକଳ ପ୍ରକାର ରୂପକୁ ଚିହ୍ନି ପାରିବ । ଆମର ଚିନ୍ତାଧାରା ପରିପୂର୍ଣ୍ଣ ହୋଇଯିବ । ବେଦ ବର୍ଣ୍ଣିତ ଚାରିଗୋଟି ଜ୍ଞାନଦେବୀଙ୍କର ପ୍ରକାଶ ହେବ; ଯଥା – 'ସରମା' ବା ବୋଧଶକ୍ତି, 'ସରସ୍ୱତୀ' ବା ପ୍ରେରଣା ତଥା ପ୍ରଚୋଦନା ଶକ୍ତି, 'ଦକ୍ଷିଣା' ବା ପ୍ରଭେଦଦର୍ଶୀ ଜ୍ଞାନ ଶକ୍ତି, 'ଇଳା' ବା ପ୍ରକାଶ କରିବା ସାମର୍ଥ୍ୟ ଶକ୍ତି । ଯାହାକୁ ଇଂରାଜୀରେ – gnostic intuition, inspiration, discrimination, revelation କୁହାଯାଏ ଯାହା ଅତିମାନସିକ ପ୍ରକାଶକାରିଣୀ ଶକ୍ତି । ଫଳରେ ବ୍ୟକ୍ତି ତ୍ରିକାଳ ଦୃଷ୍ଟି ଲାଭ କରିପାରିବ । ଏହାର ମଧ୍ୟ ସମସ୍ତ କ୍ରିୟା ଐକ୍ୟ ଓ ସଂହତିର ଭିତ୍ତିରେ ଘଟିବ । ଏଠାରେ ଜ୍ଞାନ ହେବ ସମ୍ପୂର୍ଣ୍ଣ ଓ ସାମଗ୍ରିକ ଜ୍ଞାନ (comprehensive) । ବ୍ୟକ୍ତିର ଅତିମାନସରେ ସକଳ ଇଚ୍ଛା ବା ସଂକଳ୍ପ ହେବ ପରମେଶ୍ୱରଙ୍କ ଇଚ୍ଛାର ପ୍ରକାଶ ଏବଂ ସକଳ ଅବସ୍ଥାରେ ଏହା ଲକ୍ଷ୍ୟ ସିଦ୍ଧ କରିବ କାରଣ ଏହା ହେବ ଅପ୍ରତିଦ୍ୱନ୍ଦ୍ୱୀ, ସର୍ବ ଶକ୍ତିଶାଳୀ ।

ଅତିମାନସରେ ଅନୁଭବ ହେବ ଦିବ୍ୟପ୍ରେମର ଉଲ୍ଲାସ । ଅତିମାନସର ଇନ୍ଦ୍ରିୟମାନଙ୍କ ପୂର୍ଣ୍ଣତା ହେବ ସର୍ବଭାବରେ ଓ ସର୍ବତ୍ର । ଈଶ୍ୱରଙ୍କୁ ସ୍ପର୍ଶ କରିବା, ଦର୍ଶନ କରିବା ଓ ଶ୍ରବଣ କରିବା ଦ୍ୱାରା ତାଙ୍କର ଗନ୍ଧ ଆଘ୍ରାଣ କରିବା ଓ ବ୍ରହ୍ମର ସହାନୁଭୂତି ଲାଭ କରିବା ମଧ୍ୟ ସମ୍ଭବ ହେବ । ମନକୁ ଷଷ୍ଠ ଇନ୍ଦ୍ରିୟ କୁହାଯାଏ । ଏବେ ଏହା ତା'ର ସମ୍ପୂର୍ଣ୍ଣ ସାମର୍ଥ୍ୟ ଲାଭ କରି ଇନ୍ଦ୍ରିୟମାନଙ୍କ ବିନା ସାହାଯ୍ୟରେ ବାହ୍ୟ ଓ ଅଭ୍ୟନ୍ତରର ସମସ୍ତ ସ୍ଥୂଳ ଓ ସୂକ୍ଷ୍ମାତିସୂକ୍ଷ୍ମ ବସ୍ତୁର ଜ୍ଞାନ ଲାଭ କରିପାରିବ । ସଚ୍ଚିଦାନନ୍ଦଙ୍କର ଦର୍ଶନ, ଶ୍ରବଣ, ସ୍ପର୍ଶ, ଗନ୍ଧ ଓ ରସାନୁଭୂତି ଅତ୍ୟନ୍ତ ନିଖୁଣ ଓ ସ୍ୱଚ୍ଛ ଭାବରେ ଉପଲବ୍ଧି ହେବ ସଂଜ୍ଞାନ ଦ୍ୱାରା । ଏହା ହେବ ବାସ୍ତବ ଅନୁଭୂତି, ଯେପରି ସୂକ୍ଷ୍ମାତିସୂକ୍ଷ୍ମ ଅଧୁନା କଳ୍ପିତ ସଚ୍ଚିଦାନନ୍ଦ ହୋଇଯିବେ ସଂଜ୍ଞାନ ହେତୁ ସ୍ଥୂଳ ବସ୍ତୁମାନଙ୍କ ଭଳି । ଅତିମାନସର କ୍ରିୟା ହେବ ପ୍ରତ୍ୟକ୍ଷ ଓ ତତ୍କ୍ଷଣାତ୍ । ସଂକଳ୍ପ ମାତ୍ରେ ତା'ର କ୍ରିୟା ସମ୍ଭବ ହେବ । ସଂକଳ୍ପ ଅନୁସାରେ ତତ୍କ୍ଷଣାତ୍ ଘଟିବ ତା'ର ଫଳ । ହେବ ସର୍ବତ୍ର, ସର୍ବବସ୍ତୁ, ସର୍ବ ଇନ୍ଦ୍ରିୟାନୁଭୂତିରେ ସଚ୍ଚିଦାନନ୍ଦ ଅନୁଭବ । ସର୍ବେନ୍ଦ୍ରିୟର ଅନୁଭୂତି ହେବ ଅନନ୍ତ, ଅସୀମ । ଯୋଗ ସମନ୍ୱୟ ଭାଷାରେ, ''The supermind acting through sense feels all as God and in God, all as the manifest touch, sight, hearing, taste, perfume, all as the felt, seen, directly experienced substance and power and energy and movement, play, penetration, vibration, form, nearness, pressure, substantial interchange of the Infinite.''

(*Synthesis of Yoga*, p. 865-866)

ଅତିମାନସ ଇନ୍ଦ୍ରିୟ କୌଣସି ବସ୍ତୁରେ ବିଚ୍ଛିନ୍ନତା ବୋଧ କରିବ ନାହିଁ; ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବିଚ୍ଛିନ୍ନତା ବୋଧ ରହିବ ନାହିଁ, ସର୍ବତ୍ର ଏକ ବ୍ରହ୍ମ ବା ଏକମ୍ ଏବାଦ୍ୱିତୀୟମ୍'' ଅନୁଭବ କରି ହେବ । ସୀମା ମଧ୍ୟରେ ଅସୀମକୁ ଆଲିଙ୍ଗନ କରି ହେବ ।

ଏ ଜଗତରେ ହେଉ ବା ଅନ୍ୟ କେଉଁ ସୂକ୍ଷ୍ମାତିସୂକ୍ଷ୍ମ ଜଗତରେ ହେଉ ଇନ୍ଦ୍ରିୟମାନେ ତହିଁରୁ ପ୍ରତ୍ୟକ୍ଷାନୁଭୂତି ପ୍ରାପ୍ତ ହେବେ । ଏଇ ପ୍ରତ୍ୟକ୍ଷାନୁଭୂତି ବସ୍ତୁର ମୂଳସତ୍ତା ଓ ତା'ର ପ୍ରାତିଭାସିକ ରୂପକୁ ଉଜ୍ଜ୍ୱଳତର ଦୃଷ୍ଟିରେ ଦେଖିପାରିବ ଓ ଅନୁଭବ କରିପାରିବ । ବ୍ୟକ୍ତି ଏଇ ଚେତନା ପ୍ରାପ୍ତ ହେଲେ ଦିବ୍ୟାନନ୍ଦମୟ ସୋମରସ ପାନର ଆନନ୍ଦ ପାଇପାରିବ ।

ଅତିମାନସ ସଂଜ୍ଞାନର କ୍ରିୟାରୁ ଶରୀରର ଇନ୍ଦ୍ରିୟମାନଙ୍କର ବିଶୁଦ୍ଧ ଓ ବିପୁଳ ପରିବର୍ତ୍ତନ ଘଟେ । ଏଣୁ ବ୍ୟକ୍ତିର ଦୃଷ୍ଟିର ପରିବର୍ତ୍ତନ ଘଟେ, ସେ ପୂର୍ବରୁ ଯାହା ଦେଖୁଥିଲା ତା' ସ୍ଥାନରେ ବହୁ ରୂପାନ୍ତରିତ ନୂତନ ଅଦ୍ଭୁତ ବସ୍ତୁ ପ୍ରତ୍ୟକ୍ଷ କରେ । କୁହାଯାଇପାରେ ଏହା ସାଧାରଣ ଦୃଷ୍ଟି ନୁହେଁ; କବି ଓ କଳାକାରର ଦୃଷ୍ଟି । ସେ କବି ମଧ୍ୟ ସାଧାରଣ କବି ବା କଳାକାର ନୁହନ୍ତି, ସ୍ୱୟଂ ସ୍ରଷ୍ଟାଙ୍କ ଚକ୍ଷୁ, ପରମ ଦେବଙ୍କ ଚକ୍ଷୁ ପ୍ରାପ୍ତ କରିଥିବା କବି ଓ କଳାକାର । କେବଳ ଏଠି ବସ୍ତୁ ପ୍ରତ୍ୟକ୍ଷତା ନଥାଏ, ବସ୍ତୁ ମଧ୍ୟରେ ନିମଗ୍ନ ସକଳ ତତ୍ତ୍ୱ, ଶକ୍ତି, ଜ୍ୟୋତିଃ ମୁକୁଳିତ ହୋଇଯାଏ । ବସ୍ତୁରେ ତା'ର ଆତ୍ମାର ଦର୍ଶନ ସମ୍ଭବ ହୁଏ ।

''Thus there comes through the physical sense to the total sense consciousness within and behind the vision a revelation of the soul of the thing seen and of the universal spirit that is expressing itself in this objective form of its own conscious being.''

(*Synthesis of Yoga,* p. 868)

ଏହାର ଅର୍ଥ ଅତିମାନସ ସଂଜ୍ଞାନର ସ୍ଥୂଳ ଶରୀରର ଇନ୍ଦ୍ରିୟମାନଙ୍କ ମଧ୍ୟରେ ଅବାଧରେ ପ୍ରବେଶ, ଅବସ୍ଥିତି ଓ କ୍ରିୟା ସୁନିଶ୍ଚିତ ହୋଇଯାଏ । ବିଜ୍ଞାନ ଓ ଆନନ୍ଦ ତତ୍ତ୍ୱ ଏବେ ଆମ ଦେହରେ ଉନ୍ମୋଚିତ ହୋଇଯାଏ । ଫଳରେ ଦେହର ମୂଳତତ୍ତ୍ୱ ହୋଇଯାଏ ରୂପାନ୍ତରିତ । ଆମ ଦେହର ସକଳ କୋଷ ହୋଇଯାଆନ୍ତି ପରମ ଜ୍ଞାନରେ ଚେତନ ଓ ତେଜୋଦୀପ୍ତ । ଏମାନେ ପ୍ରକାଶ କରନ୍ତି ଜ୍ୟୋତିର୍ମୟ ଶକ୍ତି । ଦେହ ଉପରେ କାର୍ଯ୍ୟ କରୁଥିବା ରୋଗ ଓ କ୍ଷୟକାରୀ ଶକ୍ତି, ଯାହା ତାରୁଣ୍ୟକୁ ଜରା, ଅକାଳ ବାର୍ଦ୍ଧକ୍ୟ ବା ସ୍ୱାଭାବିକ ବାର୍ଦ୍ଧକ୍ୟକୁ କାଳର ପ୍ରଭାବରେ ଡାକି ଆଣନ୍ତି ସେସବୁ ଦେହକୁ ସ୍ପର୍ଶ କରି ପାରନ୍ତି ନାହିଁ । ଅତିମାନସ ଏକ ଗତିଶୀଳ ଚେତନା । ଏହା କେଉଁଠି ଅଟକି ଯାଏ ନାହିଁ, ପରିପୂର୍ଣ୍ଣତା କେଉଁଠି ବାନ୍ଧି ହୋଇଯାଏ ନାହିଁ, ଏହା ଚେତନାର ସର୍ବୋଚ୍ଚ ଭୂମି ଦିଗରେ ସର୍ବଦା ଅଗ୍ରଗତିଶୀଳ । ବ୍ୟକ୍ତି ଏବେ ଈଶ୍ୱରଙ୍କ ଏକ ସଚେତନ, ସକ୍ରିୟ, ଶକ୍ତିମୟ ଯନ୍ତ୍ର । ତଦନୁସାରେ ମାନବର ଦେହ, ପ୍ରାଣ ଓ ମନର ହୁଏ ପରିବର୍ତ୍ତନ । ଦେହ ପ୍ରାପ୍ତ କରେ ଚତୁର୍ବିଧ ପରିପୂର୍ଣ୍ଣତା ଯଥା – ମହତ୍ତ୍ୱ, ବଳ, ଲଘୁତା ଓ ଧାରଣ ସାମର୍ଥ୍ୟ । ଏହାର ଅର୍ଥ ଦେହ ହେବ ମହାଶକ୍ତିଧାରଣଶୀଳ ବଳ ବା ମହାଶକ୍ତିଯୁକ୍ତ, ଲଘୁତା ଓ ଦ୍ରୁତ କ୍ରିୟାଶୀଳତାରେ ସାମର୍ଥ୍ୟବାନ୍, ଏହାର ଥିବ ସର୍ବଶକ୍ତି-ଧାରଣଶୀଳତା । ଦେହରେ ଆଧ୍ୟାତ୍ମିକ ଶକ୍ତିର ଆନନ୍ଦମୟ ବନ୍ୟା ଖେଳିଯିବ । ପ୍ରାଣରେ ମଧ୍ୟ ଚାରିଗୋଟି ସାମର୍ଥ୍ୟ ପ୍ରକାଶ ପାଇବ । ତାହା ହେଲା – ପୂର୍ଣ୍ଣତା, ପ୍ରସନ୍ନତା, ସମତା ଓ ଭୋଗ ସାମର୍ଥ୍ୟ । ପ୍ରାଣ ହେବ ଶକ୍ତିରେ ପରିପୂର୍ଣ୍ଣ ଯେଉଁଥିରେ ରହିବ ନାହିଁ କର୍ମ ସାଧନରେ କ୍ଳାନ୍ତି । ବୈଦିକ ଋଷିମାନେ ପ୍ରାଣଶକ୍ତିକୁ ପରିପୂର୍ଣ୍ଣ ଓ ବିଶୁଦ୍ଧ କରିବା ପାଇଁ ଅଶ୍ୱିନୀକୁମାରଙ୍କୁ ଆବାହନ କରୁଥିଲେ । ଅଶ୍ୱମେଧ ଯଜ୍ଞ ହେଲା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ମାନବୀୟ ପ୍ରାଣଶକ୍ତିର ଉତ୍ସର୍ଗ । ଏହା ଫଳରେ ଐଶ୍ୱରୀୟ ଦିବ୍ୟଶକ୍ତି ଲାଭ ସମ୍ଭବ ହେଉଥିଲା । ପରିଶୁଦ୍ଧ ଓ ପରିପୂର୍ଣ୍ଣ ପ୍ରାଣ ଦିବ୍ୟକର୍ମ ଓ ଦିବ୍ୟପ୍ରକାଶ ପାଇଁ ଅପରିହାର୍ଯ୍ୟ ।

ହୃଦୟର ପରିପୂର୍ଣ୍ଣତା ହେଲା – **ସୌମ୍ୟତ୍ୱ, ତେଜଃ, କଲ୍ୟାଣ-ଶ୍ରଦ୍ଧା, ପ୍ରେମ-ସାମର୍ଥ୍ୟ** । ସୌମ୍ୟତ୍ୱ ହେଲା ହୃଦୟର ଉଦାରତା, ବିଶାଳତା, ଶିଷ୍ଟତା, ମଧୁରତା, କାରୁଣ୍ୟ, ଶ୍ରଦ୍ଧାପୂର୍ଣ୍ଣ ହୃଦୟ । ଏପରି ହୃଦୟରେ ହସ ଫୁଟି ଉଠେ, ଥାଏ କୋମଳତା ଓ ମାଧୁର୍ଯ୍ୟ । ଏହା ମହାଲକ୍ଷ୍ମୀଙ୍କର ମନ୍ଦିର ତୁଲ୍ୟ । କିନ୍ତୁ ଏହି ହୃଦୟରେ ଆବେଗପୂର୍ଣ୍ଣତା, ଲୋଭ, କୁତ୍ସିତତା, କୁଟିଳତା, କାମ, ଆସକ୍ତି ନଥାଏ । ତେଜଃ ହେଲା ରୁଦ୍ର ଶକ୍ତି । ଏହି ଶକ୍ତି ଯାହା ମହାନ୍ ପ୍ରକାଶକୁ ସହାୟତା ଦିଏ ଓ ଅଶୁଦ୍ଧତା ତଥା ଆସୁରିକତା ଉପରେ ପ୍ରବଳ ଉଗ୍ରତା ସହ ଆକ୍ରମଣ କରିପାରେ । ଏହା ମହାକାଳୀଙ୍କ ଶକ୍ତି । **କଲ୍ୟାଣ-ଶ୍ରଦ୍ଧା** ହେଲା ବିଶ୍ୱାନନ୍ଦ ପ୍ରତି ଉନ୍ମୁଖତା । ବିଶ୍ୱର କଲ୍ୟାଣ ହେବ, ସମସ୍ତେ ଆନନ୍ଦରେ, ନୀରୋଗରେ, ସୁଖରେ ରହିବେ ଏପରି ଅଟଳ ବିଶ୍ୱାସ ଜାରି ରଖିବା । ଭଗବାନ୍ ସର୍ବଶକ୍ତିଶାଳୀ, ପରମ କଲ୍ୟାଣମୟ । ସେ ନଚାହିଁଲେ କିଛି ହୋଇପାରିବ ନାହିଁ । ଭଗବାନଙ୍କ ପ୍ରତି ଦୃଢ଼ ବିଶ୍ୱାସ ରଖିଲେ ସକଳ ଦୁଃଖ ପରିଶେଷରେ ପରମାନନ୍ଦରେ ପରିଣତ ହେବ । ଏହାହିଁ କଲ୍ୟାଣ-ଶ୍ରଦ୍ଧା ଭାବ । **ପ୍ରେମସାମର୍ଥ୍ୟ**

ହେଲା ଅସୀମ ପ୍ରେମ । ଯେପରି ସର୍ବତ୍ର ଈଶ୍ୱରଙ୍କୁ ପ୍ରେମ କରିବା ସେହିପରି ପ୍ରେମ କରିବା ବସ୍ତୁ ଓ ବ୍ୟକ୍ତି ସକଳଙ୍କୁ । ସେ ମିତ୍ର-ଶତ୍ରୁ, ସାଧୁ-ପାପୀ, ଧନୀ-ଦରିଦ୍ର, ରାଜା-ରଙ୍କ, ପଣ୍ଡିତ-ମୂର୍ଖ, ସୁନ୍ଦର-କୁତ୍ସିତ ସମସ୍ତଙ୍କୁ ସମଭାବେ ଭଲପାଇବ । କାରଣ ସର୍ବତ୍ର ତା'ର ସମଦର୍ଶନ ଅର୍ଥାତ୍ ଈଶ୍ୱର ଦର୍ଶନ ହୁଏ ବା ହୁଏ ପରମ ଆତ୍ମାର ଦର୍ଶନ ।

ବୁଦ୍ଧିର ଚାରି ପ୍ରକାର ସାମର୍ଥ୍ୟ ହେଲା – **ବିଶୁଦ୍ଧି**, **ପ୍ରକାଶ**, **ବିଚିତ୍ରବୋଧ** ଓ **ସର୍ବଜ୍ଞାନ** ସାମର୍ଥ୍ୟ । ବିଶୁଦ୍ଧି ହେଲା ପ୍ରାଣିକ କାମନାମୁକ୍ତ ଦର୍ପଣ ପରି ସ୍ୱଚ୍ଛ ଏବଂ ବିଶାଳ । ବିଚିତ୍ରବୋଧ ହେଲା ଏପରି ବୁଦ୍ଧି ଯାହା ଶୁଷ୍କ ହେବନି, ହେବ ପୁଷ୍କଳ, କୋମଳ, ସର୍ବପ୍ରକାର ସତ୍ୟଧାରଣକ୍ଷମ, ନମନୀୟ । ସର୍ବଜ୍ଞାନ ଓ ସାମର୍ଥ୍ୟ ତା'ର ଥିବାରୁ ସେ ସବୁ ସତ୍ୟର ସଂଶ୍ଳେଷଣ ଓ ସମନ୍ୱୟ କରିପାରିବ ।

ଉପରେ ବର୍ଣ୍ଣିତ ଏସବୁ ପୂର୍ଣ୍ଣତା ରୂପାନ୍ତର କ୍ଷେତ୍ରରେ ପ୍ରଥମ ସ୍ତରୀୟ ବିଷୟ । ଏହା ଆତ୍ମାର ଯନ୍ତ୍ରାବଳୀର ଦକ୍ଷତାକୁ ସୂଚାଏ । ମାତ୍ର ପୂର୍ଣ୍ଣ ରୂପାନ୍ତର ନୁହେଁ । ଅତିମାନସ ପୂର୍ଣ୍ଣତା ସମ୍ଭବ ହେବ ଯେତେବେଳେ ପରମ ପ୍ରଭୁ (Divine) ଏବଂ ତାଙ୍କ ଶକ୍ତିର ପ୍ରକାଶ ସବୁ ଯନ୍ତ୍ରକୁ ନିୟନ୍ତ୍ରିତ ଓ ପରିଚାଳିତ କରିବେ, ସବୁଠାରେ ନିଜକୁ ପ୍ରତିଷ୍ଠିତ ଓ ପ୍ରକାଶ କରିବେ । ଏହା ଅକଳ୍ପନୀୟ, ବିଶାଳ ଓ ମହୀୟାନ୍ । ସ୍ୱୟଂ ଭଗବାନଙ୍କର ଏହା ପ୍ରକାଶ । ତିନୋଟି ସ୍ତର ଦେଇ ସେ ନିଜକୁ ପ୍ରକାଶ କରିଚାଲନ୍ତି । ତାହା ହେଲା ଚୈତ୍ୟ ରୂପାନ୍ତର (ବ୍ୟଷ୍ଟିଗତ), ଆଧ୍ୟାତ୍ମିକ ରୂପାନ୍ତର (ବିଶ୍ୱଗତ) ଏବଂ ଅତିମାନସିକ ରୂପାନ୍ତର (ବିଶ୍ୱାତୀତ) । ପରିଶେଷରେ ଏତିକି କୁହାଯାଇପାରେ ରୂପାନ୍ତର ଏକ ନୈତିକ ପୂର୍ଣ୍ଣତା ନୁହେଁ, ନୁହେଁ ଏକ ମହାନ୍ ସନ୍ଥମହାତ୍ମା ହେବା କିଂବା ଏକ ତଥାକଥିତ ଯୋଗସିଦ୍ଧି ଲାଭ କରିବା ମଧ୍ୟ ନୁହେଁ । ଏହା ଏକ ସ୍ୱତନ୍ତ୍ର ଶକ୍ତି, ଅନ୍ୟ ପ୍ରକାର ଜ୍ଞାନ, ଅନ୍ୟ ପ୍ରକାର ସଂକଳ୍ପ, ଅନ୍ୟ ଏକ ଜ୍ୟୋତିର୍ମୟ, ଆବେଗମୟ ପ୍ରକୃତି, ଅନ୍ୟ ପ୍ରକାର ନାନ୍ଦନିକତା ଓ ଅନ୍ୟ ପ୍ରକାର ଶାରୀର ଚେତନା । ଶ୍ରୀଅରବିନ୍ଦଙ୍କ ଭାଷାରେ,

"... his power of knowledge, his power of will, his power of emotion and aesthesis to seek out this, to seize and comprehend all that it may be, to become it and to exist wholly in its greater consciousness, delight, being and power of highest becoming."

(*Synthesis of Yoga*, p. 783)

ଏହା ମନୁଷ୍ୟୋତ୍ତର ଦିବ୍ୟଜୀବନର ବିଷୟ, ଯଥାର୍ଥରେ ଏହି ଅତିମାନସ ଚେତନାର ଅର୍ଥ ହେଲା ଅତିମାନବତ୍ୱ ବା ଦିବ୍ୟତ୍ୱ । ଏଣୁ ରୂପାନ୍ତରିତ ମାନବ ପ୍ରକୃତି ହେବ ଏପରି ଏକ ଦିବ୍ୟମନ୍ଦିର, ଯେଉଁଥିରେ ସର୍ବୋତ୍ତମ ଦିବ୍ୟଶକ୍ତି, ଆଦ୍ୟାଶକ୍ତିଙ୍କର ଚାରିଗୋଟି ବିଭୂତି ସ୍ଥାନାଧିକାର କରିବେ । ମନରେ ମହେଶ୍ୱରୀ, ପ୍ରାଣରେ ମହାକାଳୀ, ହୃଦୟରେ ମହାଲକ୍ଷ୍ମୀ ଓ ସକଳ କ୍ରିୟାଶୀଳ ଇନ୍ଦ୍ରିୟମାନଙ୍କରେ କର୍ମଶକ୍ତି ମହାସରସ୍ୱତୀ ରହି ଯଥାକ୍ରମେ ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ, କର୍ମଦକ୍ଷତା-ଶୃଙ୍ଖଳା-ପୂର୍ଣ୍ଣତା ପ୍ରକାଶ କରିବେ । ବ୍ୟକ୍ତି ଯେପରି ପରମ ଦେବତାଙ୍କୁ ଅଧିକାର କରିବ, ସେ ମଧ୍ୟ ସେପରି ପରମ ଦେବତାଙ୍କ ଦ୍ୱାରା ଅଧିକୃତ ହେବ । ଆମେ ପଶୁଠାରୁ ଚେତନାରେ ଯେଉଁ ଉଚ୍ଚତାରେ ଅଛୁ, ଦିବ୍ୟମାନବ ବା ଅତିମାନବ ଆମଠାରୁ ସେତିକି ଅଥବା ଅଧିକ ଉଚ୍ଚତାରେ ରହିବ । ବିବର୍ତ୍ତନ ମାନସ ଚେତନାକୁ ଅତିକ୍ରମ କରି ଅତିମାନବ ବା ବିଜ୍ଞାନମୟ ପୁରୁଷ ସୃଷ୍ଟି କରିବ । ଏହା ଦିବ୍ୟ-ରୂପାନ୍ତରିତ ଏକ ମାନବଗୋଷ୍ଠୀ ବା ଦେବମାନବ ଗୋଷ୍ଠୀ ସୃଷ୍ଟି କରିବ ।

(ସମାପ୍ତ) ❑

ପ୍ରଥମ କଥା ଯାହା ଆବଶ୍ୟକ ତାହା ହେଉଛି ନିଜ ଉପରେ ସଂଯମ, ବିଶେଷ କରି ନିଜ ବାକ୍‌ଶକ୍ତି ଉପରେ । ଯଦି ଲୋକମାନେ ନୀରବ ରହିବାକୁ ଶିକ୍ଷା କରିପାରନ୍ତେ ତେବେ କେତେ ଅସୁବିଧାକୁ ଏଡ଼େଇ ଦେଇ ହୁଅନ୍ତା !

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୬୧)

### 'ଡାକ୍ତର ବାବୁ'ଙ୍କର ଆଗମନ :

ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ବାନାର୍ଜୀ, ଆଶ୍ରମ ସ୍କୁଲର ତବଲା ଶିକ୍ଷକ ତରୁଣ ବାନାର୍ଜୀଙ୍କର ଜେଜେ । ସେ ୧୮୮୦ ମାର୍ଚ୍ଚ ୧୪ରେ କଲିକତାରେ ଜନ୍ମଗ୍ରହଣ କରିଥିଲେ । ଗତ ଶତାବ୍ଦୀର କୋଡ଼ିଏ ଦଶକରେ ଏବଂ ତା'ର ପରବର୍ତ୍ତୀ କାଳରେ ଶ୍ରୀମା ଶ୍ରୀଅରବିନ୍ଦଙ୍କର ସଂସ୍ପର୍ଶରେ ଆସିଥିଲେ ଏବଂ ଆଶ୍ରମରେ 'ଡାକ୍ତର ବାବୁ' ନାମରେ ସୁପରିଚିତ ଥିଲେ । ଏହାଙ୍କର ଆଶ୍ରମକୁ ପ୍ରଥମ ଆଗମନ ସମ୍ବନ୍ଧେ ତାଙ୍କରି ବିବୃତିରୁ ଉଦ୍ଧୃତି :

''ମୁଁ ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ଜାଣିଲି ତାଙ୍କ ଲିଖିତ ମାସିକ ପତ୍ରିକା 'ଆର୍ଯ୍ୟ' ପଢ଼ି ଏବଂ ସେଇଠୁ ତାଙ୍କ ପାଖକୁ ଖଣ୍ଡେ କି ଦୁଇଖଣ୍ଡ ଚିଠି ଦେଇଥିଲି । ତା'ପରେ ୧୯୨୧ର ପ୍ରଥମ ଭାଗରେ, ଯେତେବେଳେ ବାରୀନ ଘୋଷ, ସୁଧୀର ସରକାର ଏବଂ ଅନ୍ୟମାନେ ଆଣ୍ଡାମାନରୁ ମୁକ୍ତ ହୋଇ ପଣ୍ଡିଚେରୀକୁ ଆସିଲେ ସେତେବେଳେ ପୁଣି ଥରେ ମୁଁ ବାରୀନଙ୍କ ପାଖକୁ ପତ୍ର ଲେଖିଲି । ଏଥର କିନ୍ତୁ ପଣ୍ଡିଚେରୀ ଆସିବା ଏବଂ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାର ଆଶା ଜଣାଇଥିଲି । କିନ୍ତୁ ଏପରି ନାଟକୀୟ ଭାବରେ ଶ୍ରୀଅରବିନ୍ଦଙ୍କ ପାଖରୁ ଆହ୍ୱାନ ପାଇବି ବୋଲି ମୁଁ କଳ୍ପନାରେ ସୁଦ୍ଧା ଭାବି ନଥିଲି – ଏହା ଥିଲା ୧୯୨୫ର ଜାନୁଆରୀ ମାସ; ରାତ୍ରିର ପ୍ରଥମ ପ୍ରହର ବିତି ଯାଇଥିଲା – ପ୍ରାୟ ସାଢ଼େ ଦଶଟା । ମୋର କ୍ଲିନିକରେ ପ୍ରାତ୍ୟହିକ ବିବରଣ ଲେଖା ସମାପ୍ତ । ମୋର ବିଶ୍ୱସ୍ତ କମ୍ପାଉଣ୍ଡର ଏବଂ ଡ୍ରାଇଭର ଧାମ୍ରୀ କ୍ଲିନିକରେ ଜିନିଷପତ୍ର ସବୁ ସଜାଉ ଥିଲା । ମୋତେ ବି ଟିକିଏ କ୍ଲାନ୍ତ ଲାଗୁଥିଲା । ଏମିତି ସମୟରେ ହଠାତ୍ ଖାକି ପୋଷାକ ପିନ୍ଧିଥିବା ଏକ ଡାକ ପିଅନ ଆସି ଟେଲିଗ୍ରାମଟିଏ ଦେଲା । ଲେଖା ଥିଲା –

'ମୀରା ଆଲ୍‌ଫାସା ଅତିଶୟ ପୀଡ଼ିତ, ଶୀଘ୍ର ଆସନ୍ତୁ' ।

ବାରୀନ୍ଦ୍ର କୁମାର ଘୋଷ

''ଟେଲିଗ୍ରାମଟିର ଏହି କେତୋଟି ଶବ୍ଦରେ ମୋ ମଥାରେ ଯେମିତି ବଜ୍ର ପଡ଼ିଗଲା । ବିଦ୍ୟୁତ୍ ବେଗରେ ମୋ ହୃଦ୍‌ଦେଶରେ କ'ଣ ସବୁ ହେବାକୁ ଲାଗିଲା – ଯାହାର ଅର୍ଥ ମୁଁ କିଛି ବି ବୁଝି ପାରିଲିନି ବା ବୁଝିବାର କୌଣସି ଆଗ୍ରହ ବି ନଥିଲା । ଟେଲିଗ୍ରାମଟିକୁ ପୁଣି ଓଲଟାଇ ଦେଖିଲି । ହଁ, ପଣ୍ଡିଚେରୀରୁ ଆସିଛି ।

''ତତ୍‌କ୍ଷଣାତ୍ ବାହାରିବାକୁ ସ୍ଥିର କରି ନେଲି । କେତେଗୁଡ଼ିଏ ସାଧା ଚେକ୍ ଦସ୍ତଖତ କରି ଧାମ୍ରୀ ହାତକୁ ବଢ଼ାଇ ଦେଲି, ଯଦ୍ୱାରା ସେ ତା' ଜେଜେମା'ର ଅର୍ଥାତ୍ ମୋ ଘରର ଖର୍ଚ୍ଚପତ୍ର ତୁଲାଇ ପାରିବ । ତା'ପରେ ଯାତ୍ରା ପାଇଁ ପ୍ରୟୋଜନୀୟ ଡାକ୍ତରୀ ସରଞ୍ଜାମ ନେବା ପାଇଁ ଆଟାଚିଟିକୁ ସଜାଇବାକୁ ଆରମ୍ଭ କଲି । କିନ୍ତୁ କ'ଣ ନେବି ନ ନେବି ଠିକ୍ କରିବା ଖୁବ୍ ମୁସ୍କିଲ ହେଲା, କାହିଁକି ନା ଅସୁସ୍ଥତାଟି କି ଧରଣର ସେ ସମ୍ବନ୍ଧେ ମୋର ବିନ୍ଦୁମାତ୍ର ଧାରଣା ନଥିଲା । ସେତେବେଳକାର ପ୍ରଥାନୁଯାୟୀ ମୁଁ ଏହିସବୁ ଜିନିଷ ନେବାକୁ ଠିକ୍ କଲି – ଏକ ବୋତଲ ଆଲକୋହଲ, ଏକ ବୋତଲ ଇଥର, ଏକ ବୋତଲ ଜୋଲାପ (ଖୁବ୍ ଝାଞ୍ଜୁଆ ପର୍‌ଗେଟିଭ), କିଛି ତୁଳା ଏବଂ ରକ୍ତସ୍ରାବ ବନ୍ଦ କରିବା ପାଇଁ ଯାହା କିଛି ଆବଶ୍ୟକ ଦ୍ରବ୍ୟ । ଅବଶ୍ୟ ଷ୍ଟେଥିସ୍‌କୋପଟି ସଙ୍ଗରେ ଆଣିଥିଲି ।''

ଏବେ ତରୁଣ ବାନାର୍ଜୀଙ୍କ ଉକ୍ତିରେ : ''ମୋର ମନେ ଅଛି ଥରେ ଜେଜେ ମୋତେ କହିଥିଲେ, 'ଯଦି ଯନ୍ତ୍ରପାତିର କଥା ଉଠାଅ, ତେବେ ସଇତାନ ସହିତ ଭୟାନକ ଯୁଦ୍ଧରେ ଆମ ଅସ୍ତ୍ରାଗାରରେ ଷ୍ଟେଥିସ୍‌କୋପହିଁ ଅମୋଘ ଅସ୍ତ୍ର ବୋଲି ପ୍ରମାଣିତ ହୋଇଛି ।'

''ସେତେବେଳେ ଜେଜେ ଉତ୍ତର ଭାରତର ଏକ ଛୋଟ ସହର, ମିର୍ଜାପୁରରେ ଡାକ୍ତରୀ କରୁଥିଲେ । ମିର୍ଜାପୁରରୁ ମାନ୍ଦ୍ରାଜ ଆସିବାକୁ କୌଣସି ସିଧା ଟ୍ରେନ୍ ନଥିଲା । ଖବର ନେଇ ସେ ଜାଣିଲେ ଯେ ତତ୍‌କ୍ଷଣାତ୍ କଲିକତା ଯାଉଥିବା ଏକ ଛୋଟ ଟ୍ରେନ୍ ମିର୍ଜାପୁର ରେଳ ଷ୍ଟେସନରେ ପହଞ୍ଚିବାର କଥା । ଏକ୍‌ସପ୍ରେସ୍ ଗାଡ଼ି ଏବଂ ଛୋଟ ଷ୍ଟେସନରେ ବେଶୀ କ୍ଷଣ ରହିବ ନାହିଁ । ସେ ଧାମ୍ରୀକୁ ତତ୍‌କ୍ଷଣାତ୍ ତାଙ୍କର ଏକ୍‌କା ଗାଡ଼ି ପ୍ରସ୍ତୁତ କରିବାକୁ କହିଲେ – ଏକ୍‌କା ହେଉଛି ଗୋଟିଏ ଘୋଡ଼ାରେ

ଟଣା ଯାଉଥିବା ଦୁଇଚକିଆ ଗାଡ଼ି । ତାଙ୍କ ଅନ୍ତର ସେତେବେଳେ ଏମିତି ନିସ୍ତବ୍ଧ ହୋଇଉଠିଥିଲା ଯେ ସେ ଥରଟିଏ ବି ଜେଜେମାଙ୍କ ପାଖକୁ ଯାଇ ବିଦାୟ ନେବାର କଥା ଭାବିପାରି ନଥିଲେ ବା କାଲି ରାସ୍ତାରେ କ'ଣ ଖିଆପିଆ କରିବେ ସେ ଚିନ୍ତା ବି ନଥିଲା ...

''୧୬ ଜାନୁଆରୀ ୧୯୨୫ । ଟ୍ରେନ୍‌ଟି ଯେତେବେଳେ ପଣ୍ଡିଚେରୀ ଷ୍ଟେସନରେ ଆସି ପହଞ୍ଚିଲା, ମୋର ଜେଜେ ତାଙ୍କ କମ୍ପାର୍ଟମେଣ୍ଟର ଝରକା ଦେଇ ବାହାରକୁ ଅନାଇଲେ । ସେ ଦେଖିଲେ ଯେ ମାତ୍ର ଜଣେ ବ୍ୟକ୍ତିଙ୍କ ଛଡ଼ା ସମଗ୍ର ପ୍ଲାଟ୍‌ଫର୍ମଟି ଏକେବାରେ ଜନଶୂନ୍ୟ । ବ୍ୟକ୍ତି ଜଣଙ୍କ ଥିଲେ ଶ୍ରୀଅରବିନ୍ଦଙ୍କ ଅନୁଜ, ବାରୀନ୍ଦ୍ର କୁମାର ଘୋଷ । ପ୍ରାଣବନ୍ତ ତରୁଣ, ପରିଷ୍କାର, ପରିଚ୍ଛନ୍ନ ପରିଚ୍ଛଦ, ଚିନ୍ତାକୁଳ ମୁଖମଣ୍ଡଳ, ଭାରାକ୍ରାନ୍ତ ଓ ଗମ୍ଭୀର ମେଜାଜ । ତାଙ୍କର ଅଚଞ୍ଚଳ ଗମ୍ଭୀର ମୁଖ ଦର୍ଶନ କରିବା ମାତ୍ରେ ମୋ ଜେଜେ ଦ୍ରବୀଭୂତ ହୋଇ କୁଆଡ଼େ ବିଲୀନ ହୋଇଗଲେ ଏବଂ ତାଙ୍କ ସ୍ଥାନରେ ଜଣେ ଡାକ୍ତର ଆବିର୍ଭୂତ ହେଲେ, ଜଣେ ଡାକ୍ତର ଯାହାଙ୍କ କଥା କେହି ଜାଣି ନଥିଲେ, ଯିଏକି ସେତେବେଳ ପର୍ଯ୍ୟନ୍ତ ସମ୍ମାନାର୍ହ ହୋଇ ନଥିଲେ, ତଥାପି ଜଣେ ଡାକ୍ତର ଯାହାଙ୍କ ଉପରେ ଅନ୍ୟ କେହି ନୁହେଁ ସ୍ୱୟଂ ଶ୍ରୀଅରବିନ୍ଦହିଁ ତାଙ୍କର ଅନ୍ତିମ ଭରସା ସ୍ଥାପନ କରିଥିଲେ । ଏବଂ ଏହି ଡାକ୍ତରଙ୍କର ଅଭିଜ୍ଞ ଚକ୍ଷୁ ଦୁଇଟି ସେଦିନ ସେହି ପ୍ଲାଟଫର୍ମରେ ତାଙ୍କୁ କହିଥିଲା : 'ଏଇ ହେଉଛନ୍ତି ସେହି ଦୂତ ଯିଏକି ଅସୁସ୍ଥ ବ୍ୟକ୍ତିଙ୍କର ଖବର ନେଇ ଆସିଛନ୍ତି ଯେଉଁଠି ପରିସ୍ଥିତି ଆଦୌ ଭଲ ନୁହେଁ ।' ସେ ଦୁହେଁ ପରସ୍ପର ସାକ୍ଷାତରେ କରମର୍ଦ୍ଦନ କରି ନଥିଲେ, ଉଭୟଙ୍କ ମଧ୍ୟରେ ଈଷତ୍ ହାସ୍ୟର ବିନିମୟ ମଧ୍ୟ ହୋଇ ନଥିଲା, ଏପରିକି ଅଭିନନ୍ଦନସୂଚକ ଶବ୍ଦଟିଏ ବି ଉଚ୍ଚାରଣ କରି ନଥିଲେ । ବାରୀନ୍ଦ୍ର କେବଳ ଏତିକି କହିଥିଲେ, 'ଆମେ ଯିବା ?' ଏବଂ ଉତ୍ତରରେ ଡାକ୍ତର ଗୋଟିଏ କଥାରେ କହିଥିଲେ, 'ହଁ' । ତାଙ୍କର ଯାତ୍ରା ଆରମ୍ଭ ହେଲା – ଚିକିତ୍ସା ବିଜ୍ଞାନର ଜଣେ ଅଭିଜ୍ଞ ବ୍ୟକ୍ତିଙ୍କର ମହାନ୍ ଯାତ୍ରାର ସୂତ୍ରପାତ ହେଲା ।

''ଜଣେ ବୀର ସୈନିକ ଶତ୍ରୁକୁ ଆକ୍ରମଣ କରିବା ଏବଂ ଜଣେ ଅଭିଜ୍ଞ ଡାକ୍ତର ରୋଗକୁ ଆକ୍ରମଣ କରିବା ଭିତରେ ଗୋଟିଏ ସାଧାରଣ ବସ୍ତୁ ରହିଛି – ଉଭୟେ ସେମାନଙ୍କର ଶତ୍ରୁ ବିଷୟରେ ସମସ୍ତ ପୂର୍ବ-ବିବରଣ ଜାଣିବାକୁ ଉତ୍ସୁକ ଥା'ନ୍ତି । ଏହା ସେମାନଙ୍କୁ ସେମାନଙ୍କର ସୈନ୍ୟ ପରିଚାଳନା ବା ଚିକିତ୍ସା ପରିଚାଳନା କୌଶଳକୁ ଆହୁରି ଭଲ ଭାବରେ ବ୍ୟବସ୍ଥିତ କରିବାରେ ପ୍ରଭୂତ ସାହାଯ୍ୟ କରିଥାଏ । ମୋର ଜେଜେ ଏହି ନିୟମର ବ୍ୟତିକ୍ରମ ନଥିଲେ । ସେ ଏବଂ ବାରୀନ ସେଇ ମାନ୍ଧାତା ଅମଳର ଗୋଟିଏ ତିନି ଚକିଆ ରିକ୍‌ସା ଯାହାକୁ 'ପୁଶ୍ ପୁଶ୍' କୁହାଯାଉଥିଲା, କାରଣ ସେଗୁଡ଼ିକୁ ପଛରୁ ଠେଲିବାକୁ ପଡୁଥିଲା, ଏବଂ ସ୍ୱୟଂ ଆରୋହୀ ଦ୍ୱାରା ଏକ ବାଡ଼ି ସାହାଯ୍ୟରେ ତା'ର ଗତିର ଦିଗ ନିର୍ଣ୍ଣୟ କରାଯାଉଥିଲା । ସେଥିରେ ବସିବା ମାତ୍ରେ ମୋ ଜେଜେ ଶ୍ରୀମାଙ୍କ ଅସୁସ୍ଥତା ସମ୍ବନ୍ଧେ ବାରୀନଙ୍କୁ ପଚାରିବାକୁ ଆରମ୍ଭ କରିଦେଲେ । ବାରୀନ ମୋ ଜେଜେଙ୍କୁ ଦେଇଥିବା ତାଙ୍କର ପୁଙ୍ଖାନୁପୁଙ୍ଖ ବିବରଣୀ ଏବଂ ଯାହାକୁ ପରବର୍ତ୍ତୀ କାଳରେ ମୋ ଜେଜେ ମୋ ନିକଟରେ ପୁନରାବୃତ୍ତି କରିଥିଲେ ସେସବୁକୁ ଯେତେଦୂର ସମ୍ଭବ ଯଥାଯଥ ଭାବରେ ଏଠାରେ ବର୍ଣ୍ଣନା କରିବାକୁ ମୁଁ ଚେଷ୍ଟା କରିବି :

''ବାରୀନ କହିଲେ : 'ମୀରାନାମ୍ନୀ ଏହି ଫରାସୀ ଭଦ୍ରମହିଳା ଶ୍ରୀଅରବିନ୍ଦଙ୍କୁ ପ୍ରଥମ ଥର ପାଇଁ ୧୯୧୪ରେ ଭେଟିଥିଲେ, ସେତେବେଳେ ମୁଁ ଏଠାରେ ନଥିଲି । ତା'ପରେ ୧୯୨୦ରେ ସେ ପୁଣି ଫେରି ଆସିଲେ ଏବଂ ଏଠାରେ ରହିଗଲେ ଏବଂ ଆମେ ସମସ୍ତେ ଏଠାରେ ସାଧନା କରୁଛୁ । ଯାହାହେଉ, ସମ୍ପ୍ରତି ସେ ଅସୁସ୍ଥ ହୋଇପଡ଼ିଛନ୍ତି । ତାଙ୍କ ସ୍ୱଭାବରେ ଏକ ବିଶେଷତ୍ୱ ହେଉଛି ଯେ ଗୁପ୍ତବିଦ୍ୟାର ଅସାଧାରଣ ଶକ୍ତିବିଭୂଷିତା ହୋଇ ମଧ୍ୟ ସେ ଅନ୍ୟ ସମସ୍ତଙ୍କୁ ପୂରାମାତ୍ରାରେ ସାହାଯ୍ୟ କରିବେ କିନ୍ତୁ ନିଜ ଶରୀର ପାଇଁ କିଛି ବି କରିବେ ନାହିଁ । ବେଶ୍ କିଛି ଦିନ ଧରି ତାଙ୍କର ଜ୍ୱର ହେଲାଣି । ବଢ଼ି ବଢ଼ି ଏହା ୧୦୬ ଡିଗ୍ରୀରେ ପହଞ୍ଚିଛି, ଏପରିକି ତାଙ୍କ ମଥାରେ ବରଫ-ଥଳି ରଖାଯିବା ପରେ ମଧ୍ୟ ଏହା କମୁ ନାହିଁ । ତାଙ୍କ ଛାତିରେ ନିଦାରୁଣ ଯନ୍ତ୍ରଣା ହେଉଛି ଏବଂ ମଥାରେ ହାତୁଡ଼ି ପିଟିବା ଭଳି ସ୍ପନ୍ଦନ ଅନୁଭୂତ ହେଉଛି । ବେଶ୍ କିଛି ଦିନ ଧରି ସେ କିଛି ଖାଉ ନାହାନ୍ତି । ଯଥାସମ୍ଭବ ଆମେ ଚେଷ୍ଟା କରିଛୁ । ଆମେ ସ୍ଥାନୀୟ ଦେଶୀ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇଲୁ । ଜଣେ ଫରାସୀ ଡାକ୍ତରଙ୍କୁ ମଧ୍ୟ ଦେଖାଇଲୁ । କିନ୍ତୁ ସବୁ ବୃଥା । ଜ୍ୱର ଆଦୌ କମିଲା ନାହିଁ । ଶେଷରେ ଶ୍ରୀଅରବିନ୍ଦ ମାଡ୍ରାସର ସବୁଠାରୁ ବଡ଼, ସୁବିଖ୍ୟାତ ଡାକ୍ତରଙ୍କୁ ଡକାଇ ପଠାଇବାକୁ ଆମକୁ କହିଲେ । ସ୍ୱଚ୍ଛଳତାର ଅଭାବ ସତ୍ତ୍ୱେ ଆମେ ତାଙ୍କୁ ଆଣିଲୁ ଏବଂ ଆମେ ଯେ କେବଳ ତାଙ୍କରି ପରିଦର୍ଶନ ଖର୍ଚ୍ଚ ବହନ କଲୁ, ତା' ନୁହେଁ, ତାଙ୍କର ଯିବା ଆସିବାର କାର୍ ଭଡ଼ା

ମଧ୍ୟ ବହନ କଲୁ । ସେହି ସୁବିଖ୍ୟାତ ଡାକ୍ତର ରୋଗର ଉପସର୍ଗ ଦେଖି ରୋଗ ନିର୍ଣ୍ଣୟ କରି କହିଲେ ଯେ ଏହା 'ହୃଦ୍‌ଯନ୍ତ୍ରର ଏକ ଗୁରୁତର ଅବସ୍ଥା ଏବଂ ତୁରନ୍ତ ହାସ୍‌ପାତାଳରେ ଭର୍ତ୍ତି କରିବାକୁ ପରାମର୍ଶ ଦେଲେ । ଶ୍ରୀଅରବିନ୍ଦ ତାଙ୍କର ସମସ୍ତ ଯୋଗଶକ୍ତି ମା'ଙ୍କ ଉପରେ ପ୍ରୟୋଗ କରି ଚାଲିଛନ୍ତି, କିନ୍ତୁ ଆପାତ ଦୃଷ୍ଟିରେ କୌଣସି ଫଳାଫଳ ଦେଖା ଯାଉ ନାହିଁ । ଅମଙ୍ଗଳ ଆଶଙ୍କାରେ ସମଗ୍ର ବାତାବରଣ ଗୁରୁଗମ୍ଭୀର ହୋଇଉଠିଛି ଏବଂ ବର୍ତ୍ତମାନ ଭଳି ମୁଁ ମୋର ଭାଇଙ୍କୁ ଏପରି ମିଜାଜରେ କେବେ ବି ଦେଖି ନାହିଁ । ସେ ଲୋକମାନଙ୍କୁ ଦେଖାସାକ୍ଷାତ୍ କରିବା ବନ୍ଦ କରି ଦେଇଛନ୍ତି ଏବଂ ଆମମାନଙ୍କ ସହିତ ବି କଥାବାର୍ତ୍ତା ପ୍ରାୟ ବନ୍ଦ । ଅଧିକାଂଶ ସମୟରେ ଆମେ ତାଙ୍କୁ ବାରଣ୍ଡାରେ ଏପାଖ ସେପାଖ ପଦଚାରଣ କରୁଥିବାର ଦେଖୁ । କ'ଣ ଯେ ହେବ ଜାଣେ ନାହିଁ ।'

''ଏତିକିରେ ବାରୀନଙ୍କର ବର୍ଣ୍ଣନା ସମାପ୍ତ ହେଲା । ଏହାପରେ ବାକ୍ୟହୀନ ନୀରବତାରେ ମୋର ଜେଜେ ଚିନ୍ତାଗ୍ରସ୍ତ ହୋଇଗଲେ ।

''ସାଧାରଣତଃ, ଯେକୌଣସି ଜ୍ୱରରେ ବରଫ-ଥଳି ପ୍ରୟୋଗ କରିବାର ଅଳ୍ପ କେତେ ଘଣ୍ଟା ଭିତରେ ଜ୍ୱର ୧୦୬ ଡିଗ୍ରୀରୁ ତଳକୁ ଖସିଆସେ । ଏ କ୍ଷେତ୍ରରେ ଏପରି ନ ଘଟିବାଟା ଏକ ଆଶ୍ଚର୍ଯ୍ୟ କଥା ଥିଲା । ଜେଜେ ଏଥିରୁ ଅନୁମାନ କଲେ ଯେ ଏହା ସମ୍ଭବତଃ ମସ୍ତିଷ୍କ-ଝିଲ୍ଲୀର ପ୍ରଦାହ (Meningitis), କିନ୍ତୁ ଅପ୍ରମାଣିତ ତାଙ୍କର ଏହି ବ୍ୟକ୍ତିଗତ ଅନୁମାନକୁ ଗୋପନ ରଖି ସେ କିଛି ବି କହିଲେ ନାହିଁ । ଯାହାହେଉ, ଆଉ ଗୋଟିଏ କଥା ତାଙ୍କୁ କ୍ରମାଗତଭାବେ ଦ୍ୱନ୍ଦ୍ୱରେ ପକାଇଲା – ଶ୍ରୀଅରବିନ୍ଦଙ୍କର ତ ମହାନ୍ ଅଲୌକିକ ଶକ୍ତି ରହିଛି । ତା'ହେଲେ ସେ ତାଙ୍କର ଯୋଗଶକ୍ତି ପ୍ରଭାବରେ ତାଙ୍କୁ ଆରୋଗ୍ୟ କରିବାକୁ ସକ୍ଷମ ହେଉ ନାହାନ୍ତି କାହିଁକି ? 'କେଉଁଠି ଭୁଲ୍ ରହିଛି ? କେଉଁଠି ଏପରି ଭୁଲ୍ ରହିଯାଉଛି ?', ଜେଜେଙ୍କର ମନରେ ଏହି ପ୍ରଶ୍ନ ସଦାଜାଗ୍ରତ୍ ରହିଲା ।

''ମା'ଙ୍କ ଅସୁସ୍ଥତାର ଧରଣ ସମ୍ବନ୍ଧେ ତାଙ୍କର ଯେତେସବୁ ବ୍ୟକ୍ତିଗତ ଅନୁମାନ, ଶ୍ରୀଅରବିନ୍ଦଙ୍କ ଶକ୍ତିରାଜିର ଅସଫଳତା ସମ୍ବନ୍ଧେ ତାଙ୍କର ସନ୍ଦେହଜନକ ଭାବ, ରୋଗର ଭୟଙ୍କରତା ସମ୍ବନ୍ଧେ ତାଙ୍କର ଉଦ୍‌ବିଗ୍ନ ଭାବ – ସବୁ ମିଶିକରି ତାଙ୍କ ଉପରେ ଏମିତି ଅଜାଡ଼ି ହୋଇ ପଡ଼ିଥିଲା ଯେ 'ପୁଶ୍ ପୁଶ୍'ଟି ଆଶ୍ରମ ଗେଟ୍‌ରେ ପହଞ୍ଚିଲା ବେଳକୁ ମୋର ଜେଜେ ଏକାଗ୍ରତାର ଏକ ମୂର୍ତ୍ତ ବିଗ୍ରହ ପାଲଟି ଯାଇଥିଲେ ।

''ଆଶ୍ରମର ପ୍ରବେଶ ଦ୍ୱାରରେ ବର୍ତ୍ତମାନ ସଦୃଶ ସେତେବେଳେ ତମାଳ (ନୀରବତା) ପୁଷ୍ପର ଲତାଗୁଳ୍ମଟି ମଥା ଉପରେ ମଞ୍ଚାରେ ଲଟେଇ ନଥିଲା ବା ମା'ଙ୍କର ସିମ୍ବଲ ଫାଟକ ଉପରେ ସ୍ଥାନ ପାଇ ନଥିଲା । ଆମେ ବର୍ତ୍ତମାନ ଯେଉଁ ଗେଟ୍‌ଟି ଦେଖୁଛୁ, ସେତେବେଳେ ଏପରି ନଥିଲା, ଏକ ଛୋଟ ଦରଜା ଥିଲା । ତେଣୁ ପ୍ରଥମ ମହଲାର ବାରଣ୍ଡାରେ ଛିଡ଼ା ହୋଇ ଦେଖିଲେ ତଳ ରାସ୍ତା ପର୍ଯ୍ୟନ୍ତ ସମସ୍ତ କିଛି ପରିଷ୍କାର ଦେଖା ଯାଉଥିଲା । ମୋର ଧାରଣା ଯେ ଡାକ୍ତର ଜଣଙ୍କ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିପଥାରୂଢ଼ ହେବା ମାତ୍ରେ ସେ ସେହି ବାରଣ୍ଡାରେ ଛିଡ଼ା ହୋଇ ତାଙ୍କୁ ଖୁବ୍ ଭଲ ଭାବରେ ଲକ୍ଷ୍ୟ କରୁଥିଲେ ଏବଂ ତାଙ୍କର କେତେଦୂର କ୍ଷମତା ରହିଛି ତା'ର ପରିମାପ କରୁଥିଲେ ଏବଂ ମୋର ବିଶ୍ୱାସ, ସେଇ ସମାନ ମୁହୂର୍ତ୍ତରେ, ତାଙ୍କ ଉପରେ ନିଜର ଅସୀମ ଦିବ୍ୟକୃପା ବର୍ଷଣ କରୁଥିଲେ ଏବଂ ତାଙ୍କ ଭିତରେ ଥିବା ଅସ୍ଫୁଟ ସମ୍ବୋଧି ବା ସ୍ୱତଃସ୍ଫୂର୍ତ୍ତ ଅନ୍ତର୍ଜ୍ଞାନର ଅପ୍ରତିହତ ଭ୍ରାନ୍ତିହୀନ ଶକ୍ତିର ପ୍ରସ୍ଫୁଟନ ଘଟାଉଥିଲେ ଯାହାକି ଠିକ୍ କେତୋଟି ମୁହୂର୍ତ୍ତ ପରେ ମା'ଙ୍କ ଅସୁସ୍ଥତାର ଅକାଟ୍ୟ ନିଦାନ ନିର୍ଦ୍ଧାରଣ କରିପାରିବ ।

''ମୁଁ ମୋ ଜେଜେଙ୍କୁ ଥରେ ପଚାରିଥିଲି : 'ଆଶ୍ରମ ଭିତରକୁ ପ୍ରବେଶ କରିବା ମାତ୍ରେ ତୁମେ କିପରି ଅନୁଭବ କଲ ?' ସେ ଗମ୍ଭୀର ହୋଇ ଉତ୍ତର ଦେଇଥିଲେ : 'ବାତାବରଣ ଅତିଶୟ ସଂଶୟ ଓ ଆଶଙ୍କାରେ ଆଚ୍ଛନ୍ନ ଥିଲା । ପ୍ରକୃତରେ କହିବାକୁ ଗଲେ ଏହି ବାତାବରଣ ଏତେ ତୀବ୍ର ଥିଲା ଯେ ଆଶ୍ରମ ଭିତରକୁ ପ୍ରବେଶ କରିବା ମାତ୍ରେ ଏହା ମୋତେ ଶାରୀରିକ ଭାବରେ ଧକ୍‌କା ଦେଲା । ଏହା ପୂର୍ବରୁ ଅନେକ ରୋଗୀଙ୍କ ଘରକୁ ଯାଇଛି, କିନ୍ତୁ ସଂଶୟ ଓ ଆଶଙ୍କାର ଏମିତି ତୀବ୍ର ଚାପ କେବେହେଲେ ଅନୁଭବ କରି ନଥିଲି ।'

''ଗେଟ୍‌ର ଠିକ୍ ଭିତରେ, ତଳ ମହଲାର ବାରଣ୍ଡାରେ, ବର୍ତ୍ତମାନ ଯେମିତି କେତୋଟି ଚେୟାର ଏବଂ ବେଞ୍ଚ ରଖା ଯାଇଛି ଠିକ୍ ସେମିତି ଚେୟାର ଓ ବେଞ୍ଚ ଥିଲା । ସେଥିରେ ନଳିନୀକାନ୍ତ ଗୁପ୍ତ, ଏ.ବି.ପୁରାଣୀ ଏବଂ ଅନ୍ୟ ଜଣେ, ଦୁଇ ଜଣ ବସିଥିଲେ । ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଜେଜେଙ୍କ ସହିତ କଥାବାର୍ତ୍ତା କଲେ ନାହିଁ, କେହି ହସିଲେ ନାହିଁ, କେହି ଜଣେ ହେଲେ ବି ତାଙ୍କୁ ସମ୍ଭାଷଣ କଲେ ନାହିଁ । ମୋର ଜେଜେ ଅବଶ୍ୟ ଏହା ପ୍ରତ୍ୟାଶା କରି ନଥିଲେ ବା ଏହାକୁ ଗ୍ରାହ୍ୟ କରି ନଥିଲେ । ସେତେବେଳେ ସେ ଏକ ଗୁରୁତର

ଦାୟିତ୍ୱବୋଧରେ ଏତେ ଗଭୀର ଭାବରେ ଆଚ୍ଛନ୍ନ ଓ ଆତ୍ମସ୍ଥ ହୋଇ ଯାଇଥିଲେ ଯେ ଏହିସବୁ ସାମାଜିକ ଶିଷ୍ଟାଚାର ନେଇ ଆଦୌ ମଥା ଖେଳାଉ ନଥିଲେ । ବାରୀନ ତାଙ୍କୁ ଚେୟାର ପାଖକୁ ନେଇଗଲେ ଏବଂ ତାଙ୍କ ବାମ ପାଖରେ ଥିବା ଶିଡ଼ି ପାହାଚ ଆଡ଼କୁ ନୀରବରେ ହାତ ବଢ଼ାଇଦେଲେ – ସେହି ସମାନ ପାହାଚ ଯେଉଁଥିରେ ଚଢ଼ି ଆମେ ପ୍ରତ୍ୟେକ ବର୍ଷ ଜାନୁଆରୀ ପହିଲାରେ ନବବର୍ଷ କ୍ୟାଲେଣ୍ଡର ଆଣିବାକୁ ଉପରକୁ ଯାଉ । ବାରୀନଙ୍କର ଇଙ୍ଗିତରେ ମୋର ଜେଜେ ସ୍ପଷ୍ଟ ବୁଝି ନେଲେ ଯେ ବାରୀନଙ୍କର ବା ଅନ୍ୟ କୌଣସି ବ୍ୟକ୍ତିଙ୍କର ଉପରକୁ ଯିବା ଅନୁମତି ବନ୍ଦ । ଡାକ୍ତର ବାବୁ ଜାଣି ପାରିଲେ ଯେ ଏଇଠୁ ସେ ଏକା । କିନ୍ତୁ ପ୍ରକୃତରେ ସେ କ'ଣ ଏକା ଥିଲେ ? ମୋର ସନ୍ଦେହ ହୁଏ ।

''ମୁଁ ଜେଜେଙ୍କୁ କେବେହେଲେ ସ୍ନାୟବିକ ଦୁର୍ବଳତା ପ୍ରକାଶ କରିବାର ବା ହତବୁଦ୍ଧି ହେବାର ଦେଖି ନାହିଁ । ତେଣୁ ମୁଁ ଦୃଢ଼ ନିଶ୍ଚିତ ଯେ ଶିଡ଼ିରେ ପାହାଚ ପରେ ପାହାଚ ଉପରକୁ ଉଠିବା ସମୟରେ ତାଙ୍କର ମାନସିକ ସ୍ଥୈର୍ଯ୍ୟ ଅତୁଟ ଥିବ । କିନ୍ତୁ ପ୍ରତ୍ୟେକଟି ପଦକ୍ଷେପରେ ସେ ଜାଣୁଥିଲେ ଏବଂ ନିଜକୁ କହୁଥିଲେ ଯେ ଏହି ଦିନଟିରେ ତାଙ୍କର ଡାକ୍ତରୀ ଜୀବନର କଠିନତମ 'ପରୀକ୍ଷା'ର ସମ୍ମୁଖୀନ ହେଉଛନ୍ତି, ଏହି ଗୋଟିଏ ଦିନ ଯେଉଁ ଦିନ କି ତାଙ୍କର ସମସ୍ତ ଜ୍ଞାନ ଓ ଅଭିଜ୍ଞତାର ଚରମ ପରୀକ୍ଷା ହେବ । ତାଙ୍କର ଆଟାଚିକୁ ବାମ ହାତରେ ଧରି ଏବଂ ଡାହାଣ ହାତରେ ରେଲିଂରେ ଭରାଦେଇ ଉପରକୁ ଉଠୁ ଉଠୁ ସେ ଅଚଞ୍ଚଳ ଦୃଷ୍ଟିରେ ଚାହିଁ ରହିଥିଲେ । ଯୋଗୀ ଶ୍ରୀଅରବିନ୍ଦ କେମିତି ଦେଖିବାକୁ ହୋଇଥିବେ, ତାଙ୍କ ସହିତ ସାକ୍ଷାତ୍‌ରେ କେମିତି କଥାବାର୍ତ୍ତା କରିବେ, ପୀଡ଼ିତା ମୀରା ମଧ୍ୟ କେମିତି ବ୍ୟବହାର କରିବେ – ଏସବୁ ସମ୍ବନ୍ଧେ ପୂରା ଅଜ୍ଞ ଥିବାରୁ ତାଙ୍କର ଭିତରଟା ମୁହୂର୍ତ୍ତକ ସକାଶେ ସ୍ତବ୍ଧ ହୋଇଗଲା ! ଯେତେ ଯେତେ ଉପରକୁ ଉଠୁଥିଲେ ଚତୁଃପାର୍ଶ୍ୱରେ ବାତାବରଣ ସେତେ ସେତେ ଶାନ୍ତ ହୋଇ ଉଠୁଥିଲା, ସେତେ ସେତେ ଇନ୍ଦ୍ରିୟବୋଧ ହୋଇ ଉଠୁଥିଲା । ତା'ପରେ ହଠାତ୍, ଶିଡ଼ିର ପ୍ରଥମ ମୋଡ଼ର ଠିକ୍ ପରେ ସେ ଦେଖିଲେ ଯେ ଶିଡ଼ିର ଶେଷରେ, ବାରଣ୍ଡାରେ ଶ୍ରୀଅରବିନ୍ଦ ଛିଡ଼ାହୋଇ ତାଙ୍କ ଆଡ଼କୁ ନୀରବରେ ଅନାଇ ରହିଛନ୍ତି । କେବଳ ଥରଟିଏ ଦୃଷ୍ଟିପାତ, ଏବଂ ଏହି ବିନମ୍ର ଡାକ୍ତର ଜଣକ ତାଙ୍କ ହୃଦୟର ଗଭୀର ଅନ୍ତରରୁ ଜାଣିପାରିଲେ ଯେ ସେ ତାଙ୍କର 'ପରୀକ୍ଷା'ରେ ଉତ୍ତୀର୍ଣ୍ଣ ହୋଇ ଯାଇଛନ୍ତି – ଏଇଠୁ, ଏହା ଏକ ସହଜ ସାଧାରଣ ବିଜୟ । ସେ ଜାଣିପାରିଲେ ଯେ ରୋଗୀ ଆରୋଗ୍ୟ ହୋଇ ଯାଇଛନ୍ତି ଏବଂ ଏହା ବି ଜାଣିପାରିଲେ ଯେ ସେ କେବଳ ନିମିତ୍ତ ମାତ୍ର । ପରମ ଚିକିତ୍ସକ ହେଉଛନ୍ତି ସେହି ଏକମ୍ ଅଦ୍ୱିତୀୟମ୍ ଯେ ତାଙ୍କ ସମ୍ମୁଖରେ ହିମାଦ୍ରି ଶକ୍ତି ଓ ମହିମମୟ ସାମ୍ୟ ଭାବର ବିଶାଳ ମୂର୍ତ୍ତି ଧରି ଦଣ୍ଡାୟମାନ ହୋଇଛନ୍ତି । ଡାକ୍ତର ବାବୁ ତାଙ୍କ ପାଦପଦ୍ମରେ ପ୍ରଣତି ଜଣାଇଲେ । ଶ୍ରୀଅରବିନ୍ଦ ତାଙ୍କର ଶିରସ୍ପର୍ଶ କରି ତାଙ୍କୁ ଆଶୀର୍ବାଦ ଦେଲେ ।

''ଯେତେବେଳେ ସେ ଉଠି ଛିଡ଼ା ହେଲେ, ସେ ଦେଖିଲେ ଯେ ଶ୍ରୀଅରବିନ୍ଦ ତାଙ୍କର ଦୃଷ୍ଟି ଫେରାଇ ବର୍ତ୍ତମାନ ଯେଉଁଠି ବାଳିକାମାନଙ୍କର ବୋର୍ଡ଼ିଂ ହୋଇଛି, ସେଇ ଆଡ଼କୁ ଅନାଇ ରହିଛନ୍ତି । ମୋର ଜେଜେଙ୍କୁ ତାଙ୍କର ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବାକୁ ଦେବା ସକାଶେ ଶ୍ରୀଅରବିନ୍ଦ କିଛି କ୍ଷଣ ଲାଗି ନୀରବ ରହି ତା'ପରେ କହିଲେ :

'ମାଡ୍ରାସରୁ ଆସିଥିବା ଡାକ୍ତରଙ୍କ ଦ୍ୱାରା ଯେଉଁ ନିଦାନ ମୋତେ ଦିଆ ହୋଇଛି, ସେଥିରେ ମୋର ସନ୍ଦେହ ରହିଛି । ମୁଁ ଏକ ଯଥାର୍ଥ ନିଦାନ ଚାହେଁ ।'

''ଇତିମଧ୍ୟରେ ଜଣେ ଇଂରେଜ ଭଦ୍ରମହିଳା, ମିସ୍ ଡରୋଥି ହଜ୍‌ସନ୍ (Miss Dorothy Hodgson), ବୋଧହୁଏ ଆଶ୍ରମକୁ ଆସି ଚିରଦିନ ପାଇଁ ରହିଯାଇଥିବା ପ୍ରଥମ ଇଉରୋପୀୟ ବ୍ୟକ୍ତି, ବାରଣ୍ଡାର ପଶ୍ଚାତ୍‌ରେ ଘରର ଦ୍ୱାର ଦେଶରେ ଆସି ଦଣ୍ଡାୟମାନ ହୋଇଥିଲେ । ଶ୍ରୀମା ତାଙ୍କର ନାମ ଦେଇଥିଲେ 'ଦତ୍ତା' ଏବଂ ତାଙ୍କୁ ନିଜର ବ୍ୟକ୍ତିଗତ କାମରେ ସାହାଯ୍ୟ କରିବାର ଭାର ଦେଇଥିଲେ । ଦତ୍ତା ମୋ ଜେଜେଙ୍କୁ ମା'ଙ୍କ ପ୍ରକୋଷ୍ଠକୁ ନେଇଗଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ବାସ୍ତବିକ ସେହି ବ୍ୟକ୍ତି ହେଉଛି ସୁଖୀ ଯିଏ ଭଗବାନଙ୍କୁ ଭଲପାଏ, କାରଣ ଭଗବାନ୍ ତା' ସହିତ ସର୍ବଦା ରହିଥା'ନ୍ତି ।

– ଶ୍ରୀମା

**ନୂତନ ବିକ୍ରମ-ବେତାଳ କାହାଣୀ :**

# ବର୍ଣ୍ଣ ନିରୂପଣ

ଘୋର ଅନ୍ଧକାର ରାତି । ତୁହାକୁ ତୁହା ବର୍ଷା ଓ ବତାସ ସାଙ୍ଗକୁ ଘଡ଼ଘଡ଼ି ଯୋଗୁଁ ବନପ୍ରାନ୍ତର ସତେ ଯେମିତି ଥରି ଉଠୁଥାଏ । ବିଜୁଳି ଆଲୁଅରେ ଝଟକି ଉଠୁଥାଏ ଶ୍ମଶାନଯାକ ବିକ୍ଷିପ୍ତ ମଣିଷ କଳେବର ସମୂହର ଭସ୍ମାବଶେଷ । ବୁଦାମାଳ ଭିତରୁ ଶୁଭୁଥାଏ ଶ୍ୱାନଶ୍ୱାପଦଙ୍କ ସମେତ କୌଣସି ଅଜ୍ଞାତ ପ୍ରାଣୀର ରଡ଼ି ।

କିନ୍ତୁ ରାଜା ବିକ୍ରମ ଏଭଳି ଅସ୍ୱସ୍ତିକର ଅବସ୍ଥା ପ୍ରତି ତିଳେ ମଧ୍ୟ ଭ୍ରୁକ୍ଷେପ ନକରି ସେ ବିଶାଳ ବଟବୃକ୍ଷ ଆରୋହଣ ପୂର୍ବକ ମୃତଦେହଟିକୁ ଉତାରି ଆଣିଲେ । ତେବେ ତାକୁ କାନ୍ଧରେ ପକାଇ ବାଟ ଚାଲିବାକୁ ଆରମ୍ଭ କରିବା ମାତ୍ରେ ସେ ଦେହାଶ୍ରିତ ବେତାଳ କହିଲା, ''ରାଜା ! ଘଟଣାଟିଏ ବିବୃତ କରୁଛି; ମନ ଦେଇ ଶୁଣ । ତଦ୍ୱାରା ଶ୍ରମଭାର ଲାଘବ ହେବ ।''

ତା'ପରେ ବେତାଳ ଗପିଲା :

ଗୋଟିଏ ଅରଣ୍ୟ ପ୍ରାନ୍ତରେ ଛୋଟିଆ କୁଡ଼ିଆଟିଏ । ତହିଁର ବାସିନ୍ଦା ଜଣେ ନାରୀ ଓ ତା' ପୁଅ । ସବୁଦିନ ସେ ନାରୀ ବଣ ଭିତରୁ ଫଳମୂଳ ଓ ଶୁଖିଲା କାଠ ସଂଗ୍ରହ କରି ନିକଟବର୍ତ୍ତୀ ଜନପଦରେ କେତେକ ପରିବାରକୁ ସେସବୁ ଦେଇ ତା' ବଦଳରେ ଖାଦ୍ୟଦ୍ରବ୍ୟ ଆଣେ । ମାଆପୁଅ କଷ୍ଟେମଷ୍ଟେ ଚଳନ୍ତି ।

ପୁଅର ବୟସ ଦଶ କି ଏଗାର ବର୍ଷ । ବଣ ପାଖ ଦେଇ ସୁନ୍ଦର ନଈଟିଏ ବହମାନ ଥାଏ । ପ୍ରଭାତରେ ପିଲାଟି ଯାଇ ସେଥିରେ ସ୍ନାନ କଲାବେଳେ ଦେଖେ, ନଈର ବିପରୀତ କୂଳରେ ସ୍ନାନରତ ବାର ଜଣ ସରିକି ପିଲା । ସେମାନେ ତାହାରି ବୟସର ବା ତାହାଠୁଁ ଅଳ୍ପ ବଡ଼ । ସେମାନଙ୍କ ସାଥିରେ ଥା'ନ୍ତି ଜଣେ ବୟସ୍କ ଅଭିଭାବକ । ସେମାନେ ସ୍ନାନ କଲାବେଳେ ସେ ଅଭିଭାବକଙ୍କ ନିର୍ଦ୍ଦେଶରେ ଉଦୟ ସୂର୍ଯ୍ୟଙ୍କୁ କର ଯୋଡ଼ି ନମସ୍କାର କରନ୍ତି ଓ ସୁଲଳିତ କଣ୍ଠରେ କିଛି ଶ୍ଳୋକ ଆବୃତ୍ତି କରନ୍ତି । ସେମାନଙ୍କ ଆଚରଣ ପିଲାଟିକୁ ମୁଗ୍ଧ କରେ । ବଣକୁ ଆସୁଥିବା କାଠୁରିଆମାନଙ୍କଠାରୁ ସେ ଶୁଣୁଥାଏ, ସେ ଅଭିଭାବକ ଜଣକ ଜଣେ ଋଷି । ନାମ ତାଙ୍କର ଗୌତମ । ସେ ବାଳକମାନେ ତାଙ୍କ ଶିଷ୍ୟ । ସେମାନେ ସେହି ଗୁରୁଙ୍କ କୁଟିର ଚାରିପାଖେ କେତୋଟି କୁଟିରରେ ରହନ୍ତି ଓ ଭିନ୍ନ ଭିନ୍ନ ବିଷୟରେ ଶିକ୍ଷା ଲାଭ କରନ୍ତି । ସେ ପ୍ରତିଷ୍ଠାନକୁ କୁହାଯାଏ ଗୁରୁକୁଳ ।

ଦିନେ ପିଲାଟି ତା' ମାଆକୁ କହିଲା, ''ମା, ମୁଁ କାହିଁକି ସେ ଗୁରୁଙ୍କ ଶିଷ୍ୟ ନ ହେବି ? କାହିଁକି ବିଦ୍ୟାର୍ଜନ ନ କରିବି ?''

ମା କହିଲା, ''ବାପା ! ଗୁରୁ ସିନା ତୋତେ ଗ୍ରହଣ କଲେ ? ତୁ ଯାଇ ତାଙ୍କୁ ପଚାରିପାରୁ !''

ପରଦିନ ସନ୍ତରଣ କରି ପିଲାଟି ଯାଇ ପହଞ୍ଚିଲା ଗୌତମଙ୍କ ଗୁରୁକୁଳରେ । ଋଷିଙ୍କୁ ପ୍ରଣାମ କରି ସେ ତାଙ୍କର ଶିଷ୍ୟ ହେବା ନିମନ୍ତେ ଅନୁମତି ପ୍ରାର୍ଥନା କଲା । ସେ ଜଣାଇଲା ଯେ ମାଆ ଛଡ଼ା ସେ ତା'ର ପରିବାରର ଅନ୍ୟ କାହାକୁ ଜାଣେନା ।

ଗୁରୁ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ତାକୁ ଅନାଇ ପ୍ରଶ୍ନ କଲେ, ''ତୁମ ବର୍ଣ୍ଣ ଏବଂ ଗୋତ୍ର କ'ଣ ?''

ପିଲାଟି ଆବାକାବା ହୋଇ କହିଲା, ''ମୁଁ ତ ଜାଣେନା !''

''ବେଶ୍ । ତୁମ ମାଆଙ୍କୁ ପଚାରି ଆସ ।'' ଋଷି ପରାମର୍ଶ ଦେଲେ ।

ପିଲାଟି ଆସି ମାଆକୁ ଋଷି ଗୌତମଙ୍କ ଜିଜ୍ଞାସା ବିଷୟ ଜଣାନ୍ତେ ମାଆ କହିଲା, ''ବାବୁ ! ମୁଁ ଶୈଶବରେ ମୋ ମାଆବାପାଙ୍କୁ ହରାଇ ଜଣେ ଗରିବ ଲୋକ ଦ୍ୱାରା ଲାଳିତ-ପାଳିତ ହେଉଥାଏଁ । ନା ମୁଁ ମୋ ମାଆବାପାଙ୍କର ନା ସେ ପାଳକ ପିତାଙ୍କର ବର୍ଣ୍ଣ, ଗୋତ୍ର ଜାଣିଛି ! ତାଙ୍କ ମୃତ୍ୟୁ ପରେ ମୋର ବଂଶ ପରିଚୟ ବୋଲି କିଛି ନାହିଁ ।''

ପରଦିନ ପିଲାଟି ଯାଇ ଋଷିଙ୍କୁ ତାଙ୍କ ପ୍ରଶ୍ନର ଉତ୍ତର ଦେବା ଦିଗରେ ତା' ମାଆର ଅକ୍ଷମତା କଥା ଓ ତା'ର କାରଣ ଜଣାଇଲା । ଋଷି ପିଲାଟିକୁ କହିଲେ, ''ଆଚ୍ଛା ବାପା, ତୁମେ ଖାଲି ତୁମ ପିତାଙ୍କ ବଂଶପଦବୀ ସମେତ ପୂରା ନାମଟି ଜାଣି ଆସ ।''

ପିଲାଟି ଆସି ତା' ମା'କୁ ପ୍ରଶ୍ନଟି କରନ୍ତେ ମାଆ ଦୀର୍ଘନିଃଶ୍ୱାସ ଛାଡ଼ି କହିଲା, ''ପୁଅ ! ମୁଁ ତୋ' ଜନ୍ମ ପୂର୍ବରୁ କେତେ ଗୃହସ୍ଥଙ୍କ ଘରେ କାମ କରୁଥିଲି । ମୋର ଜଣେ ଖାଉନ୍ଦ ତାଙ୍କର ଜଣେ ଭୃତ୍ୟ ସହିତ ମୋର ବିବାହ କରାଇ ଦେଇଥିଲେ । ସେ ତୋର ପିତା । କିନ୍ତୁ ଅକସ୍ମାତ୍ ଏକ ବ୍ୟାପକ ବସନ୍ତ ରୋଗରେ ସେ ପରିବାରର ସଭିଏଁ ତଥା ତୋ ପିତାର ମୃତ୍ୟୁ

ହେଲା । ତାଙ୍କ ଡାକ ନାମଟି ଛଡ଼ା ତାଙ୍କ ପ୍ରକୃତ ନାମ ଜାଣିବାର ସୁଯୋଗ ମୁଁ ପାଇ ନାହିଁ ।''

ପରଦିନ ପିଲାଟି ଯାଇ ଋଷି ଗୌତମଙ୍କୁ ଏକଥା କହିବା ମାତ୍ରେ ଋଷି ତା' ମୁଣ୍ଡରେ ହାତ ରଖି ଆଶୀର୍ବାଦ କଲେ ଓ କହିଲେ, ''ବର୍ତ୍ତମାନ ତ ସ୍ପଷ୍ଟ ହୋଇଗଲା ଯେ ତୁମେ ବ୍ରାହ୍ମଣ । ତୁମ ଜନନୀଙ୍କ ଅନୁମତି ଥିଲେ ତୁମେ ଆଗାମୀ କାଲିଠାରୁ ଗୁରୁକୁଳରେ ରହି ଅଧ୍ୟୟନ ଆରମ୍ଭ କରିପାର !''

ଉତ୍‌ଫୁଲ୍ଲ ବାଳକ ଋଷିଙ୍କୁ ପ୍ରଣାମ କରି କୃତଜ୍ଞତା ଜଣାଇଲା ଏବଂ ତାଙ୍କ ନିର୍ଦ୍ଦେଶ ଅନୁସାରେ ପରଦିନ ଆସି ଗୁରୁକୁଳରେ ଯୋଗ ଦେଲା ।

ଆଖ୍ୟାନଟି ଏହିଠାରେ ଶେଷକରି ବେତାଳ ତୀବ୍ର କଣ୍ଠରେ ପ୍ରଶ୍ନ କଲା, ''ରାଜା ବିକ୍ରମ ! ଋଷିଙ୍କ ସିଦ୍ଧାନ୍ତ ଅଯୌକ୍ତିକ ବା ପ୍ରହେଳିକାମୟ ନୁହେଁ କି ? ପିଲାଟି ପାଖରୁ ସାମାନ୍ୟତମ ତଥ୍ୟ ବା ସୂଚନା ନପାଇବା ସତ୍ତ୍ୱେ ସେ କିପରି ଜାଣିଲେ ଯେ ସେ ବ୍ରାହ୍ମଣ ? ପ୍ରଥମରୁହିଁ ସେ ପିଲାଟିକୁ ଦେଖି ପ୍ରସନ୍ନ ହୋଇଥିଲେ, ଏକଥା ସ୍ପଷ୍ଟ । ଯଦି ସେ ପିଲାଟିକୁ ତାଙ୍କ ଶିଷ୍ୟ ହେବାର ଉପଯୁକ୍ତ ବୋଲି ମନେ କରୁଥିଲେ, ତେବେ ତା' ବର୍ଣ୍ଣ, ବଂଶ ଏସବୁର ସନ୍ଧାନର ଆବଶ୍ୟକତା କ'ଣ ଥିଲା ? ରାଜା ! ପାରିଲେ ମୋ ପ୍ରଶ୍ନର ଉତ୍ତର ଦିଅ । କିନ୍ତୁ ଉତ୍ତର ଜାଣିଥିବା ସତ୍ତ୍ୱେ ଯଦି ନୀରବ ରହିବ, ତେବେ ତୁମ ଶିର ହେବ ସ୍କନ୍ଧଚ୍ୟୁତ ।''

ମୁହୂର୍ତ୍ତେ ମଧ୍ୟ ବିଳମ୍ବ ନକରି ରାଜା ବିକ୍ରମ କହିଲେ, ''ଏକଦା ଋଷିମାନେ ମଣିଷମାନଙ୍କୁ ଚାରି ବର୍ଣ୍ଣରେ ବିଭକ୍ତ କରିଥିଲେ ସେମାନଙ୍କ ସ୍ୱଭାବ ଅନୁସାରେ । କେହି କେହି କୃଷି କର୍ମ ଅଥବା ଚାକିରିବାକିରି କରି ସନ୍ତୁଷ୍ଟ ରହିବାକୁ ଚାହାନ୍ତି; ସେମାନେ ଶୂଦ୍ର ! କିଏ ବା ବେପାର ବଣିଜ କରିବାରେ ଆଗ୍ରହୀ, ସିଏ ବୈଶ୍ୟ; କିଏ ବା ଯୋଦ୍ଧା ବା ସୈନିକ ରୂପେ ନିଜ ରାଜ୍ୟର ପ୍ରତିରକ୍ଷା ସେବା କରିବାକୁ ଚାହେଁ, ସେ କ୍ଷତ୍ରିୟ । କେହି କେହି ଅଧ୍ୟୟନ, ପ୍ରାର୍ଥନା, ଧ୍ୟାନ ଓ ପୂଜାପାଠ ନିମନ୍ତେ ପ୍ରେରଣା ଅନୁଭବ କରନ୍ତି; ସେମାନେ ବ୍ରାହ୍ମଣ । କିନ୍ତୁ ପ୍ରତ୍ୟେକେ ସମଗ୍ର ସମାଜର ଅପରିହାର୍ଯ୍ୟ ଅଂଶ ଏବଂ ପ୍ରତ୍ୟେକ ବର୍ଣ୍ଣର ବ୍ୟକ୍ତିଙ୍କୁ ସାମୂହିକ ହିତ ନିମନ୍ତେ କର୍ମ କରିବାକୁ ପଡ଼ୁଥିଲା । ବ୍ରାହ୍ମଣମାନେ ସମାଜରେ ଧାର୍ମିକ ଶୃଙ୍ଖଳା ରକ୍ଷା ନିମନ୍ତେ ଦାୟିତ୍ୱ ନେଇଥିଲେ । ଅର୍ଥାତ୍ ସେମାନେ ସର୍ବଦା ସତ୍ୟପଥରେ ରହିବା ଚାହି । ଯେଉଁ ବାଳକ ପ୍ରସଙ୍ଗ ତୁମେ ବର୍ଣ୍ଣନା କଲ, ତାଙ୍କ ଗୁରୁପ୍ରଦତ୍ତ ନାମ ହେଲା ସତ୍ୟକାମ । ଗୁରୁ ତାଙ୍କୁ ଏ ନାମ ଦେବାର କାରଣ, ତାଙ୍କ ମାଆ ଓ ସେ ନିଜେ ଇଚ୍ଛା କରିଥିଲେ ସତ୍ୟ ଗୋପନ କରି ଗୁରୁଙ୍କୁ ସନ୍ତୁଷ୍ଟ କରିବା ସକାଶେ କିଛି କହି ପାରିଥା'ନ୍ତେ । କିନ୍ତୁ ସେମାନେ ତାହା କରିନଥିଲେ । ବ୍ରାହ୍ମଣ ସର୍ବଦା ସତ୍ୟନିଷ୍ଠ ରହିବ ବୋଲି ଆଶା କରାଯାଏ । ଅତଏବ ଯିଏ ସତ୍ୟନିଷ୍ଠ, ସେ ବ୍ରାହ୍ମଣ । ଗୁରୁ ସେହି ଆଦର୍ଶ ଅନୁସାରେ ତାଙ୍କ ବର୍ଣ୍ଣ ନିରୂପଣ କରି ଦେଲେ ।

''ଗୁରୁ ପିଲାଟିର ବର୍ଣ୍ଣ ଓ ପିତୃନାମ ପଚାରିବାର କାରଣ ପିଲାଟିର ପରିବେଶ କ'ଣ ଥିଲା, ତା' ଉପରେ ତା' ବଂଶ ପରମ୍ପରାର ପ୍ରଭାବ କେତେ ଦୂର ପଡ଼ିଛି, ତାହା ଠଉରାଇ ତା'ପରେ ପିଲାଟିର ନିଜର ଆଗ୍ରହ ନିରୂପଣ କରି ସେହି ଅନୁସାରେ ତା'କୁ ଶିକ୍ଷାଦାନ କରିବାର ବ୍ୟବସ୍ଥା କରିବା । ଗୁରୁକୁଳରେ ଭିନ୍ନ ଭିନ୍ନ ବିଦ୍ୟାର୍ଥୀଙ୍କୁ ଭିନ୍ନ ଭିନ୍ନ ବିଷୟ ଶିକ୍ଷା ଦେବାର ଯୋଗ୍ୟତା ଗୁରୁ ତଥା ତାଙ୍କ ସହକାରୀମାନଙ୍କର ଥିଲା ।

''ବର୍ଣ୍ଣ ବା ଜାତି ବିଭାଗରେ ଉଚ୍ଚନୀଚ ଭେଦଭାବ ନଥିଲା । ବ୍ୟବସ୍ଥାଟି ଥିଲା ନମନୀୟ । ଯିଏ ସୈନ୍ୟବାହିନୀରେ ଯୋଗ ଦେଉଥିଲା, ସେ କ୍ଷତ୍ରିୟ ବୋଲାଉ ଥିଲା; ଯିଏ ବ୍ୟବସାୟ ଆଦରି ନେଉଥିଲା, ସେ ବୈଶ୍ୟ ବୋଲାଉ ଥିଲା ଇତ୍ୟାଦି । କ୍ରମେ ତାହା ଜନ୍ମଗତ ହୋଇଗଲା ।

''କିନ୍ତୁ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ ଯେଉଁ ଆଧ୍ୟାତ୍ମିକତା, ତାହା ଯେକୌଣସି ବର୍ଣ୍ଣର ଲୋକ ଅନୁସରଣ କରି ପାରୁଥିଲା । ସେ ପଥରେ ଯେଉଁମାନଙ୍କର ବିପୁଳ ପ୍ରଗତି ହେଉଥିଲା, ସେମାନେ ଋଷିଭାବରେ ଗଣ୍ୟ ହେଉଥିଲେ । ବେଦ, ଉପନିଷଦ୍, ମହାପୁରାଣ ଅଥବା ରାମାୟଣ ଓ ମହାଭାରତ ଇତ୍ୟାଦିରେ ବର୍ଣ୍ଣିତ ଋଷିମାନଙ୍କ ଭିତରୁ କ୍ୱଚିତ୍ କେହି ବ୍ରାହ୍ମଣ ଥିଲେ । ଅଧିକାଂଶ ଥିଲେ ଅନ୍ୟାନ୍ୟ ତିନି ବର୍ଣ୍ଣର ସନ୍ତାନ । ସେମାନଙ୍କ ସିଦ୍ଧାନ୍ତ ଓ ନିର୍ଦ୍ଦେଶ ରାଜାମାନେ ମଧ୍ୟ ଶିରୋଧାର୍ଯ୍ୟ କରୁଥିଲେ ।

''ସତ୍ୟକାମଙ୍କ ମାତାଙ୍କ ନାମ ଥିଲା ଜାବାଳି । ସତ୍ୟକାମ ସେହି ନାମକୁ ପଦବୀରୂପେ ସମ୍ମାନ ଦେଲେ ଓ ସତ୍ୟକାମ ଜାବାଳ ନାମରେ ଖ୍ୟାତ ହେଲେ ।''

ରାଜାଙ୍କ ଉତ୍ତର ପ୍ରଦାନ ସମାପ୍ତ ହେବା ମାତ୍ରେ ଶବ ସହ ବେତାଳ ତାଙ୍କ କାନ୍ଧରୁ ଖସିଯାଇ ପୁନର୍ବାର ସେ ବଟବୃକ୍ଷ ଡାଳରେ ଝୁଲିପଡ଼ିଲା ।

(ଉତ୍ସ : ଉପନିଷଦ୍;
ନବ ବିନ୍ୟାସ : ଦେବପ୍ରିୟ) ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୬)


## ମହେନ୍ଦ୍ର ନାଥ ସ୍ୱାଇଁ


### ଦିବ୍ୟପ୍ରେମର ପ୍ରତ୍ୟୁତ୍ତର :

ଅଗଷ୍ଟ ୧୩, ୧୯୧୪ ପ୍ରାର୍ଥନାରେ ଶ୍ରୀମା ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ, ବାହୁ ଯୁଗଳ ଊର୍ଦ୍ଧ୍ୱକୁ ଉତ୍ତୋଳିତ, ହସ୍ତର ପାପୁଲି ଉନ୍ମୁକ୍ତ, ହୃଦୟରେ ଦୃଢ଼ ଅଭୀପ୍ସା, ଶ୍ରୀମା କହୁଛନ୍ତି –

"O sweet Master, it is a Love more wonderful and formidable than any manifested so far which the earth needs; it is for this Love that it yearns.... Who will be capable and worthy of being its intermediary to it? Who? That matters little; but it must be done. O Lord, answer my call, accept the offering of my being despite its little worth and its limitations: Come."

''ହେ ମୋର ମଧୁମୟ ପ୍ରଭୁ ! ପୃଥିବୀ ଆବଶ୍ୟକ କରୁଥିବା ଏପର୍ଯ୍ୟନ୍ତ ପ୍ରକାଶିତ ଦ୍ରବ୍ୟମାନଙ୍କ ମଧ୍ୟରେ ''ପ୍ରେମ''ହିଁ ଅଧିକ ଚମତ୍କାର ଏବଂ କଷ୍ଟକର; ''ପ୍ରେମ'' ନିମନ୍ତେ ପୃଥିବୀ ସର୍ବଦା ଲାଳାୟିତ... । ଏହା ମଧ୍ୟରେ ଆଉ କିଏ ବା ତା'ର ସମକକ୍ଷ ଓ ଉପଯୁକ୍ତ ହୋଇପାରିବ ? କିଏ ହେବ ? ଏହା ଏକ ଛୋଟ କଥା ହେଲେ ବି ଏହାକୁ ନିଶ୍ଚିତ ଭାବରେ କରିବାକୁ ହେବ । ହେ ପ୍ରଭୁ ! ମୋ ଆହ୍ୱାନର ଉତ୍ତର ଦିଅନ୍ତୁ । ମୋ ସତ୍ତାର ସକଳ ପ୍ରକାର ସୀମିତତା ଏବଂ ସାମାନ୍ୟ କ୍ଷମତା ସତ୍ତ୍ୱେ ବି ଆପଣ ତା'ର ନୈବେଦ୍ୟ ଗ୍ରହଣ କରନ୍ତୁ..., ଆସନ୍ତୁ... ।'' "Answer" (ଉତ୍ତର ଦିଅନ୍ତୁ) ଏବଂ "Accept" (ଗ୍ରହଣ କରନ୍ତୁ) ।

ଏହି ଦୁଇଟି ନିବେଦନ ସୂଚକ ଶବ୍ଦର ଚରମ ପରାକାଷ୍ଠା ପ୍ରଦର୍ଶିତ ହୋଇଛି ପ୍ରାର୍ଥନାଟିର ଶେଷ ଧାଡ଼ିରେ "Come" ଶବ୍ଦଟି ସହିତ – "Listen to our Prayer; answer our call : Come !" ଆମର ପ୍ରାର୍ଥନା ଶୁଣିବା ହୁଅନ୍ତୁ; ଆମ ଆହ୍ୱାନର ଉତ୍ତର ଦିଅନ୍ତୁ : ଆସନ୍ତୁ ! ଏହିପରି ପ୍ରାର୍ଥନାଟିକୁ ଶ୍ରୀମା ସାର୍ବଜନୀନ କରିଦେଇଛନ୍ତି । "My Prayer" ପରିବର୍ତ୍ତେ "Our prayer" "My call" ସ୍ଥାନରେ "Our call" ଉଲ୍ଲେଖ କରି ସମଗ୍ର ମାନବଜାତିକୁ ପଛରେ ଠିଆ କରାଇ, ସ୍ୱୟଂ ସମ୍ମୁଖରେ ଠିଆ ହୋଇ, ଉପରକୁ ହସ୍ତ ପ୍ରସାରଣ ପୂର୍ବକ ପ୍ରଭୁଙ୍କୁ ସମସ୍ତଙ୍କ ପାଇଁ ଆହ୍ୱାନ ଦେଉଛନ୍ତି, ଓହ୍ଲାଇ ଆସିବା ପାଇଁ ନିବେଦନ କରୁଛନ୍ତି, ପ୍ରାର୍ଥନା କରୁଛନ୍ତି ।

ଉକ୍ତ ପ୍ରାର୍ଥନାଟିରେ ଦୁଇଟି ବିଭାଗ ରହିଛି । ପ୍ରଥମଟି ହେଲା ନୈର୍ବ୍ୟକ୍ତିକ (Passive) ଏବଂ ଦ୍ୱିତୀୟଟି ହେଲା ସମସ୍ତ ମାନବସମାଜ ପାଇଁ ଆହ୍ୱାନ ସୂଚକ (directive) । ଏହି ବିଭାଗ ଦ୍ୱୟ ଦ୍ୱିତୀୟ ଓ ତୃତୀୟ ଅନୁଚ୍ଛେଦରେ ଯଥାକ୍ରମେ ପ୍ରଦର୍ଶିତ ହୋଇଅଛି । ତୃତୀୟ ଅନୁଚ୍ଛେଦରେ ମା କହୁଛନ୍ତି –

"More, always more; may the regenerating streams roll over the earth in beneficent waves. Transfigure and illumine. Work this supreme miracle so long awaited, and break all ignorant egoisms; awaken Thy sublime flame in every heart. Do not let us become benumbed in a tranquil serenity. We ought not to take any rest before Thy new and sovereign Love is manifested."

''ଅଧିକରୁ ଅଧିକ, ସବୁବେଳେ ଅଧିକ ସୃଷ୍ଟିକାରିଣୀ ନିର୍ଝର ଓ ମଙ୍ଗଳ ପ୍ରଦାନକାରୀ ତରଙ୍ଗର ରୂପ ଧାରଣ କରି ପୃଥିବୀପୃଷ୍ଠରେ ପ୍ରବାହିତ ହୋଇଯାଉ । ସମସ୍ତଙ୍କର ରୂପ ବଦଳାଇ ଦେଉ, ଆଲୋକିତ କରି ଦେଉ । ଯେଉଁ ସର୍ବୋତ୍ତମ ଚମତ୍କାରିତାକୁ ଏପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲୁ ତାକୁ କ୍ରିୟାଶୀଳ କରିବା ହୁଅନ୍ତୁ, ଏବଂ ସକଳ ପ୍ରକାରର ଅଜ୍ଞାନ ରୂପକ ଅହଂକାରକୁ ଭାଙ୍ଗି ଦିଅନ୍ତୁ, ଚୁର୍ମାର କରି ଦିଅନ୍ତୁ; ପ୍ରତ୍ୟେକଙ୍କ ହୃଦୟରେ ଆପଣଙ୍କର ପ୍ରେରଣା ପ୍ରଦାନକାରୀ ଅଗ୍ନିଶିଖା ଉଦ୍ଦୀପିତ କରି ଦିଅନ୍ତୁ, ସ୍ଥିର ନିଶ୍ଚଳ ପ୍ରଶାନ୍ତି ମଧ୍ୟରେ ଆମମାନଙ୍କୁ ନିମଜ୍ଜିତ କରି ସ୍ତବ୍ଧ କରି ଦିଅନ୍ତୁ ନାହିଁ । ଆପଣଙ୍କର

ନିତ୍ୟ ନୂତନ ସାର୍ବଭୌମ ଦିବ୍ୟପ୍ରେମ ପ୍ରକାଶିତ ହେଲା ପର୍ଯ୍ୟନ୍ତ ଆମେମାନେ ନିଶ୍ଚିତ ଭାବରେ କୌଣସି ପ୍ରକାର ବିଶ୍ରାମ ନେବୁ ନାହିଁ ।''

ମା ତାଙ୍କର ଆହ୍ୱାନ ଜାରି ରଖିଛନ୍ତି । ନିରବରେ ମା ନୈର୍ବ୍ୟକ୍ତିକ ପ୍ରାର୍ଥନାକୁ ଛାଡ଼ି ଆହ୍ୱାନ ସୂଚକ କ୍ରିୟା ଶବ୍ଦଗୁଡ଼ିକୁ ତାଙ୍କ ବକ୍ତବ୍ୟରେ ବ୍ୟବହାର କରିଛନ୍ତି । ସେଗୁଡ଼ିକ ହେଲେ : "Transfigure", "Illumine", "Work", "Break" and "Awaken" । ଶେଷରେ ସର୍ବୋଚ୍ଚ ଶିଖର ପାଇଁ ଯେଉଁ ଶବ୍ଦଟି ବ୍ୟବହାର କରିଛନ୍ତି ତାହା ଅନୁରୋଧ ନୁହେଁ କିଂବା ଆବେଦନ (appeal) ବି ନୁହେଁ । ତାହା ହେଉଛି "Come" ଆସିବା ହୁଅନ୍ତୁ । ତାହାହିଁ ହେଉଛି ଆତ୍ମାର ଜ୍ୟୋତିର୍ମୟ ଭାବପ୍ରବଣତା (Fiery passion) । ଯେଉଁ ଭାବପ୍ରବଣତା ଦିବ୍ୟପ୍ରେମର ମହାନ୍ ତରଙ୍ଗମାନଙ୍କୁ ଏକାନ୍ତ ଭାବରେ ପ୍ରାପ୍ତ ହେବା ପାଇଁ ଆଶା ପୋଷଣ କରିଥାଏ, ଯାହା ଆଗାମୀ ଦିନରେ ଆସିବାର ଅଛି ବା ଆସୁଛି । ଏହା ଏକ ବ୍ୟକ୍ତି-ଆତ୍ମାର ଦିବ୍ୟପ୍ରେମର ପ୍ରତ୍ୟୁତ୍ତର ପ୍ରଦାନକାରୀ ପ୍ରତିଧ୍ୱନି ରୂପରେ ଆସୁଛି, ଏବଂ ଏହି ଧରିତ୍ରୀର ଏକ ଅପ୍ରତ୍ୟାଶିତ ଦିବ୍ୟପ୍ରେମର ଆବଶ୍ୟକତା ରହିଛି ବୋଲି ସିଏ ଜାଣିପାରିଛି । ପୁନଶ୍ଚ ଏଠାରେ ଏକ ମଧ୍ୟବର୍ତ୍ତୀକାଳୀନ ସତ୍ତାର ସୂଚନା ପ୍ରଦାନ କରାଯାଇଛି, ଯେଉଁ ସତ୍ତା ଏତାଦୃଶ ଦିବ୍ୟପ୍ରେମକୁ ଦର୍ପଣ ସଦୃଶ ପ୍ରତିଫଳିତ କରିପାରିବ, କିନ୍ତୁ କିଏ ଏହାକୁ ଧରିବାକୁ ସମର୍ଥ ହେବ ଓ ପ୍ରତିଫଳିତ କରାଇ ପାରିବ ?

ମା ତାଙ୍କ ପ୍ରଶ୍ନଟିର ଉତ୍ତର ସ୍ୱୟଂ ପ୍ରଦାନ କରିଛନ୍ତି : "That matters little......" ସେଥିରେ କିଛି ଯାଏ ଆସେ ନାହିଁ... । ମଧ୍ୟବର୍ତ୍ତୀକାଳୀନ ସମୟ ଆସୁ କି ନଆସୁ ସେଥିରେ କିଛି ଯାଏ ଆସେ ନାହିଁ । ମା ପ୍ରତ୍ୟେକ ବ୍ୟକ୍ତିର ସାମର୍ଥ୍ୟକୁ ବିଚାରକୁ ନେଇଛନ୍ତି, ଯେଉଁ ସାମର୍ଥ୍ୟ ଭଗବାନଙ୍କର କରୁଣା ଓ ଅନୁକମ୍ପାରୁ ପ୍ରାପ୍ତ ହେବ । ମା'ଙ୍କର ଏହି ଉକ୍ତି – "despite its little worth and its limitations." ''ଏହାର କ୍ଷୁଦ୍ର ସାମର୍ଥ୍ୟ ଏବଂ ସୀମିତତା ସତ୍ତ୍ୱେ... ।'' ପ୍ରଭୁଙ୍କ ଅନୁକମ୍ପା ଆମର ଅସାମର୍ଥ୍ୟକୁ ପ୍ରଭୂତ ଶକ୍ତିରେ ବଦଳାଇ ଦେବ ଯେପରି ''ମୂକଂ କରୋତି ବାଚାଳମ୍... ପଙ୍ଗୁ ଲଙ୍ଘୟତେ ଗିରି... ।'' ''ପ୍ରେମ'' ହେଉଛି ଏକ ବିଶାଳ ଶକ୍ତିଶାଳୀ ଚାପ ପ୍ରଦାନକାରୀ ଶକ୍ତି, ଏହାକୁ ସମ୍ପୂର୍ଣ୍ଣ ଠିକ୍ ଭାବରେ ଗ୍ରହଣ କରିବା, ଅଭିନନ୍ଦନ ଜଣାଇବା ସହଜ କଥା ନୁହେଁ । ମା ସେହି ଅନୁକମ୍ପାକୁ ଆହ୍ୱାନ କରୁଛନ୍ତି ଯାହା ଦିବ୍ୟପ୍ରେମକୁ ଗ୍ରହଣ କରିବା ପାଇଁ ତାଙ୍କୁ ଏକ ପ୍ରକୃତ ଗ୍ରହଣଶୀଳ ଯନ୍ତ୍ର ଭାବରେ ଗଢ଼ି ତୋଳିବ ।

''ଧ୍ୟାନ ଓ ପ୍ରାର୍ଥନା''ର ପ୍ରବକ୍ତା ସ୍ୱୟଂ ଦିବ୍ୟଜନନୀ ଶ୍ରୀମା ଦିବ୍ୟପ୍ରେମର ଅଗ୍ନିଶିଖାର ଆଗମନକୁ ପୂର୍ବରୁ ଜାଣି ପାରିଛନ୍ତି । ସେ ଜାଣିଛନ୍ତି ଏହି ଶିଖା ଏହି ପୃଥିବୀପୃଷ୍ଠରେ ଏକ ପ୍ରଗତିଶୀଳ ପ୍ରକାଶ ରୂପରେ ଦେଖା ଦେବ । ସମସ୍ତ ପ୍ରକାର ଅଜ୍ଞାନ ରୂପକ ଅହଂକାରକୁ(all ignorant egoisms) ପୋଛିଦେବ, ଦୂର କରିଦେବ । ସେଥିପାଇଁ ଶ୍ରୀମା'ଙ୍କର ଶକ୍ତିଶାଳୀ ଇଚ୍ଛାଶକ୍ତି ଏହି ପ୍ରେମାଗ୍ନି ଶିଖାର ଆଗମନୀକୁ କ୍ଷିପ୍ରତର କରାଇଛି । ଏହି ପରିପ୍ରେକ୍ଷୀରେ ସମଗ୍ର ପ୍ରାର୍ଥନାଟିରେ ଦୁଇଥର ଉଚ୍ଚାରିତ "Come" ଶବ୍ଦଟି ଆତ୍ମାର ଏକ ଜ୍ୟୋତିର୍ମୟ ଭାବପ୍ରବଣତାକୁ ଶବ୍ଦରୂପ ପ୍ରଦାନ କରୁଛି ।

ଆମେମାନେ ଅଧିକାଂଶ ଅସ୍କାର ୱାଇଲଡ୍‌ଙ୍କ କ୍ଷୁଦ୍ର ଗଳ୍ପ ''ସ୍ୱାର୍ଥପର ରାକ୍ଷସ'' "The Selfish Giant" କଥା ଜାଣିଛେ । ସେହି ରାକ୍ଷସର ଗୋଟିଏ ବଗିଚା ଥିଲା । ସେହି ବଗିଚା ଚାରି ପଟରେ ଉଚ୍ଚ ପ୍ରାଚୀର ନିର୍ମାଣ କରି ତା' ଭିତରେ ସେ ରହୁଥିଲା । ପିଲାମାନଙ୍କୁ ବଗିଚା ଭିତରକୁ ଖେଳିବା ପାଇଁ ଛାଡୁ ନଥିଲା । ଫଳରେ ତା'ର ବଗିଚା କ୍ରମଶଃ ମୂଲ୍ୟହୀନ ଓ ରସଶୂନ୍ୟ ହୋଇ ଯାଇଥିଲା । ଥରେ ତାକୁ ଗୋଟିଏ ଚମତ୍କାର ସୁଯୋଗ ମିଳିଲା ଯାହା ତା' ପାଇଁ ଥିଲା ଭଗବାନଙ୍କର ଏକ କୃପା । ତା' ବଗିଚା ପ୍ରାଚୀର କାନ୍ଥ ଦେହରେ ପିଲାମାନେ ଗଳି ଆସିଲା ଭଳି ଗର୍ତ୍ତଟିଏ ଥିଲା । ସେହି ବାଟ ଦେଇ ପିଲାମାନେ ବଗିଚା ଭିତରକୁ ପଶି ଆସୁଥିଲେ, ଦୌଡ଼ାଦୌଡ଼ି କରୁଥିଲେ, ଖେଳକୁଦରେ ମାତୁଥିଲେ । ପିଲାମାନଙ୍କ କୋଳାହଳରେ ବଗିଚାର ଗଛଲତାମାନେ ପୁନର୍ଜୀବନ ଲାଭ କଲେ, ପତ୍ରମାନେ ସବୁଜ ହୋଇଗଲେ, ବୃକ୍ଷମାନେ ଫୁଲଫଳରେ ଭର୍ତ୍ତି ହୋଇଗଲେ, ଉଦ୍ୟାନକୁ ପକ୍ଷୀମାନେ ଫେରି ଆସିଲେ; ସେମାନଙ୍କର ସୁମଧୁର କାକଳିରେ ବଗିଚା ପ୍ରକମ୍ପିତ ହେଲା । କବର ସ୍ଥାନରେ ପରିଣତ ହୋଇଯାଇଥିବା ବାଟିକାଟି ପୁନଶ୍ଚ ନବଜୀବନ ପ୍ରାପ୍ତ ହେଲା । ଫଳତଃ ସ୍ୱାର୍ଥପର ରାକ୍ଷସର ହୃଦୟସ୍ଥ ସାକ୍ଷୀ ପୁରୁଷ ହଠାତ୍ ଉନ୍ମୋଚିତ ହୋଇଗଲେ । ତାଙ୍କ ଉପରେ ପଡ଼ିଥିବା ପରଦା ଉଠିଗଲା । ପ୍ରକୃତିର ପରିବେଶରେ ହଠାତ୍ ପରିବର୍ତ୍ତନ ପରିଲକ୍ଷିତ ହେଲା । ରାକ୍ଷସର ଭିତର ଏବଂ ବାହାର ବଦଳିଗଲା । ପୁରାତନ ରାକ୍ଷସର ବ୍ୟକ୍ତିତ୍ୱର ମୃତ୍ୟୁ ଘଟିଲା ଏବଂ ନୂତନ ରାକ୍ଷସର ନବଜନ୍ମ ହେଲା । ପୂର୍ବରୁ ସେ

କେବଳ ମାତ୍ର କ୍ଷୁଦ୍ର ରାକ୍ଷସଟିଏ ଥିଲା, କିନ୍ତୁ ଇତ୍ୟବସରେ ତା'ର ପରିବର୍ତ୍ତନ ଘଟିଛି । ତାକୁ ଭୟ କରି ବଗିଚା ଭିତରେ ଇତସ୍ତତଃ ଦୌଡ଼ି ଖଣ୍ଡିଆ ଖାବରା ହୋଇଥିବା ଛୋଟ ଛୋଟ ପିଲାମାନଙ୍କ ସମ୍ମୁଖରେ ବର୍ତ୍ତମାନ ସେ ଦଣ୍ଡାୟମାନ । ତା' ଭିତରେ ଥିବା ରାକ୍ଷସପଣିଆ କ୍ରମଶଃ ତରଳି ଯାଉଛି । ''ପ୍ରେମ''ର ଏକ ବିଶାଳ ଶକ୍ତିଶାଳୀ ଚାପ ତା'ର ରାକ୍ଷସ ପ୍ରକୃତିକୁ ମାରି ଦେଇଛି । ପୁନର୍ବାର ଭବିଷ୍ୟତ୍ କୋଳରେ ନୂତନ ଜନ୍ମ ନେବା ପାଇଁ ତାକୁ ସୁଯୋଗ ମିଳିଛି । ରାକ୍ଷସର ନୂତନ ଶରୀର ଉପରେ ପୁଷ୍ପ ବୃଷ୍ଟି ହେଉଛି । ଏହାହିଁ ଏକ ଚମତ୍କାର ନବଜନ୍ମର ସୂଚନା । ମନୁଷ୍ୟ ଭିତରେ ଭଗବାନଙ୍କର ଅଭିବୃଦ୍ଧି ।

''ଅହଂକାରର ଏହି ମୂଳୋତ୍ପାଟନ'' ଶ୍ରୀମା'ଙ୍କର ଧ୍ୟାନ ଓ ପ୍ରାର୍ଥନାର କେନ୍ଦ୍ରୀୟ ସତ୍ୟ, ମୃତ୍ୟୁର ଭିତିରି କଥା, ତତ୍ ସଙ୍ଗେ ସଙ୍ଗେ ପ୍ରେମର ରହସ୍ୟ ମଧ୍ୟ । ଏହାହିଁ ହୃଦୟସ୍ପର୍ଶୀ ଏକମୁଖୀ ପ୍ରେମ; ଆମ ଶରୀରର ପ୍ରତି କୋଷ ଏବଂ ପ୍ରତି ରକ୍ତବିନ୍ଦୁ ଏକମାତ୍ର ପରମପ୍ରଭୁଙ୍କ ପାଦପଦ୍ମରେ ନିବେଦିତ କରି ଦେବାକୁ ହେବ । ପ୍ରଭୁ ଆମର ଅତି ନିକଟରେ ଅଦୃଶ୍ୟ ଭାବରେ ଦଣ୍ଡାୟମାନ, ଯିଏ ଆମର ''ପ୍ରେମ''କୁ ସବୁଜ ସୁନ୍ଦର କରି ଗଢ଼ି ତୋଳୁଛନ୍ତି, ତାକୁ ଧାରଣ କରୁଛନ୍ତି । ଏହାରି ଅର୍ଥ ହେଉଛି ଏକ ସାମଗ୍ରିକ ଆତ୍ମ-ନିବେଦନ ।

ପ୍ରଭୁ ଶ୍ରୀଅରବିନ୍ଦ କହନ୍ତି ଯେ ମାନବିକ ପ୍ରେମ ଯଦି ବିଶୁଦ୍ଧ ହୋଇଥାଏ ତେବେ ତାହା ସର୍ବୋତ୍ତମ ଅଗ୍ନିର ପ୍ରତିରୂପ ବହନ କରିଥାଏ । ମହିମାନ୍ୱିତ ସକଳ ପ୍ରେମ ଏକ ଆଧ୍ୟାତ୍ମିକ ଶକ୍ତି ବହନ କରି ଚାଲି ଥାଆନ୍ତି ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା;  (୨) Notes on The Prayers and Meditations : Goutam Ghosal


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୫)

## ସାହାନା ଦେବୀ

**ସାହାନା :** ମା ମୋର, ମୁଁ ଜାଣେ ଏହା ହେଉଛି ମୋର ଦୁର୍ବଳତା, ଅସାବଧାନତା ଏବଂ ଅଳସୁଆମି ଥିବା ସତ୍ତ୍ୱେ ନିମ୍ନ ଗତିବୃତ୍ତିର ପ୍ରତ୍ୟାଖ୍ୟାନ ନିମନ୍ତେ ଅନବରତ ସ୍ୱ-ପ୍ରଚେଷ୍ଟା କରି ମଧ୍ୟ ମୋର ଯଥେଷ୍ଟ ସଂକଳ୍ପ ନାହିଁ ଏଇ ସତତ ପ୍ରଚେଷ୍ଟାର ନିୟମାନୁବର୍ତ୍ତିତା ସହ୍ୟ କରିବାକୁ ଏବଂ ମୁଁ ଏଇ ସବୁ ଛୋଟମୋଟ ଅଭ୍ୟାସସବୁକୁ ପରିତ୍ୟାଗ କରିବାକୁ ଚାହିଁଥିଲି ବୋଲି ସବୁ ପୁରାତନ ଜିନିଷ ବାଧା ହୋଇ ମୋର ପଥରୋଧ କରୁଛି, ସେ ଯାହାହେଉ ମୁଁ ନିଜକୁ କୌଣସିମତେ ପ୍ରବଞ୍ଚିତ କରିବାକୁ ଚାହେଁ ନାହିଁ । ଯଦି ଏଇ ଆତ୍ମ-ପ୍ରବଞ୍ଚନାର ଗତିବୃତ୍ତି ପଛରେ ଏମିତି କିଛି ଗୋପନୀୟତା ଥାଏ ଯାହା ମୁଁ ଦେଖିବାକୁ ଅକ୍ଷମ, ତୁମମାନଙ୍କ ଚରଣରେ ମୋର ଏହି ପ୍ରାର୍ଥନା – ମୋତେ ସଚେତନ କର ମା ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଶରୀର ମଧ୍ୟରେ ପ୍ରାଣ ଯଦି ସୁଯୋଗ ପାଏ ତେବେ ସହଜରେ ଓ ସ୍ୱଚ୍ଛନ୍ଦରେ ପ୍ରବେଶ କରିଯାଏ ତା'ର ସମସ୍ତ ପୁରାତନ ସାଧାରଣ ଅଭ୍ୟାସରାଜି ମଧ୍ୟରେ । ସେଠାରେହିଁ ସେସବୁ ଅଟକି ରହି ଥାଏ । ସେହି ଅଂଶଟି ଯେତେବେଳେ ସମସ୍ତ ପ୍ରକାର କାମନା-ବାସନାଠାରୁ ସମତା ଏବଂ ସରଳ ସାବଲୀଳ ମୁକ୍ତି ଲାଭ କରେ ସେତେବେଳେ ସେମାନେ ସମ୍ପୂର୍ଣ୍ଣ ରୂପେ ଛାଡ଼ି ଚାଲି ଯାଆନ୍ତି ।

(୨୨. ୩. ୩୪)

**ସାହାନା :** ମା'ଗୋ, ତୁମରି କରୁଣାରୁ ଆଜି ମୁଁ ଶାରୀରିକଭାବେ ପୂର୍ଣ୍ଣ ସୁସ୍ଥ ଅଛି । କେବଳ ମୁଁ ସେପ୍ରକାର ପ୍ରଫୁଲ୍ଲତା ଅନୁଭବ କରୁ ନାହିଁ । ଯେଉଁ ଭାବେ ମୋର ଯାହା ସବୁ କରିବା ଉଚିତ ସେସବୁ ଠିକ୍ ସେହି ରୂପେ ଆଦୌ ହେଉ ନାହିଁ । ମୋର ପୂର୍ଣ୍ଣ ଆନ୍ତରିକତା ବି ଆସୁନି, ସାଧନା ସମ୍ବନ୍ଧରେ ଗଭୀର ଐକାନ୍ତିକତା ମଧ୍ୟ ହୋଇ ପାରୁନି ଇତ୍ୟାଦି ଇତ୍ୟାଦି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଯାହା କିଛି ଦେଖୁଛ ସେଥିରେ ବିଚଳିତ ବା ଅବସନ୍ନ ବୋଧ କରନା । ଯଦି କେହି ତା' ନିଜର ଭୁଲ୍ କିଛି ଦେଖିପାରେ ତେବେ ତାକୁ ଦେଖିବାକୁ ହେବ ଚରମ ଶାନ୍ତଭାବାପନ୍ନ ହୋଇ ଏବଂ ତା'ଠାରୁ ତ୍ରାଣ ପାଇବାକୁ ହେଲେ ଆହ୍ୱାନ କରିବାକୁ ହେବ ଉର୍ଦ୍ଧ୍ୱତର ଶକ୍ତି ଏବଂ ଆଲୋକକୁ ।

(୩. ୪. ୩୪)

**ସାହାନା :** ଶ୍ରୀଅରବିନ୍ଦଦେବ, କେଉଁଟା ବେଶୀ ଭଲ, କବିତା ଲେଖି ତା'ର ଅସଲ ପ୍ରେରଣାର ଉତ୍ସ ସଂସ୍ପର୍ଶରେ ଆସିବା, ନା ମନକୁ ଏକାଗ୍ର କରି ତା'ର ସଂସ୍ପର୍ଶରେ ଆସିବା ? ମନେ ହୁଏ (ଯେତେଦୂର ମୁଁ ଅବଶ୍ୟ ବୁଝିଛି) ଯେ ମାଆଙ୍କୁ ଜିଜ୍ଞାସା କରିବା ପରେ ମା ସେଦିନ ଅନୁମୋଦନ କରିଥିଲେ ମନଃସଂଯୋଗ ଦିଗରେ । ମନକୁ ଏକାଗ୍ର କରୁ କରୁ ମୋର ତ ଗଭୀର ଧ୍ୟାନ ହୋଇଯାଏ, କେବଳ ଯେ ସେଇ ସମୟ ପାଇଁ ହୁଏ ତା' ନୁହେଁ, ତା' ଫଳରେ ସର୍ବଦାହିଁ ଭିତରଟା ଏମିତି ହୋଇ ରହିଥାଏ ଯେ ଚକ୍ଷୁ ବନ୍ଦ କରି ବସିବା ମାତ୍ରେ ଧ୍ୟାନ ହୋଇଯାଏ । ଯାହା ବି ହେଉ, ଯେଉଁ ଉପାୟରେ ହେଉ ନା କାହିଁକି ମୋ ଭିତରର ସତ୍ତା ଖୋଲି ଯିବାହିଁ ଅସଲ କଥା । ଯେତେଦିନ ଯାଏ ମୋ ଭିତରଟା ନଖୋଲିଛି ସେତେଦିନ ପର୍ଯ୍ୟନ୍ତ ଆପଣଙ୍କର କବିତା ଚର୍ଚ୍ଚା ହିସାବରେ ଯଦି ଅନୁବାଦ କରିଚାଲେ ତେବେ କେମିତି ହେବ ? ଟିକିଏ ତ ଆପଣଙ୍କ ପରିବେଶରେ ରହି ହେବ । ଯେତେ ଦିନ ଯାଏ ସେଇ ପ୍ରେରଣା ନ ଆସିଛି ସେତେଦିନ ପର୍ଯ୍ୟନ୍ତ ମନଃସଂଯୋଗ କରିବା ସଙ୍ଗେ ସଙ୍ଗେ ଆପଣଙ୍କ କବିତାର ଅନୁବାଦ ଅଳ୍ପ ଅଳ୍ପ କରି ଚଳାଇ ରଖେ ତେବେ ଏ ବିଷୟରେ ଆପଣଙ୍କର ମତାମତ କ'ଣ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଧ୍ୟାନ ହେଉଛି ସର୍ବୋତ୍ତମ ପନ୍ଥା – କାରଣ ତୁମେ ଯଦି ସେହି ଚେତନାରେ ପହଞ୍ଚି ପାର ଯେଉଁ ଚେତନାରୁ ସବୁ କବିତାର ଜନ୍ମ, ଯେଉଁ ମୂଳ ଉତ୍ସରୁ ତା'ର ଯାତ୍ରା ତାହାହିଁ ସର୍ବୋତ୍ତମ, ଏପରିକି ତା' ପାଇଁ ଯଦି ବାସ୍ତବିକ କବିତା ଲେଖା ବି ସ୍ଥଗିତ ରଖାଯାଇ ପାରେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଲେଖାର ଅଭ୍ୟାସ ରଖିଲେ ସେଥିରେ କାବ୍ୟ ରଚନାର ଦକ୍ଷତା ଏବଂ କର୍ତ୍ତୃତ୍ୱର କ୍ଷମତା

ବଢ଼ିଥାଏ । କିନ୍ତୁ ତାହା କେବଳ ପଦ୍ୟ (Verse)ହିଁ ହୋଇପାରେ ଯାହା ସବୁ ଭଲ ସାହିତ୍ୟିକମାନେ ଲେଖି ପାରନ୍ତି । ସେଥିସକାଶେ ପ୍ରୟୋଜନ ଆହୁରି ଏକ ଊର୍ଦ୍ଧ୍ୱତର ପ୍ରେରଣାର । ଅନୁବାଦ ସମ୍ବନ୍ଧରେ ମୁଁ ଠିକ୍ କହି ପାରୁନି – ଯଦି କାହାରି ଅନୁବାଦ କରିବାର ସହଜାତ ଗୁଣ ଥାଏ, ଦିଲୀପ ବା ନିଶିକାନ୍ତଙ୍କ ପରି, ତା'ହେଲେ କରି ପାରନ୍ତି – କିନ୍ତୁ ତା' ନହେଲେ ମୂଳ ଲେଖାଠାରୁ ଅନୁବାଦ କରିବା ଆହୁରି ଅଧିକ କଠିନ ହୋଇଯାଏ ।

**ସାହାନା :** ଶ୍ରୀଅରବିନ୍ଦଦେବ, ଗୋଟିଏ ପ୍ରଶ୍ନ, ଦୟାକରି ମୋତେ ବୁଝେଇ ଦେବେ କି ? ପ୍ରଶ୍ନଟି ହେଉଛି କାବ୍ୟିକ ପ୍ରକାଶ – (Poetical expression) ସମ୍ବନ୍ଧରେ । ଗୋଟିଏ କବିତାରେ ସେଦିନ ପଢ଼ିଲି, କବି ଲେଖିଛନ୍ତି :

''ଏକି ଅଗଣନ ଜଳବାଲା ପାଥାରେ
ଖେଲେ ହୋଲି ହୀରକ ଫାଗେ'' –

'ହୀରକ' ସହ ଫଗୁ (ଫାଗ୍) ଶବ୍ଦଟିକୁ ବ୍ୟବହାର କରିବାଟା ମୋର ମନୋମତ ହେଉ ନାହିଁ ଏବଂ ଆପଣଙ୍କଠାରୁ ବୁଝିବାକୁ ଚାହୁଁଛି କବିତାରେ ଏଇ ଧରଣର ପ୍ରୟୋଗ ହୁଏ କି ନା । କାହିଁକି ନା 'ହୀରକ' କହିଲେ ମନରେ ଆସେ ରୁପେଲି ଝଲମଲ ରଙ୍ଗର କିଛି, 'ଫଗୁ' କହିଲେ ଲାଲ ରଙ୍ଗହିଁ ଭାସି ଉଠେ ମନରେ (ଅବିର ନେଇ ହୋଲି ଖେଳ ହୁଏ ଯାହାର ରଙ୍ଗ ନାଲି ଏବଂ ହୋଲି କଥା ଭାବିଲେ ନାଲି ରଙ୍ଗର ଭାବହିଁ ମନକୁ ଆସେ) । ହୀରକ ଯାହା ଝଲମଲ କରେ ରୁପେଲି ରଙ୍ଗରେ – ତାହା କ'ଣ କେବେ ନାଲି ରଙ୍ଗକୁ ବୁଝାଇବ ? ତାହା ତ ଏକେବାରେ ଅସମ୍ଭବ ବୋଲି ମନେ ହୁଏ ଏବଂ ବାସ୍ତବରେ ତାହା କେବେ ହୋଇପାରେ ବୋଲି ମଧ୍ୟ ମନେ ହୁଏନା । କାବ୍ୟିକ ପ୍ରକାଶ ହିସାବରେ ଯଦି ସତ୍ୟ ସଙ୍ଗରେ ସାଦୃଶ୍ୟ ବା ସାମଞ୍ଜସ୍ୟ ନଥାଏ, କିଛି କିଛି ଅସଙ୍ଗତି ରହି ଯଦି କାବ୍ୟିକ ପ୍ରକାଶ ଘଟିଥାଏ, ତା'ହେଲେ ତାକୁ କେଉଁ ରୂପେ ବୁଝିବାକୁ ହେବ ? ସୂର୍ଯ୍ୟ ଯେତେବେଳେ ଉଦୟ ହୁଅନ୍ତି କିଂବା ପୂର୍ବାକାଶରେ ପୂର୍ଣ୍ଣରୂପେ ଉଦୟ ହୋଇଯା'ନ୍ତି ସେସମୟରେ ଅନେକ କବିଙ୍କୁ ବର୍ଣ୍ଣନା କରିବାର ଦେଖିଛି – 'ଫଗୁ ଥାଳି' ବୋଲି, କିଂବା ସୂର୍ଯ୍ୟାସ୍ତ ସମୟରେ ପ୍ରାୟହିଁ ଦେଖାଯାଏ ଆକାଶ ନାଲି ରଙ୍ଗରେ ଲାଲ ହୋଇଯାଇଛି – ସେତେବେଳେ କବିତା ବର୍ଣ୍ଣନା ହେବାର ଦେଖିଛି – ଆକାଶ ବକ୍ଷରେ ଯେପରି ଫଗୁ ଛିଞ୍ଚା ଯାଇଛି – ଏଇ ଧରଣର ରୂପକଳ୍ପସବୁ ଯେଉଁ ପ୍ରକାର ଭାବ ଉଦ୍ରେକ କରେ ସେଥିରୁ ବୁଝାପଡ଼େ, ଏଥିରେ ଅସଙ୍ଗତ କିଛି ନାହିଁ ଯାହାର ବାସ୍ତବ ସହ ସାମଞ୍ଜସ୍ୟ ଅଛି ଏବଂ ବାସ୍ତବର ଅସ୍ତିତ୍ୱ ମଧ୍ୟରେ ଏହା ରୂପ ନିଏ । ତେଣୁ ନାଲିକୁ ଫଗୁ କହିଲେ ତା'ର ଉପମା ଠିକ୍ ରହେ, ନଷ୍ଟ ହୁଏନା, ଯେହେତୁ ଫଗୁ ମଧ୍ୟ ନାଲି । ଯା' ହେଉ କାବ୍ୟରେ କେତେଟା କ'ଣ ହୋଇପାରେ ଅବା ନହୋଇପାରେ ସେସବୁ ମୋର ଧାରଣାର ବାହାରେ । ତେଣୁ ଶିଖିବାକୁ, ଜାଣିବାକୁ ଓ ବୁଝିବାକୁ ଚାହେଁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** କବି କ'ଣ କହିବାକୁ ଚାହାନ୍ତି ତା' ଉପରେ ସବୁ ନିର୍ଭର କରେ । ଲାଲ ରଙ୍ଗର ଗୁଣ୍ଡ ଅବା ଜଳୀୟ ପଦାର୍ଥକୁ ଚାରିଆଡ଼କୁ ଛାଟିଦେବା ଅବା ଛିଞ୍ଚି ଦେବା ହେଉଛି ହୋଲିର ଚିରାଚରିତ ରୂପ ଏବଂ ଯେତେବେଳେ କବିମାନେ ସୂର୍ଯ୍ୟୋଦୟକୁ ସେଇରୂପେ ବର୍ଣ୍ଣନା କରନ୍ତି ସେତେବେଳେ ସେଇ ରୂପକଳ୍ପହିଁ ସେମାନେ ଫୁଟେଇବାକୁ ଚାହାନ୍ତି । କିନ୍ତୁ କବି ହୁଏତ ଅନ୍ୟ କିଛିକୁ ପ୍ରକାଶ କରିବାକୁ ଚାହାନ୍ତି ଯାହା ମଧ୍ୟରେ ହୋଲିର ଶକ୍ତି ଏବଂ ବେପରୁଆ ରଙ୍ଗ ଖେଳର କଥା ରହିଛି ଏବଂ ସେଇ ଖେଳର ମୂଳ ହେଉଛି ପ୍ରାଣ ଶକ୍ତି (spirit), କିନ୍ତୁ ତାହା ଅବିକଳ ବାହ୍ୟ ଆକାର ଅନୁସାରେ ନ ହୋଇପାରେ । ଏଇ ଦୃଷ୍ଟିକୋଣରୁ ଦେଖିଲେ କୁହାଯାଇ ପାରେ ଯେ ଏକ ପ୍ରକାର ହୋଲି ଖେଳ ଖେଳା ଯାଇପାରେ ଯାହା ଲାଲ ରଙ୍ଗ ନହୋଇ ହୀରକ ବର୍ଣ୍ଣ ହୋଇପାରେ । କବି ଶାରୀରିକ ବାସ୍ତବ ତଥ୍ୟରେ ସର୍ବଦା ଆବଦ୍ଧ ନୁହନ୍ତି । ସେ ନାନାପ୍ରକାର ଛାଇ ଆଲୁଅର ଖେଳ ଖେଳି ପାରନ୍ତି ଯଦି ତାଙ୍କର ରୂପସୃଷ୍ଟି ସେଇ ଶାରୀରିକ ବାସ୍ତବତାର କିଛି ମୂଳ ସତ୍ୟ ଖୋଲି ଧରେ ।

(୧୪.୪.୩୪)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ବିଶେଷଜ୍ଞତା

## ନଳିନୀକାନ୍ତ ଗୁପ୍ତ

ତୁମେ ତୁମର ମନକୁ ବିସ୍ତାରିତ, ବିଶାଳ ଓ ସମୃଦ୍ଧ କରିବା ଉଚିତ । ମନ ତୁମର ଭାବ ଓ ଚିନ୍ତାରେ ପରିପୂର୍ଣ୍ଣ ରହିବା ଉଚିତ । ତୁମେ ଯାହାସବୁ ଅନୁଧ୍ୟାନ କରିଛ ବା ଅଧ୍ୟୟନ କରିଛ ତା'ର ଫଳସବୁ ଯେପରି ସେଥିରେ ସଞ୍ଚିତ ରହେ ! ତୁମର ମନ ଯେପରି ଦରିଦ୍ର-ମନ ନହୁଏ । ତା' ଅର୍ଥ ତୁମର ମନ ଯେପରି ବହୁ ଭାବ, ବିଚାର ଓ ଯୁକ୍ତିର କ୍ଷମତାରୁ ବଞ୍ଚିତ ନରହେ । ବହୁ ବିଷୟରେ ଚିନ୍ତା କରିବାର କ୍ଷମତା, ବହୁପ୍ରକାର ଜ୍ଞାନଲାଭର କ୍ଷମତା ଏବଂ ଗୋଟିଏ ସମସ୍ୟାକୁ ବହୁଦିଗରୁ ବିଚାର କରିବାର କ୍ଷମତା ଯେପରି ତୁମର ମନ ଲାଭକରେ, ତାହା କେବଳ ଗୋଟିଏ ରାସ୍ତାରେ ବା ଗଳିରେ ଯିବାପରି ସଂକୀର୍ଣ୍ଣ ଯେପରି ନହୁଏ ! ଗୋଟିଏ ଜାପାନୀ ପଙ୍ଖା ଯେପରି ବୃତ୍ତାକାରରେ ସବୁ ଦିଗକୁ ପୂର୍ଣ୍ଣଭାବେ ଖୋଲିଯାଏ, ସେହିପରି ତୁମର ମନଟି ଖୋଲିଯିବା ଉଚିତ ।

ଉଦାହରଣ ସ୍ୱରୂପ, ବିଦ୍ୟାଳୟରେ ତୁମକୁ ବହୁ ବିଷୟରେ ଶିକ୍ଷାଲାଭ କରିବାକୁ ପଡୁଛି । ବେଶ୍ ଯେତେ ବେଶୀ ବିଷୟ ଶିକ୍ଷା କରିପାରୁଛ କରିଯାଅ । ଯଦି ତୁମେ ଘରେ ପଢୁଛ, ତେବେ ଯେତେ ପ୍ରକାର ବହି ପଢ଼ି ପାରିବ, ପଢ଼ିଯାଅ । ମୁଁ ଜାଣେ, ତୁମକୁ କିନ୍ତୁ ଭିନ୍ନ ଭାବରେ ପରାମର୍ଶ ଦିଆଯାଏ । ତୁମମାନଙ୍କୁ ସାଧାରଣତଃ କେତେକ ବିଷୟ ବାଛି ସେଥିରେ ବିଶେଷ ଦକ୍ଷତା ଅର୍ଜନ କରିବାକୁ କୁହାଯାଏ, ହଁ ଏହାହିଁ ସର୍ବସାଧାରଣ ଆଦର୍ଶ । ବିଶେଷଜ୍ଞତା ଅର୍ଥ ଗୋଟିଏ ବିଷୟରେ ପାରଦର୍ଶୀ ହେବା । ଯଦି ତୁମେ ଦାର୍ଶନିକ ହେବାକୁ ଚାହଁ ତେବେ କେବଳ ଦର୍ଶନଶାସ୍ତ୍ର ଅଧ୍ୟୟନ କର, ଯଦି ରସାୟନବିତ୍ ହେବାକୁ ଚାହଁ, ତେବେ କେବଳ ରସାୟନଶାସ୍ତ୍ର ପାଠରେ ରତ ହୁଅ । ପୁଣି ଏପରି ମଧ୍ୟ ହୋଇପାରେ ଯେ ତୁମେ ସମଗ୍ର ଦର୍ଶନ ବା ସମଗ୍ର ରସାୟନ ଉପରେ ବିଶେଷଜ୍ଞତା ଅର୍ଜନ ନକରି ଦର୍ଶନ ବା ରସାୟନର ଏକ ନିର୍ଦ୍ଦିଷ୍ଟ ବିଷୟରେ ବିଶେଷଜ୍ଞ ହୋଇପାର । ଖେଳ ବ୍ୟାପାରରେ ମଧ୍ୟ ତୁମକୁ ଏହାହିଁ କୁହାଯାଇଥାଏ । ଗୋଟିଏ ଖେଳ ବାଛିନିଅ ଓ ତା'ରି ଉପରେ ତୁମର ଏକାଗ୍ରତା ନିବଦ୍ଧ କର । ଯଦି ତୁମେ ଭଲ ଟେନିସ୍ ଖେଳାଳି ହେବାକୁ ଚାହଁ, ତେବେ କେବଳ ଟେନିସ୍ କଥାହିଁ ଚିନ୍ତାକର । ସେ ଯାହାହେଉ, ମୋର ମତ କିନ୍ତୁ ତାହା ନୁହେଁ । ମୋର ଅଭିଜ୍ଞତା ହେଲା ଭିନ୍ନ ଧରଣର । ମୋର ବିଶ୍ୱାସ ମନୁଷ୍ୟ ଭିତରେ କେତେକ ସାଧାରଣ ଗୁଣ ବା ଦକ୍ଷତା ରହିଛି ଯାହା ସେ ଆୟତ୍ତ କରିବା ଓ କର୍ଷଣ କରିବା ଉଚିତ । କୌଣସି ବିଷୟରେ ବିଶେଷଜ୍ଞ ହେବା ଅପେକ୍ଷା ଏହା ଅଧିକ ଜରୁରୀ । ଅବଶ୍ୟ ଯଦି ତୁମର ଆକାଙ୍କ୍ଷା ଥାଏ ଯେ ତୁମେ ଜଣେ ଶ୍ରୀ କ୍ୟୁରୀ ବା ଶ୍ରୀମତୀ କ୍ୟୁରୀ ହେବ ଏବଂ ଏକ ନିର୍ଦ୍ଦିଷ୍ଟ ବିଷୟ ଆବିଷ୍କାର କରିବ, ଏକ ନିର୍ଦ୍ଦିଷ୍ଟ ପ୍ରକାରର ନୂତନ ରହସ୍ୟ ଖୋଜି ପାଇବ, ତେବେ ତୁମକୁ ଏକ ବିଶେଷ ବିଷୟ ପ୍ରତି ଦୃଷ୍ଟି ଦେବାକୁ, ତା' ଉପରେ ଏକାଗ୍ର ହେବାକୁ ହେବ । କିନ୍ତୁ ସେ କ୍ଷେତ୍ରରେ ବି ଯେତେବେଳେ ତୁମର ସେହି ନିର୍ଦ୍ଦିଷ୍ଟ ଲକ୍ଷ୍ୟଟି ପୂରଣ ହୋଇଯିବ ସେତେବେଳେ ସହଜରେ ତୁମେ ଅନ୍ୟ ବିଷୟଗୁଡ଼ିକ ଆଡ଼କୁ ନଜର ଦେଇ ପାରିବ । ତା'ଛଡ଼ା, କୌଣସି ଗୋଟିଏ ବିଷୟରେ ବିଶେଷଜ୍ଞ ହେବାକୁ ସାଧନା କଲାବେଳେ ବି ମଝିରେ ମଝିରେ ଅନ୍ୟାନ୍ୟ ବିଷୟ ପ୍ରତି ମନୋଯୋଗୀ ହେବାକୁ ତୁମେ ଯେ ସମୟ ଓ ସୁବିଧା ଆଦୌ ପାଇବ ନାହିଁ, ଏହା ଅବାନ୍ତର କଥା ।

ପିଲାଦିନରୁ ମୁଁ ମଧ୍ୟ ସେହି ଏକାକଥା ଶୁଣି ଆସିଛି । ମୋର ମଧ୍ୟ ପ୍ରତ୍ୟୟ ଯେ ମୋର ବାପା, ଜେଜେବାପାଙ୍କ ଅମଳରେ ବି ପିଲାମାନଙ୍କୁ ସେହି ପରାମର୍ଶ ଦିଆଯାଉଥିଲା — ''ଦେଖ ! ଯଦି ଏକ ନିର୍ଦ୍ଦିଷ୍ଟ ବିଷୟରେ ସଫଳତା ଅର୍ଜନ କରିବାକୁ ଚାହଁ, ତେବେ କେବଳ ସେହି ବିଷୟଟି ଅନୁଧ୍ୟାନ କର, ଅନ୍ୟକିଛି କର ନାହିଁ'' ଇତ୍ୟାଦି । ମୁଁ ମୋର ପିଲାଦିନେ ବହୁତ ଗାଳି ଖାଉଥିଲି, କାରଣ ଏକସଙ୍ଗରେ ମୁଁ ବହୁ କଥାରେ ମାତୁଥିଲି । ମୋତେ ତିରସ୍କାର କରି ସମସ୍ତେ କହୁଥିଲେ ଯେ ଶେଷରେ ମୋର କିଛି ବି ହେବ ନାହିଁ । ମୁଁ ପଢୁଥିଲି, ଛବି ଆଙ୍କୁଥିଲି, ସଂଗୀତ ସାଧନା କରୁଥିଲି ଏବଂ ଏପରି କେତେ କ'ଣ । ମୋତେ ବାରଂବାର ସତର୍କ କରି ଦିଆଯାଉଥିଲା ଯେ ଯଦି ମୁଁ ଏହିପରି ସବୁଆଡ଼େ ମନ ଦିଏ ଶେଷରେ ମୋ ଚିତ୍ରାଙ୍କନ ମୂଲ୍ୟହୀନ ହେବ, ମୋର ସଙ୍ଗୀତ ସାଧନା ନିଷ୍ଫଳ ହେବ ଓ ପଢ଼ାଶୁଣା ବି ଅସଂପୂର୍ଣ୍ଣ ଓ ତ୍ରୁଟିଯୁକ୍ତ ହେବ । ସମ୍ଭବତଃ ଏହା ସତ ହୋଇଥିଲା, କିନ୍ତୁ ଶେଷରେ ଜାଣିଲି ଯେ ମୋ ବାଟରେ

ଚାଲିବା ଦ୍ୱାରା କିଛି ଲାଭ ମଧ୍ୟ ହୋଇଛି । ସଂକ୍ଷେପରେ, ମୁଁ ମୂଳରୁ ଯେଉଁ ଲାଭ କଥା କହିଥିଲି ସେହି ଲାଭ । ତା' ଅର୍ଥ ଏହା ମନ ଓ ଚେତନାକୁ ସଂପ୍ରସାରିତ ଓ ସମୃଦ୍ଧ କରିଥାଏ । ଏହାକୁ ନମନୀୟ ଓ ଶିଷ୍ଟ କରିଥାଏ । ଯେକୌଣସି ନୂତନ ବିଷୟ ତା' ଆଗକୁ ଆସେ ଏଭଳି ମନ ତାକୁ ଅତି ସହଜରେ, ସ୍ୱାଭାବିକ ଭାବରେ ବୁଝିପାରେ ଏବଂ ଚଳାଇ ନେଇପାରେ । ଅବଶ୍ୟ ମୁଁ ଯଦି ପ୍ରଥମ ଶ୍ରେଣୀୟ ସଂଗୀତଜ୍ଞ ହେବାକୁ ଚାହିଁଥା'ନ୍ତି ଏବଂ ଯନ୍ତ୍ର ସଂଗୀତରେ ସାଧନାରତ ଥା'ନ୍ତି, ତେବେ ଅବଶ୍ୟ ମୋତେ ନିଜକୁ ସଂଯତ କରିବାକୁ ପଡ଼ିଥା'ନ୍ତା ଏବଂ ଏଯୁଗର ଶ୍ରେଷ୍ଠଶିଳ୍ପୀମାନଙ୍କ ମଧ୍ୟରୁ ଜଣେ ହେବାକୁ ଯଦି ମୁଁ ଚାହିଁଥା'ନ୍ତି ତେବେ ମୁଁ ସେତିକିହିଁ କରିଥା'ନ୍ତି, ଆଉ କିଛି ନୁହେଁ । ଯେ କେହି ପ୍ରକୃତ ଅବସ୍ଥାଟି ବୁଝିପାରିବ, ମାତ୍ର ଏହା କେବଳ ଗୋଟିଏ ଦୃଷ୍ଟିକୋଣରୁ ବିଚାର ଛଡ଼ା ଆଉ କିଛି ନୁହେଁ । ମୁଁ ବୁଝିପାରୁ ନାହିଁ ଯେ ମୁଁ କାହିଁକି ଜଣେ ଶ୍ରେଷ୍ଠ ଶିଳ୍ପୀ ବା ଶ୍ରେଷ୍ଠ ସଂଗୀତଜ୍ଞ ହେବାକୁ ଚାହିଁବି । ଏହା କେବଳ ଅହମିକା ଛଡ଼ା ଆଉ କିଛି ନୁହେଁ ।

କିନ୍ତୁ ମନୁଷ୍ୟ ଭିତରେ ଗୋଟିଏ ସ୍ୱଭାବସୁଲଭ ଓ ସ୍ୱତଃସ୍ଫୂର୍ତ୍ତ ଗତି ରହିଛି, ସେ ଗୋଟିଏ କର୍ମରୁ ଅନ୍ୟ ଗୋଟିଏ କର୍ମକୁ ଡେଇଁବାକୁ ଚାହେଁ । ତା'ର କର୍ମରେ ସେ ପରିବର୍ତ୍ତନ ଦରକାର କରେ । ତଦ୍ୱାରା ସେ ଏକ ପ୍ରକାର ସାମ୍ୟ ରକ୍ଷା କରିପାରେ, ପରିବର୍ତ୍ତନ ମଧ୍ୟ ବିଶ୍ରାମର ଫଳ ଦିଏ । ଆମେ ବହୁବାର ଶୁଣିବାକୁ ପାଇଛୁ ଯେ ବିଶିଷ୍ଟ ଶିଳ୍ପୀ ବା ଅଧ୍ୟୟନରତ ବିଦ୍ୟାର୍ଥୀମାନେ ବିଶ୍ରାମ ଲୋଡ଼ନ୍ତି, ବିଶ୍ରାମର ପ୍ରୟୋଜନ ଅତି ମାତ୍ରାରେ ଅନୁଭବ କରନ୍ତି । କର୍ମର ପରିବର୍ତ୍ତନ ଦ୍ୱାରା ସେମାନେ ଏହି ବିଶ୍ରାମ ଲାଭ କରନ୍ତି । ଉଦାହରଣ ସ୍ୱରୂପ, ଇଁଗ୍ରେସ୍ (Ingres) ଜଣେ ଚିତ୍ରଶିଳ୍ପୀ ଥିଲେ, ଚିତ୍ରାଙ୍କନ ତାଙ୍କର ପ୍ରଧାନ ଓ ସାଧାରଣ ବୃତ୍ତି ଥିଲା, କିନ୍ତୁ ଯେତେବେଳେ ତାଙ୍କୁ ସମୟ ମିଳୁଥିଲା ସେ ବେହେଲା(violin) ଧରି ବସୁଥିଲେ । ଆଶ୍ଚର୍ଯ୍ୟ କଥା ଏହି ବେହେଲା ବଜାଇବାରେ ସେ ଚିତ୍ରାଙ୍କନଠାରୁ ବେଶୀ ଆନନ୍ଦ ଅନୁଭବ କରୁଥିଲେ । ସଙ୍ଗୀତକଳାରେ ସେ ଯେ ବିଶେଷ ପାରଦର୍ଶୀ ଥିଲେ ତା ନୁହେଁ, କିନ୍ତୁ ସଂଗୀତରୁ ସେ ଆନନ୍ଦ ଲାଭ କରୁଥିଲେ । ଚିତ୍ରକଳାରେ ସେ ପାରଦର୍ଶୀ ଥିଲେ, କିନ୍ତୁ ଏହା ତାଙ୍କ ନିମନ୍ତେ ବିଶେଷ ଆମୋଦଦାୟକ ନଥିଲା । କିନ୍ତୁ ପ୍ରକୃତ କଥା ହେଉଛି ସେ ଗୋଟିଏ ସ୍ଥିର ସଙ୍ଗତି ବା ସାମ୍ୟାବସ୍ଥା ଆବଶ୍ୟକ କରୁଥିଲେ । ମୁଁ କହିଛି, ଗୋଟିଏ ମାତ୍ର ବିଷୟ ଉପରେ ମନକୁ କେନ୍ଦ୍ରୀଭୂତ କରିବା ଖୁବ୍ ଆବଶ୍ୟକ ଯଦି ତୁମେ ଏକ ନିର୍ଦ୍ଦିଷ୍ଟ ଓ ସ୍ୱତନ୍ତ୍ର ଫଳ ପାଇବାକୁ ଚାହୁଁଥାଅ । ମାତ୍ର ବ୍ୟକ୍ତି ଭିନ୍ନ ଏକ ଧାରାରେ ମଧ୍ୟ ଗତି କରିପାରେ, ଯାହା ଆହୁରି ସୂକ୍ଷ୍ମ, ଆହୁରି ବ୍ୟାପକ ଓ ସଂପୂର୍ଣ୍ଣ । ଏକଥା ଠିକ୍ ଯେ ତୁମର ବ୍ୟାପକତାର ଗୋଟିଏ ଭୌତିକ ସୀମା ଅଛି । କାରଣ ଭୌତିକ ସ୍ତରରେ ତୁମେ ସ୍ଥାନ ଓ କାଳର ସୀମା ଭିତରେ ଆବଦ୍ଧ, ପୁଣି ଏକଥା ମଧ୍ୟ ସତ୍ୟ ଯେ ବିଶେଷ ମନୋଯୋଗ ନଦେଲେ ବିରାଟ-ବ୍ୟାପାରଗୁଡ଼ିକୁ ପରିଣତି ଆଡ଼କୁ ନେବା କଷ୍ଟକର । କିନ୍ତୁ ତୁମେ ଯଦି ଉଚ୍ଚତର ଓ ଗଭୀରତର ଜୀବନ ଯାପନ କରିବାକୁ ଚାହଁ, ତେବେ ସାଧାରଣ ଚେତନାର ଅନ୍ତର୍ଭୁକ୍ତ, ପୁଣି ସୀମା ଓ ନାନାଦି ବାରଣ ମଧ୍ୟରେ ଆଧାରିତ ଉପାୟ ଅପେକ୍ଷା ବହୁଗୁଣ ମହାନ୍ ଶକ୍ତିକୁ ତୁମକୁ ଆୟତ୍ତ କରିବାକୁ ପଡ଼ିବ । ନିଜର ସୀମା ଭିତରୁ ମୁକ୍ତି ପାଇବାରେ ବହୁପ୍ରକାର ସୁବିଧା ଓ ସୁଯୋଗ ମିଳିଥାଏ । ଅବଶ୍ୟ ଲୌକିକ ଓ ବାସ୍ତବ ଫଳାଫଳ ଦୃଷ୍ଟିରୁ ନହେଲେ ବି ଆଧ୍ୟାତ୍ମିକ ଉପଲବ୍ଧି ନିମନ୍ତେ ନିଜକୁ ବାନ୍ଧି ରଖିଥିବା ସଂକୀର୍ଣ୍ଣ ସୀମା ଭିତରୁ ତୁମକୁ ମୁକୁଳି ଯିବାକୁହିଁ ହେବ ।

(*The Yoga of Sri Aurobindo*, p. 189-192)

❑❑❑

ଯାହାକିଛି ବାଧାବିପତ୍ତି ବା ଜଟିଳ ପରିସ୍ଥିତି ସୃଷ୍ଟି ହେଉ ନା କାହିଁକି, ଏଥିରେ ତୁମେ ସମ୍ପୂର୍ଣ୍ଣ ଦୃଢ଼ନିଶ୍ଚିତ ରହିବ ଯେ ପ୍ରତ୍ୟେକଟି ମନ୍ଦ ପରିସ୍ଥିତି ମଧ୍ୟଦେଇ ମୁଁ ତୁମକୁ ସିଧା ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଜୀବନ ଦିଗରେ ପରିଚାଳିତ କରୁଛି ।

— ଶ୍ରୀଅରବିନ୍ଦ

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୬)

## ମେଘମାଳା ଉପରେ ଦ୍ୱନ୍ଦ୍ୱ ଯୁଦ୍ଧ

## ମନୋଜ ଦାସ

[**କାହାଣୀ ଏ ଯାବତ୍ :** ମଥୁରାର ଦାନବରାଜା କଂସ ଶୁଣିଥାଏ ଦୈବବାଣୀ – ଭଉଣୀ ଦେବକୀର ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ଭୟାର୍ତ୍ତ ଓ କ୍ରୁଦ୍ଧ କଂସ ଦେବକୀ ସନ୍ତାନଟିଏ ଜନ୍ମ ଦେବାମାତ୍ରେ ତାକୁ ମାରି ପକାଉଥାଏ । କିନ୍ତୁ ତା' ଅଜ୍ଞାତସାରରେ ଅଷ୍ଟମ ସନ୍ତାନ ଯାଇ ଗୋପପୁରରେ ନନ୍ଦ ରାଜାଙ୍କ ରାଣୀ ଯଶୋଦାଙ୍କ କୋଳରେ ବଢୁଥାଏ । ତାକୁ ଯିଏ ନିଧନ କରିବ ସେ କେଉଁଠି ହେଲେ ରହିଛି ବୋଲି ଜାଣିପାରି କଂସ ତା'ର ରାକ୍ଷସୀ ଓ ଦାନବୀ ଚରମାନଙ୍କୁ ସବୁ ନବଜାତ ଶିଶୁଙ୍କୁ ହତ୍ୟା କରିବା ସକାଶେ ଆଦେଶ ଦେଲା । ପୁତନା ନାମକ ରାକ୍ଷସୀ ଜଣେ ସାଧାରଣ ସୁନ୍ଦରୀ ନାରୀ ରୂପ ଧରି ସନ୍ତାନହରା ମାଆର ଅଭିନୟ କରି ନନ୍ଦଙ୍କ ଉଆସକୁ ଯାଇ ନବଜାତ ସନ୍ତାନ କୃଷ୍ଣଙ୍କୁ କ୍ଷୀର ପିଆଇଲା । ସେ ନିଜ ସ୍ତନରେ ସଞ୍ଚି ଥିଲା ଭୀଷଣ ବିଷ । କିନ୍ତୁ ଶିଶୁ କୃଷ୍ଣ କ୍ଷୀର ଶୋଷିବାକୁ ଯାଇ ତା' ପ୍ରାଣ ଶୋଷି ନେଲେ । ପୁତନା ମଲା ବେଳକୁ ବଳେ ବଳେ ତା'ର ଅସଲ ରାକ୍ଷସୀ ରୂପ ଫେରି ପାଇଥାଏ । ତା'ପରେ...]

ଖାଲି ନନ୍ଦ ଗ୍ରାମ ନୁହେଁ, ଆଖପାଖ ଗାଁ ଗଣ୍ଡାରୁ ଶହଶହ ନରନାରୀ ଦୌଡ଼ି ଆସିଲେ ସେ ଦୃଶ୍ୟ ଦେଖିବା ନିମନ୍ତେ । ତଳେ କଚାଡ଼ି ହୋଇ ପଡ଼ିଥାଏ ରାକ୍ଷସୀ ପୁତନା । ସେ ଦିଶୁଥାଏ ଭୟଙ୍କର ଏବଂ ବିକଟ । ତା' ଲୌହ-ଶକ୍ତ ବାହୁ ବନ୍ଧନରେ ଚୂନା ହୋଇ ଯାଇଥାଏ ଗୋଟାଏ ପାଷାଣ ସ୍ତମ୍ଭ ।

ଯେଉଁ ନାରୀମାନେ ସେମାନଙ୍କ ଶିଶୁମାନଙ୍କୁ କାଖରେ ଧରି ଦୌଡ଼ି ଆସିଥିଲେ, ସେମାନେ ସେଠାରୁ ତରତର ହୋଇ ପଳାଇଲେ; କାରଣ ସେ ଦୃଶ୍ୟ ଦେଖି ଶିଶୁମାନେ ଛାନିଆ ହୋଇ ରଡ଼ି କଲେ । ଯେଉଁମାନେ ପୁତନାକୁ ଜଣେ ସୁନ୍ଦରୀ ନାରୀ ରୂପେ ନନ୍ଦଙ୍କ ନଅରକୁ ଆସିବାର ଦେଖିଥିଲେ, ସେମାନେ ତା'ର ସେ ଭୀଷଣ ରୂପ ଦେଖି ନିଜ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ବାହାରର ଚେହେରା ବା ମଧୁର କଥାବାର୍ତ୍ତା କେଡ଼େ ଛଳନାପୂର୍ଣ୍ଣ ହୋଇପାରେ, ସେମାନେ ସେହି ଜ୍ଞାନ ଅର୍ଜନ କଲେ ।

ପୁତନାର ନିଧନ ସମ୍ବାଦ ଯାଇ ମଥୁରାରେ ପହଞ୍ଚିଲା । ''ଏହା ସତ ?'' ଚିତ୍କାର କରି ତା' ଚରମାନଙ୍କୁ ପ୍ରଶ୍ନ କଲା କଂସ । ଯେଉଁ ପୁତନା ତା' କ୍ଷୀରକୁ ଏଡ଼େ ବିଷାକ୍ତ କରିଥାଏ ଯେ ସେଥିରୁ ବିନ୍ଦୁଏ ପାଟି ଭିତରକୁ ଗଲେ ହାତୀଟାଏ ମଧ ଟଳି ପଡ଼ିବ, ଯେଉଁ ରାକ୍ଷସୀ ବଜ୍ର ଭଳି ଭୀଷଣ, ତା' ପ୍ରାଣ ଶୋଷି ନେଲା ଗୋଟାଏ ସଦ୍ୟଜାତ ଶିଶୁ ? ଏହା କେମିତି ହେଲା ସମ୍ଭବ ?

ବର୍ଷଟିଏ ଭିତରେ ଜନ୍ମ ହୋଇଥିବା ସାରା ମୁଲକର ସମସ୍ତ ଶିଶୁଙ୍କୁ ଖାଇ ଯିବାକୁ ବା ମାରି ଦେବାକୁ କଂସ ଯେଉଁସବୁ ରାକ୍ଷସରାକ୍ଷସୀ, ଦାନବଦାନବୀଙ୍କୁ ପ୍ରେରଣ କରିଥିଲା, ସେମାନେ ବଡ଼ ଆହ୍ଲାଦରେ ନିଜ ନିଜ ଦାୟିତ୍ୱ ତୁଲାଉ ଥିଲେ । ଛକି ରହି, ନାନା କୌଶଳରେ ମାଆବାପାଙ୍କ ଅଜାଣତରେ ସେମାନେ ଘର ଭିତରୁ ଶିଶୁମାନଙ୍କୁ ହରଣଚାଳ କରି ନେଉଥିଲେ । କଦବା କେମିତି କେହି ହୁଏତ ଦେଖି ପକାଉଥିଲା – କେମିତି ବିକୃତ ଅଚିହ୍ନା ପ୍ରାଣୀଟାଏ ଗୋଟାଏ ଶିଶୁକୁ ଧରି ପଳାଇ ଯାଉଛି । କିନ୍ତୁ ଯେତେ ଦୌଡ଼ାଦୌଡ଼ି, ଯେତେ ପାଟି କଲେ ବି ସେ ପ୍ରାଣୀକୁ କେହି ଧରି ପାରୁ ନଥିଲେ ।

ରାଜ୍ୟ ବ୍ୟାପୀ ଘୋଟିଗଲା ଆତଙ୍କ । ସେଥିରୁ କଂସ କିଛି ସାନ୍ତ୍ୱନା ପାଉଥାଏ । ଯେତେ ଅଧିକରୁ ଅଧିକ ଶିଶୁ ମରିବାର ସମ୍ବାଦ ତାକୁ ମିଳୁଥାଏ, ସେତିକି ଅଧିକ ମାତ୍ରାରେ ସେ ନିଜକୁ ନିରାପଦ ମଣୁଥାଏ । କିନ୍ତୁ ନନ୍ଦଙ୍କର ଯେଉଁ ଶିଶୁ

ସନ୍ତାନଟିକୁ ପୁତନା ମାରି ନପାରି ନିଜେ ମଲା, ସେହି ଗୋଟିକ ହାତରେହିଁ ତା'ର ମୃତ୍ୟୁ ନହେବ ବୋଲି କିଏ କହିବ ? ଭୂତ ଭଳି ତାକୁ ଗୋଡ଼ାଉଥାଏ ନିଜର ଏହି ଚିନ୍ତା ।

ତା' ଅଧୀନରେ ଥିଲେ ବି ନନ୍ଦ ଜଣେ ରାଜା । ସେ ପୁଣି ଅତ୍ୟନ୍ତ ଜନପ୍ରିୟ । ତା'ର ଧନବଳ, ଜନବଳ ମଧ୍ୟ କମ୍ ନୁହେଁ । ପୁତନାର ଅଭିଯାନ ବ୍ୟର୍ଥ ହେବା ପରେ ସେ ନିଶ୍ଚେ ଖୁବ୍ ସତର୍କ ହୋଇ ଯାଇଥିବ । ତା' ପୁଅକୁ ହରଣ କରି ଆଣିବା ଅଥବା ମାରି ପକାଇବା ସହଜ ହେବ ନାହିଁ ।

କିନ୍ତୁ ଛଳେବଳେ କଉଶଳେ ସେ ଲକ୍ଷ୍ୟ ତ ହାସଲ କରିବାକୁହିଁ ହେବ – କଂସ ନେଲା ଏ ସିଦ୍ଧାନ୍ତ ।

*

ତେଣେ ଗୋପବାସୀମାନଙ୍କର ଆନନ୍ଦର ତଥା ବିସ୍ମୟର ସୀମା ନଥାଏ । କେଡ଼େ ସହଜରେ ସେମାନଙ୍କ କୁନି ରାଜପୁତ୍ରଟି ନିଜକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ବିଶ୍ୱାସଘାତିନୀ ରାକ୍ଷସୀର ଦୁରାଚାରକୁ ସମାପ୍ତ କରିଦେଲା !

କିନ୍ତୁ ବଡ଼ ଚିନ୍ତାରେ ପଡ଼ିଥା'ନ୍ତି ନନ୍ଦ ଏବଂ ଯଶୋଦା । ପୁତନା କ'ଣ ଆପଣାଛାଏଁ ସେଭଳି ଭୟଙ୍କର ଅପରାଧ କରିବାକୁ ଆସିଥିଲା ? ନା ତାକୁ ପଠାଇଥିଲା କୌଣସି କୁଚକ୍ରୀ ? ସେମାନଙ୍କ ନିଷ୍ପାପ, ନିରୀହ ଶିଶୁ କାହାର କ'ଣ ଅନିଷ୍ଟ କଲା ଯେ ତା' ସହ କେହି ଜଣେ ଶତ୍ରୁତା କରିବ ? ଥରେ ସେ ଶିଶୁଟିକୁ ଦେଖି ଦେଲେ ଲୋକଙ୍କ ମନରେ ଭରିଯାଏ ବିମଳ ଆନନ୍ଦ । ଗଭୀର ଶୁଭେଚ୍ଛା ଧରି ଦଳ ଦଳ ନରନାରୀ ତାକୁ ଥରେ ମାତ୍ର ଦେଖିବାକୁ ଆସୁଥା'ନ୍ତି । ସେମାନଙ୍କୁ ସେ ପାଇଁ ବାରଣ କରିବା ହେବ ଅସୌଜନ୍ୟ । କିନ୍ତୁ କିଏ କହିପାରିବ – ପୁତନା ଭଳି ନିର୍ମମ ମନ୍ଦ ଉଦ୍ଦେଶ୍ୟ ନେଇ ପୁଣି କେହି ଜଣେ ନଆସିବ ବୋଲି ?

ହଠାତ୍ ଚିନ୍ତାଗ୍ରସ୍ତ ନନ୍ଦଙ୍କ ମୁହଁ ଉଜ୍ଜ୍ୱଳ ଦେଖାଗଲା । ସେ ଯଶୋଦାଙ୍କୁ କହିଲେ, ''ଯେଉଁ ଶିଶୁ ଭୟଙ୍କରୀ ପୁତନା ରାକ୍ଷସୀ କବଳରୁ ନିଜକୁ ରକ୍ଷା କରିପାରିଲା, ସେ ଅନ୍ୟ କାହାରି ଚକ୍ରାନ୍ତକୁ ବା ବ୍ୟର୍ଥ କରି ନଦେବ କାହିଁକି ?''

ଯଶୋଦାଙ୍କ ମୁହଁ ପ୍ରଫୁଲ୍ଲ ଦେଖାଗଲା ।

*

ସେଦିନ ଅପରାହ୍ଣରେ ଉଦ୍ୟାନ ଉପରେ ବିଛେଇ ରହିଥାଏ କୋମଳ ସୂର୍ଯ୍ୟକିରଣ । ବହୁଥାଏ ମୃଦୁ ପବନ । ଯଶୋଦା ଶିଶୁକୁ ଧରି ଉଦ୍ୟାନ ଭିତରକୁ ବାହାରି ଗଲେ । ତାଙ୍କ ସହ ଥା'ନ୍ତି କେତେ ଜଣ ପରିଚାରିକା ।

ଉଦ୍ୟାନକୁ ଘେରି ରହିଥା'ନ୍ତି ଚିର ସବୁଜ ଉଚ୍ଚ ଗଛଟିମାନ । ସେମାନଙ୍କ ପତ୍ର ରାଶିରୁ ଶୁଭୁଥାଏ ମର୍ମର ଧ୍ୱନି । ନାନାଦି ସୁବାସିତ ପୁଷ୍ପ ସମାହାରରେ ଉଚ୍ଛୁଳି ଉଠୁଥାଏ ଉଦ୍ୟାନ । ଥରେ ଥରେ ଶିଶୁର କଅଁଳ ହାତ ସେଥିରୁ ଗୋଟାଏ ଗୋଟାଏ ଛୁଇଁ ଦେଉଥାଏ । କେତେବେଳେ ବା ସେ କୌଣସି ଚପଳ ପକ୍ଷୀ ବା ପ୍ରଜାପତି ଆଡ଼େ ଆକୃଷ୍ଟ ହୋଇ ହସି ଦେଉଥାଏ ।

ମାତା ଯଶୋଦା ଏବଂ ପରିଚାରିକାମାନଙ୍କ ଦୃଷ୍ଟି ନିବଦ୍ଧ ଥାଏ ଶିଶୁଟି ଉପରେ । ସେମାନେ ସେ ବିସ୍ତୃତ ଉଦ୍ୟାନର ଶେଷପ୍ରାନ୍ତକୁ ଚାଲି ଆସିଥା'ନ୍ତି । ଆକାଶ କେତେବେଳେ ମେଘାଚ୍ଛନ୍ନ ହେଲାଣି, ସେ ଆଡ଼େ ସେମାନଙ୍କ ଦୃଷ୍ଟି ଯାଇ ନଥାଏ । ହଠାତ୍ କିନ୍ତୁ ଆସିଲା ଉତ୍ତାଳ ପବନର ଏକ ପ୍ରଚଣ୍ଡ ଧକ୍କା । ଅସଂଖ୍ୟ ଗଛ ଦୋହଲି ଗଲେ । ଚମକିଲା ତୀବ୍ର ଉଜ୍ଜ୍ୱଳ ବିଜୁଳି । ହେଲା ଅଦୂରରେ ପ୍ରଚଣ୍ଡ ବଜ୍ରପାତର ଶବ୍ଦ । ବର୍ଷା ଅବଶ୍ୟ ହେଲା ନାହିଁ ।

''ଚାଲ, ଚାଲ, ଉଆସ ଭିତରକୁ ଚାଲ !'' କହିଲେ ଯଶୋଦା । ସେ ଶିଶୁକୁ ନିଜ ଛାତିରେ ଜାକି ଧରିଥା'ନ୍ତି ।

ଅକସ୍ମାତ୍ ଚକ୍ରାକାରେ ଘୂରିଘୂରି ଉର୍ଦ୍ଧ୍ୱକୁ ଉଠିଗଲା ଗୋଟାଏ ଧୂଳିର ସ୍ତମ୍ଭ । ଏମିତି ଗୋଟାଏ ଅସ୍ୱାଭାବିକ ଶବ୍ଦ ହେଲା, ସତେ ଯେମିତି ସହସ୍ର ସର୍ପ ଏକତ୍ର ହିସ୍ ହିସ୍ କରୁଛନ୍ତି । ଧୂଳି ମାଡ଼ରେ ସଭିଙ୍କ ଆଖି ବଳେ ବଳେ ବୁଜି ହୋଇଗଲା । ଏକ ଭୟାବହ ଘୂର୍ଣ୍ଣିବାୟୁ ଯେମିତି ସବୁକିଛି ଉତ୍ପାଟିତ କରି ଶୂନ୍ୟକୁ ଉଡ଼ାଇ ନେବାକୁ ଉଦ୍ୟତ !

''ସମସ୍ତେ ଆମ ରାଣୀଙ୍କୁ ବେଢ଼ି ରୁହ !'' ମୁଖ୍ୟ ପରିଚାରିକା ନିର୍ଦ୍ଦେଶ ଦେଲା । ତାହାହିଁ ହେଲା । କିନ୍ତୁ ସେହି ଅନ୍ଧକାର ଭିତରେ ଶୁଭିଲା ଯଶୋଦାଙ୍କ ଆର୍ତ୍ତନାଦ ।

''ରାଣୀ ମା ! ଆମେ ତୁମ ଚାରି କଡ଼େ ରହିଛୁ ! ଚିନ୍ତା ନାହିଁ ।'' ପରିଚାରିକାମାନେ କହିଲେ । କିନ୍ତୁ କେହି କାହାକୁ ଦେଖିପାରୁ ନଥିଲେ ।

ମୁହୂର୍ତ୍ତକ ପରେ ସେ ଘୂର୍ଣ୍ଣିବାୟୁ ଭୂତଳ ଛାଡ଼ି ଉପରକୁ ଉପରକୁ ଉଠିଗଲା ଭଳି ମନେ ହେଲା । ଧୂଳି କ୍ରମେ ପତଳା ହୋଇଗଲା । ଅନ୍ଧକାର କମିଗଲା । ସେତେବେଳେ ଯାଇ

ସମସ୍ତେ ବୁଝିଲେ – କାହିଁକି ରାଣୀ ଆର୍ତ୍ତନାଦ କରିଥିଲେ । ତାଙ୍କ କର ଯୁଗଳ ଶୂନ୍ୟ । ଶିଶୁ ଅଦୃଶ୍ୟ !

ପରିଚାରିକାମାନେ ଅଣନିଃଶ୍ୱାସୀ ହୋଇ ଉଦ୍ୟାନର ବୁଦା, ଲତା ଖିନ୍‌ଭିନ୍ କରି ଖୋଜିଲେ; କିନ୍ତୁ ଶିଶୁର ପତ୍ତା ନଥିଲା । ''ଘୂର୍ଣ୍ଣିବାତ୍ୟା ମୋ ପୁଅକୁ ଛଡ଼େଇ ନେଇଗଲା !'' ଏତକ କହି, ଥରେ ଶୂନ୍ୟକୁ ଅନାଇ ଯଶୋଦା ତଳେ ପଡ଼ିଗଲେ । ତାଙ୍କୁ କ'ଣ କହି ସାନ୍ତ୍ୱନା ଦେବେ ପରିଚାରିକାମାନେ ? ଜଣେ ତାଙ୍କ ମୁଣ୍ଡକୁ ନିଜ କୋଳକୁ ନେଇ ବସି ରହିଲେ । ଅନ୍ୟମାନେ ଶିଶୁର ସନ୍ଧାନରେ ରହିଲେ ବ୍ୟସ୍ତ ।

*

ମେଘମାଳା ଉପରେ କିନ୍ତୁ ସେତେବେଳେ ଲାଗିଥାଏ ନାଟ । ଘୂର୍ଣ୍ଣିବାତ୍ୟା ରୂପେ ଯିଏ ଶିଶୁକୁ ଚକ୍ରାକାରେ ବୁଲାଇ ବୁଲାଇ ନେଇଗଲା ଊର୍ଦ୍ଧ୍ୱକୁ, ସିଏ ଗୋଟିଏ ଦାନବ । ନାମଟି ତା'ର ତୃଣାବର୍ତ୍ତ । ତା'ର ବିଶେଷତ୍ୱ ହେଲା, ସିଏ ଯେକୌଣସି ମଣିଷ ବା ବସ୍ତୁକୁ ଆଖି ପଲକରେ ଶୂନ୍ୟକୁ ନେଇ ଯାଇ ତଳେ କଚାଡ଼ି ଚୂର୍‌ମାର କରି ଦେଇପାରେ ! କହିବା ବାହୁଲ୍ୟ, ତାକୁ ପେଷିଥିଲା କଂସ । ନନ୍ଦର ସନ୍ତାନଟିକୁ ଛେଚି ଶେଷ କରି ଦେବା ଥିଲା ସେ ଦାନବର ଉଚ୍ଚାଭିଳାଷ ।

ତୃଣାବର୍ତ୍ତ ସିନା ଶିଶୁଟିକୁ ତୀବ୍ର ଗତିରେ ଯଶୋଦାଙ୍କ କୋଳରୁ ଉଠାଇ ମେଘମାଳା ଉପରକୁ ନେଇଗଲା, କିନ୍ତୁ ପରେ ପରେ ନିଜେ ବଡ଼ ଅଡୁଆରେ ପଡ଼ିଲା । ଯେତେ ଚେଷ୍ଟା କଲେ ବି ଶିଶୁକୁ ତଳକୁ ଫୋପାଡ଼ି ପାରିଲା ନାହିଁ । ଦାନବଟି ନିଜର ଭୟଙ୍କର ରୂପ ଗ୍ରହଣ କରି ଦୁଇ ହାତରେ ଶିଶୁକୁ ଧରି ତଳକୁ ଠେଲିବାକୁ ଉଦ୍ୟମ କରିବା ବେଳକୁ ଶିଶୁ ବିରାଟ ଆକାର ଧାରଣ କରି ତା' ବେକକୁ ଜାବୁଡ଼ି ଧରିଲା । କ୍ରମେ ତା'ର କଣ୍ଠ ରୁଦ୍ଧ ହୋଇ ଆସିଲା । ଗୋଟାଏ ପ୍ରଚଣ୍ଡ ରଡ଼ି ଛାଡ଼ି ସେ ତଳକୁ ଖସି ଆସିଲା । ନିଜର ବିଶାଳକାୟ ରୂପରେ ସେ ପଡ଼ିଲା ପର୍ବତମାଳା ଭିତରେ । ତା' ରଡ଼ିର ପ୍ରତିଧ୍ୱନିରେ ଚମକି ପଡ଼ିଲେ ଗୋପପୁରବାସୀମାନେ । ଦାନବର ପ୍ରାଣବାୟୁ ଏକ ଘୂର୍ଣ୍ଣିବାୟୁ ରୂପେ ଉପରକୁ ଉଠିଯାଇ ବିଶ୍ୱବ୍ୟାପ୍ତ ପବନ ସହ ମିଶିଗଲା । ଯଶୋଦା ସମ୍ବିତ୍ ଫେରିପାଇ ଠିଆ ହୋଇ ଶୂନ୍ୟକୁ ଅନାଇଥା'ନ୍ତି ।

ଉଦ୍ୟାନ ଉପରେ ଭାସମାନ ମେଘମାଳା ଭିତରୁ ଖସି ଆସିଲା ଦିବ୍ୟଶିଶୁ । ଆସି ମୃଦୁ ମନ୍ଥର ଭାବରେ ସ୍ଥିର ହେଲା ଯଶୋଦାଙ୍କ ପ୍ରସାରିତ ବାହୁ ଯୁଗଳ ଉପରେ ।

ଶିଶୁଟି ପୁଣି କାନ୍ଦି ଉଠିଲା । ସତେ ଯେପରି ସେ କିଛି ଜାଣେନା ! ସତେ ଯେପରି ଟିକିଏ ପୂର୍ବର ଉଦ୍ଦାମ ପବନ ଓ ଦାନବର ଅନ୍ତିମ ରଡ଼ି ଶୁଣି ସେ ଡରି ଯାଇଛି !

ଯଶୋଦା ଶିଶୁକୁ ଜାବୁଡ଼ି ଧରି ପ୍ରାସାଦ ଭିତରକୁ ଚାଲିଗଲେ । ଅନୁସରଣ କଲେ ସେବିକାମାନେ । କିଏ ବା କହିବ କଥା ? କହିବ ବା କ'ଣ ? ଚମକ ଓ ଚମତ୍କାର ସମସ୍ତଙ୍କୁ ନିର୍ବାକ୍ କରି ଦେଇଥିଲା ।

(କ୍ରମଶଃ) ❑

ତୁମ କାମଟିକୁ ଛାଡ଼ି ଦେବାରେ ସମାଧାନ ନାହିଁ । କର୍ମ ମାଧ୍ୟମରେହିଁ ଅହଂକାରରୁ ଆସୁଥିବା ଯୋଗ-ଆଦର୍ଶର ବିରୋଧୀ ଅନୁଭୂତି ଓ ଗତିବୃତ୍ତିସବୁକୁ ଚିହ୍ନି ପାରିବ ଓ ଅଧିକରୁ ଅଧିକ ଭିତରୁ ଦୂର କରି ଦେଇ ପାରିବ । ତୁମ ପାଇଁ ପରୀକ୍ଷା ହେଉଛି ମା'ଙ୍କ ଦ୍ୱାରା ଦିଆଯାଇଥିବା କର୍ମକୁ ବିନା ଅଭିମାନ, ବିନା ଜିଦ୍, ବିନା ସମ୍ମାନବୋଧଯୁକ୍ତ ଅଭିରୁଚିର ସହ କରିବା – କରିବା ନିଜର ଗର୍ବ ତଥା ବ୍ୟକ୍ତିଗତ ଅଭିରୁଚିକୁ ସ୍ପର୍ଶ କଲା ଭଳି କଥାରେ ଆଘାତପ୍ରାପ୍ତ ନ ହୋଇ ।

– ଶ୍ରୀଅରବିନ୍ଦ

# ସ୍ୱଚ୍ଛତା ମଧ୍ୟରେହିଁ ଈଶ୍ୱରଙ୍କ ନିବାସ

## (୨)

## ସୂର୍ଯ୍ୟକାନ୍ତି ମହାନ୍ତି

ମନୁଷ୍ୟ ନିମନ୍ତେ ଦୁଇଟି ସ୍ତରରେ ସ୍ୱଚ୍ଛତା ଆବଶ୍ୟକ । ସେସବୁ ହେଲା ବାହ୍ୟ ଓ ଅନ୍ତଃସ୍ତରର ସ୍ୱଚ୍ଛତା । ବାହ୍ୟ ସ୍ତରର ସ୍ୱଚ୍ଛତା ହେଉଛି ଭୌତିକ ଜଗତର ଦୃଶ୍ୟମାନ୍ ଜଗତ୍ ଅର୍ଥାତ୍ – ମନୁଷ୍ୟର ଶରୀର, ପୋଷାକ ପରିଚ୍ଛଦ, ଖାଦ୍ୟପେୟ, ପରିବେଶ, ବାୟୁମଣ୍ଡଳ ଓ ଜଳ ଇତ୍ୟାଦି ହୋଇଥିବା ବେଳେ ଅନ୍ତଃସ୍ତରର ସ୍ୱଚ୍ଛତା ହେଉଛି ମାନସିକ ବା ଅଦୃଶ୍ୟ ଜଗତର ସ୍ୱଚ୍ଛତା । ଏ ଦୁଇଟି ସ୍ତର ପରସ୍ପରର ପରିପୂରକ । ଗୋଟିକର ଅଭାବ ହେଲେ ମନୁଷ୍ୟ ଅସୁସ୍ଥ ହୁଏ । ମନ ସମ୍ପୂର୍ଣ୍ଣ ଠିକ୍ ଭାବରେ କାର୍ଯ୍ୟକାରୀ ନହେଲେ ଏହା ବିକୃତ ହୋଇଯାଏ । ଦୃଶ୍ୟମାନ ଜଗତର ଅପରିଷ୍କାରକୁ ବିଭିନ୍ନ ଉପାୟରେ ଯେପରି ପରିଷ୍କାର କରାଯାଏ ସେହିପରି ମନକୁ ମଧ୍ୟ ବିଭିନ୍ନ ଉପାୟରେ ପରିଚ୍ଛନ୍ନ କରାଯାଇପାରେ । ତେବେ ସାଧାରଣ ମଣିଷ ଏହି ଦ୍ୱିତୀୟ ସ୍ତରକୁ ହିସାବକୁ ନନେଇ କେବଳ ପ୍ରଥମଟିକୁ ବିଚାର କରିଥାଏ । ଏଣୁ ଅସୁସ୍ଥତାକୁ ନେଇ ମାନବଜାତିର ଏ ଅକଥନୀୟ ଦୁର୍ଦ୍ଦଶା !

ଦେଖାଯାଏ ମଣିଷର ମନ ତା'ର ଆଦର୍ଶ ସହିତ ସଂହତି ରକ୍ଷା କରିପାରେ ନାହିଁ । କ୍ରୋଧ, ଈର୍ଷା, ଘୃଣା, ସ୍ୱାର୍ଥପରତା, କପଟାଚାର, ଶଠତା ଆଦିରେ ଏହା ପ୍ରଦୂଷିତ ହୋଇଥାଏ । ମାତ୍ର ମନକୁ ସ୍ୱଚ୍ଛ ଓ ପବିତ୍ର କରିବା ପାଇଁ କୌଣସି ରାସାୟନିକ ବିଶୋଧକ ନାହିଁ । ଯେଉଁ ମନ ନକାରାତ୍ମକ ଚିନ୍ତାରାଜିରୁ ମୁକ୍ତ ଥାଏ, ତାହା ଶୁଦ୍ଧ ମନ । ଦେଖିବାକୁ ଗଲେ ଅତିରିକ୍ତ ଅବ୍ୟବସ୍ଥିତ ଓ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଏକ ଶୃଙ୍ଖଳିତ, ସ୍ୱଚ୍ଛ ଓ ପବିତ୍ର ମନକୁ ପରିଚାଳିତ କରିବା ଅତୀବ କଷ୍ଟକର ।

ମନ ହେଉଛି ଭାବନାର ମହାସାଗର । ଏହା ଭଲ ବା ଖରାପ ଗୁଣଯୁକ୍ତ ହୋଇପାରେ, ସକାରାତ୍ମକ ବା ନକାରାତ୍ମକ ହୋଇପାରେ । ତେବେ ଶୁଦ୍ଧ ମନ ହେଉଛି ମହାସାଗରର କେନ୍ଦ୍ର ପରି । ସେଠାରେ ତରଙ୍ଗାୟିତ ଢେଉ ନଥାଏ । ଯେତେବେଳେ ମଣିଷ ତା' ମନକୁ ଧ୍ୱଂସାତ୍ମକ ଭାବରେ ଶକ୍ତିଶାଳୀ କରାଏ, ଏହା ସୁନାମିର କାରଣ ହୋଇଥାଏ । ଯାହା ଫଳରେ କେବଳ ନିଜର ନୁହେଁ ବରଂ ଚତୁଃପାର୍ଶ୍ୱରେ ଥିବା ଲୋକଙ୍କର ପ୍ରଭୂତ କ୍ଷତି କରାଏ । ମନୁଷ୍ୟ ଯେତେ ଅଧିକ ସକାରାତ୍ମକ ଭାବରେ ଚିନ୍ତା କରେ, ମନ ସେତେ ଶୁଦ୍ଧ ହେଉଥାଏ । ଏଣୁ ନିଜର ଚିନ୍ତାର ଗତିଧାରା ଉପରେ ନଜର ରଖିବା ଆବଶ୍ୟକ । ଭାବନାକୁ ଚିହ୍ନିବା ହେଉଛି ଏକ ଦକ୍ଷତା କିନ୍ତୁ ତାକୁ ସଫଳ ଭାବରେ ପରିଚାଳନା କରିବା ହେଉଛି ଆଉ ଏକ ଦକ୍ଷତା । ବିଜ୍ଞାନ ଦୃଷ୍ଟିରୁ ମଣିଷର ଏ ଦୁଇ ପ୍ରକାର ଦକ୍ଷତାର କାର୍ଯ୍ୟକାରିତା ଅନ୍ତର୍ଭୁକ୍ତ କରେ ନିଜର ଭାଷା, ପ୍ରେମ, ବିଶ୍ୱାସ, କଳ୍ପନା ଓ ବିଚାର ଶକ୍ତି ।

**ଭାଷା :** ମଣିଷ ନିଜର ସ୍ପନ୍ଦନକୁ ପ୍ରକାଶ କରିବା ପାଇଁ ଜିହ୍ୱାକୁ ବ୍ୟବହାର କରେ, ଅର୍ଥାତ୍ ନିଜକୁ ଭାଷାରେ ପ୍ରକାଶ କରେ । ଏହା ହେଉଛି ନିଜର ମୁଖ ନିଃସୃତ ଶବ୍ଦ । ମନର ଏହି ସ୍ପନ୍ଦିତ ଶକ୍ତି କାର୍ଯ୍ୟ କରେ ଜିହ୍ୱାର ମୂଳରେ ଏବଂ ଥାଇରଏଡ୍ ଗ୍ରନ୍ଥି ନିକଟରେ । ଏହା ନିୟନ୍ତ୍ରିତ କରେ ଶରୀରର ସମସ୍ତ ସ୍ପନ୍ଦନକୁ । ଯେତେବେଳେ ଭାଷା କଠୋର, କର୍କଶ ଓ କ୍ରୋଧଯୁକ୍ତ ହୋଇଯାଏ, ମନର ଏହି ଶକ୍ତିରେ ମଇଳା ଜମିଯାଏ ବା ଦୁର୍ବଳ ହୋଇଯାଏ । ନିନ୍ଦାସୂଚକ ଭାଷା ଗଳାରେ ଯନ୍ତ୍ରଣା, ଉତ୍ତେଜନାପୂର୍ଣ୍ଣ ଭାଷା କ୍ରମାଗତ କଫଯୁକ୍ତ କାଶ ଆଦି ସୃଷ୍ଟି କରେ । ପ୍ରକୃତରେ ମଣିଷର ଭାଷା ହେଉଛି ତା' ପାଇଁ ଏକ ପ୍ରକାର ଖାଦ୍ୟ । ଜୀବନପ୍ରଦାନକାରୀ ଭାଷା ସ୍ୱାସ୍ଥ୍ୟ ପ୍ରଦାନ କରିଥାଏ । ଏଣୁ ନିଜର ଉତ୍ତମ ସ୍ୱାସ୍ଥ୍ୟ ଓ ସୁନ୍ଦର ପରିବେଶ ନିମନ୍ତେ ମନର ଏହି ଶକ୍ତିକୁ ଭାଷା ମାଧ୍ୟମରେ ସ୍ୱଚ୍ଛ, ଶୁଦ୍ଧ ଓ ପବିତ୍ର କରିବା ଆବଶ୍ୟକ ।

**ପ୍ରେମ :** ମନର ଅନ୍ୟ ଏକ ଶକ୍ତି ହେଉଛି ପ୍ରେମ, ଯାହାର ଅବସ୍ଥିତି ହୃଦୟରେ, ଥାଇମସ୍ ଗ୍ରନ୍ଥି ନିକଟରେ । ଜଣକର ଘୃଣା ଓ ଈର୍ଷାଭାବ ହୃଦୟ କେନ୍ଦ୍ରକୁ ମଇଳାଯୁକ୍ତ କରି ଦିଏ । ଫଳରେ ତା'ର ଛାତି, ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡରେ କିଛି ଅସୁସ୍ଥତା ଦେଖାଦିଏ । ତେବେ ସ୍ନେହପୂର୍ଣ୍ଣ ଭାବନା ଏକ ରାସାୟନିକ ପ୍ରକ୍ରିୟା ସୃଷ୍ଟି କରି ହୃଦୟକେନ୍ଦ୍ରକୁ ଶୁଦ୍ଧ କରିଦିଏ । ଯୁକ୍ତାତ୍ମକ ପ୍ରେମ ସ୍ରୋତ ବିପରୀତ ଭାବନା ବା ଘୃଣାକୁ ନିଜ ଭିତରେ ଦ୍ରବୀଭୂତ କରି ଏହି କେନ୍ଦ୍ରକୁ ପବିତ୍ର କରିଥାଏ । ଫଳରେ ମନ ଓ ଶରୀରରେ ଏକ ସଂହତିପୂର୍ଣ୍ଣ ବଳୟ ସୃଷ୍ଟି

ହୁଏ । ଏପରିକି ଦୀର୍ଘ ଦିନର ସ୍ଥାୟୀ ରୋଗଗୁଡ଼ିକ ମଧ୍ୟ ପ୍ରେମ ଓ କରୁଣା ଦ୍ୱାରା ଉଭେଇ ଯାଏ । ଏହିପରି ଭାବରେ ସୁନ୍ଦର ଓ ସୃଷ୍ଟିକାରୀ ଭାବନା ନୂତନ କୋଷ ଏବଂ ପ୍ରେମପୂର୍ଣ୍ଣ ଭାବନା ଆରୋଗ୍ୟକାରୀ କୋଷ ନିର୍ମାଣ କରେ ।

**ବିଶ୍ୱାସ :** ମନର ଆଉ ଏକ ଶକ୍ତି ହେଉଛି ବିଶ୍ୱାସ, ଯାହାକୁ ସବୁ ସମୟରେ ମଣିଷ ସକାରାତ୍ମକ ବା ନକାରାତ୍ମକ ଭାବରେ ବ୍ୟବହାର କରୁଥାଏ । ଏହି ଶକ୍ତି ମସ୍ତିଷ୍କର କେନ୍ଦ୍ରରେ, ପିନିଅଲ୍ ଗ୍ରନ୍ଥିରେ, କାନର ଠିକ୍ ଉପରକୁ ଏବଂ ଆଖିର ଖୁବ୍ ନିକଟରେ କାର୍ଯ୍ୟ କରେ । ବିଶ୍ୱାସର ନକାରାତ୍ମକ ବ୍ୟବହାରରେ ମନର ଏହି ଶକ୍ତି ମଇଳାଯୁକ୍ତ ହୋଇଯାଏ । ଏଥିଯୋଗୁଁ ଅନେକ ସମୟରେ ଜଣକର ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତି ପ୍ରଭାବିତ ହୋଇଥାଏ । ଏ କ୍ଷେତ୍ରରେ ଜଣକର ସକାରାତ୍ମକ କଥିତ ଭାଷା ବିଶ୍ୱାସର ଶକ୍ତି କେନ୍ଦ୍ରକୁ ପରିଷ୍କାର କରିଦିଏ । କାରଣ ଜୀବନ ସ୍ରୋତକୁ ଉଚ୍ଚାରିତ ଶବ୍ଦ ନିୟନ୍ତ୍ରିତ କରିଥାଏ । ଯେଉଁ ମଣିଷ ତା' ବିଶ୍ୱାସର ପ୍ରଭୁ, ସେ ତା' ସ୍ୱାସ୍ଥ୍ୟର ପ୍ରଭୁ ହୋଇପାରେ । ଅତଏବ ସୁସ୍ଥତାର ଦ୍ୱାର ଉନ୍ମୁକ୍ତ କରିପାରେ ବିଶ୍ୱାସର ଶବ୍ଦ ।

**କଳ୍ପନା :** ମନର ଅନ୍ୟ ଏକ ଶକ୍ତି ହେଉଛି କଳ୍ପନା । ଏହି ଶକ୍ତି ମସ୍ତିଷ୍କର କେନ୍ଦ୍ରରେ ପିଟ୍ୟୁଟାରୀ ଗ୍ରନ୍ଥିରେ କାର୍ଯ୍ୟକାରୀ ହୁଏ । ଏହି ଗ୍ରନ୍ଥି ପିନିଅଲ୍ ଗ୍ରନ୍ଥିର ନିମ୍ନରେ ଅବସ୍ଥିତ । କଳ୍ପନା ଶକ୍ତି ସଂଯୁକ୍ତ ହୋଇଥାଏ ବିଶ୍ୱାସ ଶକ୍ତି ସହିତ । ଯଦି ଜଣେ କଳ୍ପନାରେ ଅନ୍ୟର ଅନିଷ୍ଟକର ଛବି ଆଙ୍କିଦିଏ, ମନର ଏହି ଶକ୍ତି ଅଶୁଦ୍ଧ ହୋଇଯାଏ । କଳ୍ପନା ଶକ୍ତିର ଉପଯୁକ୍ତ ବ୍ୟବହାର ଜଣକ ଜୀବନରେ ଓ ଶରୀରରେ ସୃଷ୍ଟି କରେ ଅଦ୍ଭୁତ ପରିବର୍ତ୍ତନ । ଯେତେବେଳେ ଲୋକମାନେ କୌଣସି କଥାକୁ 'ଏହା ଏକ କଳ୍ପନା ମାତ୍ର' କହି ହସରେ ଉଡ଼ାଇ ଦିଅନ୍ତି, ବାସ୍ତବରେ ଏହି କଳ୍ପନାହିଁ ମଣିଷର ମାନସିକ ସ୍ତରରେ ସବୁଠାରୁ ଶକ୍ତିଶାଳୀ ପ୍ରବୃତ୍ତି ଭାବରେ କାର୍ଯ୍ୟ କରିଥାଏ ।

ଆଜିକାଲିର ମନସ୍ତତ୍ତ୍ୱବିତ୍ ଓ କେତେକ ଚିକିତ୍ସକ ମଧ୍ୟ ଜାଣିଛନ୍ତି ଯେ କେତେ ଶକ୍ତିଶାଳୀ ଓ ବାସ୍ତବ ଏହି କଳ୍ପନାର କାର୍ଯ୍ୟ ।

ତେବେ ଭାରତୀୟ ସଂସ୍କୃତିରେ ଅନ୍ତଃପ୍ରଦେଶର ସ୍ୱଚ୍ଛତା ଓ ପବିତ୍ରତା ଏବଂ ଉର୍ଜାଃ ସଂଗ୍ରହ ନିମିତ୍ତ ନବରାତ୍ରୀ ପର୍ବ ପାଳନ କରାଯାଏ । ନବରାତ୍ରୀରେ ମାତା ଆଦିଶକ୍ତିଙ୍କର ନଅଟି ରୂପର ଉପାସନା କରାଯାଏ । ଏହିସବୁ ସ୍ୱରୂପ ମଣିଷର ସୂକ୍ଷ୍ମ ସପ୍ତଶକ୍ତି କେନ୍ଦ୍ରରେ କାର୍ଯ୍ୟ କରୁଥିବାରୁ ସାଧକ ଏହି ସମୟରେ ନିଜର ଅନ୍ତଃକରଣକୁ ସ୍ୱଚ୍ଛ, ଶୁଦ୍ଧ ଓ ପବିତ୍ର କରିଥାଏ । ଏହି **ନଅଟି** ସ୍ୱରୂପ ହେଲେ –

୧. **ଶୈଳପୁତ୍ରୀ** – ମୂଳାଧାର ଚକ୍ରରେ କାର୍ଯ୍ୟ କରି ସାଧକକୁ ଜଡ଼ତାରୁ ଉତ୍ଥିତ କରି ଜାଗ୍ରତ୍ କରିଥା'ନ୍ତି ।

୨. **ବ୍ରହ୍ମଚାରିଣୀ** – ଏହା ସ୍ୱାଧିଷ୍ଠାନ ଚକ୍ରରେ କାର୍ଯ୍ୟ କରିଥା'ନ୍ତି । ଏହି ସମୟରେ ମନ ତପଶ୍ଚର୍ଯ୍ୟାରେ ଲୀନ ହୋଇଯାଏ ଏବଂ ଦେବୀଙ୍କ କୃପା ଲାଭ ହୋଇଥାଏ ।

୩. **ଚନ୍ଦ୍ରଘଣ୍ଟା** – ଏହା ମଣିପୁର ଚକ୍ରରେ କାର୍ଯ୍ୟ କରି ସାଧକକୁ ଦିବ୍ୟଧ୍ୱନିରେ ବିମୋହିତ କରିଥା'ନ୍ତି ।

୪. **କୁଷ୍ମାଣ୍ଡା** – ଅନାହତ ଚକ୍ରରେ କାର୍ଯ୍ୟ କରିବା ଫଳରେ ସାଧକ ଦେବୀଙ୍କର ବିଭୂତିଗୁଡ଼ିକ ଲାଭ କରିଥାଏ ।

୫. **ସ୍କନ୍ଦମାତା** – ଯେ କି ବିଶୁଦ୍ଧ ଚକ୍ରରେ କାର୍ଯ୍ୟ କରି ସାଧକର ସମସ୍ତ ଇଚ୍ଛା ପୂରଣ କରିଥା'ନ୍ତି ।

୬. **କାତ୍ୟାୟନୀ** – ସେ ଆଜ୍ଞାଚକ୍ରରେ କାର୍ଯ୍ୟ କରିଥା'ନ୍ତି । ଫଳରେ ସାଧକର ମନ ଆଧ୍ୟାତ୍ମିକ ଶକ୍ତି ଲାଭ କରିଥାଏ ।

୭. **କାଳରାତ୍ରୀ** – ସହସ୍ରାର ଚକ୍ରରେ କାର୍ଯ୍ୟ କରି ସର୍ବ ଶୁଭ ପ୍ରଦାନ କରିଥା'ନ୍ତି ।

୮. **ମହାଗୌରୀ** – ମନର ବିକାରଗୁଡ଼ିକୁ ପରିଷ୍କାର କରି ଚିତ୍ତକୁ ନିର୍ମଳ ଓ ପବିତ୍ର କରି ଦିଅନ୍ତି । ଯାହା ଫଳରେ ସାଧକ ଦେବୀଙ୍କର କୃପା ପ୍ରାପ୍ତ କରିଥାଏ ।

୯. **ସିଦ୍ଧିଦାତ୍ରୀ** – ସାଧକର ସ୍ୱଚ୍ଛ ଓ ପବିତ୍ର ମନକୁ ସିଦ୍ଧି ପ୍ରଦାନ କରନ୍ତି ।

ପୁନଶ୍ଚ ବାହ୍ୟଶୁଦ୍ଧି ଓ ଅନ୍ତଃଶୁଦ୍ଧି ନିମିତ୍ତ ଶ୍ରୀଅରବିନ୍ଦଙ୍କର ଭକ୍ତଗଣ ଶ୍ରୀମାଙ୍କର ଚାରୋଟି ମୁଖ୍ୟ ଶକ୍ତିକୁ ନିଜର ଅନ୍ତଃ ପ୍ରଦେଶରେ କାର୍ଯ୍ୟକାରୀ କରିବା ପାଇଁ ଜୀବନ ବ୍ୟାପୀ ସାଧନା କରନ୍ତି । ଏହି ଚାରୋଟି ଦିବ୍ୟଶକ୍ତି ଚାରିଟି ବ୍ୟକ୍ତି ରୂପରେ ପ୍ରକାଶିତ ହୋଇ କାର୍ଯ୍ୟ କରନ୍ତି । ଶ୍ରୀଅରବିନ୍ଦଙ୍କ ଭାଷାରେ –

**ମହେଶ୍ୱରୀ :** ''ରାଜରାଜେଶ୍ୱରୀ ମହେଶ୍ୱରୀ ମାନସ ତର୍କବୁଦ୍ଧି ଓ ଇଚ୍ଛାଶକ୍ତିର ଉପରେ, ବୃହତ୍‌ର ମଧ୍ୟରେ ଆସୀନା ଏବଂ ଏହି ଦୁଇଟି ବୃତ୍ତିକୁ ସେ ଶୋଧନ କରି, ମହତ୍ତର କରି ବିଶାଳତା ମଧ୍ୟରେ ଉନ୍ନୀତ କରନ୍ତି କିଂବା ଅନଧିଗମ୍ୟ ଗୋଟିଏ ଜ୍ୟୋତିଃର ପ୍ଲାବନରେ ସେସବୁକୁ ପରିପୂର୍ଣ୍ଣ କରି ଗଢ଼ନ୍ତି ।''

**ମହାକାଳୀ :** ''... ଯାହାକିଛି ଜୋର୍ କରି ଜ୍ଞାନହୀନ ଓ ତମୋଗ୍ରସ୍ତ ହୋଇ ରହିବାକୁ ଚାହେଁ, ତା' ପ୍ରତି ସେ କଠୋର ହସ୍ତା । ବିଶ୍ୱାସଘାତକତା, ମିଥ୍ୟାଚାର ଓ ବିଦ୍ୱେଷର ବିରୋଧରେ ତାଙ୍କର କ୍ରୋଧ, ସଦା ଉଦ୍ୟତ ଓ ନିଦାରୁଣ – ଦୁଷ୍ଟ ଇଚ୍ଛା ତାଙ୍କ ଚାବୁକର ଆଘାତରେ ତତ୍‌କ୍ଷଣାତ୍ ଜର୍ଜରିତ ହୁଏ ।

... ''ଯାହା କୁଟିଳ ଏବଂ ବିକୃତ, ତାକୁ ପୁନଃ ପୁନଃ ପ୍ରହାର କରି ସିଧା କରି ଦିଅନ୍ତି, ଯାହା ଅଶୁଦ୍ଧ ବା ଦୋଷଯୁକ୍ତ ତାହା ବହିଷ୍କୃତ କରି ଦିଅନ୍ତି ।''

**ମହାଲକ୍ଷ୍ମୀ :** ''ଯେଉଁ ମାନବ-ହୃଦୟରେ ପୂରି ରହିଥାଏ ସ୍ୱାର୍ଥପରତା, ଦ୍ୱେଷ, ଈର୍ଷ୍ୟା, ହିଂସା, ଅସୂୟା ଓ ଦ୍ୱନ୍ଦ୍ୱ, ଯଦି ଦେବୋଦ୍ଦିଷ୍ଟ ଆଧାରରେ ମିଶିଥାଏ ବିଶ୍ୱାସ ଘାତକତା, ବୁଭୁକ୍ଷା ଓ ଅକୃତଜ୍ଞତା, ଯଦି ଭକ୍ତିକୁ ପ୍ରାଣାବେଗର ସ୍ଥୂଳତା, କାମନାର ରୂଢ଼ତା ଅଶୁଦ୍ଧ କରିଥାଏ ତେବେ ଏପରି ହୃଦୟରେ ଏହି ସୌମ୍ୟା ଶ୍ରୀମୟୀ ଦେବୀ ରହନ୍ତି ନାହିଁ ।... ଏହି ତିକ୍ତ, ବିଷାକ୍ତ, ଦାନବସେବ୍ୟ ଉପଚାର ପ୍ରତ୍ୟାଖାନ ଓ ବିଦୂରିତ ହେବା ପରେ ପୁନର୍ବାର ତାଙ୍କର ଆନନ୍ଦମୟ ପ୍ରଭାବ ବିସ୍ତାର କରନ୍ତି ।''

**ମହାସରସ୍ୱତୀ :** ''ଉପରୁ ଆନତ ହୋଇ ସେ ଆମ୍ଭମାନଙ୍କୁ ଘେରି ରହନ୍ତି, କ୍ଷୁଦ୍ରାତିକ୍ଷୁଦ୍ର ଅଙ୍ଗକୁ ନିରୀକ୍ଷଣ କରନ୍ତି, ସ୍ପର୍ଶ କରନ୍ତି, ଯେତେ ସାମାନ୍ୟ ହେଉ, ପ୍ରତ୍ୟେକ ଦୋଷ, ତ୍ରୁଟି, କୁଟିଳତା, ଅପୂର୍ଣ୍ଣତା ଖୋଜି ବାହାର କରନ୍ତି, କେତେ କାର୍ଯ୍ୟ କରା ହୋଇଛି, ଆଉ କେତେ କରିବାକୁ ବାକି ଅଛି ତାହା ଯଥାଯଥ ଓଜନ କରି, ବିଚାର କରି ଦେଖନ୍ତି ।''

**ବିଚାର :** ମନର ଏକ ଶକ୍ତି ହେଉଛି ବିଚାର, ଯାହା ସୋଲାର୍ ପ୍ଲେକସସ୍ ପରିସରରେ ଅଗ୍ନ୍ୟାଶୟ ଗ୍ରନ୍ଥି ନିକଟରେ କାର୍ଯ୍ୟ କରେ । ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ପାକସ୍ଥଳୀର କାର୍ଯ୍ୟ ହେଉଛି ଆବେଗପୂର୍ଣ୍ଣ ଭାବରେ ବିଚାର କରିବା ଏବଂ ତା' ସହ ଖାଦ୍ୟ ହଜମ କରିବା ମଧ୍ୟ । ଯେତେବେଳେ ନକାରାତ୍ମକ ଭାବରେ ଆବେଗ କ୍ରିୟାଶୀଳ ହୁଏ, ପାକସ୍ଥଳୀରେ ଏହି ଶକ୍ତି ଅଶୁଦ୍ଧ ହୋଇଯାଏ । ଏଣୁ ହଜମ କ୍ରିୟା ଓ ଅନ୍ୟ ପ୍ରକାର ଶାରୀରିକ ଅସୁସ୍ଥତା ଦେଖାଦିଏ ତଳି ପେଟରେ । ପାକସ୍ଥଳୀରେ ଥିବା ବିଚାର ଶକ୍ତିର ଭୁଲ୍ ବ୍ୟବହାର ପାଇଁ ବଦହଜମୀ, ମଧୁମେହ ଏବଂ ପେଟରେ କଷ୍ଟ ହେବାର ସମ୍ଭାବନା ଦେଖାଦିଏ । ଏଣୁ ନକାରାତ୍ମକ ଆବେଗରୁ ଜଣେ ମୁକ୍ତ ରହିବା ଦରକାର ।

ଏଣୁ ଦୃଢ଼ ଇଚ୍ଛା ଶକ୍ତି ବଳରେ ମଣିଷ ନିଜ ମନ ଓ ଅନ୍ତଃପ୍ରଦେଶକୁ ସ୍ୱଚ୍ଛ, ଶୁଦ୍ଧ ଓ ପବିତ୍ର କରି ସ୍ୱାସ୍ଥ୍ୟ, ସଂହତି ଓ ଶାନ୍ତି ଲାଭ କରିପାରେ ।

(କ୍ରମଶଃ)

❑❑❑


## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ସଭାପତି, ଶ୍ରୀ ହେମନ୍ତ କୁମାର ଦାସ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଲିଝରା, ସା/ପୋ. ପାରାଦ୍ୱୀପ, ଜି. ଜଗତ୍‌ସିଂହପୁର, ପିନ୍ – ୭୫୪ ୧୨୦, ମୋବାଇଲ ନଂ - ୯୯୩୮୫୦୬୭୬୯/ ୯୪୩୭୧୮୩୫୬୯ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ପଦ ନିମନ୍ତେ ତାଲିମ ପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀ (B.A. B.Ed. / B.Sc. B.Ed.) ତଥା ହାଇସ୍କୁଲ ନିମନ୍ତେ ଇଂରାଜୀରେ ଦକ୍ଷତା ଓ (B. A. /M. A.) ଶିକ୍ଷାଗତ ଯୋଗ୍ୟତା, ଖେଳ ଶିକ୍ଷକ ପାଇଁ (P. E.T.) ଶିକ୍ଷାଗତ ଯୋଗ୍ୟତା ଏବଂ ସ୍ନାତକରେ ହିନ୍ଦୀ ଶିକ୍ଷାଗତ ଯୋଗ୍ୟତା ଥିବା ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ଗଙ୍ଗାଧର

## (୯)

*ପ୍ରଶ୍ନ : ସାଧନାରେ ଆପଣ କେବେ କିଛି ଅସୁବିଧାର ସମ୍ମୁଖୀନ ହୋଇଥିଲେ କି ?*

ଗଙ୍ଗାଧର : ''ନା, ମୁଁ କେବେ ବି କିଛି ଅସୁବିଧାର ସମ୍ମୁଖୀନ ହୋଇ ନାହିଁ । ମୁଁ ତ କେବେ ସାଧନା ବି କରି ନାହିଁ । ପ୍ରଥମତଃ, ଆମେ ଯଦି ଭାବୁ ଯେ ଆମେ ନିଜେ, ନିଜର ପ୍ରଚେଷ୍ଟାରେ କେବଳ ସାଧନା କରୁଛୁ, ତେବେ ଅସୁବିଧା ନିଶ୍ଚୟହିଁ ଆସିବ । ଦେଖ, ମୁଁ ମା'ଙ୍କର ସନ୍ତାନ, ତେବେ ମା'ଙ୍କର ଦିବ୍ୟ-ଉପସ୍ଥିତି ମୋ ସହିତ ରହିଛି । କିନ୍ତୁ ଏହା ସନ୍ତାନର ଉପସ୍ଥିତି ନୁହେଁ, ଏହା ମା'ଙ୍କର ଏବଂ ସନ୍ତାନଟି ମା'ଙ୍କର । ତେବେ କଥା ଶେଷ । ମା ଆମ ପ୍ରତ୍ୟେକଙ୍କୁ ଆମର ଆବଶ୍ୟକତା ଅନୁଯାୟୀ ସବୁକିଛି ଦେଇଥା'ନ୍ତି ।

''ପୃଥିବୀରେ କେତେ କେତେ ଗୁରୁଙ୍କର ଆବିର୍ଭାବ ଘଟିଛି, କେତେ କେତେ ସାଧୁ-ସନ୍ନ୍ୟାସୀ ଜନ୍ମ ନେଇଛନ୍ତି, ଅବତାର ପରେ ଅବତାର ଆସିଛନ୍ତି, ପୃଥିବୀରେ ବାର ବାର ଦିବ୍ୟ-ଆଲୋକର ଅବତରଣ ଘଟିଛି, କେତେ ମହାନ୍ ମହାନ୍ ଆତ୍ମା ତାକୁ ଧାରଣ କରି କାର୍ଯ୍ୟ କରି ଯାଇଛନ୍ତି । କିନ୍ତୁ ତଥାପି ପୃଥିବୀର ପରିବର୍ତ୍ତନ ଘଟି ନାହିଁ ।

''ଏଥର ପୃଥିବୀରେ ମା ଅବତରି ଆସି ଯାହା କରିଛନ୍ତି, ତା' ଅନ୍ୟ କେହି ବି ଇତିପୂର୍ବରୁ କରି ନାହାନ୍ତି । ଏପରିକି କଥାଛଳରେ ଶ୍ରୀଅରବିନ୍ଦ ମଧ୍ୟ କହିଛନ୍ତି ଯେ ମା'ଙ୍କ ବ୍ୟତୀତ ସେ ନିଜେ ବି ସାଧନାରେ କୃତକାର୍ଯ୍ୟ ହୋଇ ନାହାନ୍ତି । ଏହାହିଁ ହେଉଛି ମା'ଙ୍କର ବିଶେଷତ୍ୱ । ମାଶ୍ରୀଅରବିନ୍ଦଙ୍କ ସଦୃଶ ଅନ୍ୟ କୌଣସି ଗୁରୁ ତାଙ୍କ ଶିଷ୍ୟ-ସନ୍ତାନଙ୍କ ସକାଶେ କେବେ ବି ଏତେ କରି ନାହାନ୍ତି । ଏପରିକି ଭୌତିକ ଜଗତରେ ମଧ୍ୟ କେହି ବି ଏତେ କରି ନାହାନ୍ତି ।...

''ମା ଆମକୁ ଯାହା ଦେଇଛନ୍ତି ବା ଦେଉଛନ୍ତି, ସବୁକିଛି ତାଙ୍କରି, ଏମିତିକି ତଣ୍ଡୁଳଟିଏ ମଧ୍ୟ ତାଙ୍କରି । ଆମର ବୋଲି କିଛି ନାହିଁ, କିଛି ବି ରଖିବୁ ନାହିଁ । ତାଙ୍କରି ଦିଆଯାଇଥିବା ବସ୍ତୁକୁ ତାଙ୍କରି ବୋଲି ଭାବି ବ୍ୟବହାର କରିବୁ ।...

''ମୁଁ ତୁମମାନଙ୍କୁ ଗୋଟିଏ ଛୋଟ ଘଟଣା କହିବି । ଏବେ ତ ଆମେ ଏଠାରେ ଆଶ୍ରମରେ ଗୋଟିଏ ପରିବାର ପରି ରହିଛୁ । ମା'ଙ୍କର ପରିବାର । ମୁଁ ଯେତେବେଳେ ଆଶ୍ରମକୁ ପ୍ରଥମେ ରହିବାକୁ ଆସିଲି, ମୁଁ ମୋ ସାଥିରେ ଦୁଇଟି ଧୋତି, ଦୁଇଟି ଚାଦର ଆଣିଥିଲି । ଗୋଟିଏ ଚାଦର କେବଳ ଦର୍ଶନ ଦିବସରେ ବ୍ୟବହାର କରୁଥିଲି । ଧୋତି ଆଉ ଚାଦରକୁ କେମିତି ଭଦ୍ର ଭାବରେ ପିନ୍ଧିବାକୁ ହୁଏ ଜାଣି ନଥିଲି, ନିଜକୁ ସୁହାଇଲା ଭଳି ଘୋଡ଼ାଇ ହେଉଥିଲି । ନିତି ସକାଳେ ମା'ଙ୍କ ଦର୍ଶନ ସାରି ସମସ୍ତଙ୍କ ସାଥିରେ ଭୋଜନାଳୟରେ ଖାଉଥିଲି ଏବଂ ସେଇଠୁ ମୋ କର୍ମକ୍ଷେତ୍ରକୁ ଚାଲି ଯାଉଥିଲି । ଏମିତି ଦିନ ପରେ ଦିନ, ମାସ ପରେ ମାସ । ଯେତେବେଳେ ବର୍ଷ ପରେ ବର୍ଷ ବିତିବାକୁ ଯାଉଛି, ସେତେବେଳେ ମୋ ପାଖରେ ଅଧିକା ଲୁଗାପଟା ନାହିଁ । ଲୁଗାପଟା ପରିଷ୍କାର କରିବା ସକାଶେ ପାଖରେ ସାବୁନ ବି ନାହିଁ, ତେଣୁ ନିତି ପିନ୍ଧିଥିବା ଧୋତିଟିକୁ ପାଣିରେ ଧୋଇ ଶୁଖାଇ ଦେଉଥିଲି – ଏମିତି ଦୁଇଟି ଧୋତିକୁ ଅଦଳ-ବଦଳ କରି ପିନ୍ଧୁଥିଲି । ସତ କଥା କହିବାକୁ ଗଲେ, ମୁଁ ସେତେବେଳେ ଏସବୁ କଥାକୁ ସେତେ ନଜର ଦେଇନି, ଲୁଗାପଟା ପରିଷ୍କାର କରି ଅନ୍ୟମାନେ ପିନ୍ଧୁଥିବାର ବି ଲକ୍ଷ୍ୟ କରିନି, ଏସବୁ ସମ୍ବନ୍ଧେ ବେଶୀ କିଛି ବି ଜାଣି ନଥିଲି । ସକାଳ ହେଲେ ଚଟାପଟ ଗାଧୁଆ ପାଧୁଆ ସାରି ଧୋତି ଚାଦର ଘୋଡ଼ାଇ ହୋଇ ସିଧା ଚାଲି ଯାଉଥିଲି ମା'ଙ୍କୁ ଦର୍ଶନ କରିବା ପାଇଁ, ପ୍ରଣାମ କରିବା ପାଇଁ ।

''ମା'ଙ୍କ ନଜରରୁ କିନ୍ତୁ କିଛି ବାଦ୍ ଯାଏ ନାହିଁ । ମୁଁ ତାଙ୍କୁ ପ୍ରଣାମ କରିବା ସମୟରେ ସେ ବେଶ୍ ଲକ୍ଷ୍ୟ କରିଛନ୍ତି, ମୋର ସେଇ ସମାନ ଧୋତି-ଚାଦର, କହିବାକୁ ଗଲେ ମଇଳା ଧୋତି ଚାଦର ! ମୁଁ ତାଙ୍କୁ କିନ୍ତୁ କିଛି ବି କହିନି, ଅନ୍ୟମାନେ ମୋ ସମ୍ବନ୍ଧରେ ଯେ କ'ଣ କଥାବାର୍ତ୍ତା ହେଉଥିଲେ, ସେ ସମ୍ବନ୍ଧେ ବି ମୁଁ କିଛି ଜାଣିନି; ଆଶ୍ରମର ଅନ୍ତେବାସୀଙ୍କ ସକାଶେ କ'ଣ ସବୁ ବନ୍ଦୋବସ୍ତ ମା କରିଛନ୍ତି, ସେ ସମ୍ବନ୍ଧେ ବି ମୋର କୌଣସି ଧାରଣା ନଥିଲା । ତା'ଛଡ଼ା ମୁଁ ଇଂରାଜୀ ଜାଣେନି, ବୁଝେନି,...

''ଦିନେ ମା'ଙ୍କୁ ପ୍ରଣାମ କରିସାରି ଚାଲି ଆସୁଥିଲି; ମା ଅମୃତଙ୍କୁ ମୋତେ ଦେଖାଇ କହିଲେ, ''ତୁମେ ଏହି ପିଲାଟିକୁ 'ପ୍ରସ୍ପେରିଟି' ଦେଉ ନାହଁ କାହିଁକି ?'' ଅମୃତ ଅପ୍ରତିଭ ହୋଇ ଉଠିଲେ । ମା ତାଙ୍କୁ ଜୋର୍ ଦେଇ କହିଲେ, ''ତାକୁ 'ପ୍ରସ୍ପେରିଟି'

ଦିଅ ।''... ତା'ପରଠୁ ମା'ଙ୍କ ହାତରୁ 'ପ୍ରସ୍ପେରିଟି' ପାଇଲି । ସେଇ ଦିନୁ ବର୍ଷକୁ ଦୁଇଟି ଧୋତି ଓ ଦୁଇଟି ଚାଦର । ଏବେ ବି ମୋର ସେଇ ସମାନ ମାଗୁଣି !... ମୋର କେବେ ବି କିଛି ଅସୁବିଧା ହୋଇନି !''

ପ୍ରସଙ୍ଗକ୍ରମେ ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖ କରୁଛୁ : ଗଙ୍ଗାଧରଙ୍କର ଗୋଟିଏ ଅତି ପୁରୁଣା ମଶାରିଟିଏ ଥିଲା । ବାରଂବାର 'ପ୍ରସ୍ପେରିଟି'କୁ ଦେଇ ମରାମତି କରି ଆଣୁଥିଲେ । ସାଧାରଣତଃ ଅନ୍ତେବାସୀଙ୍କୁ ପ୍ରତି ଛ' ବର୍ଷରେ ଗୋଟିଏ ନୂତନ ମଶାରି ଦିଆ ଯାଉଥିଲା, ଯଦି ମରାମତି କରିବା ସମ୍ଭବ ନହୁଏ । ନଚେତ୍ ମରାମତି କରି ବେଶ୍ ଅନେକ ବର୍ଷ ବ୍ୟବହାର କରି ହୁଏ । ଯେତେବେଳେ ଗଙ୍ଗାଧରଙ୍କ ମଶାରି 'ମରାମତି କରିବା ବିଭାଗ' ଫେରାଇ ଦେଇ 'ପ୍ରସ୍ପେରିଟି'କୁ କହିଲେ ଯେ ଏହା ଆଉ ମରାମତି କରାଯାଇ ପାରିବ ନାହିଁ; ସେଇଠୁ ଗଙ୍ଗାଧରଙ୍କର 'ପ୍ରସ୍ପେରିଟି' ରେକର୍ଡ଼ ଖୋଜାଗଲା, କେବେ ସେ ମଶାରି ନେଇଥିଲେ – ଗତ ଦଶ ବର୍ଷର ରେକର୍ଡ଼ରେ ନାମ ନାହିଁ, ପନ୍ଦର ବର୍ଷରେ ନାହିଁ,... ତିରିଶ ବର୍ଷ ରେକର୍ଡ଼ରେ ନାମ ମିଳିଲା; ଅର୍ଥାତ୍ ତିରିଶ ବର୍ଷ ପୂର୍ବରୁ ସେ 'ପ୍ରସ୍ପେରିଟି'ରୁ ମଶାରି ନେଇଥିଲେ । ତେଣୁ 'ପ୍ରସ୍ପେରିଟି' ତାଙ୍କୁ ନୂଆ ମଶାରିଟିଏ ନେବାକୁ ବାଧ୍ୟ କରିଥିଲେ ।

*ପ୍ରଶ୍ନ : ଜଣେ ସାଧକ କେଉଁ ସର୍ବୋତ୍ତମ ଗୁଣ-ଧର୍ମ ବା ବୈଶିଷ୍ଟ୍ୟକୁ ନିଜ ମଧ୍ୟରେ ବିକଶିତ କରିବା ଉଚିତ ?*

ଗଙ୍ଗାଧର : ''ସେଇଟି ହେଉଛି ମା ଯେଉଁ କାମ ଦେଇଛନ୍ତି ବା ମା'ଙ୍କ କୃପାରୁ ଯେଉଁ କାମ ତାକୁ କରିବାକୁ ଦିଆଯାଇଛି, ସେଇଟିକୁ ଆନ୍ତରିକତାର ସହିତ କରି ଚାଲିବା – ଏଇଟି ହେଉଛି ସାଧକର ଅତ୍ୟୁତ୍କୃଷ୍ଟ ଗୁଣ ବା ବୈଶିଷ୍ଟ୍ୟ ଏବଂ ଏହି ପନ୍ଥାଟି ହେଉଛି ସହଜତମ ପନ୍ଥା । ମା'ଙ୍କର ନିଜର ବ୍ୟକ୍ତିଗତ କର୍ମ ସଦୃଶ, ଯେତେବେଳେ ତୁମେ ଭାବିବ ଯେ ତୁମେ ତାଙ୍କରି କର୍ମ କରୁଛ, କେବଳ ନିମିତ୍ତ ମାତ୍ର ହୋଇ ଯେ ତାଙ୍କରି କର୍ମ କରୁଛ, ତା' ନୁହେଁ, ମା'ଙ୍କ ସାମନାରେ, ମା'ଙ୍କ ଉପସ୍ଥିତିରେ ସେହି କର୍ମ କରୁଛ ଏବଂ ମା ନିଜେ ଉପସ୍ଥିତ ରହି ତାଙ୍କ କାମ ତଦାରଖ କରୁଛନ୍ତି, – ଏହି ମନୋଭାବରେ ଯଦି ତୁମେ କର୍ମ କରିଚାଲ, ତେବେ ତୁମ ଭିତରେ କୌଣସି ଦ୍ୱନ୍ଦ୍ୱ ବା ବିଶୃଙ୍ଖଳା ଉପୁଜିବାର ପ୍ରଶ୍ନ ବି ଉଠିବ ନାହିଁ – ଆଉ ଏହି ମନୋଭାବ ରହିଥିଲେ ଆମ ସାଧନାର ସମ୍ପୂର୍ଣ୍ଣ ଅଗ୍ରଗତି ହେବାକୁ ବାଧ୍ୟ ।

''ତା'ପରେ ଆଉ ଗୋଟିଏ କଥା – ଧର, ତୁମର କୌଣସି ଜିନିଷ ଦରକାର; ତୁମେ କର୍ତ୍ତୃପକ୍ଷଙ୍କୁ ଜଣାଉଛ, ନ ମିଳିଲେ ବିଦ୍ରୋହ କରୁଛ, କେବେ କେବେ ତୁମ ଭିତରେ କ୍ରୋଧ ବି ହେଉଛି । କିନ୍ତୁ ସେତେବେଳେ ଆମେ ମା'ଙ୍କୁ ଲେଖୁଥିଲୁ, ମିଳିଲେ ଖୁସି, ନ ମିଳିଲେ ବି ଖୁସୀ, କ୍ରୋଧ ଆସିବ କୁଆଡୁ ? କାହା ଉପରେ କ୍ରୋଧ ? ଯଦି ଆମେ ବର୍ତ୍ତମାନ ସେଇ ପୂର୍ବ-ଭାବକୁ ବଜାୟ ରଖୁ ଯେ ଆମେ କର୍ତ୍ତୃପକ୍ଷଙ୍କୁ ଲେଖୁ ନାହୁଁ, ଆମେ ମା'ଙ୍କୁ ଲେଖି ଜଣାଉଛୁ, ତେବେ ମିଳୁ ବା ନମିଳୁ, ଆମେ ତୃପ୍ତ ରହିବୁ – ଆଉ କ୍ରୋଧ ବା ପ୍ରତିକ୍ରିୟା ମୁହୂର୍ତ୍ତକ ମଧ୍ୟରେ କୁଆଡ଼େ ଅନ୍ତର୍ହିତ ହେବାକୁ ବାଧ୍ୟ !''

*ପ୍ରଶ୍ନ : ଆପଣ କ'ଣ ଭାବୁଛନ୍ତି ଯେ ଏବେ ସାଧକମାନଙ୍କର ସେଇ ପ୍ରକାର ମନୋଭାବର ଅଭାବ ରହିଛି ?*

ଗଙ୍ଗାଧର : ''ବର୍ତ୍ତମାନ ସେମାନଙ୍କର ସେଇ ପ୍ରକାର ମନୋଭାବ ଅଛି କି ନାହିଁ, ମୁଁ କେମିତି କହିବି ? ମୋ ପକ୍ଷରେ ସେକଥା କହିବା ଏକେବାରେ ଅସମ୍ଭବ । କିନ୍ତୁ ପୂର୍ବର ସେଇ ମନୋଭାବ ନିଜ ଭିତରେ ପୋଷଣ କରିବା ହେଉଛି ସବୁଠାରୁ ସହଜ ଓ ସର୍ବୋତ୍ତମ । ଏଥିରେ କୌଣସି ଅସୁବିଧା ନାହିଁ, କୌଣସି ଉଦ୍‌ବିଗ୍ନତା ନାହିଁ, କୌଣସି ବିରକ୍ତି ବି ନାହିଁ । ଆମେ ଆମ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିନ୍ତ ରହିପାରିବୁ – ଅତ୍ୟନ୍ତ ସରଳ ଶିଶୁଟିଏ ପରି ହସ ହସ ମୁହଁରେ ଜୀବନ ଧାରଣ କରିପାରିବୁ; ମା'ଙ୍କ ପାଦ ପାଖରେ ଖେଳରତ ଶିଶୁଟିଏ ପରି ଅଥବା ମା'ଙ୍କ କୋଳରେ ନଗ୍ନ ଶିଶୁଟିଏ ପରି । ଏହାଠୁ ବଳି ଆନନ୍ଦମୟ ଜୀବନ ଆଉ କିଛି ଅଛି କି ?...''

ଗତାନୁଗତିକ ଧାରାରେ, ମା'ଙ୍କର ଅନ୍ୟାନ୍ୟ ଶହ ଶହ ଭକ୍ତଙ୍କ ସଦୃଶ ଗଙ୍ଗାଧରଙ୍କୁ ବି ଜଣେ ଭକ୍ତ ହିସାବରେ ଧରି ନିଆଯାଇପାରେ । ସାଧାରଣଙ୍କ ମଧ୍ୟରେ ଅତି ସାଧାରଣ, ସରଳ, ସାଦାସିଧା, ନିତାନ୍ତ ମାମୁଲି । ନା ଥିଲା ତାଙ୍କର କିଛି ଖ୍ୟାତି ନା ଖ୍ୟାତିସମ୍ପନ୍ନ ବିଶେଷ ଗୁଣଗରିମା । ଶାରୀରିକ, ମାନସିକ ଓ ପ୍ରାଣିକ କ୍ରିୟାକଳାପ କ୍ଷେତ୍ରରେ ମଧ୍ୟ ତାଙ୍କର କୌଣସି ବୃତ୍ତି ବା କୀର୍ତ୍ତି ନଥିଲା, (ଏପରିକି କୌଣସି ସାମାଜିକ ବା ବନ୍ଧୁତ୍ୱପୂର୍ଣ୍ଣ ସାଂସାରିକ ବନ୍ଧନ, ଯେଉଁଥିରେ ଆମେ, କହିବାକୁ ଗଲେ ଊଣାଧିକେ ସମସ୍ତେ ବେଶ୍ ଲିପ୍ତ ରହି ଅଯଥା ସମୟ ନଷ୍ଟ କରିଥାଉ) ଯଦ୍ଦ୍ୱାରା ଆମେ ତାଙ୍କୁ ସୁସ୍ପଷ୍ଟ ଭାବରେ ଚିହ୍ନିତ କରିପାରୁ । ଅନୁକୂଳ ଦୃଷ୍ଟିଭଙ୍ଗୀରୁ ଆମେ ତାଙ୍କୁ ସ୍ୱତନ୍ତ୍ର

ଭାବରେ ବିବେଚିତ କରିପାରୁ ଯେ ସେ 'ଆମମାନଙ୍କ ସଦୃଶ ଜଣେ ନଥିଲେ', ଏକେବାରେ ନିଆରା ଏବଂ ଆମେ ଆମର ସ୍ମୃତିପଟର ଏକ ନିଭୃତ କୋଣରେ ତାଙ୍କୁ ଅତି ଯତ୍ନର ସହିତ ସାଇତି ରଖିବୁ । ତାଙ୍କର ଅନବଦ୍ୟ ଚରିତ୍ରର ଲକ୍ଷଣସବୁ ଏବଂ ତାଙ୍କର ବୈଶିଷ୍ଟ୍ୟମୂଳକ ଜୀବନଧାରା ଆମ ସ୍ମୃତିରେ ଚିରଦେଦୀପ୍ୟମାନ ରହିଥିବ । ଏହି ଧରଣର କତିପୟ ଭକ୍ତଙ୍କର ସାଧନା-ସୌଧରେ ଆଶ୍ରମ ଗଢ଼ି ଉଠିଥିଲା, ଏବେ ବି ଗଢ଼ି ଉଠୁଛି ଏବଂ ଭବିଷ୍ୟତରେ ପୁଣି ଏହିମାନଙ୍କର ପୁନରାବିର୍ଭାବରେ ଆଶ୍ରମ ଗଢ଼ିଉଠିବ ।

ଗଙ୍ଗାଧରଙ୍କର ଦେହାନ୍ତ ପ୍ରାପ୍ତି ପରେ ତାଙ୍କର ମର ତନୁ ଯେଉଁଠି ତାଙ୍କର ପାର୍ଥିବ ଜୀବନଯାତ୍ରାର ଅୟମାରମ୍ଭ ହୋଇଥିଲା ସେଇଠିକୁ ପୁଣି ଫେରି ଯାଇଥିଲା ଏବଂ ଜନ୍ମଭୂମି ଭୀର-ପଟ୍ଟୀନମ୍ ଗ୍ରାମର ଏକ ପବିତ୍ର ସ୍ଥାନରେ ବିଶ୍ରାମ ନେଇଥିଲା । ତାଙ୍କର ପରିବାରବର୍ଗ ତଥା ବନ୍ଧୁବାନ୍ଧବ ଆଶ୍ରମର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରି ତାଙ୍କର ମର ତନୁକୁ ଗ୍ରାମକୁ ନେଇ ଯାଇ ସେମାନଙ୍କର ରୀତିସିଦ୍ଧ ଧାରାରେ ସମାଧିସ୍ଥ କରାଇଥିଲେ । ତାଙ୍କ ପାର୍ଥିବ ଜୀବନଯାତ୍ରାର ଅବସାନ ଦିବସଟି ଥିଲା ୧୬ ଅଗଷ୍ଟ ୧୯୯୨ ।

ଦେହାନ୍ତ ପ୍ରାପ୍ତି ସମୟରେ ତାଙ୍କୁ ୭୯ ବର୍ଷ ହୋଇଥିଲା । ସେ ଅତ୍ୟନ୍ତ ବୟୋବୃଦ୍ଧ ନଥିଲେ ସତ, କିନ୍ତୁ ସେତେ ଯୁବକୋଚିତ ବି ନଥିଲେ । ତାଙ୍କର ମୂତ୍ରୋତ୍ସର୍ଗରେ ବେଶ୍ ଅସୁବିଧା ହେଉଥିଲା । କିନ୍ତୁ ଯେତେବେଳେ ତାଙ୍କୁ ଜିପ୍‌ମର ହସ୍‌ପିଟାଲ ନିଆଯିବାକୁ ସିଦ୍ଧାନ୍ତ କରାଗଲା ସେ ଏହି କଥା ପଦକ କହି ରୋକ୍‌ଠୋକ୍ ମନା କରିଦେଲେ, 'ମୁଁ ଆଉ ବେଶୀ ଦିନ ରହିବିନି, ତେଣୁ ମୋତେ ଏହିଠାରେ ରହିବାକୁ ଦିଅନ୍ତୁ ।' କିନ୍ତୁ ଡାକ୍ତରଙ୍କ ପରାମର୍ଶାନୁଯାୟୀ ତାଙ୍କୁ ଯେତେବେଳେ ଜିପ୍‌ମର ନେବାକୁ ବାଧ୍ୟ କରାଗଲା ସେ ଆଦୌ ବାଧା ନଦେଇ ନୀରବ ରହିଗଲେ । ଆମେମାନେ ପରେ ଶୁଣିବାକୁ ପାଇଲୁ ଯେ ହସ୍‌ପିଟାଲରେ ଭର୍ତ୍ତି ହେବା ପୂର୍ବରୁହିଁ ସେ ଅନ୍ୟ ପାରିକୁ ଚାଲି ଯାଇଥିଲେ । ସେ ନୀରବରେ ନିଜର ମର ତନୁର ପ୍ରତିବନ୍ଧକରୁ ନିଜକୁ ଅପସରାଇ ନେଇ ପାର୍ଥିବ ଶରୀରଟିର ଭବିଷ୍ୟତ୍ ଗତି ସମ୍ବନ୍ଧେ ଅନ୍ୟମାନଙ୍କୁ ଭାବିବା ପାଇଁ ଛାଡ଼ି ଦେଇଗଲେ ।

ଭୀରପଟ୍ଟୀନମ୍‌ରେ ତାଙ୍କର ଶରୀରକୁ ତିନି ଦିନ ରଖା ଯାଇଥିଲା । ଶ୍ରଦ୍ଧା, ଭକ୍ତି, ସମ୍ମାନ ପ୍ରଦର୍ଶନପୂର୍ବକ ସେ ଅଞ୍ଚଳର ଲୋକମାନେ ତିନି ଦିନ ପର୍ଯ୍ୟନ୍ତ ତାଙ୍କୁ ଦେଖିବାକୁ ଆସୁଥିଲେ । ତିନି ଦିନ ପର୍ଯ୍ୟନ୍ତ ତାଙ୍କ ଶରୀରରୁ କୌଣସି ଦୁର୍ଗନ୍ଧ ନିର୍ଗତ ହେଉ ନଥିଲା ବା ଶରୀର ପଚନର କୌଣସି ଚିହ୍ନ ବି ନଥିଲା । ଶରୀରର ଚାରି ପାଖରେ ବରଫ ଫଳକସବୁ ରଖା ଯାଇଥିଲା ସତ, ତଥାପି ଅନ୍ତତଃ ପକ୍ଷେ ଏତିକି କହିପାରୁ ଯେ ଏହା ଥିଲା ଏକ ଉଲ୍ଲେଖଯୋଗ୍ୟ ଘଟଣା, ଶରୀରଟି ଏତେ ସମୟ ଧରି ଏମିତି ଅବସ୍ଥାରେ ରହିଥିଲା କିପରି ?

କୌଣସି ଘଣ୍ଟା ଧ୍ୱନି ନଥିଲା ବା ସ୍ୱତନ୍ତ୍ର ପ୍ରାର୍ଥନା ବି ମନ୍ଦ୍ରିତ ହେଉ ନଥିଲା । କିନ୍ତୁ ଆମେ ଏତିକି କହିପାରୁ ଯେ ଏହି ଧୀର, ଶାନ୍ତ, ଶକ୍ତିଶାଳୀ ମହାମାନବଙ୍କ ସକାଶେ ଆମେ ଆମର ସର୍ବାନ୍ତଃକରଣରେ ଛୋଟ ପବିତ୍ର ସୁରକ୍ଷିତ ସ୍ଥାନଟିଏ ସାଇତି ରଖିବା ଯାହାଙ୍କ ଜୀବନଧାରା ଅନୁସରଣ ପୂର୍ବକ ଆମେ ନିଶ୍ଚିତ ରୂପେ ଆମ ସାଧନା-ପଥରେ ଉତ୍ତମ ରୂପେ ସଫଳକାମ ହୋଇ ପାରିବା ।

(ସମାପ୍ତ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

ସରଳ ହୁଅ,
ଖୁସୀ ରହ,
ନୀରବ ହୋଇଯାଅ,
ତୁମର ଯଥାଶକ୍ତି ଅଧିକ ଭଲ ଭାବରେ ନିଜର କାର୍ଯ୍ୟଟିକୁ କର,
ନିଜକୁ ସର୍ବଦା ମୋ ଆଡ଼କୁ ଉନ୍ମୋଚିତ କରି ରଖିଥାଅ –
ତୁମକୁ କେବଳ ଏତିକି କରିବାକୁହିଁ କୁହାଯାଉଛି ।

– ଶ୍ରୀମା

# ବିଭେଦ କେଉଁଠି !

## ସନ୍ତୋଷ କୁମାର ଯୋଗାଣିଆ

ଜଣେ ସନ୍ନ୍ୟାସୀ ଥିଲେ । ସେ ଦେଶର ସମ୍ରାଟ ସେହି ସନ୍ନ୍ୟାସୀଙ୍କ ଦ୍ୱାରା ବହୁତ ପ୍ରଭାବିତ ହେଉଥିଲେ । ସେ ଏତେଦୂର ପ୍ରଭାବିତ ଥିଲେ ଯେ ଦିନେ ସମ୍ରାଟ ଘୋଡ଼ା ଉପରେ ବସି ଯାଇ ପହଞ୍ଚିଲେ ସେହି ସନ୍ନ୍ୟାସୀଙ୍କ ପାଖରେ । କହିଲେ – ''ପ୍ରଭୁ, ମୁଁ ଆଉ ସହ୍ୟ କରିପାରୁ ନାହିଁ । ଆପଣ ଦିନରାତି ଖରା, ବର୍ଷା, କାକରରେ ଏହି ବୃକ୍ଷ ତଳେ ଚୁପ୍‌ଚାପ୍ ବସି ରହୁଛନ୍ତି । ମୋତେ ବଡ଼ କଷ୍ଟ ଲାଗୁଛି । ଦୟା କରି ମୋ ସହ ରାଜପ୍ରାସାଦକୁ ଚାଲନ୍ତୁ ।'' ସମ୍ରାଟ ମନେ ମନେ ଭାବିଲେ ଯେବେ ମୁଁ ଏପରି କହିବି ସନ୍ନ୍ୟାସୀ ନିଶ୍ଚୟ କହିବେ ନାଁ, ନାଁ । ରାଜମହଲ ଆଉ ମୁଁ ? ମୁଁ ତ ସଂସାର ତ୍ୟାଗ କରି ଦେଇଛି । ଏମିତି ହୁଏତ କହିଥିଲେ ସନ୍ନ୍ୟାସୀଙ୍କ ପ୍ରତି ସମ୍ରାଟଙ୍କର ଶ୍ରଦ୍ଧା, ଆଦର ହୁଏତ ଆହୁରି ବଢ଼ି ଯାଇଥା'ନ୍ତା । କିନ୍ତୁ ସନ୍ନ୍ୟାସୀ ଏପରି କିଛି କହିଲେ ନାହିଁ । ରାଜାଙ୍କର ପଦୁଟିଏ ଅନୁରୋଧରେ ସେ ଉଠି ଛିଡ଼ା ହେଲେ । ଆଉ କହିଲେ – ''ରାଜନ୍, ମୁଁ ଯିବା ପାଇଁ ଘୋଡ଼ା କାହିଁ'' ? ସମ୍ରାଟ ହତଚକିତ ହୋଇଗଲେ । ଆରେ ଇଏ କେମିତିକା ତ୍ୟାଗୀ ! ଆଉ ଏବେ ତ କିଛି କରିପାରିବାର ନାହିଁ । ରାଜା ନିଜ ଘୋଡ଼ା ଦେଖେଇ ଦେଲେ । ସନ୍ନ୍ୟାସୀ ଘୋଡ଼ା ଉପରେ ଯାଇ ବସି ପଡ଼ିଲେ । କହିଲେ, ''ଚାଲ ଏଥରକ ରାଜମହଲ'' ।

ସନ୍ନ୍ୟାସୀଙ୍କୁ ତ ରାଜମହଲ ନେଇ ଆସିଲେ । କିନ୍ତୁ ତାଙ୍କର ମଜା ଚାଲିଗଲା । କାହିଁକିନା ସମ୍ରାଟ ଭାବିଥିଲେ ସନ୍ନ୍ୟାସୀ ଜଣେ ମହାତ୍ୟାଗୀ । ତେବେ ଏ କେମିତିକା ସନ୍ନ୍ୟାସୀ ? କିନ୍ତୁ ଏବେତ ଆଉ କିଛି କରିବାର ନାହିଁ । ନିଜ ଫାନ୍ଦରେ ନିଜେ ଫସି ଗଲେ ସମ୍ରାଟ । ଯାହାହେଉ ଖୁବ୍ ସୁନ୍ଦର କୋଠରିରେ, ଶଙ୍ଖ ମଲମଲ ଗଦିରେ ସନ୍ନ୍ୟାସୀଙ୍କୁ ସମ୍ରାଟ ରଖିବାର ବନ୍ଦୋବସ୍ତ କରି ଦେଲେ । ସନ୍ନ୍ୟାସୀ ଆନନ୍ଦରେ ରାଜ ମହଲରେ ରହିବାକୁ ଲାଗିଲେ । ବୃକ୍ଷ ତଳେ ଯେମିତି ବସି ରହୁଥିଲେ ଅବିକଳ ସେମିତି ମହଲରେ ବସି ରହିଲେ । କିଛି ଦିନ ପରେ ସମ୍ରାଟଙ୍କ ଚିନ୍ତା ବଢ଼ିବାରେ ଲାଗିଲା । ମନକୁ ମନ ଭାବିଲେ ଇଏତ ବଡ଼ ଅସୁବିଧା କଥା । ଏମିତି ଛ'ମାସ ବିତିଯିବା ପରେ ସମ୍ରାଟ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ସନ୍ନ୍ୟାସୀଙ୍କୁ କହିଲେ – ''ମହାରାଜ, ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି । ପଚାରିବି ?'' ସନ୍ନ୍ୟାସୀ କହିଲେ – ''ତୁମେ ଏତେ ବିଳମ୍ବ କାହିଁକି କଲ ? ତୁମ ମନରେ ତ ଏ ପ୍ରଶ୍ନ ସେହିଦିନ, ସେହି ମୁହୂର୍ତ୍ତରେ ଉଠିଥିଲା, ଯେତେବେଳେ ମୁଁ ବୃକ୍ଷ ତଳୁ ଉଠି ଘୋଡ଼ା କାହିଁ ବୋଲି ତୁମକୁ ପଚାରିଥିଲି ।'' ସନ୍ନ୍ୟାସୀଙ୍କ କଥାରେ ସମ୍ରାଟ ଭୟ ପାଇଲେ । କହିଲେ ''ଆପଣ କ'ଣ ସେତେବେଳେ ମୋ ମନ କଥା ଜାଣି ପାରିଥିଲେ ?'' ସନ୍ନ୍ୟାସୀ କହିଲେ – ''କେମିତି ଜାଣିବି ନାହିଁ । କାରଣ ତତ୍‌କ୍ଷଣାତ୍ ତୁମ ଚେହେରା ବଦଳି ଯାଇଥିଲା ଓ ସେହିକ୍ଷଣି ମୋର ତୁମ ସହିତ ସମ୍ବନ୍ଧ ତୁଟି ଯାଇଥିଲା । ମୁଁ ଯେତେବେଳେ ଘୋଡ଼ା ଉପରେ ବସି ପଡ଼ିଲି ସେହି ମୁହୂର୍ତ୍ତରୁ ତୁମ ପାଇଁ ମୁଁ ଆଉ ତ୍ୟାଗୀ ହୋଇ ରହିଲି ନାହିଁ । ଏବେ କୁହ କ'ଣ ପଚାରିବାର ଅଛି ? ଛ'ମାସ ପର୍ଯ୍ୟନ୍ତ କାହିଁକି ଅଯଥାରେ ଅପେକ୍ଷା କଲ ।''

ସମ୍ରାଟ ପଚାରିଲେ – ''ଗୁରୁଦେବ, ମୋତେ ଆପଣ ଦୟାକରି କୁହନ୍ତୁ, ଏବେ ଆମ ଦୁହିଙ୍କ ଭିତରେ କୌଣସି ପ୍ରଭେଦ ଅଛି କି ? ଆପଣ ଅବିକଳ ମୋରି ପରି ମହଲରେ ରହୁଛନ୍ତି । ସବୁପ୍ରକାରର ସୁଖସୁବିଧା, ନୌକରଚାକର, ଖାଇବାପିଇବା କରୁଛନ୍ତି । ଫରକ ତ ସେତେବେଳେ ଥିଲା ଯେତେବେଳେ ଆପଣ ବୃକ୍ଷ ତଳେ ବସି ରହୁଥିଲେ । ଆପଣ ସନ୍ନ୍ୟାସୀ ଥିଲେ, ତ୍ୟାଗୀ ଥିଲେ । ମହାତ୍ମା ଥିଲେ । ମୁଁ ରାଜା ଥିଲି । ଭୋଗୀ ଥିଲି । କିନ୍ତୁ ଏବେ ଆଉ କ'ଣ ତଫାତ ଆମ ଦୁହିଙ୍କ ଭିତରେ ?'' ସନ୍ନ୍ୟାସୀ ଟିକିଏ ହସିଲେ । କହିଲେ ତଫାତ ଯଦି ଜାଣିବାକୁ ଚାହୁଁଛ ତେବେ ମୋ ସହ ବାହାରକୁ ଚାଲ । ରାଜା ବାହାରି ପଡ଼ିଲେ । ଦୁହେଁ ବାହାରକୁ ଚାଲି ଚାଲି ଗଲେ । ଆଗକୁ ଆଗକୁ ଯାଉଥା'ନ୍ତି । ସନ୍ନ୍ୟାସୀ କହୁଥା'ନ୍ତି ଆଉ ଟିକେ ଆଗକୁ ଚାଲ । ଏଇମିତି ଚାଲୁ ଚାଲୁ ରାଜମହଲଠାରୁ ବହୁତ ଦୂରକୁ ଚାଲି ଆସିଲେ । ଦିନ ଦ୍ୱିପ୍ରହର ହୋଇଗଲା । ସମ୍ରାଟ କହିଲେ, ''ଯଦି ଏବେ କିଛି କହିବାର ଅଛି କହି ଦିଅନ୍ତୁ । ଆଉ କେତେ ବାଟ ଏମିତି ଚାଲିବା ? ଆମେ ତ ଜଙ୍ଗଲ ଭିତରକୁ ଚାଲି ଆସିଲେଣି ।'' ସନ୍ନ୍ୟାସୀ କହିଲେ ''ନାଁ, ଆଉ ଟିକିଏ ଆଗକୁ ଚାଲ । ସୂର୍ଯ୍ୟାସ୍ତ ହେବା ପୂର୍ବରୁ ମୁଁ ତୁମ ପ୍ରଶ୍ନର

ଉତ୍ତର ଦେଇଦେବି ।'' ପୁଣି ଦୁହେଁ ଚାଲିଲେ । ଶେଷରେ ସୂର୍ଯ୍ୟ ଅସ୍ତ ହେବାକୁ ବସିଲେ । ପଥ ଚାଲୁ ଚାଲୁ ରାଜ୍ୟର ସୀମା ସରିବାକୁ ବସିଲାଣି । ସନ୍ନ୍ୟାସୀ କହିଲେ, ''ତୁମକୁ ମୋର ଏତିକି କହିବାର ଅଛି – ମୁଁ ଆଉ ଏଠାରୁ ପଛକୁ ଫେରିବି ନାହିଁ । ତୁମେ ମୋ ସହ ଆଗକୁ ଯିବ ନା ନାହିଁ ?'' ସମ୍ରାଟ କହିଲେ, ''ମୁଁ ଆପଣଙ୍କ ସହ କିପରି ଆଗକୁ ଯାଇପାରିବି ? ମୋ ପଛରେ ମୋ ରାଜ୍ୟ, ରାଜପ୍ରାସାଦ, ମୋ ପତ୍ନୀ, ପରିବାର ଆଉ ସାରା ରାଜ୍ୟ ଅପେକ୍ଷା କରି ରହିଛନ୍ତି । ମୁଁ କିପରି ଯାଇ ପାରିବି ?'' ସନ୍ନ୍ୟାସୀ କହିଲେ, ''କିନ୍ତୁ ମୁଁ ଯାଉଛି । ଏଥର ତଫାତ କିଛି ବୁଝି ପାରିଲ ?'' ସମ୍ରାଟ ସଙ୍ଗେ ସଙ୍ଗେ ନତମସ୍ତକ ହୋଇଗଲେ । କହିଲେ – ''ଦୟାକରି ମୋତେ ଛାଡ଼ି ଆଦୌ ଚାଲି ଯାଆନ୍ତୁ ନାହିଁ । ବଡ଼ ଭୁଲ୍ ହୋଇଗଲା ।'' ସନ୍ନ୍ୟାସୀ ହସିଲେ । ମୁଁ ମହଲକୁ ଫେରି ଯିବାକୁ ପ୍ରସ୍ତୁତ ଅଛି କିନ୍ତୁ ତୁମେ ପୁଣି ହଇରାଣରେ ପଡ଼ିଯିବ । ଅଙ୍ଗରକ୍ଷକମାନେ ତୁମକୁ ଦୂରରୁ ଅନୁସରଣ କରୁଛନ୍ତି । ସେମାନଙ୍କ ସଙ୍ଗେ ତୁମେ ଫେରିଯାଅ ।

*

ଚୀନ ଦେଶରେ ଲାଓଜୁ ନାମରେ ଜଣେ ଜେନ୍ ସନ୍ନ୍ୟାସୀ ଥିଲେ । ସେ ଅତ୍ୟନ୍ତ ସାଧାସିଧା ସରଳ ମଣିଷ ଥିଲେ । ତାଙ୍କର ପ୍ରତ୍ୟେକଟି ଶବ୍ଦ ଅମୃତସମ ଓ ସତ୍ୟଯୁକ୍ତ ଥିଲା, ଯାହାର ଉପମା ଦେବା ବଡ଼ କଷ୍ଟକର । ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଅଦ୍ଭୁତ ବ୍ୟକ୍ତି ଥିଲେ ଲାଓଜୁ । ଖୋଦ୍ ସମ୍ରାଟଙ୍କ କାନରେ ଏକଥା ପଡ଼ିଲା । ସମ୍ରାଟ କହିଲେ – ''ମୁଁ ଶୁଣିବାକୁ ପାଉଛି ଯେ ଲାଓଜୁ ନାମରେ ଜଣେ ବ୍ୟକ୍ତି ମୋ ରାଜ୍ୟରେ ଅଛନ୍ତି ଯିଏକି ବହୁତ ଅସାଧାରଣ ଅଟନ୍ତି ।'' ସମ୍ରାଟଙ୍କ ମନ୍ତ୍ରୀ ପରିଷଦମାନେ କହିଲେ – ''ଆଜ୍ଞା, ଆପଣ ଠିକ୍ ଶୁଣିଛନ୍ତି । ଲାଓଜୁଙ୍କ ପରି ଅସାଧାରଣ ବ୍ୟକ୍ତି ବର୍ତ୍ତମାନ ସମୟରେ ପୃଥିବୀରେ ପାଇବା ସମ୍ଭବ ନୁହେଁ ।''

ଦିନେ ସମ୍ରାଟ ଲାଓଜୁଙ୍କୁ ଦେଖିବାକୁ ଚାହିଁଲେ । ସମ୍ରାଟ ଭାବିଥିଲେ ଲାଓଜୁ ବହୁତ ମହିମାନ୍ୱିତ, ପ୍ରକାଶଯୁକ୍ତ ଓ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବେ । କିନ୍ତୁ ଯେତେବେଳେ ସମ୍ରାଟ ଲାଓଜୁଙ୍କୁ ଦେଖିବା ଆଶାରେ ପହଞ୍ଚିଲେ, ଦେଖିଲେ କୁଡ଼ିଆ ସାମନାରେ ଥିବା ଛୋଟିଆ ବଗିଚାରେ କେହି ଜଣେ ଚିରାଫଟା ଲୁଗା ପିନ୍ଧି କୋଦାଳରେ ମାଟି ଖୋଳିବାରେ ବ୍ୟସ୍ତ । ସମ୍ରାଟ ସେହି ଲୋକଟିକୁ ପଚାରିଲେ – ''ହେ ମାଳି ! ଲାଓଜୁ କାହାନ୍ତି ?'' ମାଟି ଖୋଳୁଥିବା ବ୍ୟକ୍ତିଟି କହିଲା, ''ଦୟାକରି ଆପଣ ଭିତରେ ଯାଇ ବସନ୍ତୁ, ମୁଁ ଲାଓଜୁଙ୍କୁ ପଠାଇ ଦେଉଛି ।'' ସମ୍ରାଟ ଭିତରେ ବସି ଲାଓଜୁଙ୍କ ପ୍ରତୀକ୍ଷା କଲେ । ସମ୍ରାଟ ଭିତରକୁ ଚାଲିଯିବା ପରେ ଲାଓଜୁ ମାଟିଖୋଳା ବନ୍ଦକରି ପଛପଟ ଦେଇ କୁଡ଼ିଆ ଭିତରେ ପ୍ରବେଶ କଲେ । ସମ୍ରାଟଙ୍କୁ ନମସ୍କାର କରି କହିଲେ, ''ଆଜ୍ଞା, ମୁଁ 'ଲାଓଜୁ' ।'' ସମ୍ରାଟ ଲାଓଜୁଙ୍କୁ ଦେଖି ବଡ଼ ହଇରାଣରେ ପଡ଼ିଗଲେ । କହିଲେ – ''ତୁମେ ତ ସେହି ବ୍ୟକ୍ତି ଯିଏ ବାହାରେ ମାଟି ଖୋଳୁଥିଲ ।'' ଲାଓଜୁ କହିଲେ କ୍ଷମା କରିବେ ମହାରାଜ, ''ମୁହିଁ ମାଟି ଖୋଳୁଥିଲି । ମୁହିଁ ଲାଓଜୁ'' । ସମ୍ରାଟ କହିଲେ, ''ମୁଁ ତ ଶୁଣିଥିଲି ତୁମେ ଜଣେ ଅସାଧାରଣ ବ୍ୟକ୍ତି ବୋଲି, କିନ୍ତୁ ତୁମେ ତ ମୋତେ ଅତ୍ୟନ୍ତ ସାଧାରଣ ମାଲୁମ ହେଉଛ ।'' ଲାଓଜୁ କହିଲେ, ''ମୁଁ ବିଲକୁଲ ସାଧାରଣ ମଣିଷଟିଏ । ଆପଣଙ୍କୁ କିଏ ମୋ ବିଷୟରେ ନିଶ୍ଚୟ ଭୁଲ୍ ସମ୍ବାଦ ଦେଇଛନ୍ତି ।'' ସମ୍ରାଟ ସେଠାରୁ ଫେରି ଆସିଲେ । ପାରିଷଦବର୍ଗଙ୍କୁ ଡାକି କହିଲେ ତୁମେମାନେ ସବୁ ମୋତେ ଜଣେ ଅତି ସାଧାରଣ ମଣିଷ ପାଖକୁ ପଠାଇ ଦେଇଥିଲ । କିନ୍ତୁ ମନ୍ତ୍ରୀପରିଷଦ କହିଲେ –''ସେ ମଣିଷର ତାହାହିଁ ବଡ଼ ଅସାଧାରଣତା ଯେ ସେ ଏକେବାରେ ସାଧାରଣ ମଣିଷ ଅଟନ୍ତି'' । ତାଙ୍କର ଏହି ବିଶେଷତ୍ୱ ଯେ ସେ କେବେ ବି ଅସାଧାରଣ ହେବାକୁ ଇଚ୍ଛା କରି ନାହାନ୍ତି । କିନ୍ତୁ ସାଧାରଣରୁ ସାଧାରଣ ମଣିଷ ମଧ୍ୟ ଏକଥା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି ଯେ ଲାଓଜୁ ଜଣେ ସାଧାରଣ ମଣିଷ ବୋଲି ।

ସମ୍ରାଟ ପୁନର୍ବାର ସେଠାକୁ ଗଲେ । ଲାଓଜୁଙ୍କୁ ପଚାରିଲେ, ''ତୁମକୁ ଏପରି ସାଧାରଣ ହେବାର ଖିଆଲ କିପରି ଆସିଲା ?'' ଲାଓଜୁ କହିଲେ, ''ଯଦି ମୁଁ ଚେଷ୍ଟା କରି ସାଧାରଣ ହୋଇଥା'ନ୍ତି ତେବେ କେବେବି ସାଧାରଣ ହୋଇପାରି ନଥା'ନ୍ତି । କାହିଁକି ନା ଚେଷ୍ଟାକରି ମଣିଷ ଅସାଧାରଣ ହୋଇଥାଏ । କିନ୍ତୁ ମୋର ଅନୁଭବ ହେଲା ଯେ ମୁଁ ଅତ୍ୟନ୍ତ ସାଧାରଣ । ମୁଁ ଚେଷ୍ଟା କରି ଏପରି ହୋଇ ନାହିଁ । କାରଣ ମୁଁ ଜାଣେ କିଛି ଗୋଟାଏ ହେବାର ଦୌଡ଼ରେ ମଣିଷ ଅସାଧାରଣ ହୋଇଯାଏ । ମାତ୍ର ମୁଁ କେବଳ ଜୀବନକୁ ଚିହ୍ନିଛି । ମୋତେ ମୃତ୍ୟୁ କିଂବା ଜନ୍ମର ଠିକଣା ଜଣା ନାହିଁ । ମୋର ଶରୀରରେ ନିଃଶ୍ୱାସ ପ୍ରଶ୍ୱାସ କାହିଁକି ଚାଲୁଛି, ରକ୍ତ କାହିଁକି ପ୍ରବାହିତ ହେଉଛି, ଭୋକ କାହିଁକି ଲାଗୁଛି, ଶୋଷ କାହିଁକି

ହେଉଛି ତାହା ମୋତେ ଜଣା ନାହିଁ । ଏଇମିତି ଅନେକ କାହିଁକିର ଉତ୍ତର ମୋତେ ଜଣା ନାହିଁ । ମୁଁ ବିଲକୁଲ ଅଜ୍ଞାନୀ ଅଟେ । ସଭିଙ୍କର ଯେପରି ଦୁଇଟି ହାତ, ଦୁଇଟି ଆଖି, ଦୁଇଟି କାନ ଓ ଗୋଟିଏ ନାକ ଅଛି ମୋର ଅବିକଳ ସେଇଆହିଁ ଅଛି । ତେଣୁ ମୁଁ କିପରି ଅସାଧାରଣ ?''

*

ଆଉ ଜଣେ ଜେନ୍ ଧର୍ମଗୁରୁ ୱାଙ୍ଗଜୁଙ୍କର ଏକ ପ୍ରସିଦ୍ଧ କଥା । ଦିନେ ରାତିରେ ୱାଙ୍ଗଜୁ ସ୍ୱପ୍ନ ଦେଖିଲେ ଯେ ସେ ନିଜେ ଏକ ପ୍ରଜାପତି ହୋଇ ଯାଇଛନ୍ତି । ସକାଳୁ ୱାଙ୍ଗଜୁଙ୍କୁ ଉଦାସ ଭାବରେ ଦେଖି ଶିଷ୍ୟମାନେ ପଚାରିଲେ ଆପଣଙ୍କର କ'ଣ ହୋଇଛି ? ୱାଙ୍ଗଜୁ କହିଲେ – ''ରାତିରେ ସ୍ୱପ୍ନ ଦେଖିଲି ମୁଁ ଏକ ପ୍ରଜାପତି ହୋଇଯାଇଛି'' । ଶିଷ୍ୟମାନେ ଏକଥା ଶୁଣି ହସି କହିଲେ, ''ଏଥିରେ ଉଦାସ ହେବାର କ'ଣ ଅଛି ? ଏପରି ସ୍ୱପ୍ନ ତ ଆମେ ବି କେବେ କେବେ ଦେଖୁ'' । ଗୁରୁ କହିଲେ, ''ମୋ ଚିନ୍ତା ସ୍ୱପ୍ନକୁ ନେଇ ନୁହେଁ । ବରଂ ମୋ ଚିନ୍ତା ନିଦରୁ ଚେଇଁ ଉଠିବା ପରେ ହେଉଛି । ଏବେ ମୋର ସନ୍ଦେହ ହେଉଛି ଯଦି ୱାଙ୍ଗଜୁ ପ୍ରଜାପତି ହୋଇଯିବାର ସ୍ୱପ୍ନ ଦେଖିପାରିଲା ତେବେ ଏପରି ବି ହୋଇପାରେ – ପ୍ରଜାପତି ବର୍ତ୍ତମାନ ଶୋଇକରି ସ୍ୱପ୍ନ ଦେଖୁଥିବ ସେ ୱାଙ୍ଗଜୁ ହୋଇଯାଇଛି । କେଉଁଟା ଠିକ୍ ତା' କିଏ ନିର୍ଣ୍ଣୟ କରିବ ? ସ୍ୱପ୍ନରେ ମୁଁ ପ୍ରଜାପତି ଥିଲା ସମୟରେ କ୍ଷଣକ ପାଇଁ ଭାବି ପାରି ନଥିଲି ମୁଁ ୱାଙ୍ଗଜୁ ବୋଲି । ଏବେ ମୁଁ ଜାଗ୍ରତ୍ ଅବସ୍ଥାରେ ଅଛି ସତ, ହେଲେ କିଏ ଜାଣେ ପ୍ରଜାପତି ଏବେ ଶୋଇ ପଡ଼ିଥିବ । ମୋର ଜାଗ୍ରତ୍ ଅବସ୍ଥା ପ୍ରଜାପତି ନିମନ୍ତେ ନିଦ୍ରାବସ୍ଥା ହୋଇ ନଥିବ କାହିଁକି ? ମୋର ଶୋଇବା ଅବସ୍ଥାରେ ପ୍ରଜାପତିର ଜାଗିବା ଅବସ୍ଥା ଥିଲା । ତେଣୁ ଏପରି ହୋଇପାରେ ପ୍ରଜାପତି ଏବେ ଗଭୀର ନିଦ୍ରାରେ ଶୋଇପଡ଼ି ସ୍ୱପ୍ନ ଦେଖୁଥିବ ସେ ୱାଙ୍ଗଜୁ ହୋଇଯାଇଛି ବୋଲି । ବର୍ତ୍ତମାନ ମୁଁ ବସି ତୁମମାନଙ୍କ ସହ ଯେଉଁ କଥା ହେଉଛି ତାହା ବାସ୍ତବରେ ମୁଁ ବସିଛି ନା ପ୍ରଜାପତି ସ୍ୱପ୍ନ ଦେଖୁଛି ? କେଉଁଟା ଠିକ୍ ? କେଉଁଟା ସ୍ୱପ୍ନ ଅବା କେଉଁଟା ବାସ୍ତବ ? ତେଣୁ ଏପରି ଏକ କ୍ଷଣ ଉପନୀତ ହେବ ଯାହାକୁ ତୁମେ ସ୍ୱପ୍ନ ବୋଲି କୁହ ତାହା ଏବଂ ଯାହାକୁ ତୁମେ ବାସ୍ତବ ବୋଲି କୁହ ତାହା ଦୁହେଁ ଗୋଟିଏ ଗୁଣଧର୍ମର ବୋଲି ମନେ ହେବ । କହିବା କଥା ହେଲା – କିଛି ଜିନିଷ ତୁମେ ଚେଇଁକରି ଆଖି ଖୋଲା ରଖି ଦେଖୁଥାଅ ଆଉ କିଛି ଶୋଇ ଶୋଇ ଦେଖୁଥାଅ । ଏଇ ସ୍ୱପ୍ନ ଆଉ ବାସ୍ତବତା ମଧ୍ୟରେ ବିଭେଦ କେଉଁଠି !''

*

ଅନ୍ୟ ଏକ ଜେନ୍ ଗୁରୁଙ୍କ କଥା । ଥରେ ଜଣେ ନୂଆ ଭିକ୍ଷୁ ଆସିଥିଲେ । ସଦ୍‌ଗୁରୁ ହୁଇ ଚି ଭିକ୍ଷୁଙ୍କୁ ପଚାରିଲେ – ''ବନ୍ଧୁ, ତୁମର ନାମ କ'ଣ'' ? ଭିକ୍ଷୁ କହିଲେ – ''ଲିଙ୍ଗ୍‌ତୁଙ୍ଗ୍'' । ଲିଙ୍ଗ୍‌ତୁଙ୍ଗ୍‌ର ଅର୍ଥ ହେଲା ଆଧ୍ୟାତ୍ମିକ ବ୍ୟାପ୍ତି ବା ସର୍ବବ୍ୟାପକ ଆତ୍ମା । ଏହାକୁ ଆଧାର କରି ଗୁରୁ ହୁଇ ଚି ଏକ ସୁନ୍ଦର ପ୍ରଶ୍ନ କରିଥିଲେ । ଅତିଥି ଭିକ୍ଷୁଙ୍କୁ ସେ ପଚାରିଲେ – ଏ ଲଣ୍ଠନକୁ ତୁମେ ଦେଖୁଛ ? କୃପାକରି ବର୍ତ୍ତମାନ ଏ ଲଣ୍ଠନ ଭିତରେ ପ୍ରବେଶ କରିଯାଅ । ତୁମେ ତ ସର୍ବବ୍ୟାପୀ । ତୁମ ନାମର ସାର୍ଥକତା ପ୍ରମାଣ କର । ଜେନ୍ ସନ୍ନ୍ୟାସୀମାନେ ସବୁବେଳେ ଏଇମିତି ପ୍ରଶ୍ନ ପଚାରିଥା'ନ୍ତି । ପ୍ରଶ୍ନଗୁଡ଼ିକ ବହୁମୂଲ୍ୟ । ବୁଝିପାରିଲେ ଠିକ୍, ନ ବୁଝିପାରିଲେ ପାଗଳପଣିଆ ମନେ ହେବ ।

ସେତେବେଳକୁ ଗାଢ଼ ଅନ୍ଧାର ରାତି । କୋଠରି ଭିତରେ ଲଣ୍ଠନ ଜଳୁଥିଲା । ଗୁରୁ ହୁଇ ଚି ବଡ଼ ଅଦ୍ଭୁତ ପ୍ରଶ୍ନ ଭିକ୍ଷୁଙ୍କୁ ପଚାରି ବସିଲେ । କିନ୍ତୁ ଏହାର ଜବାବରେ ଅତିଥି ଭିକ୍ଷୁଙ୍କଠାରୁ ଯାହା ଉତ୍ତର ମିଳିଲା ତାହା ଆହୁରି ଅଦ୍ଭୁତ ଥିଲା । ଲିଙ୍ଗ୍‌ତୁଙ୍ଗ୍ କହିଲେ – ''ମୁଁ ତ ବହୁ ପୂର୍ବରୁ ସେଠାରେ ବସି ରହିଛି (I am already inside it.) । ସର୍ବବ୍ୟାପକର ଅର୍ଥ ହେଲା – ଯାହା ସବୁଠାରେ ବିଦ୍ୟମାନ । ଏବେ ଲଣ୍ଠନ ଭିତରେ କିପରି ପଶିବି ? ପୂର୍ବରୁ ମୁଁ ସେଠାରେ ଥିଲି, ବର୍ତ୍ତମାନ ଉପସ୍ଥିତ ରହିଛି; ତେଣୁ ସେଠାରେ ଓ ଏଠା ମଧ୍ୟରେ ବିଭେଦ ରହିଲା କେଉଁଠି ?

*

ଏକଦା ଜଣେ ସୁଫି ଫକିର ଥିଲେ । ନାମ ତାଙ୍କର ବାୟଜିଦ୍ । ନିଜ ଶିଷ୍ୟଙ୍କ ମେଳରେ ସେ ଏକ ଗାଁ ଦେଇ ଯାଉଥିଲେ । ବାୟଜିଦ୍‌ଙ୍କର ସ୍ୱଭାବ ହେଲା ଯେତେବେଳେ, ଯେଉଁ ମୁହୂର୍ତ୍ତରେ କିଛି ଅବସର ମିଳିଯାଏ ସେ ତାଙ୍କ ଶିଷ୍ୟମାନଙ୍କୁ ସେହିଠାରେ ଜୀବନର ଦର୍ଶନକୁ ବୁଝାଇ ଦେଇଥା'ନ୍ତି । ଉପଦେଶ ଦିଅନ୍ତି ନାହିଁ । ସେମିତି ଯାଉ ଯାଉ ସେ ଦେଖିଲେ ଜଣେ ଲୋକ ତା' ଗାଈକୁ ନେଇ ଯାଉଛି । ଗାଈ ବେକରେ ପଘା ବନ୍ଧାଯାଇଛି ଆଉ ମଣିଷ ସେ ଦଉଡ଼ିକୁ ଭିଡ଼ି କରି ନେଉଛି ।

ବାୟଜିଦ୍ ସେ ଲୋକକୁ କହିଲେ – ଭାଇ ଦୟାକରି ଟିକେ ରୁହ । ମୁଁ ମୋ ଶିଷ୍ୟମାନଙ୍କୁ କିଛି ବୁଝାଇବାର ଅଛି'' । ଶିଷ୍ୟମାନେ ଗାଈକୁ ଘେରିକରି ଛିଡ଼ା ହୋଇଗଲେ । ବାୟଜିଦ୍ ଶିଷ୍ୟମାନଙ୍କୁ ପଚାରିଲେ – ଏବେ ତୁମେମାନେ ମୋତେ କୁହ ଗାଈ ମଣିଷକୁ ବାନ୍ଧିଛି ନା ଏ ମଣିଷ ଗାଈକୁ ବାନ୍ଧିଛି ? କିଏ କାହାର ଗୋଲାମ ? ଗାଈ ମଣିଷ ଦ୍ୱାରା ବନ୍ଧାଯାଇଛି ନା ମଣିଷ ଗାଈ ଦ୍ୱାରା ବନ୍ଧାଯାଇଛି ? କିଏ କାହାର ମାଲିକ'' ? ସ୍ୱଭାବତଃ ଶିଷ୍ୟମାନେ କହିଲେ – କଥା ଏକଦମ ସଫା । ମଣିଷହିଁ ମାଲିକ । ମଣିଷ ଗାଈକୁ ଗୋଲାମ କରି ରଖିଛି ।

ଏକଥା ଶୁଣି ବାୟଜିଦ୍ କହିଲେ – ଦେଖ, ''ମୁଁ ଏ ଗାଈର ପଘାକୁ କାଟି ଦେଉଛି । ଏହା କହି ସେ ଦଉଡ଼ିକୁ ମଝିରୁ କାଟି ଦେଲେ । ପଘା ଛିଡ଼ିଲା ମାତ୍ରକେ ଗାଈ ଗୋଟାଏ ଡିଆଁରେ ଚମ୍ପଟ ମାରିଲା । ଗାଈ ଦଉଡୁଥାଏ ଆଉ ତା' ପଛେ ପଛେ ଧାଉଁଥାଏ ସେହି ଲୋକଟି । ଇଏ ଥିଲା ବଡ଼ ଅଜବ ଦୃଶ୍ୟ । ବାୟଜିଦ୍ କହିଲେ – ଏବେ ଦେଖୁଛ ତ କିଏ କାହା ପଛରେ ଦୌଡ଼ୁଛି । ଯଦି ଏ ଲୋକଟି ତୁମ କହିବାନୁସାରେ ମାଲିକ ଥିଲା ତେବେ ତ ଗାଈ ତା'ପଛରେ ଯିବା କଥା । ତେଣୁ ଗାଈ ମାଲିକ ଆଉ ମଣିଷଟି ଏ ସମୟରେ ତା'ର ଗୋଲାମ । ଗୋଲାମ ମାଲିକ ପଛରେ ଧାଉଁଛି । ଆଉ ମଣିଷ ମନରେ ଏହି ଭ୍ରାନ୍ତ ଧାରଣା ଅଛି ଯେ – ମୁଁ ମାଲିକ । କିନ୍ତୁ ଏବେ ତ ସତ୍ୟ ପଦାକୁ ବାହାରି ଆସିଲା । ଦଉଡ଼ି ଛିଡ଼ିଗଲା ପରେ ଗାଈ ତା' ରାସ୍ତାରେ ଚାଲିଗଲା । ଥରଟିଏ ପାଇଁ ମଧ୍ୟ ପଛକୁ ବୁଲି ଏ ଲୋକକୁ ଚାହିଁଲା ନାହିଁ । ଅଥଚ ଏ ମଣିଷ ଗାଈ ପଛରେ ଦୌଡ଼ୁଛି । ତେଣୁ ଏ ମାଲିକ ଆଉ ଗୋଲାମ ମଧ୍ୟରେ ବିଭେଦକୁ ଖିଆଲ କର ।

*

ଏକଦା ରାଜ ଦରବାରକୁ ଜଣେ ସାଧୁ ଚାଦର ଭିତରେ ଏକ କୁକୁର ଛୁଆକୁ ଲୁଚାଇ ପ୍ରବେଶ କଲେ । ରାଜା ସାଧୁଙ୍କ ବସିବା ପାଇଁ ଗୋଟିଏ ଗାଲିଚା ବିଛାଇ ଦେଲେ ଏବଂ ନିଜେ ମଧ୍ୟ ତା' ଉପରେ ବସିଲେ । ସାଧୁ ରାଜାଙ୍କ ଆଡ଼କୁ ଗୋଡ଼ ଲମ୍ୱାଇ ବସିଗଲେ । ରାଜା ଭାବିଲେ, ଏ ଜଣେ ମୂର୍ଖ, ସଭ୍ୟତା କ'ଣ ଜାଣି ନାହିଁ, କେବେ ରାଜସଭାକୁ ଯାଇ ନାହିଁ । ତେଣୁ ରାଜାଙ୍କ ଆଗରେ କିପରି ବସିବାକୁ ହୁଏ ସେକଥା ତାକୁ ଜଣା ନାହିଁ । ରାଜା ପଚାରିଲେ – ''ଗୋଡ଼ ଲମ୍ୱେଇଲ କେବେଠୁଁ'' ? ସାଧୁ କହିଲେ ''ହାତ ଜାକିଛି ଯେବେଠୁଁ । ଅର୍ଥାତ୍ କିଛି ପାଇବାର ଇଚ୍ଛା ଥିଲେ ହାତ ପତେଇବାକୁ ପଡ଼େ ଓ ଗୋଡ଼ ଜାକିବାକୁ ପଡ଼େ, କିନ୍ତୁ ମୋର କିଛି ପାଇବାର ନାହିଁ, ତେଣୁ ମୁଁ ହାତ ଜାକି ଦେଲି ଏବଂ ଗୋଡ଼ ଲମ୍ୱେଇ ଦେଲି'' । ଏହା କହି ସାଧୁ ଭଲଭାବେ ଚକା ପକାଇ ବସିଲେ । ଏକଥା ଶୁଣି ରାଜା ଭାବିଲେ, ଏ ମୂର୍ଖ ନୁହନ୍ତି, ବଡ଼ ବୁଦ୍ଧିମାନ୍ ଓ ତ୍ୟାଗୀ ମହାତ୍ମା । ମୋତେ ଚେତାଇବା ପାଇଁ ଏପରି କଲେ ।

ସାଧୁ ଚାଦର ଭିତରେ ଲୁଚାଇ ରଖିଥିବା କୁକୁର ଛୁଆଟିକୁ କାଢ଼ି ରାଜାଙ୍କ ଆଗରେ ବସାଇ ଦେଲେ । ରାଜା କହିଲେ – ''ମୁଁ ବୁଝିପାରିଲି ନାହିଁ'' । ସାଧୁ କହିଲେ, ''ଖରାପ ଭାବିବେ ନାହିଁ ତ ?'' ରାଜା କହିଲେ, ''ଏଥିରେ ଖରାପ ଭାବିବାର କ'ଣ ଅଛି, ମୁଁ ପଚାରୁଛି ପରା ! ଆପଣ ସତ କଥା କୁହନ୍ତୁ'' । ସାଧୁ କହିଲେ – ''ରାଜନ୍ ! ମୋତେ ଏହି କୁକୁର ଛୁଆ ଓ ଆପଣଙ୍କ ମଧ୍ୟରେ କୌଣସି ପ୍ରଭେଦ ଦେଖାଯାଉ ନାହିଁ । ଏ କୁକୁର ଛୁଆ ଅତି ନଗଣ୍ୟ ଏବଂ ଆପଣ ଅତି ବଡ଼, ଏହା ସତ କଥା; କିନ୍ତୁ ମୋତେ ସେପରି ଦେଖାଯାଉ ନାହିଁ । ଆପଣଙ୍କର ଯେପରି ପ୍ରାଣ ଅଛି, ଏହାର ମଧ୍ୟ ଶ୍ୱାସକ୍ରିୟା ଚାଲିଛି । ଆପଣଙ୍କ ଶରୀର ପଞ୍ଚଭୂତରେ ଗଢ଼ା, ଏହାର ଶରୀର ମଧ୍ୟ ପଞ୍ଚ ଭୌତିକ । ଆପଣ ଦେଖୁଛନ୍ତି, ଖିଆପିଆ କରୁଛନ୍ତି, ଇଏ ମଧ୍ୟ ଦେଖୁଛି ଓ ଖିଆପିଆ କରୁଛି । ଆପଣ ଓ ଏହି କୁକୁରଛୁଆ ଭିତରେ ପ୍ରଭେଦ କେଉଁଠି ରହିଲା । ସଂସାରରେ ପ୍ରତ୍ୟେକ ପ୍ରାଣୀଠାରେ କିଛି ନା କିଛି ବିଶେଷତ୍ୱ ରହିଛି । ଯେହେତୁ ସମସ୍ତେ ସ୍ୱତନ୍ତ୍ର ଗୁଣଧର୍ମର ଅଧିକାରୀ, ସେହି ଦୃଷ୍ଟିରୁ କେହି ବଡ଼ କିଂବା ସାନ ନୁହନ୍ତି – ସମସ୍ତେ ସମାନ । ଆପଣ ଉଚ୍ଚ ପଦରେ ଅଛନ୍ତି ଏବଂ ଏଇ କୁକୁରଟି ସଂସାର ଦୃଷ୍ଟିରେ ବହୁତ ନୀଚ – ଏପରି ପ୍ରଭେଦ କୌଣସି ସ୍ୱାର୍ଥଗତ ସମ୍ବନ୍ଧ ଯୋଗୁଁ ହୁଏ । ମୋର କାହା ସହିତ କୌଣସି ସ୍ୱାର୍ଥଗତ ସମ୍ବନ୍ଧ ନାହିଁ । ଆପଣଙ୍କଠାରୁ କିଛି ନେବାର ନାହିଁ କି ଏହାଠାରୁ ମଧ୍ୟ କିଛି ନେବାର ନାହିଁ । ତେବେ ମୋ ପାଇଁ ଆପଣ ଓ ଏ କୁକୁର ଛୁଆ ମଧ୍ୟରେ ବିଭେଦ କେଉଁଠି ?''

*

ଆମେ ଯେଉଁ ଜୀବନ ପାଇଛୁ ତାହା ହେଉଛି ଈଶ୍ୱରଙ୍କର ଏକ ବ୍ୟକ୍ତ ରୂପ ଏବଂ ଏକ ଚେତନାର ସ୍ରୋତ । କିନ୍ତୁ ମଣିଷ ଏହା ଭିତରକୁ ଫେରିଯିବାକୁ ଚାହେଁ ନାହିଁ । ତା'ର ସମ୍ପର୍କ ବାହାର ଦୁନିଆ ସହ । ସେ ଭୂମିଷ୍ଠ ହେବା ପରଠାରୁ ତା'ର

ଯାତ୍ରା ଆରମ୍ଭ ହୋଇଯାଏ ବାହାର ଜଗତରେ । ବାହାରେ ତା'ର ଘରଦ୍ୱାର, ମନ୍ଦିର । ସେଇଠାରେ ସେ ଖୋଜି ବୁଲେ ଈଶ୍ୱର । ଜୀବନ ରହସ୍ୟର ଚାବିକାଠି ଭିତରେହିଁ ଥାଏ । ଭିତରେ ତା'ର ଅନନ୍ତ ଆକାଶ, ଅସୀମ ସାଗର ତା'ର ଅପେକ୍ଷାରେ ଥାଆନ୍ତି । ସଂସାରଯାକର ସମ୍ପତ୍ତି ତା' ଭିତରେ ଠୁଳ ହୋଇଥାଏ । ତାକୁ ଯେକୌଣସି ମୁହୂର୍ତ୍ତରେ ଭିତରକୁ ବାହୁଡ଼ି ଯିବାକୁ ପଡ଼ିବ । ନିଜକୁ ଆବିଷ୍କାର କରିବାକୁ ପଡ଼ିବ । ତା'ପରେ ସେ ସର୍ବତ୍ର, ସର୍ବଭୂତରେ, ଅଣୁରୁ ଅନ୍ତରୀକ୍ଷ ଯାଏ, ଭୂମିରୁ ଭୂମା ପର୍ଯ୍ୟନ୍ତ ଈଶ୍ୱରଙ୍କ ସ୍ୱରୂପକୁ ଦର୍ଶନ କରିପାରିବ । ନା ସେଠି ଥିବ କିଛି ପ୍ରଭେଦ କି ବିଭେଦ ! ❑

# ଅଭିଷିକ୍ତ ଅବଶେଷେ

## ଝରଣା ଘୋଷାଲ

କେତେ ଜନ୍ମ-ଜନ୍ମାନ୍ତର ଅତିକ୍ରମ କରି
ସମୟର ଆରମ୍ଭରୁ ଆଜିଯାଏ –
ତୁମ ଅପହଞ୍ଚ ଦିବ୍ୟସତ୍ତା ଛୁଇଁ ଦେଖିବାକୁ,
ଉଡ଼ି ବୁଲୁଥିଲି ଆକାଶ ଛାତିରେ
ବାଟବଣା ପକ୍ଷୀ ପରି ।

ଅଯାଚିତ, ଅହେତୁକ କରୁଣା ତୁମର
ଅକସ୍ମାତ୍ ଭେଟିଲି ତୁମକୁ
ହୃଦୟର ଦିଗ୍‌ବଳୟେ –
ଏକ ଅପାର୍ଥିବ ବାସ୍ନା, ଅମୃତମୟ କୋମଳ ସ୍ପର୍ଶ
ଚହଟି ଗଲା ମୋ ତନୁର ରନ୍ଧ୍ରେ ରନ୍ଧ୍ରେ ।

ନିଃଶ୍ୱାସର ଉଷ୍ମ ପରଶରେ –
ଘନଘୋର ଅସରନ୍ତି ଜୀବନେ
ଲେଖା ହେଲା ଅଭିନବ ଅପୂର୍ବ ଜାତକ –

ଅସମ୍ପୂର୍ଣ୍ଣ ଅତୀତର ନୀରବ ଅଭିଯୋଗ
ଅସହାୟତାକୁ ପରୁଆ ନକରି
ଅନାବନା ଘାସ, ଗୁଳ୍ମ, ଲତା ପରି
ଅବାଞ୍ଛିତ ଯେତେ ଅସ୍ପଷ୍ଟ ଇଙ୍ଗିତ



ଆଡ଼େଇ ଦେଇ ରହସ୍ୟମୟ କ୍ଷିପ୍ର ହାତରେ
ମୁହୂର୍ତ୍ତଙ୍କର ସମ୍ପର୍କକୁ ପୁଞ୍ଜି କରି
ବିଶ୍ୱାସକୁ ସାଇତି ରଖିଲି
ସଂଗୋପନେ, ଅତି ଆଦରରେ ।

ତୁମ ଆଖିର ଗବାକ୍ଷ ଭେଦି
ପଶିଗଲି ବ୍ୟାପକ ଦିଗନ୍ତେ
ହଜିଗଲା ଅଙ୍କାବଙ୍କା ଚଲାପଥ
ରଙ୍ଗହୀନ ସ୍ନିଗ୍ଧ ଆଲୋକର ଶୀତଳ ଉତ୍ତାପ
ସଞ୍ଚରୁ ଥିଲା ହୃଦୟରୁ ହୃଦୟକୁ ।

ଆତ୍ମା ମୋର ଛନ୍ଦିଗଲା ଆହ୍ଲାଦର
ମୁଗ୍ଧ ଆଲିଙ୍ଗନେ ।

ମନ୍ତ୍ରମୟ ଧ୍ୱନିର ଗୁଞ୍ଜନ
ଅସମର୍ଥତାକୁ ଜାଣି ସୁଦ୍ଧା ପ୍ରସରି ଗଲା
ସ୍ନାୟୁରେ, ଶିରାରେ
ଅନିର୍ବଚନୀୟ ଅମୃତମୟ ଆଶୀର୍ବାଦରେ;
ଅକିଞ୍ଚନ ଅବହେଳିତ ସତ୍ତା ମୋର
ଅଭିଷିକ୍ତ ହେଲା ଅପୂର୍ବ ପୁଲକେ । ❑

# ଆମ ଶରୀର

## (୩)


## ଭୋଳେଶ୍ୱର ଭୂୟାଁ


### ଶରୀର ଏକ ଗୁପ୍ତବିଦ୍ୟାର କ୍ଷେତ୍ର

ଭଗବାନ୍ ପ୍ରକୃତି ମାଧ୍ୟମରେ ମଣିଷର ରୂପ ଗଢ଼ିବାକୁ ଯାଇ ତା' ଭିତରେ ଏତେସବୁ ସମ୍ଭାବନାର ବସ୍ତୁ ଭରି ରଖିଲେ ଯେ ମଣିଷ ନିଜେ ଏ ବିଷୟରେ ଏପର୍ଯ୍ୟନ୍ତ ଅଜ୍ଞ ହୋଇ ରହିଛି । ମଣିଷର ମସ୍ତିଷ୍କ କିପରି କାମ କରେ ତାହା ଏପର୍ଯ୍ୟନ୍ତ ମଣିଷ ସୃଷ୍ଟ ବିଜ୍ଞାନ ମଧ୍ୟ ଜାଣିପାରି ନାହିଁ, ମଣିଷ DNAକୁ ଏପର୍ଯ୍ୟନ୍ତ ଠିକ୍ ଭାବରେ ପଢ଼ି ପାରି ନାହିଁ – ଏହାକୁ ନିୟନ୍ତ୍ରଣ କରିବା ତ ଦୂରର କଥା । ମଣିଷ ରୋଗ ଯନ୍ତ୍ରଣାରୁ କିପରି ପୂର୍ଣ୍ଣ ରୂପେ ମୁକ୍ତି ପାଇବ ତଥାକଥିତ ଡାକ୍ତରୀ ବିଜ୍ଞାନ ମଧ୍ୟ ଜାଣେ ନାହିଁ । ଶରୀର ଭିତରେ ଥିବା ଭୌତିକ ଉପାଦାନ ବ୍ୟତୀତ ଅନ୍ୟ ସୂକ୍ଷ୍ମ ଉପାଦାନ କିପରି ଭାବରେ ଏ ଶରୀର ଉପରେ କ୍ରିୟା କରନ୍ତି ଏହା ମଧ୍ୟ ସେ ଜାଣେ ନାହିଁ । ଏତେସବୁ ବିଷୟରେ ଅଜ୍ଞ ହୋଇ ମଧ୍ୟ ମଣିଷ ତା'ର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଲାଭ କରିବା ପାଇଁ ପ୍ରୟାସ କରି ଆସିଛି । ଏହାର ଅସଲ କାରଣ ହେଲା ମଣିଷ ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ମଣିଷ ହୋଇ ପାରି ନାହିଁ । କିନ୍ତୁ ଭଗବାନ୍ ମଣିଷକୁ ପୂର୍ଣ୍ଣାଙ୍ଗ ମଣିଷ ହେବାର ତଥା ତା'ଠାରୁ ଊର୍ଦ୍ଧ୍ୱକୁ ଯିବାର ସମସ୍ତ ସମ୍ଭାବନା ତା' ଭିତରେ ଭରି ରଖିଛନ୍ତି । ଏ ବିଷୟରେ ମା' କହୁଛନ୍ତି : ''ଶରୀରର ନିଜର ଏକ ବ୍ୟକ୍ତିତ୍ୱ ରହିଛି । ଏହା ବିଶେଷ ଭାବରେ ସଙ୍ଗଠିତ ହୋଇ ପ୍ରସ୍ତୁତ ହୋଇଥାଏ ଏବଂ ସମ୍ପୂର୍ଣ୍ଣ ଶରୀର ଓ ଏହା ଭିତରେ ଥିବା ବିଭିନ୍ନ ଅଂଶ ପାଇଁ କାମ କରିଥାଏ । ମଣିଷ ଶରୀର ଏତେ ଉତ୍କର୍ଷ ଗୁଣାବଳୀରେ ଗଠିତ ହୋଇଛି ଯେ ଏକ ଦିବ୍ୟ-ଚେତନା ଏହାର ସମସ୍ତ ଗତିବୃତ୍ତିକୁ ନିୟନ୍ତ୍ରଣ କରିଥାଏ ଓ ଏହାକୁ ରକ୍ଷା କରିଥାଏ ଯେ କି ଏହାର ପ୍ରଭୁ ମଧ୍ୟ ହୋଇଥାଏ । ଭଗବତ୍ ଇଚ୍ଛା ଶକ୍ତିର ପୂରଣ ପାଇଁ ଆନୁଗତ୍ୟର ସହିତ ଏହା କର୍ମ କରିଥାଏ ।''

(*On Physical Education*, P. 236)

ମା'ଙ୍କର ଏହି ବାଣୀ ହେଲା ଶରୀର ବିଷୟରେ ଜ୍ଞାନ ଲାଭ କରିବାର ଉପକ୍ରମଣିକା । ଏ ପୃଥିବୀରେ ଶରୀର ବିଷୟରେ ଯିଏ ଯାହା ବି କହିଥାଆନ୍ତୁ ନା କାହିଁକି ଶ୍ରୀମା ଶରୀର ବିଷୟରେ ଯେଉଁ ଜ୍ଞାନ ଆମକୁ ପ୍ରଦାନ କରିଛନ୍ତି ତାହା ଆମକୁ ଶରୀର ରୂପାନ୍ତରର ଶେଷ ପର୍ଯ୍ୟାୟରେ ପହଞ୍ଚାଇ ପାରିବ । ଏଠାରେ ଆମେ କେବଳ ଶରୀରର ସମ୍ଭାବନା ବିଷୟରେ କହିବାକୁ ଯାଇ ଏହା ଯେ କିପରି ଏକ ମହାନ୍ ଗୁପ୍ତବିଦ୍ୟାର କ୍ଷେତ୍ର ହୋଇ ସାରା ପୃଥିବୀର ରୂପାନ୍ତର କରିପାରିବ ସେ ବିଷୟରେ ଆମେ କିଞ୍ଚିତ୍ ଆଭାସ ଦେବୁ । ଶ୍ରୀମା କହୁଛନ୍ତି : ''...ଏକ ପୂର୍ଣ୍ଣ ସଚେତନ ଶରୀର ପରମପ୍ରଭୁଙ୍କ ଚେତନା ଦ୍ୱାରା ଅନୁପ୍ରାଣିତ ଓ ପରିଚାଳିତ ହୋଇ ଜୀବନ ଧାରଣ କରିଥାଏ ଏବଂ ବିଶ୍ୱ ଚେତନାର ତାଳରେ ତାଳ ଦେଇ ଗତିଶୀଳ ହୋଇଥାଏ । ବିଶ୍ୱରେ ଘଟୁଥିବା ଘଟଣାବଳୀକୁ କେବଳ ଯେ ଏହା ନିଜ ଭିତରେ ଲିପିବଦ୍ଧ କରିଥାଏ – ତା' ନୁହେଁ, କିନ୍ତୁ ନିଜ ଭିତରେ ଏକ ବ୍ୟକ୍ତିଗତ ଗତିବୃତ୍ତି ମାଧ୍ୟମରେ ଏସବୁକୁ ସେ ନିୟନ୍ତ୍ରଣ କରେ; ଏପରିକି ବିଶ୍ୱ ଘଟଣାବଳୀକୁ ପରିଚାଳନା କରିବା ପାଇଁ ଏକ ସକ୍ଷମ, ସଚଳ ଶକ୍ତି ଲାଭ କରିଥାଏ ।''

ପୃଥିବୀର ପରିବର୍ତ୍ତନ ପାଇଁ ଶ୍ରୀକୃଷ୍ଣଙ୍କୁ ମଧ୍ୟ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଦୁଷ୍ଟ ଦଳନ କରିବାକୁ ପଡ଼ିଥିଲା । ଶ୍ରୀରାମଙ୍କୁ ମଧ୍ୟ ସେତୁବନ୍ଧ ନିର୍ମାଣ କରି ତଥା ଲଙ୍କାରେ ଉପସ୍ଥିତ ହୋଇ ଯୁଦ୍ଧ କ୍ଷେତ୍ରରେ ରାବଣକୁ ନିଧନ କରିବାକୁ ପଡ଼ିଥିଲା । ଅର୍ଥାତ୍ ସେମାନଙ୍କର ମଧ୍ୟ ଶ୍ରୀମା କହିଥିବା ଶରୀର ରୂପାନ୍ତରର ଏହି ଗୁପ୍ତବିଦ୍ୟା ବିଷୟରେ ଜ୍ଞାନ ନଥିଲା । କାରଣ ସେତେବେଳେ ମଣିଷ-ଶରୀର ଏତେ ସଚେତନ ହୋଇ ନଥିଲା ଯଦ୍ଦ୍ୱାରା ଘରେ ବସି ରୂପାନ୍ତର କାର୍ଯ୍ୟ କରି ପାରନ୍ତେ ।

ଶ୍ରୀମା ପୁଣି ବୁଝାଇ କହୁଛନ୍ତି : ''ଆମେ ଶରୀରକୁ ପୃଥିବୀର ଏକ ମାନଚିତ୍ର ବା ତାଲିକା ସୂଚୀ ଭାବରେ କଳ୍ପନା କରିପାରୁ । ଉଦାହରଣସ୍ୱରୂପ ପୃଥିବୀର ପ୍ରତ୍ୟେକ ଅଣୁ-ପରମାଣୁ ଶରୀରର ଏକ ନିର୍ଦ୍ଦିଷ୍ଟ ଅଂଶ ବିଶେଷ – ଯାହା ବିଶେଷଭାବେ ଶରୀର କୋଷଗୁଡ଼ିକର ପ୍ରତିନିଧିତ୍ୱ କରିଥାଏ । ଶରୀରର ଏକ ନିର୍ଦ୍ଦିଷ୍ଟ ଅଂଶରେ ଏକାଗ୍ର ହୋଇ ଯଦି ସେହି ଅଂଶରେ ପରିବର୍ତ୍ତନ ଅଣାଯାଏ, ତେବେ ଏହି ଅଂଶ ପୃଥିବୀ

ସହିତ ସମ୍ବନ୍ଧିତ ହୋଇଥିବା ଅଂଶଗୁଡ଼ିକରେ ସ୍ୱାଭାବିକ ଭାବରେ ଏକ ବିଶାଳ ପରିବର୍ତ୍ତନ ଆଣି ପାରେ । ତେଣୁ ବାହାରକୁ ଯାଇ ଇତସ୍ତତଃ ଘୂରିବୁଲି ପୃଥିବୀର କୌଣସି ସ୍ଥାନରେ ଉପସ୍ଥିତ ହୋଇ ତା' ବିଷୟରେ ପ୍ରଥମେ ଜାଣିବାର ଆବଶ୍ୟକତା ନାହିଁ । ଏହିପରି ଭାବରେ ତୁମେ ଘର ଭିତରେ ରହି ନିଜ ଶରୀରର କୌଣସି ଏକ କୋଣରେ ସୁଇଚ୍ ବୋର୍ଡ୍‌ରେ ଥିବା ସୁଇଚ୍‌କୁ ଦବାଇବା ଭଳି ପୃଥିବୀର ଘଟଣା ଓ ଗତିକୁ ନିୟନ୍ତ୍ରଣ କରି ଏହାକୁ ଠିକ୍ ରାସ୍ତାକୁ ଆଣି ପାରିବ — ଯାହା ଶରୀରର ଏହି ଅଂଶ ସହିତ ସମ୍ବନ୍ଧିତ ।''

ଶ୍ରୀମା ପୁଣି କହୁଛନ୍ତି : ''ତୁମ ଶରୀରର କେତେକ କୋଷମାନଙ୍କର ଏକ ସଚେତନ ପୁନଃ ସଙ୍ଗଠନ ଦ୍ୱାରା ପୃଥିବୀର ଘଟଣାବଳୀକୁ ତୁମ ଚାହିଁବା ଅନୁସାରେ ପରିବର୍ତ୍ତନ କରି ପାରିବ । ଏହିପରି ଭାବରେ ପୃଥିବୀରେ ସମସ୍ତ ଘଟଣାବଳୀର ପରିଚାଳନା କରିବା ପାଇଁ ତୁମ ଶରୀର ହେଲା ଏହାର ନିୟନ୍ତ୍ରଣ ଗୃହ ।''

ମା' ଶରୀରର ଗୁପ୍ତବିଦ୍ୟାର କ୍ଷେତ୍ର ବିଷୟରେ ଏତେସବୁ କଥା କହିବା ପରେ ଶେଷରେ କହୁଛନ୍ତି : ''ବାସ୍ତବରେ ଯେକୌଣସି ବ୍ୟକ୍ତି ଏହା କରିପାରିବ ନାହିଁ କାରଣ କେବଳ ଏହି କାର୍ଯ୍ୟ କରିବା ପାଇଁ ଯେଉଁ ଶରୀର ଉଦ୍ଦିଷ୍ଟ ଓ ବିଧିନିର୍ଦ୍ଦିଷ୍ଟ ହୋଇଥାଏ ଏବଂ ଏଥିପାଇଁ ଯିଏ ତାଲିମ ପ୍ରାପ୍ତ ହୋଇଥାଏ ସେହିଁ ଏହା କରିପାରେ ।''

ଏହିପରି ବିଧିନିର୍ଦ୍ଦିଷ୍ଟ ଶରୀରର ଜ୍ୱଳନ୍ତ ଉଦାହରଣ ହେଲା ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଶରୀର । ଯୁଗସନ୍ଧି ସମୟରେ ଦୁଷ୍ଟ ଦଳନ କରି ନୂତନ ଯୁଗର ରଚନା ପାଇଁ ମା-ଶ୍ରୀଅରବିନ୍ଦଙ୍କ ଶରୀର ଉଦ୍ଦିଷ୍ଟ ଥିଲା । ଯେତେବେଳେ ଅନ୍ଧକାର ଶକ୍ତି ପୃଥିବୀରେ ସତ୍ୟ ଶକ୍ତିର ବିରୋଧରେ ଦଣ୍ଡାୟମାନ ହୋଇ ଦ୍ୱିତୀୟ ମହାସମର ଆରମ୍ଭ ହେଲା, ସେତେବେଳେ ଶ୍ରୀଅରବିନ୍ଦ ଚର୍ଚ୍ଚିଲଙ୍କୁ ଯନ୍ତ୍ର କରି ଏହି ମହାସମରକୁ ଲଢୁଥିଲେ । ଏହି ଯୁଦ୍ଧରେ ଶେଷରେ ଅନ୍ଧକାର ଶକ୍ତିର ପ୍ରତୀକ ହିଟ୍‌ଲର ଭଳି ଅସୁରକୁ ଛଳ କରି ମା' ମାରିଥିଲେ । କେବଳ ଏତିକି ନୁହେଁ ପରେ ଭାରତକୁ ଚାଇନା ଆକ୍ରମଣ କଲାବେଳେ ସେମାନଙ୍କ ଅଗ୍ରଗତିକୁ ମା'ହିଁ ବନ୍ଦ କରିଥିଲେ । ପୂର୍ବ ପାକିସ୍ତାନ (ବର୍ତ୍ତମାନର ବାଙ୍ଗଲା ଦେଶ) ଓ ଭାରତର ଯୁଦ୍ଧ ସମୟରେ ମା'ଙ୍କର ମହାକାଳୀ ଶକ୍ତିହିଁ ସେମାନଙ୍କୁ ପରାସ୍ତ କରିଥିଲା । ଏସବୁ ଯୁଦ୍ଧ କରିବା ପାଇଁ ମାଶ୍ରୀଅରବିନ୍ଦଙ୍କୁ ତାଙ୍କ କକ୍ଷରୁ ବାହାରକୁ ଯାଇ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହେବାକୁ ପଡ଼ି ନଥିଲା । ସେମାନେ ଏହି ଯୁଦ୍ଧ ତାଙ୍କ ଶରୀର ଭିତରେହିଁ କରୁଥିଲେ । ତାଙ୍କ ଶରୀର ଏଥିପାଇଁ ଉଦ୍ଦିଷ୍ଟ ଥିଲା ।

ଶେଷରେ ଭବିଷ୍ୟତରେ ସେମାନେ କ'ଣ କରିବେ, ତାଙ୍କର ଯୁଗ ସଂରଚନା କାମ କିପରି ଅବ୍ୟାହତ ରହିବ ସେ ବିଷୟରେ ମା ବହୁ ସ୍ଥାନରେ କହିଛନ୍ତି । ଆଜି ଆମେ ଯେଉଁ ବିଷୟଟି ଉପରେ ଆଲୋଚନା କରୁଛୁ ସେହି ବିଷୟଟିର ଶେଷ ପରିଚ୍ଛେଦରେ ଶ୍ରୀମା କହୁଛନ୍ତି :

''And in a higher sense – indeed in the highest sense – a body can sacrifice itself in such a way – wholly and integrally – as to bring about a corresponding integral reversal or revaluation in the physical world. A human being that makes of himself a holocaust – burns himself out at the altar of the Divine – keeping nothing for his own sake, living for the Divine alone, by calling down the divine will in himself, brings into the earthly life too a divine presence and transformation. A total physical sacrifice results inevitably into a total expression and embodiment of the Divine in the Physical world.''

(*On Physical Education,* P. 237)

ଅର୍ଥାତ୍ :

''ଏବଂ ଏହି ଅନୁଭୂତିର ଉଚ୍ଚତର ଅବସ୍ଥାରେ — କହିବାକୁ ଗଲେ ଉଚ୍ଚତମ ଅବସ୍ଥାରେ ଏକ ଶରୀର ନିଜକୁ ଏପରିଭାବେ ଆତ୍ମବଳି ଦେଇପାରେ — ସମ୍ପୂର୍ଣ୍ଣ ଓ ସମଗ୍ରଭାବେ — ଯାହା ଦ୍ୱାରା ସ୍ଥୂଳ ପୃଥିବୀର ଚେତନାରେ ଏକ ପୂର୍ଣ୍ଣାଙ୍ଗ ଆମୂଳ ପରିବର୍ତ୍ତନ ଆଣିପାରେ । ଜଣେ ମଣିଷ ନିଜ ପାଇଁ କିଛି ବି ନରଖି ନିଜକୁ ଭଗବତ୍ ଯଜ୍ଞକୁଣ୍ଡରେ ଏପରି ପୂର୍ଣ୍ଣାହୁତି ଦେଇଥାଏ ଓ କେବଳ ଭଗବାନଙ୍କ ପାଇଁହିଁ ଜୀବନ ଧାରଣ କରିଥାଏ, ଭଗବତ୍ ଇଚ୍ଛାଶକ୍ତିକୁ ନିଜ ଭିତରେ ଆବାହନ କରିଥାଏ, ତଥା ପାର୍ଥିବ ଜୀବନ ଧାରାରେ ମଧ୍ୟ ଭଗବତ୍ ଉପସ୍ଥିତି ଓ ରୂପାନ୍ତର ପାଇଁ ନିଜକୁ କ୍ରିୟାଶୀଳ କରିଥାଏ । ଜଡ଼ ଶରୀରର ପୂର୍ଣ୍ଣ ଆତ୍ମାହୁତିହିଁ ଏ ଭୌତିକ ଧରାପୃଷ୍ଠରେ

ଆଣିଥାଏ ଏକ ଦିବ୍ୟଜୀବନ ଓ ଭଗବାନଙ୍କର ଏକ ମୂର୍ତ୍ତିମାନ୍ ଶରୀରର ପରିପ୍ରକାଶ ।

ଏଠାରେ ମା ଶ୍ରୀଅରବିନ୍ଦଙ୍କ ଆତ୍ମବଳି ବିଷୟରେ କହୁଛନ୍ତି ଯାହା ଆମମାନଙ୍କ ପକ୍ଷରେ ବୁଝିବା କଷ୍ଟକର ହେବ ନାହିଁ । ଅତିମାନସ ଶକ୍ତିକୁ ଏ ପୃଥିବୀରେ ଅବତରଣ କରିବାର ପଥକୁ ଅଜ୍ଞାନ ଅନ୍ଧକାର ଶକ୍ତି ଅବରୋଧ କରି ରଖିଥିଲା । ଶ୍ରୀଅରବିନ୍ଦ ଏହି ଅଜ୍ଞାନ ଶକ୍ତିର ବିଷକୁ ନିଜ ଶରୀରରେ ଗ୍ରହଣ କରି ନିଜକୁ ଏହି ମହାନ୍ କର୍ମରେ ଆତ୍ମବଳି ଦେଇଥିଲେ । ଏହା ଦ୍ୱାରା ଅତିମାନସ ଶକ୍ତିର ଅବତରଣର ପଥ ପରିଷ୍କାର ହୋଇ ପାରିଥିଲା । ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗର ପାଞ୍ଚଦିନ ପର୍ଯ୍ୟନ୍ତ ଏହି ଅତିମାନସ ଶକ୍ତି ତାଙ୍କ ପାର୍ଥିବ ଶରୀରକୁ ଅତୁଟ ଓ ସତେଜ ରଖିଥିଲା ଏବଂ ଏହି ଶକ୍ତି ଅପସରି ଗଲାପରେ ତାଙ୍କ ଶରୀରକୁ ସମାଧିସ୍ଥ କରାଯାଇଥିଲା ।

୧୯୫୦ ମସିହା ଡିସେମ୍ବର ପାଞ୍ଚ ତାରିଖରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରେ ସେହି ଅତିମାନସ ଶକ୍ତି ମା'ଙ୍କ ଶରୀରରେ ପ୍ରବେଶ କରିଥିଲା ଓ ୧୯୫୬ ମସିହା ଫେବ୍ରୁଆରୀ ୨୯ରେ ପୃଥିବୀପୃଷ୍ଠରେ ସେହି ଶକ୍ତି ଅବତରଣ କରିଥିଲା । ଏହି ଶକ୍ତିକୁ ନେଇ ଶ୍ରୀମା ପୃଥିବୀର ଓ ନିଜ ଶରୀରର ପ୍ରାରମ୍ଭିକ ରୂପାନ୍ତର କରିଥିଲେ । ପରେ ମା ମଧ୍ୟ ନିଜ ଶରୀରକୁ ଆତ୍ମବଳି ଦେଇ ତାଙ୍କ ପାର୍ଥିବ ରୂପାନ୍ତରିତ ଶରୀରକୁ ତ୍ୟାଗ କରି ସୂକ୍ଷ୍ମ ଭୌତିକ ସ୍ତରରେ ପ୍ରସ୍ତୁତ ହୋଇଥିବା ରୂପାନ୍ତର ଶରୀରରେ ପ୍ରବେଶ କରିଥିଲେ ।

ମା' ଶ୍ରୀଅରବିନ୍ଦଙ୍କର ଏହି ମହାନ୍ ଆତ୍ମବଳି ଭବିଷ୍ୟତର ଅତିମାନସ ଯୁଗର ନିର୍ମାଣ ପାଇଁ ସୁଦୃଢ଼ ଭିତ୍ତି ସ୍ଥାପନ କରିପାରିଛି ।

(କ୍ରମଶଃ) ❑


*The best way to express one's gratitude to the Divine is to feel simply happy.*

*23 April 1954* - The Mother

**Collected Works of The Mother – 17 Vols.**
**Rs. 2500 only** *(Till stocks last)*

**The Great Adventure – A Diary for All Times : Rs. 200 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

# ଅରୋଭିଲ ପ୍ରତିଷ୍ଠା ଦିବସର ସୁବର୍ଣ୍ଣ ଜୟନ୍ତୀ

## (୨୮.୦୨.୧୯୬୮ – ୨୮.୦୨.୨୦୧୮)

ଶ୍ରୀଅରବିନ୍ଦଙ୍କ ସେବକ ତଥା ମା'ଙ୍କ ସିଂହ ଚମ୍ପକଲାଲ ତା. ୨୧.୨.୧୯୭୯ ରିଖରେ, ଅରୋଭିଲ ପ୍ରତିଷ୍ଠା ଦିବସର ଉତ୍ସବ ସମ୍ପର୍କରେ ଏକ ସୁନ୍ଦର ସୂକ୍ଷ୍ମ ଦୃଷ୍ଟି (Vision)ର ବର୍ଣ୍ଣନା କରି କହିଛନ୍ତି :

''ମା'ଙ୍କ ଜନ୍ମଦିନରେ ଆମ ଭାଇ ନାରଦ ତାଙ୍କ ଅରୋଭିଲସ୍ଥିତ ବଗିଚାରେ ଏକ ପୁଷ୍ପ ପ୍ରଦର୍ଶନୀ କରିଥିଲେ । ମା'ଙ୍କ ଚରଣରେ ତାଙ୍କ ପରିବାରର ଏହା ଥିଲା ଏକ ଉତ୍ସର୍ଗୀକୃତ ପ୍ରେମଭରା ନିବେଦନ । ଯେକୌଣସି ଦିନ ହେଉନା କାହିଁକି ତାଙ୍କ ବଗିଚାକୁ ଯାଇ ଗଛ, ଲତା, ପୁଷ୍ପ ଗହଣରେ ରହିବା ମୋ ପାଇଁ ଏକ ଆନନ୍ଦର କଥା ଅବଶ୍ୟ, କାରଣ ନାରଦ ମା'ଙ୍କ ନିକଟରେ ରହିଥିଲା ପରି ଅନୁଭବ ହୁଏ । ବୃକ୍ଷଗୁଡ଼ିକ ତାଙ୍କ ସହ କଥାବାର୍ତ୍ତା କରନ୍ତି, ଅନ୍ୟ ବ୍ୟକ୍ତିମାନଙ୍କ ସହ ମଧ୍ୟ କଥା କୁହନ୍ତି କିନ୍ତୁ ସମସ୍ତେ ଶୁଣି ପାରନ୍ତି ନାହିଁ । ବୃକ୍ଷ ନିକଟରେ ଥିଲାବେଳେ ତାଙ୍କ ମୁହଁଟି ଉଦ୍ଭାସିତ ହୋଇଯାଏ ଯାହା ଦେଖି ଯେ କେହି ଖୁସି ହେବା ସ୍ୱାଭାବିକ । ପ୍ରକୃତି ପ୍ରତି ତାଙ୍କ ପ୍ରେମ ଓ ଭକ୍ତି ଅଗାଧ । ପ୍ରକୃତିକୁ ଭଲ ପାଇ ତା' ସହ ଏକୀଭୂତ ହେବାର ଅର୍ଥ ଏକ ନୂଆ ଦୁନିଆରେ ବାସ କରିବା ।

''ତାଙ୍କ ଜାଗାରେ ପହଞ୍ଚିଲା ମାତ୍ରେ ଏକ ଖୁସି ଓ ଆନନ୍ଦର ବାତାବରଣ ଅନୁଭବ କରି ହୁଏ ।... ମା'ଙ୍କ ପ୍ରଦତ୍ତ ନାମ ଓ ତାତ୍ପର୍ଯ୍ୟ ସହ କେବଳ ଫୁଲଗୁଡ଼ିକ ଚମତ୍କାରଭାବେ ସଜା ହୋଇ ନଥିଲା, ସେମାନଙ୍କର ଜୀବନ୍ତ ଉପସ୍ଥିତି ମଧ୍ୟ ଅନୁଭୂତ ହେଉଥିଲା ।

''ବଗିଚା ଦେଖି ସାରିଲା ପରେ ଆମେ ମାତୃମନ୍ଦିରର ଉପରେ ଥିବା ମୁଖ୍ୟ ଧ୍ୟାନ ଗୃହକୁ ଗଲୁ । ସେଠାରେ କିଛି ସମୟ ବସି ଧ୍ୟାନ କଲୁ । ବାତାବରଣଟି ଏକେବାରେ ନୀରବ, ଶାନ୍ତ ଓ ସକ୍ରିୟ – ଦିବ୍ୟଶକ୍ତିରେ ସ୍ପନ୍ଦିତ ।

''ଦିବ୍ୟପରମ ହସ ସହ ପ୍ରେମ ଢାଳୁଥିବାର ମା'ଙ୍କ ଦର୍ଶନ ପାଇଲି । ହଲ୍‌ଟି ପରମାଙ୍କ ଦିବ୍ୟପ୍ରେମରେ ଉଚ୍ଛୁଳି ପଡ଼ୁଥିଲା । କେତେ ସେକେଣ୍ଡ ଧରି ଦୁଇ ହାତରେ ମୋ ମଥାକୁ ମା ଆଉଁଶି ଦେଲେ ଏବଂ ମୋ ମଥାରେ ଏକ ହାଲୁକା ଚୁମ୍ବନ ଦେଇ ତାଙ୍କ ସ୍ପର୍ଶର ମୋହର (Seal) ଲଗାଇ ଦେଲେ । ହଲ୍‌ରେ ଉଜ୍ଜ୍ୱଳ ସୁବର୍ଣ୍ଣ ଆଲୋକ ବ୍ୟତୀତ ଆଉ କିଛି ଦିଶୁ ନଥିଲା । ମୁଁ ଅନୁଭବ କଲି ଯେ ମା ତାଙ୍କର ଦୁଇ ପାପୁଲି ଦେଇ ମୋର ଆଖିକୁ ଘୋଡ଼େଇ ଦେଲେ ଯେମିତି ସେ ଭୌତିକ ଶରୀରରେ ଥିଲାବେଳେ କରୁଥିଲେ ।

''ଅରୋଭିଲ ପ୍ରତିଷ୍ଠା ଦିବସ (୨୮.୨.୬୮)ର ବର୍ଣ୍ଣନା ଆଗରୁ ଯେମିତି ମା'ଙ୍କ ପାଖରେ କରାଯାଇଥିଲା ଠିକ୍ ସେହି ଉତ୍ସବ ଆଜି ସୂକ୍ଷ୍ମ ଦୃଷ୍ଟିରେ ଦେଖିଲି – ତା'ର **ଆନ୍ତର ତାତ୍ପର୍ଯ୍ୟ** ସହ । ପ୍ରତିଷ୍ଠା ଦିବସରେ ଭାଗ ନେଉଥିବା ସ୍ୱୟଂ ଦିବ୍ୟଜନନୀ ପ୍ରତ୍ୟେକ ଯୁବକ, ଯୁବତୀଙ୍କର ମସ୍ତକ ଉପରେ ମଧୁମୟ ହସ ସହ ଉପସ୍ଥିତ । ସମସ୍ତଙ୍କୁ ସେ ଉଜ୍ଜ୍ୱଳ ସୁବର୍ଣ୍ଣ ଆଲୋକ ଏବଂ ଦିବ୍ୟପ୍ରେମ ବିଚ୍ଛୁରଣ କରି ଚାଲିଛନ୍ତି । ଶ୍ରୀକୃଷ୍ଣଙ୍କ ରାସଲୀଳା ମୋର ସ୍ମରଣକୁ ଆସିଲା । ଭାଗ ନେଉଥିବା ପ୍ରତିଟି ଯୁବକ, ଯୁବତୀ ଗୋଟିଏ ଗୋଟିଏ ସିଂହ ଉପରେ ଆସୀନ, ଗୋଟିଏ ହାତରେ ତାଙ୍କ ଦେଶର ପତାକା ଓ ଅନ୍ୟ ହାତରେ ନିଜ ଦେଶର ମାଟି ଧରି ପ୍ରତିଷ୍ଠା-ପାତ୍ର (Foundation Urn)* ଆଡ଼କୁ ଶୃଙ୍ଖଳିତ ଭାବେ ଯାତ୍ରା କରୁଥିଲେ । କି ଚମତ୍କାର ସେହି ଦୃଶ୍ୟ ! ସିଂହଗୁଡ଼ିକ ଔଜ୍ଜ୍ୱଲ୍ୟପୂର୍ଣ୍ଣ ସୁବର୍ଣ୍ଣ ଆଲୋକରେ ବେଶ୍ ସୁନ୍ଦର ଓ ରାଜକୀୟ ଦେଖାଯାଉଥା'ନ୍ତି । ସେମାନଙ୍କର କେଶରଗୁଡ଼ିକ ପାଖାପାଖି ଭୂମି ସ୍ପର୍ଶ କରୁଥାଏ । ସମଗ୍ର ବାତାବରଣ ଏକ ଅଦେଖା ପଦାର୍ଥ (Substance) ଦ୍ୱାରା ଉଦ୍ଭାସିତ । ବିଶ୍ୱ ଇତିହାସରେ ୨୮ ଫେବ୍ରୁଆରୀ ୧୯୬୮ ଦିବସଟି ଏକେବାରେ ଅନୁପମ, ଅତୁଳନୀୟ – ଯେମିତି ପ୍ରାଚୀନ ଏକ ସଂସ୍କୃତ ଶ୍ଳୋକରେ କୁହାହୋଇଛି :

''ନଭୂତ ନ ଭବିଷ୍ୟତ୍'' – ଅର୍ଥାତ୍ ଯାହା ପୂର୍ବରୁ କେବେ ହୋଇ ନାହିଁ ବା ଭବିଷ୍ୟତରେ ହେବ ନାହିଁ !

---

* ସମଗ୍ର ପୃଥିବୀରୁ ୧୨୪ଟି ରାଷ୍ଟ୍ରର ଏବଂ ଭାରତସ୍ଥ ୨୩ଟି ରାଜ୍ୟର ପ୍ରତିନିଧିମାନେ ପ୍ରତିଷ୍ଠା ଦିବସରେ ସେରାମିକ୍ ଦ୍ୱାରା ପ୍ରସ୍ତୁତ ପଦ୍ମ କଢ଼ି ଆକାରର ପ୍ରତିଷ୍ଠା-ପାତ୍ରକୁ ଶୃଙ୍ଖଳିତଭାବେ ପରିକ୍ରମା କରି ସେଥିରେ ନିଜ ନିଜ ଦେଶର ମାଟି ଅର୍ପଣ କରିଥିଲେ ।

''ଏହି ସୂକ୍ଷ୍ମ ଦୃଶ୍ୟଟି ଏକଦା ଶ୍ରୀମା ମୋତେ କହିଥିବା କଥାଟିଏକୁ ସ୍ମରଣ କରାଇ ଦେଲା – କମଳା ବେନ୍‌ଙ୍କୁ ମା ଦିବ୍ୟପ୍ରେମର ଫୁଲ (ଡାଳିମ୍ବ) ଆଶୀର୍ବାଦ ପୁଷ୍ପ-ପ୍ୟାକେଟ ରୂପେ ତିଆରି କରିବା ପାଇଁ ଦେଉଥିଲେ । ସେହି ପୁଷ୍ପ ମାଧ୍ୟମରେ ମା ତାଙ୍କ ଶକ୍ତି ପ୍ରଦାନ କରୁଥିଲେ । ବର୍ତ୍ତମାନ ସେହି ଶକ୍ତିଟିକୁ ସେ କିପରି ପ୍ରଦାନ କରିବେ ସେ ସମ୍ପର୍କରେ ଏକ ସୂକ୍ଷ୍ମ ଅନୁଭୂତି ମୋତେ ଦେଲେ । ମୁଁ ଦେଖିଲି ମାତୃମନ୍ଦିରର ସମଗ୍ର ହଲ୍‌ଟି ଦିବ୍ୟପ୍ରେମରେ ଉଦ୍ଭାସିତ ହୋଇ ଯାଇଛି ।

''ଡିସେମ୍ବର ୭, ୧୯୭୮ରେ ମୁଁ ମାତୃମନ୍ଦିରର ନିମ୍ନଭାଗକୁ ଯିବାକୁ ଚାହିଁଥିଲି କିନ୍ତୁ ଯାଇ ପାରିଲି ନାହିଁ । ଦ୍ୱିତୀୟ ଥର ଜାନୁଆରୀ ୪, ୧୯୭୯ରେ ପୁଣି ଥରେ ଶ୍ରୀମା ମୋର ମାତୃମନ୍ଦିରର ଦେଖିବାର ବ୍ୟବସ୍ଥା କରିଦେଲେ, ସେତେବେଳେ ମାତୃମନ୍ଦିରର ନିମ୍ନଦେଶକୁ ଯାଇ ପାରିଲି କିନ୍ତୁ ଧ୍ୟାନ ଗୃହକୁ ନୁହେଁ । ୨୧ ଫେବ୍ରୁଆରୀ ୧୯୭୯ରେ ତୃତୀୟ ଥର ମାତୃମନ୍ଦିର ଯିବା ବେଳେ ମା'ଙ୍କ ଅଯାଚିତ ବ୍ୟବସ୍ଥା ଭିତରେ ମୁଁ ମାତୃମନ୍ଦିର ଉପରକୁ ଯାଇଥିଲି । ଏହାହିଁ ମା'ଙ୍କର କାର୍ଯ୍ୟ ପନ୍ଥା । ନମାଗିଲେ ମଧ୍ୟ ସେ ସମସ୍ତ ବ୍ୟବସ୍ଥା କରି ଦେଉଥିଲେ ।

''ମା'ହିଁ ସବୁକିଛି – ମହିମମୟୀ, କୃପାମୟୀ ।''

(Ref : Vision of Champaklal at the Matrimandir, P. 61-62)

## ସ୍ୱର୍ଣ୍ଣ ପୁରୁଷଙ୍କ ଆଚ୍ଛାଦନରେ ଅରୋଭିଲ

ଅରୋଭିଲ ସମ୍ପର୍କରେ ଚମ୍ପକଲାଲଙ୍କର ଆଉ ଏକ ମାଧୁର୍ଯ୍ୟମୟ ସୂକ୍ଷ୍ମ ଦୃଷ୍ଟିର ଅନୁଭୂତି ବର୍ଣ୍ଣନା କରାଯାଉ : ''... ଏଥରକ (୪.୧.୭୯) ମାତୃମନ୍ଦିର ଦର୍ଶନ କଲାବେଳେ ମୁଁ ଏକ ଅତି ସୁନ୍ଦର, ଅବର୍ଣ୍ଣନୀୟ ଦିବ୍ୟସୂକ୍ଷ୍ମ-ଦର୍ଶନ ପାଇଲି । ''ମାତୃମନ୍ଦିର ଉପରସ୍ଥ ମହାକାଶକୁ ଏକ ବିରାଟ, ଆକାଶ-ସ୍ପର୍ଶୀ ପୁରୁଷ, ସମଗ୍ର ଅରୋଭିଲକୁ ଆବେଷ୍ଟନ କରି ଛିଡ଼ା ହୋଇଛନ୍ତି । ସେହି ମହାମହିମ, ବିରାଟ, ଅସୀମ, ଝଟକୁ ଥିବା ସୁବର୍ଣ୍ଣ ଆଲୋକ ବିକିରଣ କରୁଥିବା ସତ୍ତାଙ୍କ ଉପରି ଭାଗର ପ୍ରତିଟି ଅଙ୍ଗ ପ୍ରତ୍ୟଙ୍ଗରୁ ଅସଂଖ୍ୟ ହାତସବୁ ଗୋଟିଏ ପରେ ଗୋଟିଏ ଉପରକୁ ଉଠି ଆସିଲେ । ଧୀରେ ଧୀରେ ସୁବର୍ଣ୍ଣ ସତ୍ତାଟି ଊର୍ଦ୍ଧ୍ୱକୁ ଉଠିଲାବେଳେ ସୁବର୍ଣ୍ଣ ପୁରୁଷଙ୍କ ନିମ୍ନ-ଭାଗରୁ ମଧ୍ୟ ହସ୍ତମାନେ ଦୃଶ୍ୟ ହେଲେ । କିଛି ସମୟ ପରେ ସେହି ସ୍ୱର୍ଣ୍ଣ ପୁରୁଷ ଅବତରଣ କରିବାକୁ ଆରମ୍ଭ କଲେ । ଠିକ୍ ସେହି ସମୟରେ ତାଙ୍କର ହାତ ପାପୁଲିଗୁଡ଼ିକ ଖୋଲିଯାଇ ମହାକାଶ ଦିଗରେ ବ୍ୟାପିବାକୁ ଲାଗିଲା । ସ୍ୱଚ୍ଛ, ଚକ୍‌ଚକିଆ, ସ୍ଫଟିକ ପରି ତରଳ ପଦାର୍ଥସବୁ ତାଙ୍କ ପାପୁଲିରୁ ନିର୍ଗତ ହୋଇ ସମଗ୍ର ମାତୃମନ୍ଦିରକୁ ଆଚ୍ଛନ୍ନ କରିଦେଲା । ଏହାପରେ ସମଗ୍ର ମାତୃମନ୍ଦିରରୁ ମଧ୍ୟ ଏହି ଦିବ୍ୟ-ତରଳ ପଦାର୍ଥ ନିର୍ଗତ ହୋଇ ସମଗ୍ର ଅରୋଭିଲକୁ ତା' ବଳୟରେ ଧାରଣ କଲା । ମନେହେଲା ସମଗ୍ର ଅରୋଭିଲ ଯେପରି ସେହି ତରଳ ପଦାର୍ଥ ଦ୍ୱାରା ଏକ ସୁବର୍ଣ୍ଣ ହ୍ରଦରେ ପରିଣତ ହୋଇଯାଇଛି ।

''ଦୂରରେ ଅସଂଖ୍ୟ ଯୁବକ-ଯୁବତୀ ଓ ବାଳକ-ବାଳିକାମାନେ ଦୃଶ୍ୟ ହେଲେ । ସ୍ୱର୍ଗୀୟ ତରଳ ପଦାର୍ଥରେ ଭରି ରହିଥିବା ସେହି ହ୍ରଦଟିକୁ ଦେଖି ସେମାନେ ଆନନ୍ଦିତ । ପରିଶେଷରେ ଜଣକ ପରେ ଜଣେ ସେହି ସୁବର୍ଣ୍ଣ ହ୍ରଦ ଭିତରକୁ ପ୍ରବେଶ କଲେ । କେତେଜଣ ସେମାନଙ୍କ ଭିତରୁ ଉପରେ ଭାସୁଥା'ନ୍ତି, ଆଉ କେତେକେ ସେହି ତରଳ ପଦାର୍ଥରେ ବୁଡ଼ି ରହିଥା'ନ୍ତି । କିନ୍ତୁ ତରଳ ପଦାର୍ଥଟି ଏପରି ସ୍ୱଚ୍ଛ ଥିଲା ଯେ ବୁଡ଼ି ରହିଥିବା ଯୁବକମାନେ ମଧ୍ୟ ଦେଖା ଯାଉଥିଲେ ।

''ତତ୍ପରେ ସେହି ବହୁ ହସ୍ତ ବିଶିଷ୍ଟ ଆକୃତି ହ୍ରଦ ଭିତରୁ ବାହାରି ଆସିଲେ । ଏଥର କିନ୍ତୁ ହସ୍ତ ସ୍ଥାନରେ ଅସଂଖ୍ୟ ଚକ୍ଷୁ ବିଶିଷ୍ଟ ଏକ ଶରୀର । କ୍ରମେ ସେହି ଶରୀରଟି ସୁବର୍ଣ୍ଣ ଆଲୋକରେ ପରିଣତ ହୋଇ ଅବତରଣ କଲା ଏବଂ ମଝି ରାସ୍ତାରେ ଏହା ସ୍ଥିର ହୋଇଗଲା । ତତ୍ପରେ ସୂର୍ଯ୍ୟଙ୍କଠାରୁ ଆଲୋକ ରଶ୍ମି ବିକିରଣ ହେଲା ପରି ଆକୃତିଟିରୁ ସୁବର୍ଣ୍ଣ ଆଲୋକ ବିଚ୍ଛୁରିତ ହୋଇ ଚାରିଆଡ଼କୁ ବ୍ୟାପିବାରେ ଲାଗିଲା ।

''ହାୟ ! ଆଉ ସେ ସୁବର୍ଣ୍ଣ ହ୍ରଦଟି ନାହିଁ, ତା' ସ୍ଥାନରେ ସୁନ୍ଦର ଏକ ବଗିଚା । ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ଗୃହଗୁଡ଼ିକ ସୁବର୍ଣ୍ଣ ଆଲୋକରେ ଉଦ୍ଭାସିତ । ବିଭିନ୍ନ ଫୁଲମାନଙ୍କର ସୁଗନ୍ଧରେ ବାତାବରଣଟି ମହକି ଯାଉଥିଲା । ଏହା ସହିତ ବିଭିନ୍ନ ବାଦ୍ୟଯନ୍ତ୍ରର ଧ୍ୱନି ସହ ମଧୁର ସଙ୍ଗୀତ ଶୁଣିବାକୁ ମିଳିଲା ।''

(Ref : Vision of Champaklal at the Matrimandir, P. 59 - 60)

ଚମ୍ପକଲାଲଙ୍କ ସୂକ୍ଷ୍ମ ଦିବ୍ୟଦୃଷ୍ଟିର ପ୍ରଭାବରେ, ସୂକ୍ଷ୍ମ ଦୃଷ୍ଟିର ମହିମା ସମ୍ପର୍କରେ ମହାକାବ୍ୟ ସାବିତ୍ରୀର ଏକ ମନ୍ତ୍ର ସ୍ମରଣକୁ ଆସେ :

"A vision shall compel thy coursing breath,..."

(*Savitri,* P. 700)

''ଦୃଷ୍ଟି ଏକ ନିୟନ୍ତ୍ରିତ କରିବ ତୁମ ଶ୍ୱାସ-ପ୍ରଶ୍ୱାସର ପ୍ରବାହ-ପ୍ରବେଗ ।''

ଆମେ ସମସ୍ତେ ଜାଣିଛେ : ଯାହାସବୁ ସୂକ୍ଷ୍ମ ଜଗତରେ ପ୍ରକଟିତ ହୁଏ, ଯଥା ସମୟରେ ତାହା ସ୍ଥୂଳ ଜଗତରେ ପ୍ରକାଶ ପାଏ । ଅରୋଭିଲ କଳ୍ପନାର ଉତ୍ସ ହେଲେ ପରମା ଦିବ୍ୟଜନନୀ । ଅରୋଭିଲର ଲକ୍ଷ୍ୟ ପୂରଣ ବିଧିନିର୍ଦ୍ଦିଷ୍ଟ ।

ଅତିମାନସର ଯାତ୍ରା ପଥରେ ଅରୋଭିଲ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଏକ ମହାନ୍ ମାଇଲ ଖୁଣ୍ଟ ନୁହେଁ କି ?

ଶ୍ରୀମା ୟୁନେସ୍କୋ (UNESCO)କୁ ଅରୋଭିଲ ସମ୍ପର୍କରେ ଏକ ବାର୍ତ୍ତା ଦେଇଥିଲେ : "Auroville is meant to hasten the advent of the supramental Reality upon earth. Auroville was meant to be 'the cradle of the superman', according to the new definition of the word superman as a transitional being."

(Ref : *Beyond man,* Georges Van Vrekhem - P. 410)

ପରମ ପ୍ରଭୋ ଦିବ୍ୟଜୀବନ ଆଡ଼କୁ ନେଇ ଯାଉଛନ୍ତି । ମା'ହେଲେ ତାଙ୍କର କାର୍ଯ୍ୟକାରିଣୀ ଶକ୍ତି ।

ଅନୁବାଦ ଓ ଉପସ୍ଥାପନା : ନିର୍ମଳ ଚନ୍ଦ୍ର ସାହୁ

❑❑❑

## ବୁଦ୍ଧଙ୍କ ଉତ୍ତର

ଗୌତମ ବୁଦ୍ଧଙ୍କୁ ଜଣେ ଭକ୍ତ ପ୍ରଶ୍ନ କଲେ : ମହାଭାଗ, କେଉଁଥି ଲାଗି ଆପଣଙ୍କ ମୁହଁରେ ସର୍ବଦା ପ୍ରସନ୍ନତା ଦେଖିବାକୁ ମିଳୁଛି । ଗୌତମ ବୁଦ୍ଧ କହିଲେ, ତୁମେ ଯଦି ଗୋଟିଏ ସତ୍ୟ ଉପଲବ୍ଧି କରିପାରିବ ତେବେ ତୁମ ମୁହଁରେ ମଧ ପ୍ରସନ୍ନତା ଲାଗି ରହିବ ।

ଭକ୍ତ ପୁଣି ପଚାରିଲେ, ତାହା କ'ଣ ? ବୁଦ୍ଧ ଉତ୍ତର ଦେଲେ, ସତ୍ୟଟି ହେଲା 'ସବୁ କିଛି ଦିନେ ନା ଦିନେ ବଦଳିବ' । ଏକଥା ଜଣେ ଦୁଃଖୀ ହୃଦୟଙ୍ଗମ କଲେ ତାଙ୍କ ମନରେ ଦୁଃଖ ରହିବ ନାହିଁ । କାରଣ ଦୁଃଖ ବି ଦିନେ ବଦଳିବ । ସେ ବି ଦିନେ ସୁଖ ଭୋଗ କରିବ । ଏକଥା ସୁଖୀ ଲୋକ ବୁଝିଲେ ସେ ଆଉ ସୁଖ ପ୍ରମତ୍ତ ହୋଇ ଅହଂକାରଗ୍ରସ୍ତ ହେବ ନାହିଁ । କାରଣ ତା'ର ସୁଖ ବି ଦିନେ ଚାଲିଯିବ ବୋଲି ସେ ବୁଝିବ ।

ଭକ୍ତ ପଚାରିଲେ : ତାହା ହେଲେ ତ ସୁଖୀ ମୁହଁରୁ ହସ ଲିଭିଯିବ । ସେ ତ ବିଷାଦଗ୍ରସ୍ତ ହୋଇଯିବ । ସେ ଆପଣଙ୍କ ଭଳି ପ୍ରସନ୍ନ ଚିତ୍ତ ହୋଇ ରହିବ କେମିତି ?

ବୁଦ୍ଧ କହିଲେ : ଏ ଉକ୍ତିଟିର ବାହ୍ୟ ସ୍ତରରେ ଯେଉଁ ଅର୍ଥ ରହିଛି ସେଇ ଅର୍ଥରେ ବୁଝିଲେ ତୁମେ ସେଇଭଳି ଅନୁଭୂତିର ଅଧିକାରୀ ହେବ । କିନ୍ତୁ ଏହାକୁ ଗଭୀର ଅର୍ଥରେ ବୁଝିଲେ ତୁମେ ହୃଦୟଙ୍ଗମ କରିପାରିବ ଯେ ଏଭଳି ବଦଳିବାର ପ୍ରକ୍ରିୟାରେ ତୁମ ହାତରେ କିଛିହିଁ ନାହିଁ । ତୁମେ ଈଶ୍ୱର ହୋଇଥିଲେ ବି ଏ ପ୍ରକ୍ରିୟାରୁ ମୁକ୍ତି ପାଇପାରିବ ନାହିଁ । ସେତିକିବେଳେ ବଦଳିବା ଦ୍ୱାରା ଜାତ ହେଉଥିବା ସୁଖ ବା ଦୁଃଖର ଅନୁଭୂତି ତୁମକୁ ଆଉ ପ୍ରଭାବିତ କରିବ ନାହିଁ । ତୁମେ ସେଇ ପ୍ରକ୍ରିୟା ଆଗରେ ଆତ୍ମସମର୍ପଣ କରି ଦେବ ଏବଂ ତା'ପରେ ତୁମ ମନରୁ ଭୟ ଚାଲିଯିବ ଏବଂ ମନ ଶାନ୍ତ ହୋଇଯିବ ।

ଭକ୍ତ ପଚାରିଲେ: ଏ ସଂସାରରେ କ'ଣ ଏମିତି କିଛି ନାହିଁ ଯାହା କେବେ ବଦଳିବ ନାହିଁ । ବୁଦ୍ଧ ସ୍ମିତ ହସି କହିଲେ : ଅଛି । କେବଳ ଗୋଟିଏ କଥା କେବେ ବଦଳିବ ନାହିଁ । ଭକ୍ତ ପଚାରିଲେ : ତାହା କ'ଣ ?

ବୁଦ୍ଧ କହିଲେ : ଏ 'ବଦଳିବା'ଟା ହେଉଛି ଚିରନ୍ତନ । ତାହା କେବେ ବଦଳିବ ନାହିଁ ।

(ସଂଗୃହୀତ) ❑

# ଶ୍ରୀମା'ଙ୍କ ପାଠଶାଳା

## (ଏକ ଜାପାନୀ କିଂବଦନ୍ତୀ)

ବର୍ତ୍ତମାନ ଅସଲ ଗଳ୍ପଟି କହୁଛି । ଗଳ୍ପଟି ଛୋଟ । କିନ୍ତୁ ତୁମମାନଙ୍କୁ ନିଶ୍ଚୟ ଭଲ ଲାଗିବ, ଶିଖିବାର ବି ଅନେକ ରହିଛି ।

ସେ ଅନେକ ବର୍ଷ ପୂର୍ବର କଥା । ଛୋଟ ଗାଁଟିଏ ଗଢ଼ି ଉଠିଥିଲା ସମୁଦ୍ରର ଖୁବ୍ କୂଳକୁ ଲାଗି । ଗ୍ରାମଟିର ଦୁଇ ପାର୍ଶ୍ୱରେ ମୁଣ୍ଡ ଟେକି ଉଠିଛି ଦୁଇଟି ସୁ-ଉଚ୍ଚ ପାହାଡ଼ । ଗୋଟିକର ଚୂଡ଼ାରେ ଦେଖିବାକୁ ମିଳେ ଏକ ସିନ୍‌ତୋ ଧର୍ମ-ମନ୍ଦିର ଓ ଅନ୍ୟଟିର ଚୂଡ଼ାରେ ବୃଦ୍ଧ ହାମା-ଗୁଚି-ଗୋହେଙ୍କ କୁଟିର । ସେହିଁ ଏହି ଗ୍ରାମଟିର ମୁଖିଆ । ସମସ୍ତେ ତାଙ୍କୁ ଖୁବ୍ ଭଲ ପାଉଥିଲେ । ତାଙ୍କର ଥିଲା ଅସାଧାରଣ ଜ୍ଞାନ, ଅତି ବିଶାଳ ପ୍ରାଣ ଶକ୍ତି ଓ ଅଫୁରନ୍ତ ଉଦାରତା । ଗ୍ରାମବାସୀମାନଙ୍କୁ ସେ ଆବଶ୍ୟକ ମୁତାବକ ଅକୁଣ୍ଠିତ ଭାବରେ ସାହାଯ୍ୟ କରୁଥିଲେ, ପକ୍ଷାନ୍ତରେ ଗ୍ରାମବାସୀମାନେ ମଧ୍ୟ ତାଙ୍କୁ ପ୍ରଗାଢ଼ ଭକ୍ତି କରୁଥିଲେ । ଚାଷ ତାଙ୍କର ବେଉସା, ସେଥିରୁ ଭଲ ଦୁଇ ପଇସା କମେଇଛନ୍ତି । ସମ୍ପ୍ରତି ବୁଢ଼ା ହୋଇ ଯାଇଛନ୍ତି, ଆଉ ବେଶୀ ଖଟିପାରୁ ନାହାନ୍ତି – ବୟସ ଏକ ଶହରୁ ଅଧିକ ହେଲାଣି । ଆଜିକାଲି ପୁଅ ସବୁ ଦେଖାଶୁଣା କରେ । ଗ୍ରାମର ଆବାଳବୃଦ୍ଧବନିତା ହାମା-ଗୁଚି-ଗୋହେଙ୍କୁ ପରମ ଆତ୍ମୀୟଙ୍କ ଅପେକ୍ଷା ଆହୁରି ବେଶୀ ଶ୍ରଦ୍ଧା ଓ ଭଲ ପାଉଥିଲେ । ବିପଦ-ଆପଦ, ସୁଖ-ଦୁଃଖ ବେଳେ ସମସ୍ତେ ଆସି ତାଙ୍କ ସହିତ ପରାମର୍ଶ କରୁଥିଲେ ଓ ତାଙ୍କର ଉପଦେଶ ଗ୍ରହଣ କରୁଥିଲେ । ଗୋଟିଏ କଥାରେ କହିଲେ, ସେ ଥିଲେ ସମସ୍ତଙ୍କର ମାଆବାପା । ଗ୍ରାମର ଲୋକ ସଂଖ୍ୟା ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ । ଚାଷବାସ କରି ସେମାନେ ଦୁଃଖେସୁଖେ ଚଳିଯା'ନ୍ତି । କେବେ କେବେ ସମୁଦ୍ରରୁ ମାଛ ଧରିବା ସେମାନଙ୍କର ସଉକ ଥିଲା ।

ଦିନକର କଥା । ସେଦିନଟି ଥିଲା ସିନ୍‌ତୋ ଧର୍ମର କେଉଁ ଏକ ବଡ଼ ପର୍ବର ଦିନ, ଗ୍ରାମ ତମାମ ଉତ୍ସବମୁଖର । କାମଦାମ ବନ୍ଦ କରି ସମସ୍ତେ ଗ୍ରାମଟିକୁ ଓ ସିନ୍‌ତୋ ମନ୍ଦିରକୁ ସଜ୍ଜିତ କରିବାରେ ଲାଗି ପଡ଼ିଛନ୍ତି । ନିଜର ଘରଦ୍ୱାର ବି ଗୃହନାରୀମାନଙ୍କ ଦ୍ୱାରା ସୁସଜ୍ଜିତ । ଜାପାନୀମାନଙ୍କ ପରି ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ଏବଂ ରୁଚିଜ୍ଞାନ ପ୍ରାୟ ପୃଥିବୀର ଅନ୍ୟ କେଉଁଠି ଦେଖା ଯାଏନା । ରଙ୍ଗିନ ଜାପାନୀ ଲଣ୍ଠନର ରଙ୍ଗିନ ଆଲୋକମାଳାରେ ସଜ୍ଜିତ ହେଲା ଗ୍ରାମପଥ ଧାର – ଅପୂର୍ବ ରୂପଶ୍ରୀରେ ହସି ଉଠିଲା ସେହି ଛୋଟ ଗ୍ରାମଟି ।

ହାମା-ଗୁଚି-ଗୋହେ ଆଜିକାଲି ଆଉ ବେଶୀ ପାହାଡ଼ ଉପରୁ ତଳକୁ ଓହ୍ଲାଇ ପାରନ୍ତି ନାହିଁ । ସୁତରାଂ ଛୋଟ ନାତି ତୋଶିଆ ସହିତ ଗୃହ ବାରଣ୍ଡାରେ ଆନମନା ଭାବରେ ବସି ଦେଖିବାକୁ ଲାଗିଲେ ପାହାଡ଼ ତଳଦେଶରେ ଗ୍ରାମବାସୀମାନଙ୍କର ଆନନ୍ଦମୁଖର ଉତ୍ସବଟିକୁ । ଦେଖୁ ଦେଖୁ ହଠାତ୍ ହାମାଗୁଚି ଗୋହେଙ୍କ ସ୍ମୃତିପଟରେ ଭାସି ଉଠିଲା ତାଙ୍କ ନିଜ ଛୋଟବେଳର ଦିନଗୁଡ଼ିକ । ଘରର ଅନ୍ୟ ସମସ୍ତେ ତଳକୁ ଓହ୍ଲାଇ ଯାଇଛନ୍ତି ଉତ୍ସବରେ ଯୋଗଦେବା ନିମନ୍ତେ । କେବଳ ଛୋଟ ନାତିଟି ରହିଯାଇଛି ଅଜାବୁଢ଼ାର ସାଙ୍ଗ ଛାଡ଼ିପାରିନି ବୋଲି । ଦିଗ୍‌ବଳୟରେ ଅଳତା ରଙ୍ଗର ଗୋଧୂଳିର ଛାଇ, ତଳେ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ ଗ୍ରାମଟିର ଉତ୍ସବମୁଖର କୋଳାହଳ । ବୃଦ୍ଧ ହାମାଗୁଚି ଗୋହେ ଏଇ ଅଭିନବ ମନୋରମ ପରିବେଶ ମଧ୍ୟରେ ଧୀରେ ଧୀରେ ଅନ୍ୟମନସ୍କ ଭାବରେ ଅତୀତର ଛୋଟ ବଡ଼ ସ୍ୱପ୍ନିଳ ସ୍ମୃତି ମନ୍ଥନ କରି ଚାଲିଲେ ।

ହଠାତ୍ ଯେପରି ତାଙ୍କର ସ୍ୱପ୍ନ ଭଙ୍ଗ ହେଲା । ସକୌତୁକ ଦୃଷ୍ଟିରେ ସମୁଦ୍ର ଦିଗକୁ ମୁଖ ଫେରାଇଲେ ସେ । ସମ୍ମୁଖରେ ସମୁଦ୍ର ଧୀରେ ଧୀରେ ଦିଗନ୍ତ ଅଭିମୁଖେ ଘୁଞ୍ଚି ଘୁଞ୍ଚି ଯାଉଛି । ଗ୍ରାମର ଲୋକମାନେ ଘଟଣାଟି ଦେଖି ସ୍ତମ୍ଭୀଭୂତ । ବ୍ୟାପାରଟି କ'ଣ ଏକଥା ଚିନ୍ତା କରିବା ପାଇଁ କାହାର ଅବକାଶ ନାହିଁ, ସମସ୍ତେ ଖୁସିରେ ମସ୍‌ଗୁଲ । ମଜା ଦେଖିବା ପାଇଁ ସେମାନେ ମଧ୍ୟ ସେଇ ଦିଗକୁ ଆଗେଇ ଚାଲିଲେ । ସମୁଦ୍ରର ଜଳ ଦ୍ରୁତ ଭାବରେ ଅପସରି ଯାଉଛି । ସେମାନେ ମଧ୍ୟ ତା' ପଛରେ ଦୌଡ଼ୁଛନ୍ତି, ସତେଯେପରି ପଳାତକ ସମୁଦ୍ରକୁ କିଛି କ୍ଷଣ ଧରି ରଖିବାକୁ ହେବ । କେତୋଟି ମୁହୂର୍ତ୍ତ ମଧ୍ୟରେ ଗ୍ରାମ ଜନ ମାନବ ଶୂନ୍ୟ । ଉତ୍ସବର ଆନନ୍ଦ ଅପେକ୍ଷା ଏ ଆନନ୍ଦରେ ସମସ୍ତେ ଅଧିକ ପାଗଳ । ସମସ୍ତେ କେବଳ ଦୌଡ଼ୁଛନ୍ତି ଓ ଦୌଡ଼ୁଛନ୍ତି । ସେତେବେଳକୁ ସମୁଦ୍ର ପ୍ରାୟ ଦୁଇ କ୍ରୋଶ ଦୂରକୁ ହଟି ଯାଇଛି ।

ଅକସ୍ମାତ୍ ବୃଦ୍ଧଙ୍କ ମନେ ପଡ଼ିଗଲା ପିଲାବେଳେ ଶୁଣିଥିବା ଏଇପରି ଏକ ଘଟଣାର କଥା । ସେ ସେତେବେଳେ

ଖୁବ୍ ଛୋଟ, ତାଙ୍କ ଅଜା ତାଙ୍କୁ ଏଇପରି ଏକ ଘଟଣାର କଥା ଗଳ୍ପ ଛଳରେ କହିଥିଲେ – ହଁ, ବର୍ତ୍ତମାନ ସବୁ ସ୍ପଷ୍ଟ ମନେ ପଡ଼ୁଛି... । ଚଞ୍ଚଳ ହେବାର କଥା, କିନ୍ତୁ ବୃଦ୍ଧ ଅତି ଧୀର, ସ୍ଥିର, ଅଚଞ୍ଚଳ । ଭାବି ବସିଲେ,... କ'ଣ କରାଯାଇପାରେ ବର୍ତ୍ତମାନ । ହାତରେ ତ' ସମୟ ବେଶୀ ନାହିଁ । ଏହି ମୁହୂର୍ତ୍ତରେହିଁ ସମସ୍ତଙ୍କୁ ପାହାଡ଼ ଉପରରୁ ଡାକି ଆଣିବା ଦରକାର । ନାତିକୁ ଯଦି ପଠାଏ, ତେବେ ସେ ଏତେଦୂର ଯାଇ ସେମାନଙ୍କୁ ଖବର ଦେବାରେହିଁ ଅନେକ ସମୟ ଲାଗିଯିବ ।... ତା' ବଦଳରେ ଯଦି ତାକୁ ପଠାଏ ମନ୍ଦିରର ବଡ଼ ଘଣ୍ଟିଟି ବଜାଇବାକୁ... ନା, ସେଥିରେ ବି ଅନେକ ସମୟ ବ୍ୟୟ ହେବ, ଏ ପାହାଡ଼ରୁ ଓହ୍ଲାଇ ସେ ପାହାଡ଼ରେ ଚଢ଼ିବା ତ' କମ୍ କଥା ନୁହେଁ । କିନ୍ତୁ ହାତରେ ଯେ ଆଉ ବିଲ୍‌କୁଲ୍ ସମୟ ନାହିଁ, କ'ଣ କରାଯାଇପାରେ... । କିଛି କ୍ଷଣ ନୀରବରେ ଚିନ୍ତା କଲେ ସେ । ହଠାତ୍ ତାଙ୍କ ମୁଣ୍ଡକୁ ଏକ ବୁଦ୍ଧି ଦେଖାଦେଲା । ବୃଦ୍ଧ ହାମା-ଗୁଚି ନାତିକୁ ଏକ ମଶାଲ ଆଣିବାକୁ କହିଲେ ।

ଜାପାନୀମାନେ ପ୍ରାୟ ଗୋଟେ ଅଧେ ମଶାଲ ସର୍ବଦା ଘରେ ରଖିଥା'ନ୍ତି । କାରଣ ସମୁଦ୍ର ବକ୍ଷରୁ ଅଚାନକ ଝଡ଼ ଉଠିବା ଯେପରି ସେଠାକାର ନିତ୍ୟ ନୈମିତ୍ତିକ ଘଟଣା, ସେହିପରି ସାମାନ୍ୟ ଝଡ଼ରେ ସମସ୍ତ ଗ୍ରାମଗୁଡ଼ିକରୁ ଦପ୍ କରି ଆଲୋକ ଲିଭିଯିବା ମଧ୍ୟ ସ୍ୱାଭାବିକ ଭାବରେ ସତ୍ୟ । ସେତେବେଳେ ମଶାଲହିଁ ଭରସା । ନାତି ଚୋଶିଆ ଦୌଡ଼ିଯାଇ ଘର ଭିତରୁ ବେଶ୍ ବଡ଼ ଏକ ମଶାଲ ଆଣି ଅଜାଙ୍କ ହାତରେ ଧରାଇ ଦେଲା ।

ବୃଦ୍ଧ ସେଥିରେ ଅଗ୍ନି ସଂଯୋଗ କରି ଘରର ପଛପଟେ ଅଗଣା ଆଡ଼କୁ ଗଲେ । ସେଠାରେ ପ୍ରଚୁର ଧାନ ଚାଉଳର ଅମାର ରହିଛି, ସେମାନଙ୍କର ପୂରା ଏକ ବର୍ଷର ଖାଦ୍ୟ । ହାତରେ ମଶାଲ ଧରି ବୃଦ୍ଧ ସେଇସବୁ ଧାନ ଓ ଚାଉଳ ଅମାରରେ ନିଆଁ ଲଗାଇ ଦେଲେ । ଅଜାଙ୍କ ଏ କାଣ୍ଡ ଦେଖି ଚୋଶିଆ ଭୟରେ ଅଥୟ । ତା'ର ଧାରଣା ଅଜାବୁଢ଼ା ନିଶ୍ଚୟ ପାଗଳ ହୋଇଯାଇଛନ୍ତି । ନଚେତ୍ ସେ ଏସବୁ କ'ଣ କରୁଛନ୍ତି ? କିନ୍ତୁ ହାମାଗୁଚି ଗୋହେ କୌଣସି ଦିଗକୁ ଭ୍ରୂକ୍ଷେପ ନକରି ଧୀରସ୍ଥିର ଭାବରେ ଗୋଟିଏ ପରେ ଗୋଟିଏ ଅମାରରେ ଅଗ୍ନି ସଂଯୋଗ କରି ଚାଲିଛନ୍ତି । ଧୀରେ ଧୀରେ ଅମାରରେ ଅଗ୍ନି ସଂଯୋଗ କାମ ସମାପ୍ତ ହେଲା । ବର୍ତ୍ତମାନ ସାମାନ୍ୟ ପବନର ଝଲକା ପାଇ ପ୍ରଜ୍ୱଳିତ ଅଗ୍ନି ଆହୁରି ଦ୍ୱିଗୁଣିତ ଭାବରେ ବିରାଟ ବିରାଟ ଶିଖା ବିସ୍ତାର କରି ଜଳିବାକୁ ଲାଗିଲା ।

ଏଥର ବୃଦ୍ଧଙ୍କ କାମ ଶେଷ ହୋଇଛି । ଅଣ୍ଟା ସିଧା କରି ବୃଦ୍ଧ ସମୁଦ୍ର ଦିଗକୁ ଦୃଷ୍ଟି ଫେରାଇଲେ ।

ଏଣେ ଏ ବିରାଟ ଅଗ୍ନି ତା'ର ଲେଲିହାନ ଶିଖା ବିସ୍ତାର କରି ସଦର୍ପରେ ଜଳିବାକୁ ଲାଗିଲା । ସମୁଦ୍ର ପଛରେ ଧାବିତ ଗ୍ରାମର ଲୋକମାନେ ହଠାତ୍ ପଶ୍ଚାତ୍‌ରେ ଏତେବଡ଼ ଅଗ୍ନିକାଣ୍ଡ ଦେଖି ଅବିଳମ୍ବେ ବୁଝି ପାରିଲେ ଉତ୍ପତ୍ତି ସ୍ଥଳ କେଉଁଠି । ଆଉ ସମୁଦ୍ର ପଛରେ ଦୌଡ଼ିବେ କ'ଣ ? ସେମାନେ ପୂର୍ବ ଅପେକ୍ଷା ଦ୍ୱିଗୁଣିତ ବେଗରେ ଦୌଡ଼ି ଦୌଡ଼ି ପାହାଡ଼ ଉଠିବାକୁ ଲାଗିଲେ । ସମସ୍ତଙ୍କ ମନରେ ଗୋଟିଏ ଚିନ୍ତା; ଯେପରି ହେଉ ସେମାନଙ୍କର ପ୍ରାଣପ୍ରିୟ ନେତାଙ୍କ ଘରଟିକୁ ଅଗ୍ନି ମୁଖରୁ ରକ୍ଷା କରିବାକୁ ହେବ । କିନ୍ତୁ ସେମାନେ କେହି ବି ଜାଣନ୍ତି ନାହିଁ କିପରି ଏ ଅଗ୍ନିକାଣ୍ଡ ଘଟିଛି । ଏ ଦିଗରେ ଅନ୍ୟ ପାହାଡ଼ର ପୁରୋହିତମାନେ ମଧ୍ୟ ଅପର ପାହାଡ଼ ଶିଖରରେ ଅଗ୍ନିକାଣ୍ଡ ଦେଖି ମନ୍ଦିରର ବଡ଼ ଘଣ୍ଟାଟି ତୀବ୍ର ଭାବରେ ବଜାଇବାକୁ ଲାଗିଲେ ଏବଂ ଏହି ଘଣ୍ଟା ଧ୍ୱନି ଶୁଣି ବାକୀ ଯେଉଁମାନେ ପାହାଡ଼ ତଳେ ଥିଲେ ସେମାନେ ବି ପାହାଡ଼ ଉପରକୁ ଛୁଟିଲେ ।

ପ୍ରଥମେ ଆସି ପହଞ୍ଚିଲେ ଗ୍ରାମର ତରୁଣ ଓ ବଳବାନ୍ ବ୍ୟକ୍ତିମାନେ, ଏମାନଙ୍କ ଶରୀରରେ ଜୋର୍ ବେଶୀ । ସେମାନେ ଊର୍ଦ୍ଧ୍ୱଶ୍ୱାସ ହୋଇ ଦୌଡ଼ି ଦୌଡ଼ି ପାହାଡ଼ ଉପରେ ପହଞ୍ଚିଲେ ଓ ଅଗ୍ନି ମୁଖରୁ ଅର୍ଦ୍ଧ ଦଗ୍ଧ ଗୃହଟିକୁ ରକ୍ଷା କରିବାରେ ତତ୍ପର ହୋଇ ଉଠିଲେ । କିନ୍ତୁ ହାମାଗୁଚି ଗୋହେ ଅଟଳ, ଅଚଳ – ଏ ଅଗ୍ନି ଶିଖା ନିର୍ବାପିତ କରିବା ପାଇଁ କେହି ଯେପରି ବିନ୍ଦୁମାତ୍ର ଚେଷ୍ଟା ନକରନ୍ତି – ''ଆଉ କିଛି ସମୟ ଅପେକ୍ଷା କର ।'' ସେମାନେ ତ' ଅବାକ୍ । ଏ କି କଥା ! କାହିଁକି ସେ ବାଧା ଦେଉଛନ୍ତି ? କିନ୍ତୁ ଗ୍ରାମର ମୁଖିଆଙ୍କ ପ୍ରତି ସେମାନଙ୍କର ଅଗାଧ ଶ୍ରଦ୍ଧା, ଅନନ୍ତ ବିଶ୍ୱାସ । ତେଣୁ ଏକଥା ଉପରେ କୌଣସି ପ୍ରଶ୍ନ କରିବା ଅସମ୍ଭବ । କିନ୍ତୁ ଏ ଦିଗରେ ନାତି ଚୋଶିଆ ଏତେଗୁଡ଼ିଏ ଲୋକ ଦେଖି ତା'ର କାନ୍ଦଣା ଆହୁରି ବଢ଼ି ଯାଇଛି । ସେ କାନ୍ଦୁଛି ଏବଂ ଯାହାସବୁ ଘଟିଛି କହୁଛି ।

ବର୍ତ୍ତମାନ, ଦେଖାଗଲା ଛୋଟ ଛୋଟ ପିଲାମାନେ ମଧ୍ୟ ପାହାଡ଼ ଉପରକୁ ଉଠିଲେ । ସେମାନେ ବି ବଡ଼ମାନଙ୍କ ସହିତ ମିଶି ନିଆଁ ଲିଭାଇବାକୁ ପ୍ରସ୍ତୁତ । ପରେ, ଶେଷରେ ଆସି ପହଞ୍ଚିଲେ ଗ୍ରାମର ମହିଳା, ବୃଦ୍ଧ ଓ ବୃଦ୍ଧାମାନେ – ଗ୍ରାମର ଆବାଳବୃଦ୍ଧବନିତା ଆସି ଜମା ହେଲେ ପାହାଡ଼ ଉପରେ । ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ – ''କିପରି ଏ ନିଆଁ ଲାଗିଲା

ଏବଂ କାହିଁକି ଏହା ଲିଭାଇବାକୁ ବାରଣ କରାଯାଉଛି ।'' ଚୋଶିଆର କଥା କେହି ବିଶ୍ୱାସ କରିପାରୁ ନାହାନ୍ତି ଅଥଚ ଅବିଶ୍ୱାସ ବି କରିପାରୁ ନାହାନ୍ତି । ବୃଦ୍ଧ ଏଥର ଧୀର ଓ ସସ୍ନେହ କଣ୍ଠରେ ପ୍ରଶ୍ନ କଲେ – ''ଗ୍ରାମର ସମସ୍ତେ ଆସି ସାରିଛନ୍ତି, ଆଉ କେହି ରହିଯାଇ ନାହାନ୍ତି ତ' ?''

ସମସ୍ୱରରେ ପାଞ୍ଚଶହ କଣ୍ଠ ଏକ ସଙ୍ଗେ ଆକାଶ ପବନ ପ୍ରତିଧ୍ୱନିତ କରି କହି ଉଠିଲା, ''ନା, ଆଉ କେହି ନାହାନ୍ତି, ଆମେ ସମସ୍ତେ ଆସିଛୁ ।''

ବର୍ତ୍ତମାନ ବୃଦ୍ଧ ହାମା-ଗୁଚି ସମୁଦ୍ର ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, ''କିଛି ଦେଖି ପାରୁଛ ବର୍ତ୍ତମାନ..., ବର୍ତ୍ତମାନ ବୁଝିପାରୁଛ କାହିଁକି ମୁଁ ଧାନ ମରେଇରେ ନିଆଁ ଧରାଇଥିଲି ?''

ସମସ୍ତଙ୍କ ଦୃଷ୍ଟି ଏକ ସଙ୍ଗରେ ଫେରିଗଲା ସମୁଦ୍ର ଦିଗକୁ । ସେମାନେ ସ୍ପଷ୍ଟ ଦେଖି ପାରିଲେ ସମୁଦ୍ର ଯେତେଦୂର ଘୁଞ୍ଚି ଯାଇଥିଲା ସେଇଠୁ ପୁଣି ପ୍ରଚଣ୍ଡ ବେଗରେ ଭୟଙ୍କର ଗର୍ଜନ କରି, ପର୍ବତପ୍ରମାଣ ଢେଉ ପିଟି ପିଟି, ଭୀମଭୈରବ ମୂର୍ତ୍ତି ଧରି ଫେରି ଆସୁଛି । ପ୍ରଥମ ଢେଉର ଧକ୍କାରେ ପାହାଡ଼ ତଳି ଗ୍ରାମର ସମସ୍ତ ଘରବାଡ଼ି ଧ୍ୱଂସ ହୋଇଗଲା । ଗ୍ରାମ ବୋଲି ଯାହାକିଛି ଥିଲା ନିମିଷକ ମଧ୍ୟରେ ତାହା ସମୁଦ୍ରଗର୍ଭରେ ଲୀନ ହୋଇଗଲା । ଢେଉର ଜୋର୍ କେତେ ଯେ ଶକ୍ତ ତାହା ବୁଝାଗଲା ଯେତେବେଳେ ଢେଉର ଛିଟିକା ପାହାଡ଼ ଶିଖର ପର୍ଯ୍ୟନ୍ତ ଉଠି ଶୋକାର୍ତ୍ତ ଲୋକମାନଙ୍କ ଦେହରେ ଲାଗିଲା । ଓଃ, କି ତୀର ବେଗରେ ମାଡ଼ି ଆସୁଛି ଗୋଟିଏ ପରେ ଗୋଟିଏ ଢେଉ ! ଅନେକ ସମୟ ଧରି ଏଇପରି ଚାଲିଲା । ପରେ, ଯେତେବେଳେ ସମୁଦ୍ର ଧୀରେ ଧୀରେ ଶାନ୍ତ ହେଲା, ଦେଖାଗଲା, ପାହାଡ଼ ତଳେ ଥିବା ପୂର୍ବ ସନ୍ଧ୍ୟାର ଅପରୂପ ସୁଶୋଭିତ ଗ୍ରାମର ଚିହ୍ନବର୍ଣ୍ଣ ନାହିଁ, ତା' ସ୍ଥାନରେ ଏକ ପାହାଡ଼ିଆ ପରିତ୍ୟକ୍ତ ବାଲିଚର ଶାନ୍ତ ଓ ମୌନ ଭାବରେ ସୂର୍ଯ୍ୟୋଦୟ ଦେଖୁଛି ।

ସାରା ଗ୍ରାମଟି ଧ୍ୱଂସ ହୋଇଯାଇଛି କିନ୍ତୁ ପାଞ୍ଚ ଶହ ଲୋକଙ୍କ ପ୍ରାଣରକ୍ଷା ହୋଇଯାଇଛି ଏକମାତ୍ର ଶତାୟୁ ବୟୋବୃଦ୍ଧ ହାମାଗୁଚି ଗୋହେଙ୍କ କଲ୍ୟାଣରୁ ।

ହାମାଗୁଚି ଗୋହେଙ୍କୁ ଆଉ କିଛି କହିବାକୁ ହୋଇନି । ସବୁ କଥା ତ' ଲୋକଙ୍କ ସାମନାରେ ସ୍ପଷ୍ଟ, ଏପରିକି ଛୋଟ ଶିଶୁଟିଏ ପର୍ଯ୍ୟନ୍ତ ବି ବୁଝିପାରିଛି ନିଆଁ ଲାଗିବାର କାରଣ । ସାମୁଦ୍ରିକ ଘୂର୍ଣ୍ଣିର କଲ୍ୟାଣରୁ ସେମାନଙ୍କର ସର୍ବସ୍ୱ ଯାଇଛି ତଥାପି ଦୁଃଖ ପରିବର୍ତ୍ତେ ସମସ୍ତଙ୍କ ମୁଖରେ ଆନନ୍ଦର ଜୟଧ୍ୱନି । ହାମାଗୁଚି ଗୋହେଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ପାଞ୍ଚଶହଟି ଜୀବନ ଅନିବାର୍ଯ୍ୟ ମୃତ୍ୟୁ କବଳରୁ ରକ୍ଷା ପାଇଯାଇଛି । ଏ ଦିଗରେ ବୃଦ୍ଧ ନିଜର ସର୍ବସ୍ୱ ଅଗ୍ନିଗର୍ଭରେ ଆହୁତି ଦେଇ ଫକିର ହୋଇ ଯାଇଛନ୍ତି – ଧନଦୌଲତ, ଘରବାଡ଼ିସବୁ ପୋଡ଼ି ଭସ୍ମ ହୋଇଯାଇଛି । ବର୍ତ୍ତମାନ ଗ୍ରାମର ଲୋକମାନେ ନିଜର ଦୁରବସ୍ଥା କଥା ଭୁଲି ପ୍ରିୟ ମୁଖିଆଙ୍କୁ ସାହାଯ୍ୟ କରିବାରେ ଲାଗିଗଲେ । କିନ୍ତୁ କିପ୍ରକାର ସାହାଯ୍ୟ କରିପାରିବେ ? ହାତ ପାଖରେ କ'ଣ ବା ଅଛି ? ମହାଦ୍ରୁମଠାରୁ ଆରମ୍ଭ କରି କୁଟାଖିଅ ପର୍ଯ୍ୟନ୍ତ ବି ସମୁଦ୍ର ଗର୍ଭରେ ବିଲୀନ !

ସର୍ବସ୍ୱ ହରାଇ ବି ବୃଦ୍ଧ ଆଜି ଆନନ୍ଦରେ ଅଧୀର । ପରମ ଆତ୍ମୀୟ ପାଞ୍ଚଶହ ଲୋକଙ୍କ ଜୀବନ ରକ୍ଷା ହୋଇଯାଇଛି । ଏଇମାନେହିଁ ତାଙ୍କର ପରମ ସମ୍ପଦ, ଧନ-ଦୌଲତ ସବୁକିଛି । ତାଙ୍କ ଇଚ୍ଛା ଆକାଙ୍କ୍ଷାର ଭବିଷ୍ୟତ୍ ତ' ଏଇମାନଙ୍କ ପ୍ରତି ରକ୍ତବିନ୍ଦୁରେ ଭରି ରହିଛି । ବୃଦ୍ଧଙ୍କ ଚକ୍ଷୁରେ ଆନନ୍ଦାଶ୍ରୁର ପ୍ଲାବନ ।

ଏହାର ବେଶ୍ କିଛି ଦିନ ପରେ ଜାପାନ ସରକାର ଏହି ନିଶ୍ଚିହ୍ନ ଗ୍ରାମଟିର ସମ୍ବାଦ ପାଆନ୍ତି ଓ ଯଥାଶୀଘ୍ର ପ୍ରୟୋଜନୀୟ ଅର୍ଥ ଦେଇ ଗ୍ରାମଟିର ପୁନର୍ଗଠନର ବ୍ୟବସ୍ଥା କରନ୍ତି ।

ସେଦିନ ହାମାଗୁଚି ଗୋହେ ନିଜର ସର୍ବସ୍ୱ ବିସର୍ଜନ ଦେଇ ଗ୍ରାମବାସୀମାନଙ୍କର ଯେଉଁ ଉପକାର କରିଛନ୍ତି ତାହା ସେମାନେ ସାରାଜୀବନ ଧରି ଭୁଲି ନାହାନ୍ତି । ଏପରିକି ପ୍ରତ୍ୟେକ ଜାପାନୀଙ୍କ ନିକଟରେ ବି ସେ ପରମ ଶ୍ରଦ୍ଧାର ପାତ୍ର । ଆଜିକାଲି ଜାପାନର ବୁଢ଼ାବାପାମାନେ ସେମାନଙ୍କ ନାତି ନାତୁଣୀମାନଙ୍କୁ ହାମାଗୁଚି ଗୋହେଙ୍କ ଅଦ୍ଭୁତ ତ୍ୟାଗର ଗଳ୍ପ ଶୁଣାଇଥା'ନ୍ତି – କଥାଟି ଏବେ କିଂବଦନ୍ତୀରେ ପରିଣତ ହୋଇଛି ।

ସୁତରାଂ ଦେଖ, ନେତା ହେବା ଏତେ ସହଜ କଥା ନୁହେଁ । ପ୍ରକୃତ ନେତା ନିଜକୁ ଭୁଲି ସର୍ବଦା ତା'ର ଦେଶର ଜନସାଧାରଣଙ୍କ ମଙ୍ଗଳ ଚିନ୍ତା କରିଥାଏ, ସମସ୍ତ ବ୍ୟକ୍ତିଗତ ସୁଖ-ସ୍ୱାଚ୍ଛନ୍ଦ୍ୟ, କର୍ମମୟ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ବିନିଯୋଗ କରିଥାଏ ପ୍ରିୟ ଦେଶବାସୀଙ୍କ ହିତସାଧନାରେ । ନିଜର ଧନସମ୍ପଦ, ମାନ-ଅଭିମାନ, ସୁଖଦୁଃଖ ସବୁକିଛି ମଧ୍ୟରେ ତା'ର ଏକମାତ୍ର ସ୍ୱପ୍ନ ଥାଏ ପ୍ରିୟ ଜନସାଧାରଣଙ୍କର ମଙ୍ଗଳ, ସେମାନଙ୍କର ହିତ ଓ ଉନ୍ନତି । ତେବେ ଯାଇ ତାଙ୍କୁ କୁହାଯାଇ ପାରେ ପ୍ରକୃତ ନେତା । (୨.୧୧.୫୧)

(ଏପ୍ରିଲ, ୧୯୭୩ ବଙ୍ଗଳା ପୁରୋଧାରୁ)

ଅନୁବାଦ : ଦେବେନ୍ଦ୍ରନାଥ ଦଳାଇ ❑

# ହେଲାଣି ପ୍ରଭାତ

## ଦୀପ୍ତି ମିଶ୍ର

ବାଜିଲାଣି ଶୁଭଶଙ୍ଖ    ରାବିଲେଣି କାକପିକ
ପୂର୍ବାକାଶ ଫର୍ଚ୍ଚା ଦିଶିଲାଣି,
ସମ୍ଭାବନାର ସୂରୁଯ    ବୁଣି ସୁନେଲି ମୁରୁଜ
ଉଇଁବାକୁ ମୁଣ୍ଡ ଟେକିଲେଣି ।

ନୂଆ ଏକ ସକାଳକୁ    ଆବାହନ କରିବାକୁ
ଦେଖ ସବୁ ହେଲେଣି ପ୍ରସ୍ତୁତ,
ତୁ କିଆଁ ଶୋଇଛୁ ଘୋଡ଼ି    ତମସାର ତନ୍ଦ୍ରା ଛାଡ଼ି
ସ୍ୱପ୍ନ ଦେଖୁ ହୁଅରେ ଜାଗ୍ରତ ।

ମିଛ ସ୍ୱପ୍ନ ଦେଖିବାକୁ    ଜମା ବେଳ ନାହିଁ ଆଉ
ପ୍ରକୃତି ଯେ ହେଲାଣି ବିକଳ,



ସୁପ୍ତ ସୁପାତି ତେଜି    ବାସ୍ତବ ସତ୍ୟରେ ହଜି
କର କର ତାକୁ ରୂପାନ୍ତର ।

ଜନନୀ ଆମର ଦେଖ    ଦ୍ୱାର ପାଶେ ଉଭା
କରୁଣାମୟୀ ସେ ମହାଶକ୍ତି,
ଫେରିଯା'ନ୍ତି ବାରବାର    ଦେଖି ତୋତେ ଶୋଇବାର
(ତୋ) ଜାଗୃତିକୁ ଅପେକ୍ଷା କରନ୍ତି ।

ଉଠ, ଆଉ ବେଳ ନାହିଁ    ନବ ସୂର୍ଯ୍ୟ ନବ ଆଲୋକରେ
ଧରଣୀ ଯେ ହେଲାଣି ସଜ୍ଜିତ,
ଭିତରକୁ ଚାହିଁ ଦେଖ    କେହି କରୁଛି ଜାଗ୍ରତ
ଉଠ, ଉଠ ହେଲାଣି ପ୍ରଭାତ । ❑

# ମା ତୁମେ

## ହରପ୍ରିୟା ସାହୁ

ତୁମେ ସୃଜନ ମଞ୍ଚର
ଚିନ୍ମୟୀ ପ୍ରତିକୃତି
ଦୁଇ ଅକ୍ଷରର ଶବ୍ଦ ତରଙ୍ଗରେ
ତୁମେ ଭରା ଶ୍ରାବଣର
ସୁଲଳିତ ଚିତ୍ରଗୀତି ।।

ଧୂଳି ଧୂସରିତ ମାଟି ଅଗଣାରେ
ତୁମେ ଚଇତ ମଲ୍ଲିର ମହକ
ସୁବାସିନୀ ତୁମେ, ସୁହାସିନୀ ତୁମେ
ଜୀବନର ମଧୁ ମାସ ।।



ସମ୍ଭାବନାର ସ୍ରୋତସ୍ୱିନୀ ତୁମେ
ତୁମ ଚେତନାର ଦୁଇ ଧାରେ
ଘାସ ଫୁଲ ହୋଇ ବନ୍ଧା ପଡ଼ିବୁ
ଏ ମାଟିର ଛାତି ପରେ ।।

ସର୍ବଂସହା ତୁମେ, ଅନୁପମା ତୁମେ
ତୁମେହିଁ ଜୀବନଦାତ୍ରୀ
ତୁମ ମମତାର ପଣତ ଛାଇରେ
ମାଆ ଜାଳୁଥିବୁ ନିତି
ଅଭୀପ୍ସାର ଶୁଭ୍ର ଜ୍ୟୋତିଃ ।। ❑

# ଜିଜ୍ଞାସୁର ପୃଷ୍ଟା

*ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ଜୀବନର ସର୍ବାଙ୍ଗୀଣ ବିକାଶ ଏବଂ ସୁଖ-ଶାନ୍ତି, ଐଶ୍ୱର୍ଯ୍ୟ ପୂର୍ଣ୍ଣତଃ ଲାଭ କରାଯାଇପାରେ, ଏହାକୁ ବର୍ତ୍ତମାନ ଯୁଗରେ ଗ୍ରହଣ କରିବା ଉଚିତ । କିନ୍ତୁ ଏହି ଯୋଗର ସାଧନା-ପ୍ରଣାଳୀ କ'ଣ ?*

ଉତ୍ତର : ସଂକ୍ଷେପରେ ଏହାର ସାଧନା-ପ୍ରଣାଳୀ ହେଲା ଅଭୀପ୍ସା, ସମର୍ପଣ ଓ ତ୍ୟାଗ । ଏହା ଦ୍ୱାରା ଭାଗବତୀ ଅତିମାନସ ଶକ୍ତି ବ୍ୟକ୍ତି-ଆଧାରର ଶୁଦ୍ଧି ଏବଂ ରୂପାନ୍ତର ସାଧନ କରେ; ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ଜ୍ୟୋତିଃ, ଆନନ୍ଦ, ଜ୍ଞାନ ଅବତରଣ କରେ; ବ୍ୟକ୍ତି ପୂର୍ଣ୍ଣତଃ ମୁକ୍ତ ହୁଏ ଅଜ୍ଞାନ, ରୋଗ, ଜରା ଓ ମୃତ୍ୟୁର ଅଧୀନରୁ । ସାଧକମାନେ ଏହି ଦିବ୍ୟଗୁଣ ଯେତେ ପରିମାଣରେ ଗ୍ରହଣ କରନ୍ତି, ସେହି ଅନୁପାତରେ ସଂସାରରୁ ଅସତ୍ୟ, ଅନ୍ୟାୟ, ଦୁଃଖକଷ୍ଟ, ଦାରିଦ୍ର୍ୟ କ୍ରମଶଃ ଦୂର ହୋଇଥାଏ । ସାଧକମାନଙ୍କର ପୂର୍ଣ୍ଣ ସିଦ୍ଧି ଲାଭ ହେଲେ ସଂସାରରୁ ପୂର୍ଣ୍ଣ ରୂପେ ଅସତ୍ୟ, ଅନ୍ୟାୟ ଦୂର ହୁଏ, ସଂସାର ସ୍ୱର୍ଗରେ ପରିଣତ ହୁଏ ।

ପୂର୍ବେ ଅବତାର ଏବଂ ମହାପୁରୁଷ ଆଚାର୍ଯ୍ୟମାନେ ସଂସାରକୁ ଆସି ଯେପରି ସମୟୋପଯୋଗୀ ଅଧ୍ୟାତ୍ମ ଶିକ୍ଷା ଦେଇଛନ୍ତି, ସେହିପରି ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଏଠାରେ ଅତିମାନସ ଶକ୍ତିକୁ ଉତାରି ଆଣିଛନ୍ତି । ଯଥାର୍ଥରେ ଏହି ରୂପାନ୍ତର କାର୍ଯ୍ୟ କରୁଛନ୍ତି ମା । ରୋଗ, ଜରା, ମୃତ୍ୟୁ ଉପରେ ବିଜୟ – ଏହି ଯେଉଁ ଦୁରୂହ କାର୍ଯ୍ୟ, ତାହା କୌଣସି ଉତ୍କୃଷ୍ଟ ସାଧକ ପକ୍ଷେ ମଧ୍ୟ ସମ୍ଭବ ନୁହେଁ । ଏହା କେବଳ ମା'ଙ୍କ ଦ୍ୱାରା ହୋଇପାରେ । ଆମେମାନେ ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିଦେଲେ ରୂପାନ୍ତର କରୁଥିବା ଅତିମାନସ ଶକ୍ତି ଆମମାନଙ୍କ ଆଧାରକୁ ରୂପାନ୍ତରିତ କରିପାରେ ।

ଏହି ରୂପାନ୍ତର ସାଧନା ହେଲା – ଅଭୀପ୍ସା, ମା'ଙ୍କୁ ସମର୍ପଣ, ପ୍ରତିକୂଳ ଗତିବୃତ୍ତି, କର୍ମ, ଭାବ ତଥା ବିଚାରର ତ୍ୟାଗ, ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଓ ନିର୍ଭରତା, ହୃଦୟର ଗଭୀରରେ ତଥା ମସ୍ତକର ଊର୍ଦ୍ଧ୍ୱରେ ମା'ଙ୍କ ଧ୍ୟାନ । ଏହି ସମସ୍ତ ସାଧନା ପରସ୍ପର ସହାୟକ ତଥା ଏକ ଅନ୍ୟର ଅଙ୍ଗୀଭୂତ । ଏକକୁ ଛାଡ଼ି ଅନ୍ୟ ରହିପାରେ ନାହିଁ ।

ତଥାପି ଏହି ସାଧନାର ଦୁଇଟି ଦିଗ । ଗୋଟିଏ ହେଲା ସମର୍ପଣ, ଅଭୀପ୍ସା, ଧ୍ୟାନ ଏବଂ ଅନ୍ୟଟି ମା'ଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା । ଏହି ଦୁଇଟି ଯଥାର୍ଥରେ ଏକ – କେବଳ ସାଧକର ଆନ୍ତରିକ ଭାବ ଅନୁସାରେ ଦୁଇଟି ବୋଲି କୁହାଯାଇପାରେ । ଧ୍ୟାନ ଦ୍ୱାରା ହୃଦୟର ଗଭୀରରେ ବୁଡ଼ିଯିବା କିଂବା ମସ୍ତକ ଅଥବା ମସ୍ତକର ଊର୍ଦ୍ଧ୍ୱକୁ ଚାଲିଯିବାକୁ ହୁଏ । ଏଥିରେ ମସ୍ତକ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ଅବତରଣ କରି ସାଧକର ଆଧାରରେ ଶୁଦ୍ଧି ଓ ରୂପାନ୍ତର କ୍ରିୟା କରନ୍ତି । ଏହିପରି ଅବସ୍ଥାରେ ବ୍ୟକ୍ତିର ରୂପାନ୍ତର ଯେତେ ବୃଦ୍ଧି ପାଏ ସେହି ଅନୁପାତରେ ସେ ଦୁଃଖକଷ୍ଟ ଓ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ଏହା ହୁଏ ମା'ଙ୍କ ଉପରେ ବିଶ୍ୱାସ, ଭରସା ରଖି ସମର୍ପଣ କରିବାରେ । ଏଥିରେ ମା'ଙ୍କ ପ୍ରତି ଯଦ୍ୟପି ବିଶ୍ୱାସ, ନିର୍ଭରତା ଥାଏ, ତଥାପି ଥାଏ ସାଧନାର ପ୍ରାଧାନ୍ୟ, ମା'ଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା ଗୌଣ ।

ଅନ୍ୟଟି ହେଲା ମା'ଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା । ଏଥିରେ ସାଧକ ଅଭୀପ୍ସା କରେ ବା ଚାହେଁ ବା ପ୍ରାର୍ଥନା କରେ ନିଜର ସମସ୍ତ ସତ୍ତା ମା'ଙ୍କ ଚରଣରେ ସମର୍ପଣ କରିବାକୁ ଏବଂ ମା'ଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା ରଖିବାକୁ । ଉପରେ ବର୍ଣ୍ଣିତ ସାଧନା କରିବାରେ ବିଶ୍ୱାସ-ପ୍ରଧାନ ସାଧକ ଯଦ୍ୟପି କୌଣସି ପ୍ରକାର ତ୍ରୁଟି ବା ଶିଥିଳତା କରେ ନାହିଁ, ତଥାପି ବିଶେଷ ନିର୍ଭର ରଖେ ବିଶ୍ୱାସ ଉପରେ । ଏହି ପ୍ରକାର ସାଧକମାନଙ୍କର ବିଶ୍ୱାସ ହୁଏ ପ୍ରଧାନ ଏବଂ ସାଧନା ହୁଏ ଗୌଣ ।

ବିଶ୍ୱାସ ପ୍ରଧାନ ସାଧକ ସାଧନାର ଆରମ୍ଭରୁ ବହୁ ପରିମାଣରେ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ସାଧନା ପ୍ରଧାନ ସାଧକ ହୃଦୟର ଗଭୀର କିଂବା ମସ୍ତକର ଊର୍ଦ୍ଧ୍ୱକୁ ଗଲେ ଦ୍ୱନ୍ଦ୍ୱରୁ ମୁକ୍ତ ହେବାକୁ ଆରମ୍ଭ କରେ ଏବଂ ମା'ଙ୍କ ପ୍ରତି ବିଶ୍ୱାସ ଓ ନିର୍ଭରତା ଅଧିକ ବୃଦ୍ଧିପାଏ । ଶେଷରେ ଦୁଇଟିଯାକ ଭାବ ମିଳି ଏକ ହୋଇଯାଏ । ବିଶ୍ୱାସ-ପ୍ରଧାନ ସାଧକର ସାଧନା ହେବା ଯେପରି ଅନିବାର୍ଯ୍ୟ, ସେହିପରି ସାଧନା-ପ୍ରଧାନ ସାଧକର ବିଶ୍ୱାସ ଅନିବାର୍ଯ୍ୟ ରୂପେ ଆସେ ।

*ପ୍ରଶ୍ନ : ନବବର୍ଷରେ ଆମକୁ କିଛି କୁହନ୍ତୁ ।*

ଉତ୍ତର : ନବବର୍ଷର ଅର୍ଥ ହେଉଛି ଯେମିତି ଗୋଟିଏ ମନୁଷ୍ୟ ଜନ୍ମ ଗ୍ରହଣ କରେ, ତା' ସକାଶେ ଗୋଟିଏ ନୂଆ ଶରୀର । ସେମିତି ନୂତନ ବର୍ଷ ଅର୍ଥାତ୍ ଏ ଗୋଟିଏ ବର୍ଷ ଜନ୍ମ ଗ୍ରହଣ କଲା । କିନ୍ତୁ ବର୍ତ୍ତମାନ ଯେଉଁ ସମୟ ଆସୁଛି, ଏ ଯେଉଁ ନୂଆ ବର୍ଷ, ଗୋଟିଏ ତରଫରୁ ଦେଖିଲେ ଆଲୋକମୟ, ଅନ୍ୟ ଦିଗରୁ

ଦେଖିଲେ ଅନ୍ଧକାରମୟ । କାରଣ ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ପୁରାତନ ଯୁଗ ଶେଷ ହୋଇଛି ଆଉ ଅତିମାନସ ଦିବ୍ୟଯୁଗ ପୃଥିବୀରେ ବିଶେଷ ରୂପେ କ୍ରିୟାଶୀଳ ହୋଇ ନାହିଁ । ବର୍ତ୍ତମାନ ଏ ସନ୍ଧିକ୍ଷଣ । ସନ୍ଧିକ୍ଷଣ ଯୋଗୁଁ ସଂସାରରେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଚୋରି, ଡକାୟତି ଇତ୍ୟାଦି ନାନା ପ୍ରକାର ଅସତ୍ ଆଚରଣ କରାଯାଉଛି ।

ଏକଥା ସଂସାରରେ ବିଶେଷ କରି ଭାରତବର୍ଷରେ ହେଉଛି । ତା' ବୋଲି ଅନ୍ୟାନ୍ୟ ଦେଶରେ ହେଉ ନାହିଁ, ସେକଥା ନୁହେଁ । ଅନ୍ୟାନ୍ୟ ଦେଶରେ ମଧ୍ୟ ହେଉଛି । କିନ୍ତୁ ଗୋଟିଏ ଦୃଷ୍ଟିରୁ ଦେଖିଲେ, ...ଏହା ଏକେବାରେ ଅନ୍ଧକାରମୟ । ଏପରି ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ପୂର୍ବେ କେବେ ବି ହୋଇ ନଥିଲା । ରାବଣ, ହିରଣ୍ୟକଶିପୁ ରାକ୍ଷସ ଯେତେବେଳେ ଥିଲେ ସେତେବେଳେ ଏ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ବଢ଼ିଥିଲା । କିନ୍ତୁ ବ୍ୟାପକ ରୂପେ ସମଗ୍ର ପୃଥିବୀରେ ନଥିଲା । ଗୋଟିଏ ଗୋଟିଏ ଜାଗାରେ ଥିଲା । ବର୍ତ୍ତମାନ ତ ସମଗ୍ର ପୃଥିବୀରେ । ସମଗ୍ର ପୃଥିବୀରେ ଏହି ସକାଶେ, କାରଣ ସମଗ୍ର ପୃଥିବୀରେ ନୂତନ ଚେତନା ପ୍ରତିଷ୍ଠା ହେବ । ବର୍ତ୍ତମାନ ଯେପରି ମନ ଚେତନା ପୃଥିବୀରେ ପ୍ରତିଷ୍ଠା ହୋଇଛି, ସେହିପରି ଅତିମାନସ ଚେତନା ପୃଥିବୀରେ ପ୍ରତିଷ୍ଠା ହେବ । ଆଉ ଏ ପୃଥିବୀ ଦିବ୍ୟସ୍ୱର୍ଗରେ ପରିଣତ ହେବ । ବର୍ତ୍ତମାନ ଏହି ସନ୍ଧିକ୍ଷଣ । ଏହି କାରଣରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ପୂର୍ଣ୍ଣମାତ୍ରାରେ ବ୍ୟାପି ଯାଇଛି । ଯେଉଁ ଅତିମାନସ ଶକ୍ତି ଆସିଛି, ଅତିମାନସ-ଚେତନା ପ୍ରତିଷ୍ଠା ହେବା ସକାଶେ ପ୍ରସ୍ତୁତ ହେଉଛି, ତାକୁ ବାଧା ଦେବା ସକାଶେ ଅନ୍ଧକାରର ଏହା ଶେଷ ପ୍ରୟାସ, ଶେଷ ଯୁଦ୍ଧ । ସେ ବର୍ତ୍ତମାନ ଚାହୁଁଛି ପୃଥିବୀରେ ସତ୍ୟକୁ ପ୍ରତିଷ୍ଠା କରିବାକୁ ନଦେବା । କାରଣ ସତ୍ୟ ପ୍ରତିଷ୍ଠା କରିବାର ଅର୍ଥ, ଏହା ଉପରେ ପୂର୍ଣ୍ଣତଃ ବିଜୟ ହେବ ସତ୍ୟର । ଏହାର ଅସ୍ତିତ୍ୱ ରହିବ ନାହିଁ । ଅନ୍ୟାୟ, ଅସତ୍ୟ, ମିଥ୍ୟାଚାରର ଅସ୍ତିତ୍ୱ ରହିବ ନାହିଁ । ଏ ସଂସାର ସର୍ଜନା ହେବା ଦିନଠାରୁ ଅନ୍ୟାୟ, ଅସତ୍ୟ, ଅନ୍ଧକାର ଶକ୍ତି ଶାସନ କରି ଆସୁଛି । ଯିଏ ପୃଥିବୀ ଆରମ୍ଭ ଦିନଠାରୁ ଶାସନ କରି ଆସୁଛି, ସିଏ ତା'ର ଅଧିକାର ଛାଡ଼ିବାକୁ କିପରି ଚାହିଁବ ? ସେ ସକାଶେ ବର୍ତ୍ତମାନ ତା'ର ଶେଷ ପ୍ରୟାସ । ସେହି ସକାଶେ ଅନ୍ୟାୟ, ମିଥ୍ୟାଚାର, ଅସତ୍ୟ ପୂର୍ଣ୍ଣ ରୂପେ ପ୍ରକାଶ ହୋଇଛି । କିନ୍ତୁ ଏତ ଗୋଟିଏ ଗଲା ଅନ୍ଧକାରର ଦିଗ ।

ଆଲୋକର ଦିଗ ହେଉଛି ଯେ ଅତିମାନସ ଶକ୍ତି ପୃଥିବୀରେ ଆସିଯାଇଛି । ପୃଥିବୀରେ ପ୍ରତିଷ୍ଠା ହୋଇଛି । ସେହି ଶକ୍ତି ସମ୍ବନ୍ଧେ ଯେଉଁମାନେ ସଚେତନ ହେବେ, ବିଶ୍ୱାସ କରିବେ, ଗ୍ରହଣ କରିବେ, ସେହିମାନେ ହେବେ ଏ ଯେଉଁ ଭବିଷ୍ୟତ୍ ଅତିମାନସ ଯୁଗ ଆସୁଛି ତା'ର ଅଗ୍ରଦୂତ । ବର୍ତ୍ତମାନ ଏ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଥିବା ସତ୍ତ୍ୱେ ଯେଉଁମାନେ ଏ ସତ୍ୟକୁ ଗ୍ରହଣ କରିବେ ସେମାନେ ସୁଖ, ଶାନ୍ତିରେ ରହିପାରିବେ । ବର୍ତ୍ତମାନ ସୁଖ, ଶାନ୍ତିରେ ରହିବାର ଅନ୍ୟ କୌଣସି ଉପାୟ ନାହିଁ । ସଂସାରରେ ଯେତେ ପ୍ରକାର ଉପାୟ ଅଛି, ସୁଖ-ଶାନ୍ତିରେ ରହିବା ସକାଶେ ସାଂସାରିକ ବସ୍ତୁ ଦ୍ୱାରା କୌଣସି ବ୍ୟକ୍ତି ସୁଖ-ଶାନ୍ତିରେ ରହି ନାହିଁ କି ରହିପାରିବ ନାହିଁ । କାରଣ ଦୁଃଖର କାରଣ ହେଉଛି ମନ, ପ୍ରାଣ, ଶରୀରର ଗୁଣ କର୍ମ, ହିଂସା, ଦ୍ୱେଷ, ଈର୍ଷା, ଲୋଭ, ମୋହ, ଅହଙ୍କାର, ସ୍ୱାର୍ଥ । ଏପର୍ଯ୍ୟନ୍ତ ସଂସାରରେ ସବୁ ପ୍ରକାରର ଭୋଗ, ବିଳାସ, ବୈଭବ ଦ୍ୱାରା ବ୍ୟକ୍ତି ସୁଖ-ଶାନ୍ତିରେ ରହିପାରି ନାହିଁ । ସୁଖ-ଶାନ୍ତିରେ ରହିବାର ବ୍ୟକ୍ତି କଳ୍ପନା କରେ ତିନିଟି ଜିନିଷରେ : ପରିବାର, ସମ୍ପତ୍ତି ଓ ଅଧିକାର । ସଂସାରରେ ଏଇ ତିନୋଟି ଜିନିଷ ଅଛି ଯେଉଁଠାରୁ ବ୍ୟକ୍ତି ସୁଖ-ଶାନ୍ତି ଆଶା କରିପାରେ । ପରନ୍ତୁ ଏଇ ତିନୋଟି ଜିନିଷରେ ସୁଖ-ଶାନ୍ତି ନାହିଁ । ଏ ସକାଶେ ଏଇ ତିନୋଟି ଜିନିଷରେ ଯେଉଁମାନେ ସୁଖ-ଶାନ୍ତି ଚାହିଁଛନ୍ତି, ସେମାନେ କେହି ସୁଖ-ଶାନ୍ତି ପାଇପାରିବେ ନାହିଁ କି ପାଇପାରୁ ନାହାନ୍ତି । ବର୍ତ୍ତମାନ ଯେଉଁ ଯୁଗ ଆସିଛି, ଏହା ସୁବର୍ଣ୍ଣ ସୁଯୋଗ । ଏଇ ଯୁଗରେ ଯେଉଁମାନେ ବର୍ତ୍ତମାନ ଅବସ୍ଥାରେ ଅତିମାନସ ଶକ୍ତିକୁ ଗ୍ରହଣ କରିବେ, ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସାରେ ସାଧନା କରିବେ ସେଇମାନେ ଭବିଷ୍ୟତ୍ ଯୁଗ ସକାଶେ ଅଗ୍ରଦୂତ ହୋଇପାରିବେ ଓ ସୁଖ-ଶାନ୍ତିରେ ରହିପାରିବେ । ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରିବାର ଅର୍ଥ, ଆମ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବାନଙ୍କର ସେବା । ପ୍ରତ୍ୟେକ ବ୍ୟକ୍ତିର ଜୀବନର ଯାହା ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ଯୋଗରେ ହେଉଛି ସେଇ ଏକ କାର୍ଯ୍ୟ । ସୃଷ୍ଟି ସର୍ଜନା ହେବା ଦିନଠାରୁ ବ୍ୟକ୍ତି ଅଜ୍ଞାତ ରୂପେ ଯାହା ଚାହିଁ ଆସୁଛି, ତା' ସକାଶେ ସମସ୍ତ ପ୍ରଯତ୍ନ କରୁଛି, ସେହି ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରାପ୍ତ ହୁଏ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ତୃତୀୟ ଖଣ୍ଡ, ପୃଷ୍ଠା : ୮୮-୮୯ ଏବଂ ୧୬୬-୧୬୭)

— ରାମକୃଷ୍ଣ ଦାସ ❑

ଚେତନାର ଦିଗ୍‌ବଳୟ :

# କର୍ମ : ଏକ ସୁସ୍ଥ ଚେତନାର ଦୃଷ୍ଟାନ୍ତ

କେଇ ସପ୍ତାହ ତଳର କଥା ଏବଂ କଥାଟି ମୋଟାମୋଟି ଏମିତି : କର୍ଣ୍ଣାଟକର ମହୀଶୂର (ମୟସୁରୁ) ସହରର କୌଣସି ଏକ ସ୍ଥାନରୁ ଜଣେ ସାମ୍ବାଦିକ ସହର ପ୍ରାନ୍ତର ଏକ ସ୍ଥାନକୁ ଯିବା ନିମନ୍ତେ Uber ନାମଧେୟ ସମବାୟ ଟ୍ୟାକ୍ସି ସଂସ୍ଥାରୁ ଫୋନ୍ ଯୋଗେ ଗାଡ଼ି ମଗାଇଲେ । ଗାଡ଼ି ଅଚିରେ ଉପସ୍ଥିତ ହେଲା । ରାତି । ଗନ୍ତବ୍ୟ ସ୍ଥାନରେ ପହଞ୍ଚି ସମ୍ଭବତଃ ବତିଖୁଣ୍ଟ ତଳେ ଚାଳକକୁ ତା'ର ପ୍ରାପ୍ୟ ଦେବା ବେଳେ ସେ ହସି ହସି କହିଲେ, ''ତୁମେ କିନ୍ତୁ ଚିତ୍ରାଭିନେତା ଶଙ୍କର ଅଶ୍ୱଥ ଭଳି ଦିଶୁଛ !''

ଚାଳକ ହସି ଦେଲେ । କୌତୂହଳୀ ଯାତ୍ରୀ ଜଣକ କିନ୍ତୁ ତାକୁ ଅଟକାଇ ଭଲ ଭାବରେ ନିରୀକ୍ଷଣ କରି କହିଲେ, ''ଚେହେରାରେ ଯେତିକି ନୁହେଁ, ବିଶେଷ କରି ହସରେ ତୁମେ ଅବିକଳ ଶଙ୍କର ଭଳି !''

''ହଁ, ଆଜ୍ଞା, ଚେହେରା ଅବିକଳ ହେବା ସମ୍ଭବ ନୁହେଁ, କାରଣ ଶୁଟିଂ ପାଇଁ ତ ମୋତେ ମେକ୍‌ଅପ୍ ନେବାକୁ ପଡ଼େ !'' ଉତ୍ତର ଦେଲେ ଚାଳକ ।

''ତୁମକୁ ? ମାନେ ତୁମେ ସତରେ ଅଭିନେତା ଶଙ୍କର ? କ'ଣ, ଏହା କୌଣସି ସିନେମା ପାଇଁ ପୂର୍ବାଭ୍ୟାସ ?'' ପଚାରିଲେ ବିସ୍ମିତ ଓ ଆମୋଦିତ ଯାତ୍ରୀ ।

ନା; ସିନେମାର କୌଣସି ଦୃଶ୍ୟ ସକାଶେ ପୂର୍ବାଭ୍ୟାସ ନୁହେଁ । କିନ୍ତୁ ଚାଳକ ଜଣକ ବାସ୍ତବରେହିଁ ଥିଲେ ଚିତ୍ରାଭିନେତା ଶଙ୍କର, କନ୍ନଡ଼ ଚଳଚ୍ଚିତ୍ର ଜଗତର କିଂବଦନ୍ତି ପୁରୁଷ କେ. ଏସ୍. ଅଶ୍ୱଥଙ୍କ ସୁପୁତ୍ର । ତେବେ ଶଙ୍କର ଜନପ୍ରିୟ ନାୟକ ସ୍ତରକୁ ଉଠିପାରି ନଥିଲେ । ସେ ଥିଲେ ଜଣେ ସଫଳ ଚରିତ୍ରାଭିନେତା । ସମସ୍ୟା ହେଲା, ଯେଉଁଭଳି ଚରିତ୍ରରେ ସେ ବିଚକ୍ଷଣ ଅଭିନୟ କରିପାରନ୍ତି, ସେଭଳି ଚରିତ୍ର ସମ୍ବଳିତ କାହାଣୀର ଚିତ୍ରରୂପ ସଂଖ୍ୟା ଅଧିକ ନୁହେଁ । ସିନେମା ଜଗତରେ ଜନପ୍ରିୟ ନାୟକ-ନାୟିକାମାନଙ୍କ ପ୍ରାପ୍ୟ ଏବଂ ସେମାନଙ୍କ ସମକକ୍ଷ ତଥା ଏପରିକି ସେମାନଙ୍କଠାରୁ ଅଧିକ କୁଶଳୀ ଶିଳ୍ପୀମାନଙ୍କ ପ୍ରାପ୍ୟ ଭିତରେ ଆକାଶ ପାତାଳ ଫରକ । ପାର୍ଶ୍ୱାଭିନେତାମାନେ କିନ୍ତୁ ନିଜ ନିଜର କାଳ୍ପନିକ ଆଭିଜାତ୍ୟ ପ୍ରଦର୍ଶନ କରିବା ଅପରିହାର୍ଯ୍ୟ ମନେ କରି ବହୁ ସମୟରେ ଦେବାଳିଆ ବନି ଯାଆନ୍ତି । ଅନ୍ୟ କୌଣସି କାମ କରିବାକୁ ସେମାନେ ଅସମ୍ମାନ ମନେ କରନ୍ତି ।

କିନ୍ତୁ ବିଶିଷ୍ଟ ଏକ ଇଂରାଜୀ ଦୈନିକର ସାମ୍ବାଦିକଙ୍କୁ ଶଙ୍କର କହିଛନ୍ତି, ''ମୁଁ ପ୍ରଯୋଜକ ବା ନିର୍ଦ୍ଦେଶକମାନଙ୍କ ଦୟାପ୍ରାର୍ଥୀ ହେବାକୁ ପସନ୍ଦ କରେ ନାହିଁ । ଟ୍ୟାକ୍ସି ଚାଳକ ଭାବରେ ମୁଁ ଯେତିକି ଉପାର୍ଜନ କରୁଛି, ସେତିକିରେ ମୋତେ ବେଶ୍ ଶାନ୍ତି ମିଳୁଛି । ଆତ୍ମ-ସମ୍ମାନ ମୋ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ।''

ପଚିଶ ବର୍ଷ ଭିତରେ ୬୧ଟି ଚିତ୍ରରେ ଅଭିନୟ କରିଛନ୍ତି ଶଙ୍କର । ସେ ତାଲିକାର ଅନ୍ତର୍ଭୁକ୍ତ କେତୋଟି ବିପୁଳ ସଫଳ ଚିତ୍ର । କିନ୍ତୁ ତାଙ୍କ ''ଆତ୍ମ ସମ୍ମାନ''ର ମାନଦଣ୍ଡ ଭିନ୍ନ । ନିଜ ମେହେନତ ଯୋଗେ ନ୍ୟାୟସଙ୍ଗତ ଉପାର୍ଜନ କରିବା ଦ୍ୱାରା ତାଙ୍କ ଆତ୍ମ ସମ୍ମାନରେ ଆଞ୍ଚ ଆସେ ବୋଲି ସେ ମନେ କରନ୍ତି ନାହିଁ । ମନେ ପଡ଼ୁଛି ଆବ୍ରାହାମ୍ ଲିଙ୍କନ୍‌ଙ୍କ ଜୀବନର ଏକ ଦୃଶ୍ୟ । ସେତେବେଳେ ସେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି । ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ତାଙ୍କ ଘର ଭିତରକୁ ପଶି ଆସି ଦେଖିଲେ ଲିଙ୍କନ୍ ଆପଣାର ଜୋତାକୁ ନେଇ କର୍ମରତ ।

''ଇଏ କ'ଣ, ଲିଙ୍କନ୍ ! ତୁମେ କ'ଣ ତୁମ ନିଜ ଜୋତା ସଫା କରୁଛ !'' ବନ୍ଧୁ ପ୍ରଶ୍ନ କଲେ ।

''ତୁମେ ତେବେ କାହା ଜୋତା ସଫା କର ?'' ପ୍ରତି ପ୍ରଶ୍ନ କଲେ ଲିଙ୍କନ୍ ।

ଅନେକେ ପଢ଼ିଥିବେ ଆଉ ଏକ ଘଟଣାର ବିବରଣୀ : ଜଣେ ଉଚ୍ଚ ଶିକ୍ଷିତ ଯୁବକ ଥରେ ପ୍ରଖ୍ୟାତ ସଂସ୍କାରକ ଏବଂ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ସହ ସାକ୍ଷାତ୍ କରିବାକୁ ଆସି ଉଦ୍ଦିଷ୍ଟ ରେଳ ଷ୍ଟେସନରେ ଓହ୍ଲାଇଲେ । ସାଥିରେ ଛୋଟ ସୁଟ୍‌କେଶ । ସେ ''କୁଲି ! କୁଲି !'' ବୋଲି ଡାକ ଛାଡ଼ନ୍ତେ ଜଣେ ଅତି ମାମୁଲି ଦିଶୁଥିବା ଲୋକ ତାଙ୍କ ଆଡ଼େ ଅନାଇଲେ । ଆଗନ୍ତୁକ ତାଙ୍କୁ କୁଲି ମନେ କରି ପଚାରିଲେ, ''ତୁମେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଘର ଦେଖିଛ ?''

''ହଁ, ଖୁବ୍ ପାଖରେ ।'' ଅନତିଦୀର୍ଘ ଧୋତି ପରିହିତ ଏବଂ ନିଜ କଳେବରର ଉପରାର୍ଦ୍ଧ ସେହି ଧୋତିର ଏକ ପ୍ରାନ୍ତ

ଦ୍ୱାରା ଆବୃତ ରଖିଥିବା ଲୋକ ଜଣକ ଉତ୍ତର ଦେଲେ । ‘‘ତେବେ ଚାଲ !’’ କହି ଆଗନ୍ତୁକ ସେ ଲୋକକୁ ନିଜ ସୁଟ୍‌କେସ ଧରାଇ ଦେଇ ତାଙ୍କୁ ଅନୁସରଣ କଲେ ।

ଠିକଣା ସ୍ଥାନରେ ପହଞ୍ଚିବା ପରେ ଆଗନ୍ତୁକ ଯୁବକ ହୃଦୟଙ୍ଗମ କଲେ, ତାଙ୍କ ‘କୁଲି’ହିଁ ସ୍ୱୟଂ ଈଶ୍ୱର ଚନ୍ଦ୍ର । ନିଜ କର୍ମ ନିଜେ କରିବାକୁ ସକ୍ଷମ ଥିବା ସ୍ଥଳେ ଆଭିଜାତ୍ୟ ନାମରେ ନିଜ ଅହଂର କ୍ରୀତଦାସ ହେବା କେଡ଼େ ବିଡ଼ମ୍ବନା, ଈଶ୍ୱର ଚନ୍ଦ୍ର ଯୁବକଙ୍କୁ ତାହାହିଁ ବୁଝାଇ ଦେଲେ ।

ଏହା ଊନବିଂଶ ଶତାବ୍ଦୀର ଶେଷାଂଶର କଥା । ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯିବା ପରେ ମଧ୍ୟ ଆମ ମନୋଭାବର ବିଶେଷ ପରିବର୍ତ୍ତନ ହୋଇଛି ବୋଲି ମନେ ହୁଏନା । ଏକଦା ଜଣେ ଭଦ୍ରଲୋକଙ୍କ ସହ ଏ ଲେଖକ ଗୋଟାଏ ଟ୍ୟାକ୍ସି ଯୋଗେ ଯାଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲା । ଲେଖକ ତା’ ନିଜ ବ୍ୟାଗ୍‌ଟି ବାହାର କରି ନେଲା । କିନ୍ତୁ ଭଦ୍ରଲୋକ ଅମାୟିକ ଭାବରେ କଣ୍ଠସ୍ୱର ନିମ୍ନ କରି କହିଲେ, ‘‘ମାତ୍ର କେଇ ବର୍ଷ ତଳେ ମୁଁ ଏଠାରେ ମାଜିଷ୍ଟ୍ରେଟ୍ ଥିଲି !’’

ଅର୍ଥାତ୍, ସେ କେମିତି ନିଜ ହାତରେ ବ୍ୟାଗ୍ ବାହାର କରିବେ ? ଆଖପାଖରେ କିନ୍ତୁ କେହି ତାଙ୍କୁ ଚିହ୍ନିବା ଭଳି ମନେ ହେଲା ନାହିଁ । ତାଙ୍କ ସମ୍ମାନ କାହାରି ଆଖିରେ ହାନି ହେବାର ଆଶଙ୍କା ନଥିଲା । ତଥାପି ‘ସାରୁ ଗଛ ମୂଳେ ବେଙ୍ଗଟିଏ ବସି ଆପେ ବୋଲାଉଛି ରାଜା’ ମାନସିକତାରୁ ସେ ଉତ୍ତୀର୍ଣ୍ଣ ହୋଇପାରୁ ନଥିଲେ ।

‘‘ମୁଁ କିନ୍ତୁ ମାଜିଷ୍ଟ୍ରେଟ୍ ନଥିଲି’’ କହି ବ୍ୟାଗ୍‌ଟି ବାହାର କରି ଆଣିବାକୁ ଏ ଲେଖକ ଅବଶ୍ୟ ବ୍ୟଗ୍ର ହେଉଥିଲା, କିନ୍ତୁ ଗାଡ଼ି ଚାଳକର ଆଉ ଧୈର୍ଯ୍ୟ ନଥିଲା । ସେ ତେଣୁ ଭୂତପୂର୍ବ ମାଜିଷ୍ଟ୍ରେଟଙ୍କ ସମ୍ମାନତକ ଭୂଲୁଣ୍ଠିତ ହେବାକୁ ନଦେଇ କାମଟି କରିଦେଇ ଚାଲିଗଲା ।

ଉପରୋକ୍ତ ଭଦ୍ରଲୋକ ଟିକିଏ ସରଳ ପ୍ରକୃତିର ହୋଇଥିବା ଯୋଗୁଁ ନିଜ ଆତ୍ମାଭିମାନ-ସର୍ବସ୍ୱ ଭାବଟି ଏ ଲେଖକ ଆଗରେ ପ୍ରକାଶ କରି ଦେଲେ । କିନ୍ତୁ ଏ ଆତ୍ମ-ମୋହ ଭାବ ପଦପଦବୀରେ ଥିବା ଅଥବା ଏକଦା ଥିବା ଅଧିକାଂଶ ଭାରତୀୟଙ୍କ ଭିତରେ ରହି ଆସିଛି । ଭାରତ ଶାସନ କରୁଥିବା ବେଳେ ଇଂରେଜମାନେ ଏ ଦେଶରେ ସେ ଉଚ୍ଚାସନ-ଅଭିମାନ ଇଚ୍ଛା କରି ପ୍ରଦର୍ଶନ କରୁଥିଲେ; କିନ୍ତୁ ନିଜ ଦେଶରେ ସେମାନେ ସେମିତି ଆଚରଣ କରିବାର ପ୍ରଶ୍ନ ନଥିଲା । କଳ୍ପନା କରନ୍ତୁ ଏକ ଦୃଶ୍ୟ : ଭାରତର କୌଣସି ରାଜ୍ୟରେ ମୁଖ୍ୟ ସଚିବ ଥିବା ଜଣେ ସାହେବ (ଆଇ. ସି. ଏସ୍.) ଅବସର ନେଇ ଫେରିଗଲେ ସ୍ୱଦେଶ । କିଛି ଦିନ ଅନ୍ତେ ତାଙ୍କ ଅଧୀନରେ କାମ କରିଥିବା ଜଣେ ଭାରତୀୟ ବାବୁ କୌଣସି କାମରେ ବିଲାତ ଯାଇଥା’ନ୍ତି । ଥରେ ଲଣ୍ଡନରୁ ଅନ୍ୟତ୍ର କାର୍‌ଯୋଗେ ଯିବା ବେଳେ ଗ୍ରାମାଞ୍ଚଳରେ ସେ ଦେଖିଲେ ଏହି ଅଭୁଲା ଦୃଶ୍ୟ : ତାଙ୍କ ଭୂତପୂର୍ବ ହାକିମ ତାଙ୍କ ପାରିବାରିକ ବୃତ୍ତିବଶତଃ ଏକ ଘୁଷୁରି ପଲକୁ ନେତୃତ୍ୱ ଦେଉଛନ୍ତି !

କର୍ମରେ ଉଚ୍ଚ-ନୀଚ ଭାବ ସହଜରେ ଯାଏ ନାହିଁ । କିନ୍ତୁ ସେ ଭାବ ଅତିକ୍ରମ କରିବାର ସଫଳ ମାର୍ଗଟିଏ ରହିଛି । ଏ ସମଗ୍ର ପୃଥିବୀ ଏକ ମହାଶକ୍ତିର କର୍ମ ପ୍ରବାହ । ଯାବତୀୟ କର୍ମ ପଶ୍ଚାତରେ ରହିଛି ସେହି ଏକହିଁ ମହାଶକ୍ତି – ଜୋତାହଳକ ସଫା କରିବାଠୁଁ ଆରମ୍ଭ କରି ଗ୍ରହ ଗ୍ରହାନ୍ତର ପ୍ରଦକ୍ଷିଣ ପର୍ଯ୍ୟନ୍ତ । ସେ ମହାଶକ୍ତିର ଦୃଷ୍ଟିକୋଣରୁ କର୍ମରେ ଉଚ୍ଚ-ନୀଚ ବୋଲି କିଛି ନାହିଁ; ପାର୍ଥକ୍ୟ ରହିଛି କେବଳ ସ୍ୱାଭାବିକ କର୍ମ ଏବଂ ଅସ୍ୱାଭାବିକ ବା ଅସତ୍ କର୍ମ ଭିତରେ ।

ଆଉ ଯେଉଁମାନେ ଯୋଗମାର୍ଗର ପଥିକ, ସେମାନେ ନିଜର କର୍ମକୁ ସେହି ମହାଶକ୍ତି ପ୍ରତି ଉତ୍ସର୍ଗ କରି ପାରିଲେ କ୍ରମେ ସେ କର୍ମହିଁ ସାଧନାଲବ୍ଧ ଫଳ ଆଣିଦିଏ ।

କିନ୍ତୁ ପ୍ରଥମେ ଆମକୁ ସାଧାରଣ ଜ୍ଞାନ ପ୍ରୟୋଗ କରି ବୁଝିବାକୁ ହେବ, ସାମର୍ଥ୍ୟ ଥିବା ସତ୍ତ୍ୱେ କୌଣସି ପ୍ରୟୋଜନୀୟ କାମ କରିବାରୁ ବିରତ ହେବା – ତାହା ଆମ ସମ୍ମାନ ହାନି କରିବ ମନେକରି – ଏ ମନୋବୃତ୍ତି ଅତ୍ୟନ୍ତ ଅବିକଶିତ ଚେତନାର ପ୍ରତିଫଳନ ।

**– ମନୋଜ ଦାସ** ❑

ଯଥାର୍ଥ ଭାବଟି ସହିତ କାର୍ଯ୍ୟ କରିବା,– ତାହାହିଁ ଧ୍ୟାନ ।

– ଶ୍ରୀମା

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

## ରାଜ୍ୟସ୍ତରୀୟ ୪୫ତମ ଶ୍ରୀଅରବିନ୍ଦ ହୋଲି ଶିବିର – ୨୦୧୮

ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା, ସଂପାଦକ, ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲି, ପୋ. ଜୟନ୍ତ ପୁର, ଜି. ସମ୍ବଲପୁର, ପିନ୍ - ୭୬୮ ୧୧୨, ମୋବାଇଲ୍ : ୯୪୩୭୨୬୩୮୦୭ ଜଣାଇଛନ୍ତି ଯେ ସମ୍ବଲପୁର ସହରରୁ ୧୩ କି. ମି. ଦୂରରେ ଦେବଗଡ଼ ରାସ୍ତାରେ କେନ୍ଦୁଘାଟି ଛକଠାରୁ ୨.୫ କି.ମି. ଦୂରତାରେ ଅବସ୍ଥିତ ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲିଠାରେ ସବୁ ବର୍ଷ ପରି ଏବର୍ଷ ମଧ୍ୟ ଆସନ୍ତା **ମାର୍ଚ୍ଚ ୧, ୨ ଓ ୩** ଏହି ତିନି ଦିନ ଧରି ୪୫ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ହୋଲି ଶିବିର ଅନୁଷ୍ଠିତ ହେବ । ଏହି ଶିବିରରେ ସର୍ବଶ୍ରୀ ପ୍ରସାଦ ତ୍ରିପାଠୀ, ଡା. ବିରଞ୍ଚି ନାରାୟଣ ମହାପାତ୍ର, ଭାଗୀରଥି ମହାପାତ୍ର ତଥା ଓଡ଼ିଶାର ଅନ୍ୟାନ୍ୟ ବିଶିଷ୍ଟ ମାତୃପ୍ରେମୀ ବକ୍ତାମାନେ ଉଦ୍‌ବୋଧନ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥିରେ ଯୋଗଦାନକାରୀଙ୍କ ଲାଗି ସହଯୋଗ ରାଶି ୩୦.୦୦ ଟଙ୍କା ରଖାଯାଇଛି । ସବିଶେଷ ବିବରଣୀ ପାଇଁ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବା ଲାଗି ଅନୁରୋଧ । ଉଦୀୟମାନ ମାତୃକ୍ଷେତ୍ରର ମୋବାଇଲ ନମ୍ବର : **୮୨୮୦୧୬୦୪୩୫**

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

**Vol. XLIX, No. 2** **R.N.I. No. 18163/70.**
Navaprakash (Monthly), February, 2018 Registered No. SSP/PY/51/2018-20
**Date of Posting : 7th, 8th of every month**

## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.
Editor : Madhusudan Mishra
**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**